# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, April 23/2019 | ★★★★

୪୫ଶ ଭାଗ ୧୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-







"ଦେଶର ସୀମା ଭାଜପା ପାଇଁ ନୁହେଁ, ଦୁଃସାହସୀ ଯବାନଙ୍କ ପାଇଁ ସୁରକ୍ଷିତ ରହିଛି ।
- ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ



ଭୋପାଳ ଭାଜପା ପ୍ରାର୍ଥୀ ସାଧ୍ୱୀ ପ୍ରଜ୍ଞା ସିଂ ଠାକୁର ସୋମବାର ନାମାଙ୍କନପତ୍ର ଦାଖଲ ଲାଗି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି।



ଆଲ୍ଲାହାବାଦର ଭାଜପା ପ୍ରାର୍ଥୀ ରୀତା ବହୁଗୁଣା ଜୋଷୀ ଓ ଫୁଲପୁର ପ୍ରାର୍ଥୀ କେଶରୀ ଦେବୀ ପ୍ରାର୍ଥୀପତ୍ର ଦାଖଲ ଲାଗି ରୋଡ୍ ଶୋରେ ଯାଉଛନ୍ତି।



ଆସାମର କାମରୁପ ଜିଲା ହାଜୋ ବୁଥ୍‌କୁ ପୋଲିଂ କର୍ମଚାରୀମାନେ ସୋମବାର ଟ୍ରାକ୍ଟର ଯୋଗେ ଯାଉଛନ୍ତି।

# ଆଜି ତୃତୀୟ ପର୍ଯ୍ୟାୟ ଭୋଟ

## ୧୬୧୨ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ମତଦାତା

ନୂଆଦିଲ୍ଲୀ,୨୨।୪

ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ଲୋକ ସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଭୋଟଗ୍ରହଣ କେନ୍ଦ୍ରଗୁଡ଼ିକରେ ପୋଲିଂ କର୍ମଚାରୀ ଇଭିଏମ୍ ଓ ଭିଭିପିଏଟି ସହ ପହଞ୍ଚିଛନ୍ତି। ନିର୍ବାଚନକୁ ମୁକ୍ତ ଓ ଅବାଧ କରିବା ଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଏହି ପର୍ଯ୍ୟାୟରେ ୧୫ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୧୧୬ଟି ଆସନରେ ହେବାକୁ ଥିବା ମତଦାନ ଲାଗି ମଇଦାନରେ ୧୬୧୨ ପ୍ରାର୍ଥୀ ଅବତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୧୬ ଜଣ ଜାତୀୟ ଦଳର ହୋଇଥିବାବେଳେ ୭୬ ଜଣ ରାଜ୍ୟ ଦଳରୁ ପ୍ରାର୍ଥୀ ହୋଇଛନ୍ତି। ୪୭୬ ଜଣ ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ଦଳରୁ ଏବଂ ୭୨୪ ଜଣ ସ୍ୱାଧୀନ ପ୍ରାର୍ଥୀ ଏହି ପର୍ଯ୍ୟାୟରେ ନିର୍ବାଚନ ଲଢୁଛନ୍ତି। ମୋଟ ପ୍ରାର୍ଥୀଙ୍କ ମଧ୍ୟରୁ ୫୭୦ ଜଣଙ୍କ ନାଁରେ ଅପରାଧ ମାମଲା ରହିଥିବାବେଳେ ୩୯୨ ଜଣ କୋଟିପତି ବୋଲି ଏଡିଆର୍ ରିପୋର୍ଟ ପ୍ରକାଶ କରିଥିଲା। ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ଭାଜପା ଅଧ୍ୟକ୍ଷ ଅମିତ ଶାହ (ଗାନ୍ଧୀନଗର), କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ(ୱାୟନାଡ୍), ସମାଜବାଦୀ ପାର୍ଟିର ପୃଷ୍ଠପୋଷକ ମୁଲାୟମ ସିଂ ଯାଦବ (ମୈନପୁରୀ), ଆଜମ ଖାନ୍, ଜୟପ୍ରଦା (ରାମପୁର), ମଲ୍ଲିକାର୍ଜୁନ ଖାର୍ଗେ(ଗୁଲ୍‌ବର୍ଗା), ସୁପ୍ରିୟା ସୁଲେ, ସୁଜୟ ଭିଖେ ପାଟିଲ, ସର୍ବାନନ୍ଦ ସୋନୋୱାଲ, ହେମନ୍ତ ବିଶ୍ୱ ଶର୍ମା, ରଞ୍ଜିତ ଦତ୍ତ। ଆସାମର ୪ଟି ଆସନ, ବିହାରର ୫, ଛତିଶଗଡ଼ର ୭, ଗୁଜରାଟର ୨୬, ଗୋଆର ୨, ଜମ୍ମୁ-କଶ୍ମୀରର ଗୋଟିଏ, କର୍ନାଟକର ୧୪, କେରଳର ୨୦, ମହାରାଷ୍ଟ୍ରର ୧୪, ଓଡ଼ିଶାର ୬, ଉତ୍ତରପ୍ରଦେଶର ୧୦, ପଶ୍ଚିମବଙ୍ଗର ୫, ଦାଦ୍ରା ଓ ନଗର ହାଭେଲିର ଗୋଟିଏ ଏବଂ ଡାମନ ଓ ଡିଉର ଗୋଟିଏ ଆସନରେ ମଙ୍ଗଳବାର ଭୋଟଗ୍ରହଣ କରାଯିବ। କର୍ନାଟକର ଚିକୋଡି, ବେଲଗମ୍, ବାଗାଲକୋଟ, ବିଜାପୁର, ଗୁଲବର୍ଗା, ରାଇସଚୁର, ବିଦାର, କୋପାଲ, ହାଭେରି, ବେଲାରୀ, ଧରୱାଦ, ଉତ୍ତର କନ୍ନଡ, ସିମୋଗା ଏବଂ ଡାଭାନଗରରେ ମଙ୍ଗଳବାର ଭୋଟଗ୍ରହଣ ହେବାକୁ ଥିବାବେଳେ ମହାରାଷ୍ଟ୍ରର ଜଲଗାଓଁ, ରାଭେର, ଜଲ୍‌ନା, ଔରଙ୍ଗାବାଦ, ମାଧ, ସଙ୍ଗଲି, ପୁଣେ, ରାଇଗଡ, ବାରାମତି, ଅହମଦନଗର, ରତ୍ନଗିରି-ସିନ୍ଧୁଦୁର୍ଗ, କୋହ୍ଲାପୁର ଏବଂ ହାତକାନଙ୍ଗଲରେ ଭୋଟ ହେବ। ସେହିପରି ଉତ୍ତରପ୍ରଦେଶର ମୋରାଦାବାଦ, ରାମପୁର, ସମ୍ଭାଲ, ଫିରୋଜାବାଦ, ମୈନପୁରୀ, ଏଟାହ, ବଦାଉଁ, ଆଓଁଲା, ବରେଲି, ପିଲିଭିତ ଏବଂ ଛତିଶଗଡର ସୁର୍ଗୁଜା, ରାଇଗଡ, ଜଞ୍ଜାଗିର-ଚମ୍ପା, କୋର୍ବା, ବିଳାସପୁର, ଦୁର୍ଗ ଏବଂ ରାଇପୁରରେ ମଙ୍ଗଳବାର ନିର୍ବାଚନ ଅନୁଷ୍ଠିତ ହେବ।



ବିତରଣ କେନ୍ଦ୍ରରୁ ପୋଲିଂ କର୍ମଚାରୀ ଇଭିଏମ୍ ଓ ଭିଭିପିଏଟି ମେଶିନ୍ ଧରି ମତଦାନ କେନ୍ଦ୍ର ଅଭିମୁଖେ ଯାଉଛନ୍ତି।

## ତୃତୀୟ ପର୍ଯ୍ୟାୟର ପ୍ରମୁଖ ପ୍ରାର୍ଥୀ



ରାହୁଲ ଗାନ୍ଧୀ (ୱାୟନାଡ୍)



ଅମିତ ଶାହ (ଗାନ୍ଧୀନଗର)



ମଲ୍ଲିକାର୍ଜୁନ ଖାର୍ଗେ(ଗୁଲ୍‌ବର୍ଗା)



ମୁଲାୟମ ସିଂ ଯାଦବ (ମୈନପୁରୀ)



ଆଜମ ଖାନ୍ (ରାମପୁର)



ସୁପ୍ରିୟା ସୁଲେ(ବାରମତି)

## ସଂକ୍ଷେପରେ

### ହାଇ ଆଲର୍ଟରେ ଭାରତୀୟ ତଟରକ୍ଷୀ ବାହିନୀ

ନୂଆଦିଲ୍ଲୀ,୨୨।୪-ପଡୋଶୀ ଶ୍ରୀଲଙ୍କାରେ ସିରିଜ ବିସ୍ଫୋରଣ କରି ପ୍ରାୟ ୩୦୦ ଲୋକଙ୍କ ପ୍ରାଣ ନେଇଥିବା ଇସଲାମିକ କଠୋରପନ୍ଥୀମାନେ ସମୁଦ୍ର ସୀମାରେ ଭାରତକୁ ପଶି ଆସିବା ଆଶଙ୍କା ରହିଛି। ଆତ୍ମଘାତୀ ବିସ୍ଫୋରଣ ପରେ ଶ୍ରୀଲଙ୍କା ରାଷ୍ଟ୍ରପତି ଏମ୍ ଶିରିସେନା ସୋମବାର ମଧ୍ୟରାତ୍ରରୁ ଜାତୀୟ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଥିବାବେଳେ ଏଭଳି ଆଶଙ୍କା ପ୍ରକାଶ ପାଇଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ତଟରକ୍ଷୀ ବାହିନୀକୁ ହାଇ ଆଲର୍ଟରେ ରଖାଯାଇଛି। ଆକ୍ରମଣକାରୀ ଯେପରି ଭାରତ ଭିତରକୁ ପଶି ନପାରିବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ଜଳପଥରେ ସନ୍ଦିଗ୍ଧ ବୋଟ୍‌କୁ ଠାବ କରିବା ଲାଗି ପଦକ୍ଷେପମାନ ଗ୍ରହଣ କରାଯାଇଥିବା ଜଣାପଡିଛି। ପ୍ରକାଶଥାଉକି ରବିବାର ଆତଙ୍କବାଦୀମାନେ ଶ୍ରୀଲଙ୍କାର ୩ଟି ଚର୍ଚ୍ଚ ଓ ୩ଟି ବଡ ହୋଟେଲକୁ ଟାର୍ଗେଟ କରି ବିସ୍ଫୋରଣ କରିଥିଲେ। ଏହି ବିସ୍ଫୋରଣକୁ ବିଶ୍ୱବ୍ୟାପୀ ନିନ୍ଦା କରାଯାଇଥିବାବେଳେ ଆତଙ୍କବାଦୀଙ୍କୁ ଧରିବା ଲାଗି ତନାଘନା ଆରମ୍ଭ ହୋଇଛି।

### ଚାଇନାରେ ଗୋଖ୍‌ଲେ ଆଜ୍ହାର ପ୍ରସଙ୍ଗ ଉଠାଇଲେ

ନୂଆଦିଲ୍ଲୀ/ବେଜିଂ,୨୨।୪(ପି.ଟି.)-ଚାଇନା ଗସ୍ତରେ ଯାଇଥିବା ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ସୋମବାର ସେଠାରେ ଆତଙ୍କବାଦୀ ସଂଗଠନ ଜୈଶ୍-ଇ-ମହମ୍ମଦ(ଜେଇଏମ୍)ର ମୁଖ୍ୟ ମାସୁଦ୍ ଆଜ୍ହାର ପ୍ରସଙ୍ଗ ଉଠାଇଛନ୍ତି। ଗୋଖ୍‌ଲେ ଚାଇନାର ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍



ୟିଙ୍କୁ ସାକ୍ଷାତ କରି ଆଜ୍ହାରଙ୍କୁ ଜାତିସଂଘର କଳା ତାଲିକାଭୁକ୍ତ କରିବା ଲାଗି ଦାବି ଜଣାଇଥିଲେ। ଏହା ବ୍ୟତୀତ ଦୁଇ ଦେଶର ବିଭିନ୍ନ ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଜେଇଏମ୍ ଓ ଏହାର ମୁଖ୍ୟଙ୍କ ଆତଙ୍କବାଦୀ କାର୍ଯ୍ୟ ସମ୍ପର୍କିତ ସମସ୍ତ ତଥ୍ୟ ନୂଆଦିଲ୍ଲୀ ବେଜିଂକୁ ଦେଇଛି। ଜାତିସଂଘର ୧୨୬୭ କାର୍ଯ୍ୟାନୁଷ୍ଠାନ କମିଟି ଏବଂ ଅନ୍ୟ ସଂଗଠନ ଆଜ୍ହାରଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରିବା ନେଇ ନିଷ୍ପତ୍ତି ନେବେ। ଏଥିପାଇଁ ଭାରତ ପକ୍ଷରୁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ଚାଇନା ଆଜ୍ହାରଙ୍କୁ ସୁରକ୍ଷା ଦେଇ ଆସୁଛି। ୱାଙ୍ଗଙ୍କ ବ୍ୟତୀତ ଗୋଖଲେ ଚାଇନାର ଅନ୍ୟ କେତେଜଣ ନେତାଙ୍କୁ ସାକ୍ଷାତ କରିଛନ୍ତି।

## ଇତିହାସର ଆଇନାରେ

### ଏପ୍ରିଲ ୨୩ର ପ୍ରମୁଖ ଘଟଣା

୧୯୯୦ ଏପ୍ରିଲ ୨୩ରେ ନାମ୍ବିଆ ଜାତିସଂଘର ୧୬୦ତମ ସଦସ୍ୟ ଏବଂ ରାଜ୍ୟଗୋଷ୍ଠୀର ୫୦ତମ ସଦସ୍ୟ ହେଲା। ନାମ୍ବିଆ ଦକ୍ଷିଣ ଆଫ୍ରିକାର ଏକ ଦେଶ। ଏହାର ପଶ୍ଚିମ ସୀମାନ୍ତରେ ଆଟଲାଣ୍ଟିକ ମହାସାଗର ରହିଛି। ଏହାର ଉତ୍ତରରେ ଜାମ୍ବିଆ ଓ ଆଙ୍ଗୋଲା, ପୂର୍ବରେ ବୋତ୍ସ୍ୱାନା ଏବଂ ଦକ୍ଷିଣ-ପୂର୍ବରେ ଦକ୍ଷିଣ ଆଫ୍ରିକା ରହିଛି।

୨୦୧୩ ଏପ୍ରିଲ ୨୩ରେ ଇରାକର ହାୱିଜା ସହରରେ ହିଂସାକାଣ୍ଡ ଯୋଗୁ ଅନ୍ୟୁନ ୨୮ଜଣ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ୭୦ଜଣ ଆହତ ହୋଇଥିଲେ। ବାଗ୍‌ଦାଦ୍‌ର ଉତ୍ତରଭାଗ କିରକୁକ୍‌ର ୪୫କିଲୋମିଟର ପଶ୍ଚିମକୁ ହାୱିଜା ଅବସ୍ଥିତ। ଉକ୍ତ ସହରର ଲୋକସଂଖ୍ୟା ପାଖାପାଖି ୧ଲକ୍ଷ। ଏଠାରେ ୮୫% ସୁନ୍ନି ଆରବ ଏବଂ ଅବଶିଷ୍ଟ ଶିଆ ତୁର୍କମେନ୍ ସମ୍ପ୍ରଦାୟର ଲୋକେ ବାସକରନ୍ତି।

### ■ ଦିଲ୍ଲୀର ୬ ଆସନ ଲାଗି କଂଗ୍ରେସ ପ୍ରାର୍ଥୀ ଘୋଷିତ

## ଉତ୍ତର-ପୂର୍ବ ଦିଲ୍ଲୀରୁ ଲଢ଼ିବେ ଶୀଲା

ନୂଆଦିଲ୍ଲୀ,୨୨।୪

ଆମ୍ ଆଦ୍‌ମୀ ପାର୍ଟି ସହ ମେଣ୍ଟ ରାସ୍ତା ବନ୍ଦ ହେବା ପରେ କଂଗ୍ରେସ ଦିଲ୍ଲୀର ୭ଟି ଆସନ ମଧ୍ୟରୁ ସୋମବାର ୬ଟି ଲୋକ ସଭା ଆସନ ଲାଗି ନିଜର ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ୩ ଥର ମୁଖ୍ୟମନ୍ତ୍ରୀ ହୋଇଥିବା ଶୀଲା ଦୀକ୍ଷିତଙ୍କୁ କଂଗ୍ରେସ ଉତ୍ତର-ପୂର୍ବ ଦିଲ୍ଲୀ ଆସନରୁ ପ୍ରାର୍ଥୀ କରିଛି। ସେହିଭଳି ଚାନ୍ଦିନୀଚୌକରୁ ଜେ. ପି. ଅଗ୍ରୱାଲ, ପୂର୍ବ ଦିଲ୍ଲୀରୁ ଅରବିନ୍ଦର ସିଂ ଲଭଲୀ, ନୂଆଦିଲ୍ଲୀରୁ ଅଜୟ ମାକେନ, ଉତ୍ତର-ପଶ୍ଚିମ ଦିଲ୍ଲୀ(ସଂ)ରୁ ରାଜେଶ ଲିଲୋଥିଆ ଓ ପଶ୍ଚିମ ଦିଲ୍ଲୀରୁ ମହାବଳ ମିଶ୍ରଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ମେ ୧୨ ତାରିଖରେ ଏଠାରେ ଭୋଟଗ୍ରହଣ କରାଯିବା କାର୍ଯ୍ୟକ୍ରମ ଥିଲାବେଳେ ନାମାଙ୍କନ ଦାଖଲ ଶେଷ ହେବାର ଦୁଇ ଦିନ ପୂର୍ବରୁ କଂଗ୍ରେସ ୬ ଜଣିଆ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ପ୍ରକାଶଥାଉକି ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ସମସ୍ତ ୭ଟି ଆସନ ଲାଗି ପୂର୍ବରୁ ପ୍ରାର୍ଥୀ ତାଲିକା ପ୍ରକାଶ କରାଯାଇ ସାରିଛି। ୨୦୧୪ ସାଧାରଣ ନିର୍ବାଚନରେ ଭାଜପା ଏଠାରୁ ସମସ୍ତ ୭ଟି ଆସନରେ ବିଜୟୀ ହୋଇଥିଲା।



## ସୁପ୍ରିମକୋର୍ଟରେ ରିପୋର୍ଟ ଦାଖଲ କଲେ ଇସି

### ମୋଦି ବାୟୋପିକ୍

ନୂଆଦିଲ୍ଲୀ,୨୨।୪(ପି.ଟି.)

ନିର୍ବାଚନ କମିଶନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବାୟୋପିକ୍ ଉପରେ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରି ସୋମବାର ସୁପ୍ରିମକୋର୍ଟରେ ଦାଖଲ କରିଛନ୍ତି। ମୁଖ୍ୟ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ବାଚନ କମିଶନ୍‌ଙ୍କଠାରୁ ରିପୋର୍ଟ ଆବଶ୍ୟକ କରିଥିଲେ। ତେବେ ଏହି ରିପୋର୍ଟର ଏକ ନକଲ ସିନେମାର ପ୍ରଯୋଜକଙ୍କୁ ପ୍ରଦାନ କରିବାକୁ ସୁପ୍ରିମକୋର୍ଟ କହିଛନ୍ତି। ବିଚାରପତି ଦୀପକ ଗୁପ୍ତା ଏବଂ ବିଚାରପତି ସଞ୍ଜୀବ ଖାନ୍ନା ଉକ୍ତ ଖଣ୍ଡପୀଠର ଅନ୍ୟତମ ସଦସ୍ୟ ଅଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୬ରେ ହେବ। ନିର୍ବାଚନ କମିଶନ୍ ମୋଦିଙ୍କ ବାୟୋପିକ୍ ରିଲିଜ ଉପରେ ନିଷେଧାଜ୍ଞା ଜାରି କରିବା ପରେ ଏହାକୁ ଚ୍ୟାଲେଞ୍ଜ କରି ଫିଲ୍ମର ପ୍ରଯୋଜକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ଉକ୍ତ ଫିଲ୍ମକୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଦେଖି ଏ ସମ୍ପର୍କିତ ବିସ୍ତୃତ ରିପୋର୍ଟ ପ୍ରଦାନ କରିବାକୁ ଶୀର୍ଷ ଅଦାଲତ ଏପ୍ରିଲ ୧୫ରେ ନିର୍ବାଚନ କମିଶନ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସିଜେଆଇଙ୍କୁ ସୁପ୍ରିମକୋର୍ଟ କର୍ମଚାରୀ ସଂଘର ସମର୍ଥନ

ନୂଆଦିଲ୍ଲୀ,୨୨।୪-ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ ରଞ୍ଜନ ଗୋଗୋଇଙ୍କ ବିରୋଧରେ ଜଣେ ମହିଳା ଯୌନ ବ୍ୟଭିଚାର ମାମଲା ଆଣିଥିଲାବେଳେ ଏଭଳି ଅଭିଯୋଗ ମନଗଢ଼ା ଓ କପୋଳକଳ୍ପିତ ବୋଲି ସୁପ୍ରିମକୋର୍ଟ କର୍ମଚାରୀ ବିକାଶ ସଂଘ କହିଛି। ସଂଘ ସିଜେଆଇ ଜଷ୍ଟିସ ଗୋଗୋଇଙ୍କୁ ପୂର୍ଣ୍ଣ ସମର୍ଥନ ଦେବା ସହ ଏକ ପୃଷ୍ଠା ସମ୍ବଳିତ ପ୍ରସ୍ତାବରେ ନ୍ୟାୟପାଳିକାକୁ ନିନ୍ଦିତ କରିବା ଲାଗି ଏହା ଏକ ହୀନ ପ୍ରୟାସ ବୋଲି କୁହାଯାଇଛି।

## ହୋଟେଲ ହେବ ଲୋକପାଳଙ୍କ କାର୍ଯ୍ୟାଳୟ

ନୂଆଦିଲ୍ଲୀ,୨୨।୪

ଭାରତର ପ୍ରଥମ ଲୋକପାଳଙ୍କ କାର୍ଯ୍ୟାଳୟ ଦିଲ୍ଲୀର ଏକ ବିଳାସପୂର୍ଣ୍ଣ ପଞ୍ଚତାରକା ହୋଟେଲରେ ଆରମ୍ଭ ହେବ। ଏହି ହୋଟେଲ ପରିସରରେ ଲୋକପାଳ ଅଧ୍ୟକ୍ଷ ଓ ତାଙ୍କର ୮ଜଣିଆ ସଦସ୍ୟ ଓ ସହଯୋଗୀମାନଙ୍କୁ ରହିବା ଲାଗି ସୁବିଧା ଯୋଗାଇ ଦିଆଯିବ ବୋଲି ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ। ଦିଲ୍ଲୀର ଚାଣକ୍ୟପୁରୀସ୍ଥିତ ହୋଟେଲ 'ଦ ଅଶୋକ'ରେ ଲୋକପାଳଙ୍କ କାର୍ଯ୍ୟାଳୟ କିଛିଦିନ ଚାଲିବ। ଗତ ମାର୍ଚ୍ଚ ୨୩ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଭାରତର ପ୍ରଥମ ଲୋକପାଳ ଅଧ୍ୟକ୍ଷଭାବେ ଜଷ୍ଟିସ ପିନାକୀ ଚନ୍ଦ୍ର ଘୋଷଙ୍କୁ ଶପଥ ପାଠ କରାଇଥିଲେ। ପରେ ମାର୍ଚ୍ଚ ୨୭ ତାରିଖରେ ଜଷ୍ଟିସ ଘୋଷ ଲୋକପାଳର ଅନ୍ୟ ୮ ସଦସ୍ୟଙ୍କୁ ଶପଥ ପାଠ କରାଇଥିଲେ। ବିଭିନ୍ନ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଡି. ବି. ଭୋସଲେ, ପି. କେ . ମହାନ୍ତି, ଅଭିଲାଷା କୁମାରୀ, ଏ. କେ. ତ୍ରିପାଠୀ ପ୍ରମୁଖ ଲୋକପାଳର ନ୍ୟାୟିକ ସଦସ୍ୟଭାବେ ଶପଥ ଗ୍ରହଣ କରିଥିଲେ। ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଅର୍ଚ୍ଚନା ରାମସୁନ୍ଦରମ, ଦୀନେଶ କୁମାର ଜୈନ, ଇନ୍ଦ୍ରଜିତ ପ୍ରସାଦ ଗୌତମ ଲୋକପାଳ ସଦସ୍ୟଭାବେ ଶପଥ ଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଗଠିତ ଉଚ୍ଚସ୍ତରୀୟ ଚୟନ କମିଟି ଲୋକପାଳ ଅଧ୍ୟକ୍ଷ ଓ ଏହାର ସଦସ୍ୟମାନଙ୍କୁ ସ୍ୱୀକୃତି ପ୍ରଦାନ କରିଥିଲେ।

### ■ ମୋଦିଙ୍କୁ ମେହବୁବାଙ୍କ ଭର୍ତ୍ସନା

## ପାକିସ୍ତାନ ଇଦ୍ ଲାଗି ଅଣୁଅସ୍ତ୍ର ରଖିନି

ଶ୍ରୀନଗର,୨୨।୪

ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଟିପ୍ପଣୀକୁ ନେଇ ଭର୍ତ୍ସନା କରିଛନ୍ତି। ରବିବାର ରାଜସ୍ଥାନର ବାର୍ମେରଠାରେ ମୋଦି ଏକ ନିର୍ବାଚନୀ ସଭାରେ ଭାରତ ପରମାଣୁ ବୋମା ଦୀପାବଳିରେ ଫୁଟାଇବା ଲାଗି ରଖିନାହିଁ ବୋଲି ପାକିସ୍ତାନକୁ ଟାର୍ଗେଟ କରି କହିଥିଲେ। ମୋଦିଙ୍କ ଏଭଳି ମନ୍ତବ୍ୟକୁ ସମାଲୋଚନା କରି ପାକିସ୍ତାନ ଇଦ୍ ଲାଗି ପରମାଣୁ ବୋମା ରଖିନାହିଁ ବୋଲି କହିଛନ୍ତି। ଏଭଳି ହୀନ ମନ୍ତବ୍ୟ ମୋଦି କାହିଁକି ଦେଉଛନ୍ତି ବୋଲି ମେହବୁବା ଟୁଇଟ କରିଛନ୍ତି। ଭାରତ ଓ ପାକିସ୍ତାନ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର। ହେଲେ ଜଣେ ପ୍ରଧାନମନ୍ତ୍ରୀଙ୍କ ଭାଷା ଏଭଳି ହେବା ଅନୁଚିତ ବୋଲି ମେହବୁବା କହିଛନ୍ତି। ପ୍ରକାଶଥାଉକି ଆତଙ୍କବାଦ ଓ ପାକିସ୍ତାନର ହାବଭାବକୁ ନେଇ ଭାରତ ଗ୍ରହଣ କରିଥିବା ପଦକ୍ଷେପ ଓ ବାଲାକୋଟ ଆକ୍ରମଣକୁ ନେଇ ମୋଦି ବାର୍ମେର ରାଲିରେ ବର୍ଷିଥିଲେ। ପାକିସ୍ତାନର ବାରମ୍ବାର ପରମାଣୁ ବୋମା ଧମକକୁ ଭାରତ ଡରିନାହିଁ ବୋଲି ସେ କହିଥିଲେ।



## ସ୍ମୃତି ଇରାନୀଙ୍କୁ ପ୍ରିୟଙ୍କାଙ୍କ ସମାଲୋଚନା

ଲକ୍ଷ୍ନୌ,୨୨।୪-କଂଗ୍ରେସର ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ୟୁପିର ଅମେଠି ଲୋକ ସଭା ଆସନରୁ ଭାଜପା ପ୍ରାର୍ଥୀ ହୋଇଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେ କହିଛନ୍ତିଯେ, ସ୍ମୃତି ଇରାନୀ ଏଠାକୁ ଆସି ଜୋତା ବାଣ୍ଟିବା ରାହୁଲଙ୍କ ଲାଗି ଅପମାନ ନୁହେଁ ବରଂ ଅମେଠି ଓ ରାଏବରେଲୀବାସୀଙ୍କ ଲାଗି ଅପମାନ ସଦୃଶ। ଏଠାକାର ଲୋକେ କେବେ କାହା ପାଖରେ ହାତ ପତାନ୍ତିନି। ସମ୍ମାନର ସହ ଏଠାକାର ଲୋକେ ରହିଆନ୍ତି। ମୋ ପରିବାର ହୃଦୟଙ୍ଗମ କରିଛିଯେ ଲୋକମାନେ ଆମକୁ ଏଭଳି ସ୍ଥିତିକୁ ଆଣିଛନ୍ତି। ତେଣୁ ଲୋକଙ୍କ ଅପମାନ ବରଦାସ୍ତ କରାଯିବ ନାହିଁ। ଲୋକମାନେ ଏହାର ଠିକଣା ଜବାବ ଦେବେ। ପ୍ରକାଶଯୋଗ୍ୟଯେ, ଆମଥିରୁ ପ୍ରିୟଙ୍କାଙ୍କ ଭାଇ ରାହୁଲ ଗାନ୍ଧୀଙ୍କ ବିରୋଧରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ପ୍ରାର୍ଥୀ ହୋଇଛନ୍ତି।

### ■ 'ଅନାରକଲି' ମନ୍ତବ୍ୟ

## ଆଜମ୍‌ଙ୍କ ପୁଅଙ୍କୁ ଜୟପ୍ରଦାଙ୍କ ଭର୍ତ୍ସନା

ଲକ୍ଷ୍ନୌ,୨୨।୪(ପି.ଟି.)

ରାମପୁର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭାଜପା ପ୍ରାର୍ଥୀ ଜୟପ୍ରଦା ତାଙ୍କ ପ୍ରତି 'ଅନାରକଲି' ମନ୍ତବ୍ୟ ପାଇଁ ସମାଜବାଦୀ ପାର୍ଟି ପ୍ରାର୍ଥୀ ଆଜମ ଖାନ୍‌ଙ୍କ ପୁତ୍ର ଅବଦୁଲା ଆଜମଙ୍କୁ ସମାଲୋଚନା କରିଛନ୍ତି। ଉଭୟ ବାପା ଓ ପୁଅ ମହିଳାଙ୍କୁ କେଉଁ ଦୃଷ୍ଟିରେ ଦେଖନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି।

ରବିବାର ରାମପୁରରେ ଏକ ଜନ ସମାବେଶ ହେଉଥିବା ବେଳେ ଅବଦୁଲା କହିଥିଲେ, 'ଉଭୟ ଅଲି ଓ ବଜରଙ୍ଗବଲୀ ଆମର, କିନ୍ତୁ ଆମେ ଅନାରକଲି ଚାହୁଁନା'। ଅନାରକଲି ମୋଗଲ ସମ୍ରାଟ ଆକବରଙ୍କ ଅଦାଲତରେ ଜଣେ ପ୍ରସିଦ୍ଧ ନର୍ତ୍ତକୀ। ଆକବରଙ୍କ ପୁତ୍ର ଜାହାଙ୍ଗୀରଙ୍କ ସହିତ ତାଙ୍କର ପ୍ରେମସମ୍ପର୍କ ଥିଲା। ଦଣ୍ଡ ସ୍ୱରୂପ ଅନାରକଲିଙ୍କୁ ଜୀବନ୍ତ ସମାଧି ଦିଆଯାଇଥିଲା।

ତେବେ ଜୟପ୍ରଦା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ମୁଁ ଅବଦୁଲାଙ୍କୁ ପୁତ୍ରଭାବେ ଦେଖିଆସିଛି। ସେ ଜଣେ ଶିକ୍ଷିତ ବ୍ୟକ୍ତି ହୋଇଥିବାରୁ ତାଙ୍କଠାରୁ ଏଭଳି ଆଚରଣ ଆଶା କରି ନ ଥିଲି। ଏଥିରୁ ଜଣାପଡୁଛି ଉଭୟ ବାପପୁଅ ସମାଜରେ ମହିଳାଙ୍କୁ କିଭଳି ସମ୍ମାନ ଦିଅନ୍ତି। ତାଙ୍କ ବାପା ପୂର୍ବରୁ ଅନାରକଲି ଆଖ୍ୟା ଦେଇଥିଲେ। ପୁଅ ମଧ୍ୟ ସେଭଳି ମନ୍ତବ୍ୟ ଦେଲେ।

ଜୟପ୍ରଦା ଅଭିନେତ୍ରୀରୁ ରାଜନେତା ପାଲଟିଥିବାରୁ ରାମପୁର ଆସନରୁ ସମାଜବାଦୀ ପାର୍ଟି ପ୍ରାର୍ଥୀ ଆଜମ ଖାନ୍ ଜୟପ୍ରଦାଙ୍କୁ 'ଅନାରକଲି' (ନାଚଗୀତରେ ପ୍ରବୀଣା) ଆଖ୍ୟା ଦେଇଥିଲେ।

ଅବଦୁଲା ଆଜମ୍ ରାମପୁର ଅନ୍ତର୍ଗତ ସୁଆର ଆସନରୁ ସମାଜବାଦୀ ପାର୍ଟିର ବିଧାୟକ ଥିବାବେଳେ ତାଙ୍କ ପିତା ରାମପୁର ଲୋକ ସଭା ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।



ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୧୯ Bhubaneswar, Tuesday, April 23/2019



ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ଏପ୍ରିଲ, ୨୦୧୯




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ପ୍ରତ୍ୟୁଷା
ପରିବାରବର୍ଗ


ପଲ୍ଲବୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





# ନିରଞ୍ଜନଙ୍କୁ ସଭାପତି ପଦରୁ ହଟାଇବାକୁ ଯୋଜନା

## ଢେଙ୍କାନାଳ ଜିଲା ପ୍ରଭାରୀ ଶୁଭ ପଣ୍ଡା ନିଲମ୍ବିତ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ଚଳିତ ସାଧାରଣ ନିର୍ବାଚନରେ ରାଜ୍ୟରେ ତ୍ରିମୁଖୀ ଲଢେଇ ହେବାର ଆଶଙ୍କା କରାଯାଉଥିଲା। ମାତ୍ର ସମ୍ପ୍ରତି ରାଜନୈତିକ ଅବସ୍ଥାକୁ ଅନୁଧ୍ୟାନ କଲେ ବିଜେଡି ଓ ଭାଜପା ମଧ୍ୟରେ ଅଧିକାଂଶ ସ୍ଥାନରେ କଡ଼ା ମୁକାବିଲା ହେଉଥିବା ବେଳେ କଂଗ୍ରେସ ତୃତୀୟ ସ୍ଥାନରେ ରହୁଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି। କଂଗ୍ରେସର ଏଭଳି ସ୍ଥିତି ଲାଗି ମୁଖ୍ୟତଃ ଦଳର ଗୋଷ୍ଠୀକନ୍ଦଳ ମୁଖ୍ୟ କାରଣ ବୋଲି କୁହାଯାଉଛି। ସଦାସର୍ବଦା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ପଦ ହିଁ ଦଳୀୟ ନେତୃତ୍ୱରେ ବିଶୃଙ୍ଖଳା ବଢାଇ ରଖୁଛି। ନିରଞ୍ଜନ ରାଜ୍ୟରେ କଂଗ୍ରେସ ସଭାପତି ହେଲେ ଦଳ ମଜଭୁତ ହେବ ବୋଲି ଯେଉଁମାନେ ଦିଲ୍ଲୀରେ ଯାଇ କହି କି ଆସିଥିଲେ ସେମାନଙ୍କ ମଧ୍ୟରୁ ମଧ୍ୟ ବହୁ ନେତା ଏବେ ଅନ୍ୟ ଦଳରେ ସାମିଲ ହୋଇସାରିଛନ୍ତି। ବିଭିନ୍ନ ପ୍ରକାର ମିଥ୍ୟା ଆଶ୍ୱାସନା ଦେଇ ନିରଞ୍ଜନ ସେମାନଙ୍କୁ ସେତେବେଳେ ଦିଲ୍ଲୀ ପଠାଇ ପ୍ରସାଦ ହରିଚନ୍ଦନଙ୍କୁ ପିସିସି ସଭାପତି ପଦରୁ ହଟାଇବା ପାଇଁ କହିବାକୁ କହିଥିଲେ ମଧ୍ୟ ଅନେକ କହିସାରିଛନ୍ତି। କିଛିଦିନ ତଳେ ଟିକେଟ ବଣ୍ଟନକୁ ନେଇ ପ୍ରଦେଶ ମହିଳା କଂଗ୍ରେସ ସଭାପତି ସୁମିତ୍ରା ଜେନା ମଧ୍ୟ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ଏବେ ଦଳ ଭିତରୁ ଗୋଟିଏ ଗୋଷ୍ଠୀ ନିରଞ୍ଜନଙ୍କୁ ହଟାଇବା ପାଇଁ ଦିଲ୍ଲୀ ଯିବା ଲାଗି ତୟାର ହୋଇଥିବା ଶୁଣାଯାଉଛି।

ନିରଞ୍ଜନଙ୍କ ହାତରେ କଂଗ୍ରେସ ଦାୟିତ୍ୱ ଆଉ ବେଶିଦିନ ରହିଲେ ଯେ, ଦଳ ରାଜ୍ୟରେ ସଭା ହରାଇବ ସେ କଥା କେତେଜଣ ନେତା କହିବା ଆରମ୍ଭ କଲେଣି। ଟିକେଟ ବଣ୍ଟନରେ ଅନିୟମିତତା ନେଇ ବହୁ ନେତା ଅଭିଯୋଗ କରି ଦଳ ଛାଡିବା ପରେ ନିରଞ୍ଜନ ଏକ ପ୍ରକାର ଭାଣ୍ଡିଆ ହୋଇସାରିଛନ୍ତି। ଏଥର ଏଭଳି ସ୍ଥିତି ଦେଖିବାକୁ ମିଳିଲା ଯେ, ଦାୟିତ୍ୱ ନେବାର କିଛିଦିନ ପରଠାରୁ ହିଁ ନିରଞ୍ଜନଙ୍କୁ ନେଇ ନେତାମାନେ ଖୋଲାଖୋଲି ଅସନ୍ତୋଷ ଆରମ୍ଭ କରିଥିଲେ। ବର୍ତ୍ତମାନ ନିରଞ୍ଜନଙ୍କୁ ପିସିସି ସଭାପତି ପଦରୁ ହଟାଇବା ପାଇଁ ଗୋଟିଏ ଟିମ୍ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ନିକଟରେ ଫେରାଦ ହୋଇଥିବା ଶୁଣାଯାଉଛି, ଯାହା କି ନିର୍ବାଚନ ସରିବା ପରେ ଆହୁରି ତୀବ୍ର ହେବ ବୋଲି ଦଳର କିଛି ନେତା ନିଜ ନାମ ଗୋପନ ରଖି କହିବା ଆରମ୍ଭ କରିଛନ୍ତି। ଅନ୍ୟପଟେ ଦଳ ବିରୋଧୀ କାର୍ଯ୍ୟ ପାଇଁ ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପ୍ରଭାରୀ ଶୁଭ ପଣ୍ଡାଙ୍କୁ ନିରଞ୍ଜନ ପଟ୍ଟନାୟକ ସୋମବାର ନିଲମ୍ବିତ କରିଛନ୍ତି। ଏନେଇ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

## ବିଏସ୍‌ପି କର୍ମୀଙ୍କୁ ଗାଳିଗୁଲଜ ପ୍ରଚାର ଗାଡ଼ିକୁ ଅଟକାଇ ଧମକ ଅଭିଯୋଗ

ଭଣ୍ଡାରିପୋଖରୀ, ୨୨।୪ (ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବଜାରଠାରେ ବହୁଜନ ସମାଜ ପାର୍ଟି ପକ୍ଷରୁ ପ୍ରଚାର ଚାଲିଥିବାବେଳେ କଂଗ୍ରେସର କେତେକ ସମର୍ଥକ ପ୍ରଚାର ଗାଡ଼ିକୁ ଅଟକାଇ କର୍ମୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଛନ୍ତି। ଏନେଇ ବହୁଜନ ସମାଜ ପାର୍ଟିର ବିଧାୟକ ପ୍ରାର୍ଥୀ ରାଜୀବ ଲୋଚନ ଜେନା ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୫୭/୧୯) ରୁଜୁ କରିଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବହୁଜନ ସମାଜ ପାର୍ଟି ପକ୍ଷରୁ ଭଣ୍ଡାରିପୋଖରୀ ବଜାରଠାରେ ସୋମବାର ପୂର୍ବାହ୍ନରେ ପ୍ରଚାର ଚାଲିଥିଲା। ପ୍ରଚାର ଗାଡିରେ ୪ଜଣ କର୍ମୀ ଥିଲେ। ଏହି ସମୟରେ କଂଗ୍ରେସ ସମର୍ଥକ ଚଗଲା ମହାନ୍ତିଙ୍କ ସହ କେତେକ କର୍ମୀ ପ୍ରଚାର ଗାଡ଼ିକୁ ଅଟକାଇ ବିଏସ୍‌ପି କର୍ମୀଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ଆକ୍ଷେପ କରିଥିଲେ। ଏପରିକି କଂଗ୍ରେସ ସମର୍ଥକମାନେ ନିରଞ୍ଜନ ପଟ୍ଟନାୟକ ଜିନ୍ଦାବାଦ୍ ସ୍ଲୋଗାନ ଦେଇଥିଲେ।

## ■ ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବାକୁ ଦାବି

# ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ପାଠ୍ୟକ୍ରମ ଶେଷ ହୋଇନି। କିନ୍ତୁ ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ପାଇଁ ପ୍ରକାଶ ପାଇଛି ବିଜ୍ଞପ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ସ୍ନାତକ କଲେଜଗୁଡ଼ିକରେ ମେ' ୪ରୁ ଏହି ପରୀକ୍ଷା ଆରମ୍ଭ ହୋଇ ୧୦ ତାରିଖରେ ସରିବ ବୋଲି ବିଜ୍ଞପ୍ତିରୁ ଜଣାପଡ଼ିଛି। ତେବେ ପ୍ରସ୍ତୁତ ହୋଇପାରି ନ ଥିବା ଛାତ୍ରୀଛାତ୍ର ଏହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି। ସୋମବାର ବିଭିନ୍ନ କଲେଜର ଶତାଧିକ ଛାତ୍ରୀଛାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ। ସେହିଭଳି ରାଜ୍ୟର ବିଭିନ୍ନ କଲେଜରେ ମଧ୍ୟ ଛାତ୍ରୀଛାତ୍ରମାନେ ବିଜ୍ଞପ୍ତିକୁ ବିରୋଧ କରିବା ସହ ପ୍ରତିବାଦ ଜଣାଇଛନ୍ତି।

ଛାତ୍ରୀଛାତ୍ରଙ୍କ ଅଭିଯୋଗ ହେଲା, ଗତ ଜାନୁୟାରୀ ମାସରେ ତୃତୀୟ ସେମିଷ୍ଟର ପରୀକ୍ଷା ହୋଇଥିଲା। ଏହାପରେ ଯୁକ୍ତ୨ ପରୀକ୍ଷା ଓ ଖାତାଦେଖା ପାଇଁ ଅଧ୍ୟାପକମାନେ ମାସାଧିକ କାଳ ବ୍ୟସ୍ତ ରହିଲେ। ଏବେବି ଖାତାଦେଖା ଚାଲିଛି। ସେହିପରି ଷଷ୍ଠ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପରୀକ୍ଷା ଯୋଗୁ କଲେଜଗୁଡ଼ିକରେ ପାଠପଢ଼ା ହୋଇପାରି ନ ଥିଲା। ଏବେ କିଛିଦିନ ହେବ ଛାତ୍ରୀଛାତ୍ରମାନେ କଲେଜ ଯାଉଛନ୍ତି। ଅନେକ କଲେଜରେ ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପାଠ୍ୟକ୍ରମ ଆହୁରି ୩୫% ବାକି ରହିଛି। ଅନ୍ୟ କେତେକ କଲେଜରେ ଇଣ୍ଟରନାଲ ସେମିଷ୍ଟର ଆରମ୍ଭ ହୋଇ ନ ଥିବାବେଳେ ଯୁକ୍ତ୩ ଚତୁର୍ଥ ସେମିଷ୍ଟର ପରୀକ୍ଷା ସୂଚୀ ଘୋଷଣା ଛାତ୍ରୀଛାତ୍ରଙ୍କୁ ବ୍ୟଥିତ କରିଛି। ଛାତ୍ରୀଛାତ୍ରମାନେ ସୋମବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଭେଟି ପରୀକ୍ଷା ଘୁଞ୍ଚାଇବାକୁ କହିଥିଲେ। ସେମାନେ ଅଭିଯୋଗ ଓ ସମସ୍ୟା ଜଣାଇବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ନିବେଦନ କରିଥିଲେ। ତେବେ ଏନେଇ ସମସ୍ତ କଲେଜ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିବେ ଓ ସେମାନଙ୍କ ମତାମତ ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ କହିଥିବା ଜଣେ ଛାତ୍ର ଆଶୁତୋଷ ପଣ୍ଡା କହିଛନ୍ତି। ଅନ୍ୟପକ୍ଷରେ ଏହି ସମସ୍ୟାକୁ ନେଇ ଛାତ୍ରୀଛାତ୍ରମାନେ ରାଜ୍ୟପାଳ ଓ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କୁ ପତ୍ର ଲେଖିଛନ୍ତି। ସେପଟେ ଏବିଭିପି ପକ୍ଷରୁ ମଧ୍ୟ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିରୀକ୍ଷକଙ୍କ ନିକଟରେ ପରୀକ୍ଷା ଘୁଞ୍ଚାଇବାକୁ ଦାବି କରିଛନ୍ତି। ବାକିଥିବା ପାଠ୍ୟକ୍ରମ ଶେଷ କରିବାକୁ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବା ଓ ଗ୍ରୀଷ୍ମ ଛୁଟି ପରେ ପରୀକ୍ଷା କରିବା ପାଇଁ ସେମାନେ ଅନୁରୋଧ କରିଛନ୍ତି। ଏବିଭିପିର ମହାନଗର ସମ୍ପାଦକ ଦୀପକ ପ୍ରକାଶ ସ୍ୱାଇଁ, ସଂଯୋଜକ ସଞ୍ଜୟ ମଲ୍ଲିକଙ୍କ ସମେତ ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

■ ସରିନି ପାଠ୍ୟକ୍ରମ, ପରୀକ୍ଷା ବିଜ୍ଞପ୍ତିକୁ ବିରୋଧ
■ ବିଭିନ୍ନ କଲେଜରେ ବି ପ୍ରତିବାଦ
■ ରାଜ୍ୟପାଳ, ବିଭାଗୀୟ ନିର୍ଦ୍ଦେଶକଙ୍କୁ ଚିଠି

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜିର ଗୁରୁଚାନ୍ଦ୍ରୀ ଯୋଗ ଆପଣଙ୍କୁ ଦ୍ୱନ୍ଦ୍ୱ କଳହର ନିର୍ବିଶେଷରେ ଅର୍ଥପ୍ରାପ୍ତିର ସ୍ୱୀକୃତି ପ୍ରଦାନ କରିବ। ସରକାରୀ ସ୍ତରରେ ଅଟକି ରହିଥିବା କାମ କିମ୍ବା ବନ୍ଧୁ ଦେଇଥିବା ପ୍ରତିଶ୍ରୁତି ଅବଶ୍ୟ ପାଳିତ ହେବ। ରବିଙ୍କ ସୁପ୍ରଭାବରୁ ସାମାଜିକ ସ୍ତରରେ, ବିଶିଷ୍ଟ ବ୍ୟକ୍ତିମାନଙ୍କ ମାଧ୍ୟମରେ ଅଥବା ରାଜନୀତିରେ ବହୁ ଲୋକଙ୍କଠାରୁ ଆଦର ସମ୍ମାନ ପାଇବାର ଆଶା ରହିଛି।

**ବୃଷ** ଏକାଧାରରେ ଚନ୍ଦ୍ର, ମଙ୍ଗଳ ଓ ଶୁକ୍ରଙ୍କ ଶୁଭ ପ୍ରଭାବରୁ କର୍ମକ୍ଷେତ୍ରରେ ସାହାଯ୍ୟ ଓ ସହଯୋଗର ସୁଅ ଆପଣାଛାଏଁ ମାଡ଼ି ଆସିବ। ହିତୈଷୀମାନଙ୍କ ଗହଣରେ ନିଜକୁ ହଜାଇ ଦେଇପାରନ୍ତି। ଆକସ୍ମିକ ଭାବେ ମତାନ୍ତରଜନିତ କୌଣସି ବନ୍ଧୁଙ୍କ ପ୍ରତ୍ୟାଗମନ ଯୋଗୁ ସାମୟିକ ଦୁଃଖ ପ୍ରକାଶ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ପରିବହନ ଓ ଆନୁଷ୍ଠାନିକ କାମ ଏବଂ ଯୋଗାଯୋଗ କ୍ଷେତ୍ରରେ ଉନ୍ନତି କରିବେ।

**ମିଥୁନ** କୌଣସି ଉଚ୍ଚପଦସ୍ଥ ବ୍ୟକ୍ତିଙ୍କ ଆଶୀର୍ବାଦପ୍ରାପ୍ତ ହେବା ସାଙ୍ଗକୁ ଅର୍ଥ, ଉପହାର, ଉପଢୌକନାଦି ପ୍ରାପ୍ତ କରିପାରନ୍ତି। ସାଧାରଣ ସ୍ତରର ବ୍ୟକ୍ତି ସ୍ଥାନ, କାଳ, ପାତ୍ରାନୁସାରେ ଆଦର, ସମ୍ମାନର ଅଧିକାରୀ ହେବେ। ବୁଧଙ୍କ ଦୃଷ୍ଟିରେ ବନ୍ଧୁବର୍ଗଙ୍କ ସହାୟତାରେ ଅଭିଳଷିତ କର୍ମ ସମ୍ପାଦନ କରିବେ। ଯାତ୍ରା, ବ୍ୟବସାୟ, ସଭାସମିତି, ନୂତନ ଯୋଜନାର ଆଲୋଚନା କ୍ଷେତ୍ରରେ ସୁଫଳ ମିଳିବ।

**କର୍କଟ** ଦୁଃସ୍ଥାନ ଉପଚୟାଧିପତି ଦୁର୍ବଳ ବୁଧ ନୀଚରାଶିସ୍ଥ ଆପଣଙ୍କ ବନ୍ଧୁଙ୍କ ସହ ଆଲୋଚନା ବିତର୍କପୂର୍ଣ୍ଣ ରହିବ। ପାରିବାରିକ ବ୍ୟତିକ୍ରମକୁ ସହୃଦୟତାର ସହ ଗ୍ରହଣ କରି ସମାଧାନର ବ୍ୟବସ୍ଥା କରିବେ। କର୍ମକ୍ଷେତ୍ରରେ କୌଣସି ଖବର ପାଇ ସାମୟିକ ଭାବେ ବିବ୍ରତ ହୋଇପାରନ୍ତି। ଲେଖାପଢ଼ା, ପ୍ରକାଶନ ଓ ପ୍ରଶାସନ, ଆଇନ, ସଭାସମିତି, ଧାର୍ମିକ ତଥା ଆନୁଷ୍ଠାନିକ କାମରେ ଲକ୍ଷ୍ୟ ପୂରଣ ହେବ।

**ସିଂହ** ଷଷ୍ଠ ଓ ସପ୍ତମଭାବାଧିପତି ଶନି ପାପଗ୍ରସ୍ତ ହୋଇ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା ସ୍ଥାନକୁ ଦେଖୁଥିବାରୁ ଏସବୁ କାମ ପାଇଁ ଦିନଟି ଅନୁକୂଳ ରହିବ। ଭାଗ୍ୟସ୍ଥାନରେ ରବି ରହିଥିବାରୁ ଧର୍ମକାର୍ଯ୍ୟ, ବନ୍ଧୁମିଳନ, ରାଜନୀତି, ଆଇନ ଓ ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପ୍ରଦାନ କରିବେ। ପାରିବାରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାରର ପ୍ରତିବନ୍ଧକକୁ ଦୂରେଇବାରେ ସମର୍ଥ ହେବ।

**କନ୍ୟା** ରାଶି ପ୍ରତି ଏକାଧିକ ଗ୍ରହଙ୍କ ସମ୍ବନ୍ଧ କାରଣରୁ ମାନସିକ ସ୍ତରରେ ଅସ୍ଥିରତା ଅନୁଭବ କରିବେ। ଅଧିକାଂଶ ସମୟ ବିଶ୍ରାମହୀନ ଭାବେ ଆଶା ଓ ଆଶଙ୍କା ମଧ୍ୟ ଦେଇ କାମ କରିବାକୁ ବାଧ୍ୟହେବେ। ବନ୍ଧୁ, ସହକର୍ମୀଙ୍କ ମନ ଧରି କାମ କଲେ ମଧ୍ୟ ସେମାନଙ୍କୁ ସନ୍ତୁଷ୍ଟ କରିହେବ ନାହିଁ। ବ୍ୟବସାୟ, ପରିବହନ, ଶିଳ୍ପ, ଗୃହନିର୍ମାଣ, ଜମି କିଣାବିକା କ୍ଷେତ୍ରରେ ସୁଫଳ ପାଇବେ।

**ତୁଳା** ଅଧିକାଂଶ ଗ୍ରହ ଅନୁକୂଳ ସ୍ଥିତିରେ ରହିଥିଲେ ମଧ୍ୟ ଭାଗ୍ୟାଧିପତି ଦୁଃସ୍ଥାନସ୍ଥ ଯୋଗୁ କୌଣସି କାମରେ ପୂର୍ଣ୍ଣ ସଫଳତା ଆଶା କରାଯାଇ ନ ପାରେ। କର୍ମକ୍ଷେତ୍ରରେ ବିଭ୍ରାନ୍ତିକର ଖବର ପାଇ ବିବ୍ରତ ହୋଇପାରନ୍ତି। ରାଶ୍ୟାଧିପତିଙ୍କ ଉଚ୍ଚାବସ୍ଥାନ କାରଣରୁ ଦୈହିକ ସୁସ୍ଥତା ପୂର୍ବପରି ରହିବ। ଯାତ୍ରା ଓ ବ୍ୟବସାୟ, ଆଇନ ଦିଗରୁ ସୁଫଳ ପାଇବେ।

**ବିଛା** ରାଶିରେ ଶୁଭଭାବାଧିପତି ଦେବଗୁରୁ ଅବସ୍ଥାନ କରି ଆପଣଙ୍କୁ ସମ୍ମାନର ସହ ଉଚ୍ଚପଦବୀ ଓ ଅର୍ଥଗୌରବ ପ୍ରଦାନ କରିବେ। ସାମାଜିକ ସ୍ତରରେ ଏପରି କି ଉତ୍ତମ ପରାମର୍ଶଦାତା ଭାବେ ବନ୍ଧୁ, ପଡ଼ୋଶୀଙ୍କ ମଧ୍ୟ ଆଦରଣୀୟ ହୋଇପାରିବେ। ମାଙ୍ଗଳିକ କାମ, ଅତିଥି ଚର୍ଚ୍ଚା, ବ୍ୟବସାୟିକ ସଫଳତା ହେତୁ କେତେକାଂଶରେ ଉପକୃତ ହୋଇପାରନ୍ତି।

**ଧନୁ** ପାପଗ୍ରହ ରାହୁ ଓ କେତୁ ରାଶି ଏବଂ ସପ୍ତମସ୍ଥ ଯୋଗୁ ବିବାଦୀୟ କ୍ଷେତ୍ରରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହୋଇପାରନ୍ତି। ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପାରିବାରିକ କଳହ ମଧ୍ୟରେ ମାନସିକ ଅଶାନ୍ତି ଓ ଦୈହିକ ଅସୁସ୍ଥତା ଅନୁଭବ କରିବାର ଆଶଙ୍କା ରହିଛି। ଆର୍ଥିକ ସ୍ଥିତି କୌଣସି ପରିସ୍ଥିତିରେ ମଧ୍ୟ ପ୍ରଭାବିତ ହେବନାହିଁ।

**ମକର** ଅଷ୍ଟମାଧିପତି ଚତୁର୍ଥସ୍ଥ ଓ ଦ୍ୱାଦଶରେ ଶନି ଓ କେତୁ ଯୋଗୁ ମନରେ ସୁସ୍ଥ ଚିନ୍ତାଧାରା ଓ ସଂଯତ, ଶୃଙ୍ଖଳିତ କାର୍ଯ୍ୟ କରିବାରେ ଅସଫଳ ହେବେ। କର୍ମକ୍ଷେତ୍ର କିମ୍ବା ବୃତ୍ତିଗତ ଧନ୍ଦାରେ ଗୁରୁତ୍ୱପୂର୍ଣ୍ଣ କାମ ଅଟକି ରହିଥିବା ସକାଶେ ଅନୁତାପ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ବିଶେଷ ଅସୁବିଧା ହେବନାହିଁ।

**କୁମ୍ଭ** ଶୁକ୍ର ଓ ବାଣୀକାରକ ବୁଧଙ୍କ ପ୍ରଭାବରେ ସୁନ୍ଦର, ସୁଲଭ ବାକ୍‌ବିଳାସ ନିଜ ପରିସରସ୍ଥ ସାଧାରଣ ଓ ବିଜ୍ଞ ବ୍ୟକ୍ତିଙ୍କ ପ୍ରଶଂସନୀୟ ହେବ। ଯାତ୍ରା, ପ୍ରକାଶନ, ପ୍ରଶାସନ, ଆଇନ, କଳା ପ୍ରଭୃତିରେ ସଫଳତା ପାଇବେ। ଯାନ୍ତ୍ରିକ ଜିନିଷ, ବିଳାସବ୍ୟସନ ସମ୍ପର୍କିତ ବସ୍ତୁ, ଯାନବାହନ ପାଇଁ ମନ ବଳାଇପାରନ୍ତି। ରାହୁଙ୍କ ପ୍ରଭାବରୁ ଉତ୍ତରଭାଦ୍ରପଦ୍ ନକ୍ଷତ୍ର କୌଣସି ଭୁଲ୍ ନିଷ୍ପତ୍ତି ନେଇ ଅନୁତାପ କରିପାରନ୍ତି।

**ମୀନ** ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ଆପଣଙ୍କ ପାଇଁ ବହୁତ ଭଲ ରହିବ। ଶୁଭଫଳ ସ୍ୱରୂପ ଅର୍ଥ, ସମ୍ମାନ, ମାନସିକ ସୁସ୍ଥତା, ବନ୍ଧୁଙ୍କ ସହୃଦୟତା, ପାରିବାରିକ ସଦ୍‌ଭାବ ପାଇବାରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସାମୟିକ ଭାବେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ସ୍ଥିତି ସୃଷ୍ଟି ହେବ। ଯାନବାହନ, ତର୍କବିତର୍କରେ ସତର୍କ ରହିବା ଭଲ।

ଆଜି ବୈଶାଖ କୃଷ୍ଣ ଚତୁର୍ଥୀ ଯୁକ୍ତ ୫ମୀ ମଙ୍ଗଳବାର, ଏପ୍ରିଲ ୨୩ ତାରିଖ, ବିଶ୍ୱ ପୁସ୍ତକ ଦିବସ, ବିଶ୍ୱ କପି ରାଇଟ୍ ଦିବସ, ଇଂରାଜୀ ଭାଷା ଦିବସ, ରାଶି ନକ୍ଷତ୍ର- ଜ୍ୟେଷ୍ଠା/ବିଛା, ମକର ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ୫ମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ୮।୨୯ମି. ଗତେ ଘ୧୦।୦୪ମି. ମଧ୍ୟେ, ଘ୧୧।୩୯ମି. ଗତେ ଘ୧।୧୪ମି. ମଧ୍ୟେ ଅମୃତ ବେଳା। ଦିବା ଘ୧୦।୦୪ମି. ଗତେ ଘ୧୧।୩୯ମି. ମଧ୍ୟେ, ଘ୨।୪୯ମି. ଗତେ ଘ୪।୨୪ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୫୪ମି. ଗତେ ଘ୪।୨୯ମି. ମଧ୍ୟେ ରାହୁକାଳ।

## ଶ୍ରୀମନ୍ଦିରରେ ବ୍ୟତିକ୍ରମ
## ମାଙ୍କଡ଼ ପାଇଁ ନୀତି ବିଳମ୍ବ

ପୁରୀ ଅଫିସ,୨୨।୪

ଶ୍ରୀମନ୍ଦିରରେ ସୋମବାର ଏକ ନିଆରା ଘଟଣା ଘଟିଛି। ମାଙ୍କଡ଼ ପାଇଁ ଠାକୁରଙ୍କ ନୀତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ସୂଚନା ଅନୁଯାୟୀ, ମଙ୍ଗଳ ଆଳତି, ଅବକାଶ ପୂଜା, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ସକାଳେ ଗୋପାଳ ବଲ୍ଲଭ ପୂଜା ଚାଲିଥିଲା। ଏହି ସମୟରେ ବଲ୍ଲଭ ଘରୁ ବଲ୍ଲଭ ଯୋଗାଣିଆ ଗୋପାଳ ବଲ୍ଲଭ ଭୋଗ ଆଣି ଆସୁଥିଲେ। ଠାକୁରଙ୍କ ପାଖରେ ଏହା ଲାଗି କରାଯାଇଥାନ୍ତା। ମାତ୍ର ରୋଷଘର ରାସ୍ତାରେ ଗୋଟିଏ ମାଙ୍କଡ଼ ଉପରୁ ମଳତ୍ୟାଗ କରିଥିଲା। ବଲ୍ଲଭ ଯୋଗାଣିଆ ଏହାକୁ ମାଡ଼ିଦେବାରୁ ଭୋଗ ମାରା ହୋଇଯାଇଥିଲା। ଫଳରେ ଏହାକୁ ପୋତି ଦିଆଯାଇଥିଲା। ପୁଣି ଆଉଥରେ ଗୋପାଳ ବଲ୍ଲଭ ଭୋଗ ପ୍ରସ୍ତୁତ କରାଯାଇ ଠାକୁରଙ୍କ ନୀତି ସମ୍ପନ୍ନ କରାଯାଇଥିଲା। ଏଥିପାଇଁ ଗୋପାଳ ବଲ୍ଲଭ ନୀତି ପ୍ରାୟ ଦେଢଘଣ୍ଟା ବିଳମ୍ବ ହୋଇଥିଲା।


# classifieds Everyday
0674-2580101, 2549302

real estate

**SALE**

Bhubaneswar AIIMS front Govt. road କୁଲାଗି gharabari yellow zone plot ବିକ୍ରିହେବ: 8480745797. D-66332

Gharabari boundary wall plot for sale near Ranga bazar- Tankapani Bhubaneswar. Contact: 9040432066, 9437068666. D-12247

ଭୁବନେଶ୍ୱର ରେତଙ୍ଗ ଷ୍ଟେସନ ପାଖରେ ଘରବାରି ପ୍ଲଟ କିଣି ଘର କରନ୍ତୁ। 9938066403. D-66358

30' road, electricity, boundary ଥାଇ BDA plot Bhubaneswar Patapalli chhakରେ ମିଳୁଅଛି। 9090963952.D-66343

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

ଭୁବନେଶ୍ୱର new Railway stationକୁ ଲାଗି ଘରବାରି ପ୍ଲଟ sqft. 450/-ରେ ମିଳୁଛି। 9439690111, 6371406921. D-66127

**BDAର Southcity IIT Argulଠାରେ Railway Stationରୁ ଅଳ୍ପ ଦୂରତାରେ ପିଚୁ ରାସ୍ତାର ସୁବିଧା ଥାଇ ଘରବାରି plot କିଣନ୍ତୁ। Pravakar: 8847825690.** D-66351

Ready to move 2BHK flats duplex for sale backside V2 showroom, Patrapada, Bhubaneswar. 9861037729, 9040337729. D-63945

**କଟକ-ଭୁବନେଶ୍ୱର Twin city ମଧ୍ୟରେ ନିର୍ମିତ ବୃହତ୍ତମ commercial Hub (Grand bazar) ସମ୍ମୁଖରେ ଘରବାରି ବାସୋପଯୋଗୀ plot ଶସ୍ତାରେ ମିଳୁଅଛି। Chandrasekar: 9337060334.** D-66353

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66099

ଭୁବନେଶ୍ୱର କଣ୍ଟାବାଡ଼/ ଅନ୍ଧାରୁଆରେ (ପିତାପଲ୍ଲୀ-କଟକ) NH bypass road sideରେ ଘରବାରି ପଟ୍ଟା plot- 9437971401 D-66126

Bhubaneswar ପିତାପଲ୍ଲି ଛକକୁ ଲାଗି BDA Commercial plot ସୁଲଭ ମୂଲ୍ୟରେ ମିଳୁଅଛି। 8339920771. D-66357

Gharabari demarcated plot for sale at Bhubaneswar SUM Hospital Nuagaon roadside yellowzone @ 1600/ sqft. 9777063609. D-66129

to-let

1500 sqft area near Trident College for office/ Godown/ Store House purposes. Contact: 9437025683. D-12276

2BHK and 1BHK with garage, Dwarika Vihar, Kalarahanga. 7682828630, 9438082270. D-12277

Now Matrimonial ads. only on Wednesday & Sunday
Book 1 Get 1 FREE

healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-66060

Rejuvenate and Ayurvedic full body massage by smart therapist. 9114402304. D-66059

Herbal full body massage with refreshment by well trained therapist. 7381239385, 0674-2540855. D-66090

Experience full body massage with us by experts. Enquiry- 0674-2597822, 7377048581. D-66091

Sampark ayurvedic massage club fully relaxed by smart lady, home service available. 8280102993. D-65887

Herbal full body massage by smart/expert therapist. Contact: 8338067247. D-66092

Newly opening ayurvedic body massage smart therapist Shree herbal. 7750020754.D-66093

Summer special mesmerizing offer expert therapeutic refreshing massage appointment. 9668374480. D-66094

Ayurvedic full body massage ladies/ gents smart experts therapist. 9114697517. D-65888

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୩/୨୦୧୯ | Bhubaneswar, Tuesday, April 23/2019 | ପୃଷ୍ଠା-୧




**ବିଶ୍ୱ ଚାମ୍ପିୟନଙ୍କୁ ହରାଇଲେ କବିନ୍ଦର**

ବିଶ୍ୱ ଚାମ୍ପିୟନ କାଇରାତ ୟେରାଲିୟେଭ୍‌ଙ୍କୁ ପରାସ୍ତ କରି କବିନ୍ଦର ସିଂ ବିସ୍ତ୍ ଏସିଆନ ଚାମ୍ପିୟନଶିପ୍ ସେମିଫାଇନାଲରେ ପ୍ରବେଶ ସହ ପଦକ ନିଶ୍ଚିତ କରିଛନ୍ତି।

୧୪ | ୦୩

**‘ସୂର୍ଯ୍ୟବଂଶୀ’ରେ କ୍ୟାଟ୍ରିନା**

ଫିଲ୍ମ ନିର୍ମାତା ରୋହିତ ଶେଟ୍ଟୀଙ୍କ ପରବର୍ତ୍ତୀ ସିନେମା ‘ସୂର୍ଯ୍ୟବଂଶୀ’ରେ ଅଭିନୟ କରିବେ କ୍ୟାଟ୍ରିନା କୈଫ୍।



## ଇଲେକ୍ସନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍‌କୁ ମାଡ଼

# ଝାରପଡ଼ା ଜେଲ୍‌ରେ ମହାରଥୀ

ଭୁବନେଶ୍ୱର (ବ୍ୟୁରୋ)/ପୁରୀ ଅଫିସ/ପିପିଲି (ଡି.ଏନ.ଏ.),୨୨।୪

- ହତ୍ୟା ଉଦ୍ୟମ ଭଳି ସଙ୍ଗିନ ଦଫା ଲାଗିଛି
- ୨୪ରେ ଜାମିନ ଆବେଦନର ଶୁଣାଣି

ଇଲେକ୍ସନ କମିଶନଙ୍କ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍‌ଙ୍କୁ ମାଡ଼ ମାରିବା ବିଜେଡିର ବରିଷ୍ଠ ନେତା ତଥା ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ପାଇଁ ମହଙ୍ଗା ପଡ଼ିଛି। ରବିବାର ରାତିରେ ମହାରଥୀଙ୍କ ଫାର୍ମ ହାଉସ୍‌ରେ ଫ୍ଲାଇଂ ସ୍କ୍ୱାଡ୍ ଏବଂ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ (ଏସ୍ଏସ୍‌ଟି) ଅଧିକାରୀମାନେ ଚଢାଉ କରିବାରୁ ସେମାନଙ୍କୁ ଆକ୍ରମଣ କରାଯାଇଥିଲା। ଏପରି କି ମହାରଥୀ ନିଜେ ମାଡ଼ ମାରିଥିବା ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ ରବି ନାରାୟଣ ପାତ୍ର ଅଭିଯୋଗ କରିଛନ୍ତି। ଏ ସମ୍ପର୍କିତ ଅଭିଯୋଗ କ୍ରମେ ପିପିଲି ଥାନା ପୋଲିସ ସୋମବାର ପୂର୍ବାହ୍ନ ୧୧ଟାରେ ମହାରଥୀଙ୍କୁ ଗିରଫ କରିଛି। ଏହାପରେ ତାଙ୍କୁ କଡ଼ା ସୁରକ୍ଷା ମଧ୍ୟରେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ପିପିଲି ଜେଏମ୍ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ବିଚାର ଚାଲିଥିବାବେଳେ ମହାରଥୀ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଏହାପରେ ଜେଏମ୍ଏଫ୍‌ସି କୋର୍ଟଙ୍କ ଅନୁମତି କ୍ରମେ ମହାରଥୀଙ୍କୁ ଭୁବନେଶ୍ୱର ସ୍ପେଶାଲ କୋର୍ଟକୁ ଚାଲାଣ କରାଯାଇଥିଲା। ଆଡିଶନାଲ ସେସନ୍ସ ଜଜ୍-୩ ଅରୁଣ କୁମାର ମଲ୍ଲିକ ଜାମିନ ଆବେଦନକୁ ସ୍ଥଗିତ ରଖି ମହାରଥୀଙ୍କୁ ଝାରପଡ଼ା ଜେଲକୁ ପଠାଇ ଦେଇଛନ୍ତି। ଆସନ୍ତା ୨୪ତାରିଖରେ ଜାମିନ ଆବେଦନର ଶୁଣାଣି ହେବ। ଜେଲ୍ ଓ୍ୱାର୍ଡରେ ରହି ମହାରଥୀ ଚିକିତ୍ସିତ ହେବେ। ଆବଶ୍ୟକ ପଡ଼ିଲେ ଜେଲ କର୍ତ୍ତୃପକ୍ଷ ତାଙ୍କୁ ମେଡିକାଲ ପଠାଇପାରିବେ ବୋଲି ବିଚାରପତି ମଲ୍ଲିକ କହିଛନ୍ତି।



ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟରୁ ମହାରଥୀଙ୍କୁ ଝାରପଡ଼ା ଜେଲକୁ ନିଆଯାଉଛି।

ନିର୍ବାଚନ ସୁପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ମାଡ଼ ମରାଯାଇଥିବାରୁ ଏହାକୁ ଗୁରୁତ୍ୱର ସହ ନେଇଛି ପୋଲିସ। ଏହି ଘଟଣାରେ ମାଜିଷ୍ଟ୍ରେଟ୍ ଏବଂ ଅନ୍ୟ ଆହତଙ୍କ ଅଭିଯୋଗ ଭିତ୍ତିରେ ପିପିଲି ଥାନାରେ ଏକ ମାମଲା (ନଂ.୯୨/୧୯) ରୁଜୁ କରାଯାଇଛି। ମହାରଥୀଙ୍କ ବିରୋଧରେ ଆଇପିସି ଦଫା ୩୦୭, ୩୫୩, ୩୪୧, ୩୩୨, ୩୩୩, ୧୪୭, ୧୪୮, ୧୪୯, ୧୮୬, ୧୮୮, ୨୯୪, ୧୭୧(ବି), ୫୦୬ ଏବଂ ଲୋକ ପ୍ରତିନିଧି ଆଇନର ଦଫା ୧୨୩ ଲଗାଯାଇଛି। ଏଥିମଧ୍ୟରେ ହତ୍ୟା ଉଦ୍ୟମ (୩୦୭) ଭଳି ସଙ୍ଗିନ ଦଫା ରହିଛି।

ସୂଚନା ଅନୁଯାୟୀ, ପିପିଲି ବିଧାନସଭା ଆସନରୁ ଏଥର ବିଜେଡି ପ୍ରାର୍ଥୀ ହୋଇଛନ୍ତି ମହାରଥୀ। ହୁଙ୍କେଇପୁରଠାରେ ତାଙ୍କର ଏକ ଫାର୍ମ ହାଉସ୍ ରହିଛି। ରବିବାର ରାତିରେ ଫାର୍ମ ହାଉସ୍‌ରେ ମଦ ଓ ଟଙ୍କା ବଣ୍ଟାଯାଉଥିବା ପିପିଲି ପୋଲିସ ନିକଟରେ ଖବର ପହଞ୍ଚିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ ରବି ନାରାୟଣ ପାତ୍ରଙ୍କ ନେତୃତ୍ୱରେ ଏକ ଟିମ୍ ରାତି ୧୧.୪୫ରେ ସେଠାକୁ ଚଢାଉ କରିବାକୁ ଯାଇଥିଲା। ସାଥୀରେ ଏସ୍ଏସ୍‌ଟି ମଧ୍ୟ ଯାଇଥିଲେ। ଏହି ସମୟରେ ମହାରଥୀ ଏବଂ ତାଙ୍କ ସମର୍ଥକମାନେ ଉକ୍ତ ସରକାରୀ କର୍ମଚାରୀମାନଙ୍କୁ ଗାଳିଗୁଲଜ କରିବା ସହ ସମସ୍ତଙ୍କୁ ଆକ୍ରମଣ କରିଥିଲେ। ଏପରି କି ଫ୍ଲାଇଂ ସ୍କ୍ୱାଡ୍ କ୍ୟାମେରାମ୍ୟାନଙ୍କୁ ଆକ୍ରମଣ କରି ତାଙ୍କ କ୍ୟାମେରା ଭାଙ୍ଗି ଦେଇଥିଲେ। ଭୟରେ ସେମାନେ ପଳାଇ ଆସିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏହି ଆକ୍ରମଣରେ ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ୍ ରବିନାରାୟଣ ପାତ୍ର, ପିପିଲି ଏଏସ୍ଆଇ ବିନୟ କୁମାର ଦାସ ଏବଂ ଫ୍ଲାଇଂ ସ୍କ୍ୱାଡ୍ ☞ପୃଷ୍ଠା-୪

## ଶ୍ରୀଲଙ୍କା ବିସ୍ଫୋରଣ

# ମୃତ୍ୟୁସଂଖ୍ୟା ୨୯୦କୁ ବୃଦ୍ଧି

### ମୃତକଙ୍କ ମଧ୍ୟରେ ୮ ଭାରତୀୟ

କଲମ୍ବୋ,୨୨।୪

ଶ୍ରୀଲଙ୍କାରେ ରବିବାର ହୋଇଥିବା ସିରିଜ୍ ବିସ୍ଫୋରଣ ଜନିତ ମୃତ୍ୟୁସଂଖ୍ୟା ୨୯୦କୁ ବୃଦ୍ଧି ପାଇଛି। ମୃତକ ୩୯ ବିଦେଶୀଙ୍କ ମଧ୍ୟରେ ୮ ଭାରତୀୟ ଅଛନ୍ତି। ବିସ୍ଫୋରଣ ପାଇଁ ସ୍ଥାନୀୟ ଇସ୍‌ଲାମିକ ସଂଗଠନକୁ ଦାୟୀ କରାଯାଇଛି। ରାଷ୍ଟ୍ରପତି ମୈତ୍ରୀପାଳ ସିରିସେନା ଆକ୍ରମଣର ତଦନ୍ତ ଲାଗି କମିଟି ଗଠନ କରିବା ସହ ଅନ୍ୟ ଦେଶର ସହଯୋଗ ଲୋଡିଛନ୍ତି। ବିସ୍ଫୋରଣ ପଛରେ ବିଦେଶୀ ଆତଙ୍କବାଦୀ ସଂଗଠନର ସମ୍ପୃକ୍ତି ଥିବା ମଧ୍ୟ ସନ୍ଦେହ କରାଯାଉଛି। ୨୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ୭ ଆତ୍ମଘାତୀ ବିସ୍ଫୋରଣରେ ସାମିଲ ଥିଲେ। ସୋମବାର କଲମ୍ବୋର ପେଟାହସ୍ଥିତ ମୁଖ୍ୟ ବସ୍ ଷ୍ଟେଶନରୁ ୮୭ଟି ଡେଟୋନେଟର ଜବତ ହୋଇଛି। ସେଣ୍ଟ ଆଣ୍ଟୋନୀ ଚର୍ଚ୍ଚ ନିକଟରେ ଏକ ବୋମାକୁ ନିଷ୍କ୍ରିୟ କରିବା ଲାଗି ସୁରକ୍ଷାବଳ ଉଦ୍ୟମ କରୁଥିବାବେଳେ ତାହା ବିସ୍ଫୋରଣ ହୋଇଥିଲା।

ରବିବାର ମଧ୍ୟରାତ୍ରରୁ ଶ୍ରୀଲଙ୍କାରେ ଜରୁରୀ ପରିସ୍ଥିତି ଜାରି ହୋଇଛି। ରାଜଧାନୀ କଲମ୍ବୋ, ନେଗୋମ୍ବୋ ଏବଂ ବାଟିକାଲୋଆରେ ଥିବା ବିଳାସପୂର୍ଣ୍ଣ ହୋଟେଲ ଏବଂ ଚର୍ଚ୍ଚକୁ ଟାର୍ଗେଟ କରି ବିସ୍ଫୋରଣ ଘଟାଯାଇଥିଲା। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରୁତର ଥିଲା। ଏହି ଭୟାବହ ଆକ୍ରମଣ ପାଇଁ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଶ୍ରୀଲଙ୍କା ମୁସ୍‌ଲିମ ସଂଗଠନ ‘ନ୍ୟାଶନାଲ ଥୋହିଡ ଜମାଥ (ଏନ୍‌ଟିଜେ) ଆକ୍ରମଣରେ ସମ୍ପୃକ୍ତ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ବିଦେଶୀ ସଂଗଠନର ସମ୍ପୃକ୍ତି ସମ୍ପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ। ଗିରଫ ଅଭିଯୁକ୍ତମାନେ ସ୍ଥାନୀୟ ଲୋକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ରଜିଥା ସେନାରତ୍ନେ କହିଛନ୍ତି। ତେବେ ଅନ୍ତର୍ଜାତୀୟ ନେଟଓ୍ୱର୍କର ବିନା ସହଯୋଗରେ ଏଭଳି ଆକ୍ରମଣ ସଫଳ ହେବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି। ମଙ୍ଗଳବାର ମୃତକମାନଙ୍କ ଶେଷକୃତ୍ୟ ଅନୁଷ୍ଠିତ ହେବ।

## ପାଟକୁରା ବିଧାନସଭା ନିର୍ବାଚନ ସ୍ଥଗିତ ପ୍ରସଙ୍ଗ

# କେବଳ ବିଜେଡି ପ୍ରାର୍ଥୀ ଦେବ: ସିଇଓ

ଭୁବନେଶ୍ୱର,୨୨।୪(ବ୍ୟୁରୋ)

ବିଜେଡି ପ୍ରାର୍ଥୀ ବେଦ ପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ପରେ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନକୁ ସ୍ଥଗିତ କରାଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ସୁରେନ୍ଦ୍ର କୁମାର ରବିବାର ଭାରତର ନିର୍ବାଚନ କମିଶନଙ୍କୁ ବିଜେଡି ପ୍ରାର୍ଥୀଙ୍କ ମୃତ୍ୟୁ ଘଟିଥିବା ନେଇ ଜଣାଇଛନ୍ତି। ପାଟକୁରାରେ ଆସନ୍ତା ୨୯ ତାରିଖରେ କେବଳ ଲୋକ ସଭା ପାଇଁ ନିର୍ବାଚନ ଅନୁଷ୍ଠିତ ହେବ । ମୃତ ପ୍ରାର୍ଥୀଙ୍କ ବଦଳରେ ବିଧାନସଭା ପାଇଁ କେବଳ ବିଜେଡି ପ୍ରାର୍ଥୀ ଦେବ। ଅନ୍ୟ ଦଳ କିମ୍ବା ସ୍ୱାଧୀନ ପ୍ରାର୍ଥୀଙ୍କୁ ଏଥିପାଇଁ ଆଉଥରେ ନାମାଙ୍କନ ପତ୍ର ଦାଖଲ କରିବାକୁ ପଡିବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ଅସୁସ୍ଥତା ଯୋଗୁ ଏପ୍ରିଲ ୨୦ ତାରିଖରେ ବିଜେଡି ପ୍ରାର୍ଥୀ ବେଦ ପ୍ରକାଶ ଅଗ୍ରୱାଲଙ୍କର ପରଲୋକ ହୋଇଯାଇଥିଲା। ପ୍ରାର୍ଥୀଙ୍କ ମୃତ୍ୟୁ ଘଟିଥିବାରୁ ସେଠାରେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି।

**ଆଜିର ସମ୍ପାଦକୀୟ**

**ଦୀପାବଳି କି ଇଦ୍ ନୁହେଁ**

**ଆଜିର ମନ୍ତବ୍ୟ**

“ଭାଜପା କ୍ଷମତାକୁ ଆସିଲେ ଜମ୍ମୁ-କଶ୍ମୀରରେ ୩୭୦ ଧାରା ରଦ୍ଦ ହେବା ସହ ଦେଶରେ ଏନ୍‌ଆରସି କାର୍ଯ୍ୟକାରୀ କରାଯିବ।

-ଅମିତ ଶାହ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ

**କିଛି ତଥ୍ୟ**

୨୦୧୮-୧୯ରେ ଦେଶର କୋଇଲା ଆମଦାନୀ ୮.୮% ବୃଦ୍ଧି ଘଟି ୨୩୩.୫୬ ନିୟୁତ ଟନ୍ ରହିଛି।

-ବାଣିଜ୍ୟ ମନ୍ତ୍ରଣାଳୟ


NECC NATIONAL EGG CO-ORDINATION COMMITTEE | 22.04.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 95 | 152 | 162 |
| CTC | 96 | 153 | 163 |
| DKL | 95 | 152 | 162 |
| BDK | 98 | 155 | 165 |
| BLS | 99 | 157 | 167 |
| ANG | 96 | 153 | 163 |

*Conditions Apply

Eggs Retail Price- 41/-Dozen

Issued in the Interest of Consumers


## ସୁପ୍ରିମକୋର୍ଟଙ୍କ ରାଫାଲ ରାୟ ଉପରେ ଭୁଲ୍ ମନ୍ତବ୍ୟ

# ଦୁଃଖ ପ୍ରକାଶ କଲେ ରାହୁଲ

ନୂଆଦିଲ୍ଲୀ,୨୨।୪(ପି.ଟି.)



ସୁପ୍ରିମକୋର୍ଟଙ୍କ ରାଫାଲ ସମ୍ପର୍କିତ ରାୟ ଉପରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଭୁଲ୍ ମନ୍ତବ୍ୟ ଦେଇଥିବାରୁ ଏଥିପାଇଁ ସୋମବାର ଅଦାଲତରେ ଦୁଃଖ ପ୍ରକାଶ କରିଛନ୍ତି। ନିର୍ବାଚନ ପ୍ରଚାରକୁ ଉଷ୍ମ କରିବା ଲାଗି ସେ ଏଭଳି ମନ୍ତବ୍ୟ ଦେଇଥିବା କହିଛନ୍ତି। ଅଦାଲତଙ୍କ ମର୍ଯ୍ୟାଦା ହାନି କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି ଏକ ସତ୍ୟପାଠ ମାଧ୍ୟମରେ ରାହୁଲ କୋର୍ଟଙ୍କୁ ଜଣାଇଛନ୍ତି।

ରାଫାଲ ଡିଲ୍ ସମ୍ପର୍କିତ ସୁପ୍ରିମକୋର୍ଟଙ୍କ ରାୟକୁ ନେଇ ‘ଚୌକିଦାର ନରେନ୍ଦ୍ର ମୋଦି ଚୋର’ ବୋଲି ରାହୁଲ ଭୁଲ୍ ଆରୋପ କରିଥିଲେ। ଏହାକୁ ଅଦାଲତ ଅବମାନନା ଦର୍ଶାଇ ଭାଜପା ଏମ୍‌ପି ମୀନାକ୍ଷୀ ଲେଖି କଂଗ୍ରେସ ଅଧ୍ୟକ୍ଷଙ୍କ ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ୍ ଦାଏର କରିଥିଲେ। ରାୟରେ ଚୌକିଦାର ନରେନ୍ଦ୍ର ମୋଦି ଚୋର ମତାମତ ଉଲ୍ଲେଖ ନ ଥିଲା ବୋଲି ଗତ ୧୫ ତାରିଖରେ ସୁପ୍ରିମକୋର୍ଟ ସ୍ପଷ୍ଟ କରିବା ସହ ରାହୁଲଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ଲେଖିଙ୍କ ଅଦାଲତ ଅବମାନନା ପିଟିଶନ ଉପରେ ୨୨ ତାରିଖରେ ସ୍ପଷ୍ଟୀକରଣ ଦେବା ଲାଗି ରାହୁଲଙ୍କୁ କୁହାଯାଇଥିଲା। ଏହି ପିଟିଶନ ଉପରେ ମଙ୍ଗଳବାର ଶୁଣାଣି ହେବ।

ରାହୁଲ ତାଙ୍କ ସତ୍ୟପାଠରେ କହିଛନ୍ତି ସେ ରାଜନୈତିକ ପ୍ରଚାର ବେଳେ ଉତ୍ତେଜିତ ହୋଇ ଏଭଳି ମନ୍ତବ୍ୟ ଦେଇଛନ୍ତି, ଯାହାକୁ ବିରୋଧୀଙ୍କ ଦ୍ୱାରା ଭୁଲ୍ ପ୍ରୟୋଗ କରାଯାଉଛି। ଅଦାଲତଙ୍କ ମର୍ଯ୍ୟାଦା କ୍ଷୁଣ୍ଣ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା ବୋଲି କଂଗ୍ରେସ ଅଧ୍ୟକ୍ଷ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ତେବେ ରାଫାଲ ରାୟକୁ ନେଇ ପ୍ରଧାନମନ୍ତ୍ରୀ ଏହା ସରକାରଙ୍କୁ କ୍ଲିନ୍‌ଚିଟ ବୋଲି କହିବୁଲୁଥିବା ରାହୁଲ ଅଭିଯୋଗ କରିଥିଲେ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ୧୫ ତାରିଖରେ ଲେଖିଙ୍କ ଅଦାଲତ ଅବମାନନା ପିଟିଶନକୁ ବିଚାର ପାଇଁ ଗ୍ରହଣ କରି ରାହୁଲଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ। ଅଦାଲତଙ୍କ ମତାମତକୁ ରାଜନେତାମାନେ ସେମାନଙ୍କ ଭାଷଣରେ ସ୍ଥାନ ଦେବା ଉଚିତ ନୁହେଁ ବୋଲି ଖଣ୍ଡପୀଠ କହିଥିଲେ। ସୂଚନାଯୋଗ୍ୟ ଡାସଲ୍ଟ ଆଭିଏଶନ୍ କମ୍ପାନୀଠାରୁ ୩୬ଟି ରାଫାଲ ଯୁଦ୍ଧବିମାନ ☞ପୃଷ୍ଠା-୪

# ୭ ଜିଲାକୁ ବଜ୍ରପାତ ସତର୍କ ସୂଚନା

ଭୁବନେଶ୍ୱର,୨୨।୪(ବ୍ୟୁରୋ)

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗତ ଦୁଇଦିନ ହେବ ମାଲକାନଗିରିରେ ସର୍ବାଧିକ ତାପମାତ୍ରା ରହୁଥିବା ବେଳେ ସୋମବାର ଟିଟିଲାଗଡ଼ରେ ସର୍ବାଧିକ ତାପମାତ୍ରା ୪୧ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ମାଲକାନଗିରିରେ ୩୯.୫, ସମ୍ବଲପୁର ୩୮.୯, ଭବାନୀପାଟଣା ଓ ବଲାଙ୍ଗୀର ୩୮.୫, ହୀରାକୁଦ ୩୮.୨, ସୋନପୁର ଓ ସୁନ୍ଦରଗଡ଼ ୩୮ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି। ବାକି ଅନ୍ୟ ସ୍ଥାନରେ ତାପମାତ୍ରା ୩୮ଡିଗ୍ରୀ ତଳକୁ ରହିଛି। ତେବେ ଦୁଇଦିନ ହେବ ଦିନବେଳା ତାତିରେ ଲୋକେ ଛଟପଟ ହେଉଥିବା ବେଳେ ସନ୍ଧ୍ୟାରେ କାଳବୈଶାଖୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ସୋମବାର ଢେଙ୍କାନାଳ, ଅନୁଗୋଳ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର, ନୟାଗଡ଼, ପୁରୀ, କଟକ, ଖୋର୍ଦ୍ଧା, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ, କନ୍ଧମାଳ, କେନ୍ଦୁଝର ଓ ମୟୂରଭଞ୍ଜରେ ଜୋର୍‌ରେ ପବନ ବହିବା ସହିତ ବର୍ଷା ହୋଇଥିଲା। ମଙ୍ଗଳବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କୋରାପୁଟ ଓ ଗଜପତିକୁ ସତର୍କ ସୂଚନା ଦିଆଯାଇଛି। ଏହି ୭ ଜିଲାରେ ବଜ୍ରପାତ ଆଶଙ୍କା ରହିଛି। ସେହିପରି କୋରାପୁଟ, ମାଲକାନଗିରି, ଗଜପତି, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର ଓ କେନ୍ଦ୍ରାପଡ଼ାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ସାଙ୍ଗକୁ ପବନ ବହିବା ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।





ଭୋଟ ଦେବା ପାଇଁ ସଚେତନତା ସୃଷ୍ଟି ଲକ୍ଷ୍ୟରେ ଭୁବନେଶ୍ୱର ୟୁନିଟ୍-୬ ସରକାରୀ ଉଚ୍ଚ ବିଦ୍ୟାଳୟରେ ସୋମବାର ରଖାଯାଇଥିବା ଫ୍ଲେକ୍ସ।

## ଆଜି ଆସୁଛନ୍ତି ମୋଦି, ୨୬ରେ ଆସିବେ ରାହୁଲ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ରାଜ୍ୟରେ ଆସନ୍ତା ୨୯ରେ ହେବାକୁ ଥିବା ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ଉଭୟ ଭାଜପା ଓ କଂଗ୍ରେସର କେନ୍ଦ୍ରୀୟ ନେତା ପ୍ରଚାର ପାଇଁ ଆସିବେ। ଶେଷ ପର୍ଯ୍ୟାୟରେ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଜଗତ୍‌ସିଂହପୁର ଆସନ ପାଇଁ ଭୋଟ୍ ହେବ। ଭାଜପା ଏଥର ଓଡ଼ିଶାର ଲୋକ ସଭା ଆସନ ଉପରେ ବିଶେଷ ନଜର ରଖିଛି। ଏଥିଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ ଘନଘନ ଓଡ଼ିଶା ଗସ୍ତରେ ଆସୁଛନ୍ତି। ମଙ୍ଗଳବାର ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବ। ସମାନ ଦିନରେ ପ୍ରଧାନମନ୍ତ୍ରୀ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରଚାର କରିବାକୁ ଓଡ଼ିଶା ଆସୁଛନ୍ତି। ମୋଦି ଗୋଟିଏ ଦିନରେ ଦୁଇଟି ସଭାରେ ଯୋଗଦେବେ। ପ୍ରଥମେ କେନ୍ଦ୍ରାପଡ଼ା ଓ ଏହାପରେ ବାଲେଶ୍ୱରଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ମୋଦି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଅନ୍ୟପଟେ ଆସନ୍ତା ୨୬ତାରିଖରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଆସିବେ। ରାହୁଲ ଏହିଦିନ ବାଲେଶ୍ୱର ଓ ଜଗତ୍‌ସିଂହପୁର ଗସ୍ତ କରିବେ ବୋଲି ବିଶେଷ ସୂତ୍ରରୁ ଶୁଣିବାକୁ ମିଳୁଛି। ତେବେ ରାହୁଲଙ୍କ ଗସ୍ତ ସ୍ପଷ୍ଟ ହୋଇଥିବାବେଳେ ସ୍ଥାନ ଚୂଡ଼ାନ୍ତ ନୁହେଁ ବୋଲି ଭୁବନେଶ୍ୱର ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ ସୂଚନା ଦେଇଛନ୍ତି।

## ୬ ଲୋକ ସଭା, ୪୨ ବିଧାନସଭାରେ ହେବ ମତଦାନ

# ୪୧୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ ୯୨ଲକ୍ଷ ଭୋଟର

ଭୁବନେଶ୍ୱର,୨୨।୪(ବ୍ୟୁରୋ)

ରାଜ୍ୟରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ୬ ଲୋକ ସଭା ଓ ୪୨ ବିଧାନସଭା ଆସନ ପାଇଁ ୯୨.୫ ଲକ୍ଷ ଭୋଟର ୪୧୭ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ତୃତୀୟ ପର୍ଯ୍ୟାୟରେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଯିବ। ସେମାନଙ୍କ ମଧ୍ୟରେ ବହୁ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ, ଏମ୍‌ପି ତଥା ନବାଗତଙ୍କ ଭାଗ୍ୟ ପରୀକ୍ଷା ହେବ। ଚଳିତ ନିର୍ବାଚନରେ ଏକାଧିକ ଥର ଏମ୍‌ପି ହୋଇଥିବା ବିଜେଡି ପୁରୀ ଲୋକ ସଭା ପ୍ରାର୍ଥୀ ପିନାକୀ ମିଶ୍ର ଏବଂ ଭର୍ତ୍ତୃହରି ମହତାବ ପୁଣି ତାଙ୍କର ଭାଗ୍ୟ ପରୀକ୍ଷା କରୁଥିବା ବେଳେ ପ୍ରଥମ ଥର ଲାଗି ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବିଜେଡି ଭୁବନେଶ୍ୱର ଲୋକ ସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ, ଭାଜପା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀ, ସମ୍ବଲପୁର ଲୋକ ସଭା ପ୍ରାର୍ଥୀ ନଳିନୀକାନ୍ତ ପ୍ରଧାନ, ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ତଥା ଭାଜପା କଟକ ଲୋକ ସଭା ପ୍ରାର୍ଥୀ ପ୍ରକାଶ ମିଶ୍ର, ପୁରୀ ଲୋକ ସଭା ଆସନରୁ ପ୍ରଥମଥର ନିର୍ବାଚନ ଲଢୁଥିବା ଭାଜପା ପ୍ରାର୍ଥୀ ସମ୍ବିତ୍ ପାତ୍ର, କଂଗ୍ରେସ ପ୍ରାର୍ଥୀ ସତ୍ୟ ପ୍ରକାଶ ନାୟକଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରିବେ ଭୋଟର। ଏହାଛଡା ଢେଙ୍କାନାଳ ଲୋକ ସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା କଂଗ୍ରେସ ପ୍ରାର୍ଥୀ କାମାକ୍ଷା ପ୍ରସାଦ ସିଂଦେଓଙ୍କର ମଧ୍ୟ ହେବ ଭାଗ୍ୟ ପରୀକ୍ଷା। ଏହାଛଡା ବିଧାନସଭା ଆସନରେ ଲଢୁଥିବା ମନ୍ତ୍ରୀ ଏବଂ ହେଭିଓ୍ୱେଟ୍ ନେତାଙ୍କର ମଧ୍ୟ ଆସନ୍ତା ୫ ବର୍ଷ ପାଇଁ ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବେ ମତଦାତା। ସେମାନେ ହେଲେ ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ନୃସିଂହ ସାହୁ, ପ୍ରଫୁଲ୍ଲ ସାମଲ, ଦେବୀ ପ୍ରସାଦ ମିଶ୍ର, ମହେଶ୍ୱର ମହାନ୍ତି, ପ୍ରଦୀପ ମହାରଥୀ, ଅଶୋକ ଚନ୍ଦ୍ର ପଣ୍ଡା, ଚନ୍ଦ୍ର ସାରଥୀ ବେହେରା, ଅରୁଣ ସାହୁ, ସଞ୍ଜୟ ଦାସବର୍ମା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସେହିପରି କଂଗ୍ରେସରୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ସୁରେଶ ଚନ୍ଦ୍ର ରାଉତରାୟ, ☞ପୃଷ୍ଠା-୪

**ତୃତୀୟ ପର୍ଯ୍ୟାୟ ଭୋଟ ଆଜି**

- ମଇଦାନରେ ମନ୍ତ୍ରୀ, ଏମ୍‌ପି, ହେଭିଓ୍ୱେଟ୍
- ୧୦,୪୬୪ ବୁଥ୍‌ରେ ହେବ ମତଦାନ
- ୩୧୮୬ ସମ୍ବେଦନଶୀଳ ବୁଥ୍
- ୩୮ ବୁଥ୍‌କୁ ପରିଚାଳନା କରିବେ ମହିଳା
- ୧.୫୮ ଲକ୍ଷ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା
- ସହାୟତା କରିବେ ୨୦ ହଜାର ସ୍ୱେଚ୍ଛାସେବୀ



## ଧର୍ମେନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କୁ ଫେରାଦ ହେଲା ବିଜେଡି

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ରାଜ୍ୟରେ ରାଜନୈତିକ ହିଂସା ବୃଦ୍ଧି ପାଇବାରେ ଲାଗିଛି। ରବିବାର ରାତିରେ ବିଭିନ୍ନ ସ୍ଥାନରେ ତିନୋଟି ରାଜନୈତିକ ହିଂସାକାଣ୍ଡ ଘଟିଛି। ଏହି ଘଟଣା ପରେ ବିଜେଡି ସିଇଓଙ୍କୁ ଚିଠି ଲେଖି ଅପରାଧୀମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଭାଜପା ନେତାଙ୍କର ଲାଏ ଡିଟେକ୍ସନ ପରୀକ୍ଷା କରିବାକୁ ଦାବି କରିଛି। ମାଜିଷ୍ଟ୍ରେଟଙ୍କୁ ବିଜେଡି ☞ପୃଷ୍ଠା-୪

ଯାହାକିଛି ତୁମେ କରୁଥାଅ- ଯୋଉ ବାଗରେ ବି କରୁଥାଅ- ଏପରି କି, ତୁମେ ସେ କାର୍ଯ୍ୟରେ ଖୁବ୍ କୁଶଳତା ଓ କ୍ଷମତା ପଛେ ଅର୍ଜନ କରିଥାଅ- ତୁମକୁ କିନ୍ତୁ ସେହି କର୍ମଟିର ଫଳକୁ ଈଶ୍ୱରଙ୍କ ହାତରେ ଛାଡି ଦେବାକୁ ହେବ। -ଶ୍ରୀମା



# ଦୀପାବଳି କି ଇଦ୍ ନୁହେଁ

ରାଜସ୍ଥାନ ବାର୍ମେର ଜିଲାର ଏକ ନିର୍ବାଚନ ସଭାରେ ଏପ୍ରିଲ ୨୧ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାକିସ୍ତାନକୁ ସମାଲୋଚନା କରି ଭୋଟ ମାଗିଛନ୍ତି। ସେ କହିଛନ୍ତି, ଦିନେ ଛାଡ଼ି ଦିନେ ପାକିସ୍ତାନ ବାରମ୍ବାର କହିଆସୁଛି ଯେ, ତା' ପାଖରେ ପରମାଣୁ ବୋମା ରହିଛି। କିନ୍ତୁ ପାକିସ୍ତାନ ମନେରଖିବା ଉଚିତ ଯେ, ଭାରତ ପାଖରେ ଥିବା ପରମାଣୁ ଅସ୍ତ୍ର ଦୀପାବଳି ପାଇଁ ସାଇତା ହୋଇ ରହିନାହିଁ। ମୋଦିଙ୍କ ଏଭଳି ମନ୍ତବ୍ୟକୁ ଏପ୍ରିଲ ୨୨ରେ ପିଡିପି ନେତ୍ରୀ ମେହବୁବା ମୁଫ୍ତି ସମାଲୋଚନା କରିଛନ୍ତି। ମୋଦିଙ୍କୁ ଜବାବ ଦେବାକୁ ଯାଇ ସେ କହିଛନ୍ତି, ଯଦି ଭାରତ ପରମାଣୁ ଅସ୍ତ୍ର ଦୀପାବଳି ପାଇଁ ସାଇତି ରଖିନାହିଁ, ସେହିଭଳି ଏହା ସ୍ପଷ୍ଟ ଯେ ପାକିସ୍ତାନ ତା' ପରମାଣୁ ବୋମା ଇଦ୍ ସକାଶେ ମହଜୁଦ ରଖିନାହିଁ। ଉଭୟ ନେତାଙ୍କ ମନ୍ତବ୍ୟ ନୂଆ ଏକ ବିବାଦକୁ ଜନ୍ମ ଦେଇଛି। ଏଠାରେ ମୋଦିଙ୍କୁ ଯେଉଁଭଳି ଭାବେ ସମାଲୋଚନା କରାଯିବାର ଆବଶ୍ୟକତା ରହିଛି, ସେହିଭଳି ପାକିସ୍ତାନର ପ୍ରବକ୍ତା ସାଜୁଥିବା ମେହବୁବାଙ୍କୁ ମଧ୍ୟ କଠୋର ଭାଷାରେ ସମାଲୋଚନା କରାଯିବା ଉଚିତ। ଦେଶ ଭିତରେ ରହି ପ୍ରତ୍ୟେକ ପ୍ରସଙ୍ଗରେ ପାକିସ୍ତାନପଟିଆ ହେବା ଜମ୍ମୁ ଓ କଶ୍ମୀରରେ ବିଚ୍ଛିନ୍ନତାବାଦୀଙ୍କୁ ମେହବୁବା ନୈତିକ ସମର୍ଥନ ଦେଉଛନ୍ତି ବୋଲି ବୁଝିବାକୁ ହେବ।

ଭାରତରେ ସାଧାରଣ ନିର୍ବାଚନ ଚାଲିଥିବା ବେଳେ ଦେଶର ପ୍ରଧାନମନ୍ତ୍ରୀ ମୋଦି ପଡ଼ୋଶୀ ଦେଶକୁ ଇଙ୍ଗିତ କରି ଦେଇଥିବା ମନ୍ତବ୍ୟ ନୀଚ ସ୍ତରର ବୋଲି କୁହାଯାଉଛି। ଭୋଟ ପାଇବା ପାଇଁ ବାଲାକୋଟ୍ ଆକ୍ରମଣ, ଭାରତୀୟ ସେନାକୁ ମୋଦିଙ୍କ ସେନା କହିବା ହେଉ ବା ପରମାଣୁ ଅସ୍ତ୍ର ନେଇ ବିବାଦୀୟ ମନ୍ତବ୍ୟ ଦିଆଯିବା ଦ୍ୱାରା ଦେଶର ମର୍ଯ୍ୟାଦା କ୍ଷୁଣ୍ଣ ହେବା ସ୍ୱାଭାବିକ। ନିର୍ବାଚନରେ କେଉଁ ରାଜନୈତିକ ଦଳ ବା ବ୍ୟକ୍ତି ଭୋଟ ପାଇ ସରକାର ଗଠନ କରିବେ, ତାହା ଭୋଟରଙ୍କ ପସନ୍ଦ ଉପରେ ନିର୍ଭର କରେ। ସେଥିପାଇଁ ପ୍ରଚାର ବେଳେ ଜନସାଧାରଣଙ୍କୁ ଆକୃଷ୍ଟ କରିବା ଲାଗି ସଭା, ଶୋଭାଯାତ୍ରା ଆଦି ଆୟୋଜନ କରାଯାଇଥାଏ। ନିର୍ବାଚନ ଜିତିଲେ କିଏ କ'ଣ କରିପାରିବେ ତାହା ସେହିଠାରେ ନେତାମାନେ ବଖାଣିଥାଆନ୍ତି। ଅବଶ୍ୟ ଭାରତରେ ଭୋଟର ଏହିଭଳି ଅନେକ ବାଦବିବାଦ ଏବଂ ପ୍ରତିଶ୍ରୁତି ଦୀର୍ଘବର୍ଷ ଧରି ଶୁଣି ଆସୁଛନ୍ତି। ନିର୍ବାଚନ ସମୟର ପ୍ରତିଜ୍ଞା ପାଣିର ଗାର ବୋଲି ସମସ୍ତେ ବୁଝିସାରିଲେଣି। କାରଣ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଅନେକ ନେତା ଓ ବିଭିନ୍ନ ଦଳ କ୍ଷମତାକୁ ଆସିବେ ଓ ଯିବେ। ରାଜନୈତିକ ଦଳଗୁଡ଼ିକର କ୍ଷମତାରେ ଜୀବନକାଳ ଅତି ସୀମିତ। ଏହାବ୍ୟତୀତ ଭାରତୀୟ ବ୍ୟବସ୍ଥାରେ ରାଜନେତାମାନଙ୍କର ସରକାର ଉପରେ ବାସ୍ତବ ପ୍ରଭାବ ଅତ୍ୟନ୍ତ ଗୌଣ। ଉଦାହରଣ ସ୍ୱରୂପ ଆଜି ଭାରତୀୟ ସେନାର ଯୁଦ୍ଧ କରିବାର କ୍ଷମତା ସୀମିତ।

ଏଭଳିସ୍ଥଳେ କୌଣସି ଅପ୍ରୀତିକର ମତ ପ୍ରକାଶ ପାଇବା ଦ୍ୱାରା ପଡ଼ୋଶୀ ଦେଶ ମଧ୍ୟରେ ସମ୍ପର୍କ ନଷ୍ଟ, ଆଭ୍ୟନ୍ତରୀଣ କିମ୍ବା ବାହ୍ୟ ନିରାପତ୍ତା ବିପନ୍ନ ହେବା ଭଳି ସ୍ଥିତି ଉତ୍ପନ୍ନ ହେଲେ, ତାହା ଦେଶବାସୀଙ୍କୁ ଅଡୁଆରେ ପକାଇବା ଥୟ। ସେଥିପାଇଁ ଭାରତୀୟଙ୍କୁ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇବା ସହଜ ହୋଇଥାଇପାରେ, କିନ୍ତୁ ତାହା ଦେଶର ବ୍ୟବସ୍ଥା ଉପରେ କୌଣସି ସକାରାତ୍ମକ ପ୍ରଭାବ ପକାଉନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଉଭୟ ସାମରିକ ଓ ବେସାମରିକ ସରକାରୀ ବ୍ୟବସ୍ଥାରେ ନେତାମାନଙ୍କ ପ୍ରଭାବ ଆଦୌ ନାହିଁ ବୋଲି କହିହେବ। ଆଜି ଭାରତ ପାଖରେ ପରମାଣୁ ଅସ୍ତ୍ର ଥିଲେ ମଧ୍ୟ ତାହାକୁ ବ୍ୟବହାର କରିବା ପାଇଁ ଯେଉଁ ସମ୍ବଳ ଓ ଶକ୍ତିର ଆବଶ୍ୟକତା ରହିଛି, ତାହା ଏହି ଦେଶ ପାଖରେ ନାହିଁ। ଖାଲି କହିଦେଲେ ପରିସ୍ଥିତିକୁ ଜଟିଳ କରିଦିଆଯାଇପାରେ, କିନ୍ତୁ ତାହାର ପ୍ରତିକାର କରିବା ଅସମ୍ଭବ ହୋଇପଡ଼ିବ। ନେତା ବଦଳି ଯାଇପାରନ୍ତି, ମାତ୍ର ଦେଶ ପଡ଼ିଯାଇଥିବା ଖାପ୍‌ଚରୁ ଉଠିବା କଷ୍ଟକର ହୋଇପଡ଼ିବ।

ବାଲାକୋଟ୍ ଆକ୍ରମଣ ପରେ କେତେକ ଭାରତୀୟ ସୋସିଆଲ ମିଡିଆରେ ପାକିସ୍ତାନ ବିରୋଧୀ ମନ୍ତବ୍ୟ ଦେଉଥିବା ଦେଖିବାକୁ ମିଳିଛି। କାହାକୁ ଭୋଟ ଦେବେ ବୋଲି କେତେ ଜଣଙ୍କୁ ପଚରାଯିବା ପରେ ଉତ୍ତର ଶୁଣିବାକୁ ମିଳୁଛି, 'ଆମର ଗୋଟେ ଭୋଟ ଯଦି ବାଲାକୋଟ୍ ଭଳି ଆକ୍ରମଣ କରିପାରିବ, ତାହା ହେଲେ ଆମେ ସେଭଳି ଦଳ ପ୍ରତି ମତଦାନ କରିବୁ'। ଏଥିରୁ ବୁଝିବାକୁ ହେବ ଯେ, ଭାରତୀୟମାନେ ବାସ୍ତବ ଯୁଦ୍ଧ ଦେଖିନାହାନ୍ତି। ସେଥିପାଇଁ ଭାବୁଛନ୍ତି ଯେ ଯୁଦ୍ଧ କେବଳ ସୀମାରେ ଓ ସେନା ଦ୍ୱାରା ଲଢ଼ା ଯାଇଥାଏ। ସେହି ଯୁଦ୍ଧ ପରିସ୍ଥିତି ଘରଦ୍ୱାର ମୁହଁରେ ଆସି ପହଞ୍ଚିଯିବ, ଯେମିତି ଅନ୍ୟ ଦେଶଗୁଡ଼ିକ ଦେଖିଛନ୍ତି, ସେତେବେଳେ କେତେ ଜଣ ଭାରତୀୟ ଯୁଦ୍ଧ ସପକ୍ଷରେ ମତ ଦେବେ ତାହା ଦେଖିବାକୁ ବାକି ଅଛି। ଏହା ବ୍ୟତୀତ ପରମାଣୁ ଯୁଦ୍ଧର ଧମକ ଦେଲେ, ତାହା କେବଳ ପାକିସ୍ତାନରେ ଆବଦ୍ଧ ହୋଇ ରହିଯିବ ନାହିଁ। ସେଭଳି ବିରାଟକାୟ ଯୁଦ୍ଧ ଘଟିଲେ ଚାଇନା ସମେତ ଅନ୍ୟସବୁ ବଡ଼ ରାଷ୍ଟ୍ର ଟାଣି ହୋଇଯିବେ। ସେଥିପାଇଁ ଦାୟିତ୍ୱସମ୍ପନ୍ନ ନେତାମାନେ ନିଜର ତୁଣ୍ଡକୁ ସଂଯତ ରଖିବା ଅତ୍ୟନ୍ତ ଆବଶ୍ୟକ।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଏପ୍ରିଲ ୧୯୯୪**

- ୧୯୮୬ରେ ବିଶ୍ୱର ସର୍ବବୃହତ୍ ଆଣବିକ ଦୁର୍ଘଟଣା ଘଟିଥିବା ୟୁକ୍ରେନର ଆଣବିକ ପ୍ଲାଣ୍ଟ ଚେର୍ଣ୍ଣୋବିଲକୁ ବନ୍ଦ କରାଯିବ ନାହିଁ ବୋଲି ୟୁକ୍ରେନ ସରକାରଙ୍କ ଘୋଷଣା।
- ରୁଆଣ୍ଡାରେ ଅବସ୍ଥାପିତ ଜାତିସଂଘର ଅଧିକାଂଶ ଶାନ୍ତିସୈନ୍ୟଙ୍କୁ ପ୍ରତ୍ୟାହାର କରି ଆଣିବା ପାଇଁ ଜାତିସଂଘର ନିଷ୍ପତ୍ତି।
- ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଓଡିଶାର ଦନ୍ତ ଚିକିତ୍ସା କଲେଜ ଓ ମେଡିକାଲ କଲେଜମାନଙ୍କରେ ଚଳିତବର୍ଷ ନାମ ଲେଖାଇଥିବା ୨୯୦ ଜଣ ଛାତ୍ରୀଛାତ୍ରଙ୍କ ନାମଲେଖାକୁ ସୁପ୍ରିମ୍‌କୋର୍ଟ ବେଆଇନ ଘୋଷଣା କରିଛନ୍ତି।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | 8 | | | 4 | | | E | | | | |
| E | 3 | 8 | 5 | | | 1 | | | | | | | | |
| | | 4 | | | | 6 | 8 | | | B | | | 1 | |
| | | | 1 | 7 | 9 | | | E | | 3 | | | 0 | |
| | 1 | B | A | 4 | | | D | | 0 | 2 | | | | |
| | | A | | 0 | | | B | 5 | | | | 2 | | 7 |
| D | | | | | 2 | 7 | | | C | A | 0 | | | 6 |
| 7 | 4 | | | 9 | | A | E | 2 | | | | C | | |
| | | | | | | 4 | | 0 | 6 | | | | 5 | |
| | | | | | 3 | | | | 2 | | 9 | | | E |
| | | 7 | | | | 3 | | | | | | D | | A |
| | E | 0 | 6 | | | | | | | | | 7 | | |
| 2 | | 6 | | | | 5 | A | 8 | | | | | | |
| B | 9 | | | 3 | | 0 | | | | | 4 | 8 | | |
| 8 | | 5 | | | | | 9 | 6 | | | 3 | | B | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | B | 5 | 0 | E | 6 | 2 | 1 | 8 | 4 | 3 | D | 7 | A | C |
| 4 | D | 0 | 1 | A | C | E | B | 7 | 8 | 5 | 9 | 2 | 3 | 6 |
| C | 3 | E | 7 | D | 8 | 0 | 9 | 5 | 2 | 6 | A | 4 | 1 | B |
| A | 1 | 7 | 2 | 5 | 3 | D | 6 | 4 | C | E | B | 8 | 9 | 0 |
| 6 | 8 | 2 | 9 | B | 4 | C | A | 3 | 7 | 0 | 1 | 5 | E | D |
| 5 | 7 | 9 | D | 3 | 2 | 4 | 0 | 6 | A | 1 | C | E | B | 8 |
| 8 | E | 4 | C | 1 | A | 3 | D | 2 | 5 | B | 6 | 0 | 7 | 9 |
| B | C | D | 5 | 8 | 0 | A | 7 | 9 | E | 4 | 2 | 1 | 6 | 3 |
| 0 | 2 | 6 | 4 | 7 | E | B | C | 1 | 9 | 8 | 3 | D | 5 | A |
| 3 | A | 1 | B | 6 | 9 | 8 | 5 | E | 0 | D | 7 | C | 2 | 4 |
| E | 9 | 3 | 8 | 2 | 5 | 7 | 4 | A | B | C | 0 | 6 | D | 1 |
| 2 | 0 | A | 3 | 4 | 1 | 9 | 8 | D | 6 | 7 | 5 | B | C | E |
| 7 | 4 | 8 | 6 | 9 | B | 1 | 2 | C | D | A | E | 3 | 0 | 5 |
| D | 6 | B | E | C | 7 | 5 | 3 | 0 | 1 | 9 | 4 | A | 8 | 2 |
| 1 | 5 | C | A | 0 | D | 6 | E | B | 3 | 2 | 8 | 9 | 4 | 7 |

ଗତକାଲିର ଉତ୍ତର

# ଲୋକପ୍ରତିନିଧି କାହାନ୍ତି



ସହଦେବ ସାହୁ

ବିଲାତକୁ ଗଣତନ୍ତ୍ରର ଜନନୀ କୁହାଯାଏ, କିନ୍ତୁ ତାହାର ଲିଖିତ ସମ୍ବିଧାନ ନାହିଁ, କନ୍‌ଭେନ୍‌ସନ୍ ବା ପରମ୍ପରା ସମ୍ବିଧାନର କାମ କରୁଛି: ରାଜା ବା ରାଣୀ ବଂଶାନୁକ୍ରମେ ରାଷ୍ଟ୍ରମୁଖ୍ୟ ହେଉଥିବାରୁ ବିଲାତ ରିପବ୍ଲିକ୍ ବା ସାଧାରଣତନ୍ତ୍ର ନୁହେଁ। ଆମ ସମ୍ବିଧାନ-ପ୍ରଣେତାମାନେ ବିଲାତ ଢାଞ୍ଚାର କ୍ୟାବିନେଟ ବା ସଂସଦୀୟ ଗଣତନ୍ତ୍ରକୁ ଅନୁକରଣ କରିଥିଲେ ହେଁ ସମ୍ବିଧାନରେ କେଉଁଠି ରାଜନୈତିକ 'ଦଳ' ଉଲ୍ଲେଖ କରିନାହାନ୍ତି। କିନ୍ତୁ ବିଲାତର ହାଉସ୍ ଅଫ୍ କମନ୍‌ସ ଏବଂ ହାଉସ୍ ଅଫ୍ ଲର୍ଡସ ଢାଞ୍ଚାରେ ଲୋକ ସଭା ଓ ରାଜ୍ୟ ସଭା ବ୍ୟବସ୍ଥା ରଖିଛନ୍ତି, ଲୋକ ସଭାରେ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନ ପାଉଥିବା ନେତାଙ୍କୁ ହିଁ ରାଷ୍ଟ୍ରପତି ମନ୍ତ୍ରିପରିଷଦ ଗଢ଼ିବାକୁ ନିମନ୍ତ୍ରଣ କରନ୍ତି। ସେ ରାଜ୍ୟ ସଭାର ସଭ୍ୟ ହୋଇଥାଇପାରନ୍ତି, କିନ୍ତୁ ସେ ଓ ତାଙ୍କ ମନ୍ତ୍ରିପରିଷଦ ବ୍ୟକ୍ତି ଭାବରେ ତଥା ସାମୂହିକ ଭାବରେ ଲୋକ ସଭା ପାଖରେ ଉତ୍ତରଦାୟୀ ରହୁଥିବାରୁ ଦଳ ଉପରେ ନିର୍ଭରଶୀଳ; ମନ୍ତ୍ରିପରିଷଦରେ କେବଳ କ୍ୟାବିନେଟ ପାହ୍ୟା ପାଇଥିବା ମନ୍ତ୍ରୀମାନେ ବୈଠକରେ ମିଳିତ ହୋଇ ସରକାରୀ ନିଷ୍ପତ୍ତି ନିଅନ୍ତି ବୋଲି ଏ ପ୍ରକାରର ବ୍ୟବସ୍ଥାକୁ କ୍ୟାବିନେଟ୍ ବ୍ୟବସ୍ଥାର ଗଣତନ୍ତ୍ର ବି କୁହାଯାଏ। କ୍ୟାବିନେଟ୍ ବ୍ୟବସ୍ଥାର ଶାସନରେ ଦଳର ଭୂମିକା ଆମ ସମ୍ବିଧାନ-ପ୍ରଣେତାଙ୍କୁ ଜଣାଥିଲେ ବି ସେମାନେ ସମ୍ବିଧାନରେ କୌଣସି ସ୍ଥାନରେ ଦଳ କଥା ଉଲ୍ଲେଖ କରିନାହାନ୍ତି।

୧୯୮୫ ମସିହାରେ ହିଁ ଦଳ ଶବ୍ଦ ସମ୍ବିଧାନରେ ପଶିଲା। ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ୧୯୮୫ ମାର୍ଚ୍ଚରେ ସମ୍ବିଧାନର ୫୨ତମ ସଂଶୋଧନ, ଯାହା ଦଳବଦଳ ନିରୋଧ ଆଇନ ବା ଆଣ୍ଟାଇଡିଫେକ୍ସନ୍ ଲ' ଭାବେ ବିଦିତ, ପାରିତ କରାଇନେଲେ, ପରେ ଏହା ଦଶମ ତଫସିଲରେ ଅନ୍ତର୍ଭୁକ୍ତ ହୋଇଥିବାରୁ ବିଚାର ବିଭାଗ ପରିସରର ବାହାରେ ରହିଲା। ଏହି ଆଇନ ଫଳରେ ଗଣତନ୍ତ୍ର ଦଳତନ୍ତ୍ର ହୋଇଗଲା, ଯେଉଁ ନିର୍ବାଚିତ ପ୍ରତିନିଧି ଦଳ ଛାଡ଼ିବେ, ଏପରିକି ଦଳର ନିର୍ଦ୍ଦେଶ ନ ମାନିବେ, ତାଙ୍କୁ ଦଳରୁ ବହିଷ୍କାର କରାଗଲା ବୋଲି ଦଳର ସର୍ବୋଚ୍ଚ ନେତା ଲୋକ ସଭାର ବାଚସ୍ପତି ବା ରାଜ୍ୟ ସଭାର ଅଧ୍ୟକ୍ଷଙ୍କୁ ଜଣାଇଦେଲେ ସେ ପ୍ରତିନିଧିତ୍ୱ ହରାଇବେ। ଅର୍ଥାତ୍ ଭୋଟରଙ୍କ ମତ ଦଳର ମତ ଆଗରେ ମୁଣ୍ଡ ନୁଆଁଇବ। ଦଳର ଛାଟ ବା ହ୍ୱିପ୍ ନ ମାନି ସଂସଦରେ ଅନୁପସ୍ଥିତ ରହିଲେ ବି ଦଳରୁ ବହିଷ୍କାର, ଅର୍ଥାତ୍ ଲୋକପ୍ରତିନିଧିତ୍ୱ ରଦ୍ଦ ହୋଇପାରେ। ଏହାର ମାନେ ଦଳର ନିଷ୍ପତ୍ତି ଭୋଟରଙ୍କ ନିଷ୍ପତ୍ତିକୁ ନାକଚ କରିପାରେ, ଏପରିକି ନିର୍ଦ୍ଦଳୀୟ ପ୍ରତିନିଧି କୌଣସି ଦଳରେ ଯୋଗଦେଲେ ପ୍ରତିନିଧିତ୍ୱ ହରାଇବେ ବୋଲି ଆଇନରେ ପ୍ରାବଧାନ ରହିଛି। ଦଳ ଭିତରେ ବିଦ୍ରୋହକୁ ଦମନ କରିବା ଉଦ୍ଦେଶ୍ୟରେ ପ୍ରଣୀତ ଏ ଆଇନ ଆଇନ ତିଆରି କରୁଥିବା ଲୋକପ୍ରତିନିଧିଙ୍କୁ ଦଳର ଆଜ୍ଞାବହ ପ୍ରତିନିଧି କରିଦେଲା; କାଳକ୍ରମେ ଶାସକଦଳର ମୁଖିଆ ନିଜକୁ ସମ୍ବିଧାନର (ସବୁ ଆଇନର) ଊର୍ଦ୍ଧ୍ୱରେ ବୋଲି ଭାବିନେବା ସ୍ୱାଭାବିକ। ପ୍ରତିନିଧି ପାଇଁ ପ୍ରାର୍ଥୀ ହେବା ଓ ସେମାନଙ୍କ ଭିତରୁ ପ୍ରତିନିଧି ବାଛିବା ଭଳି ବ୍ୟବସ୍ଥା ଲୋକଦେଖାଣିଆ ହୋଇଗଲାଣି। ଦଳମୁଖିଆଙ୍କ ଦସ୍ତଖତର ଲେଖା ବା ଟିକେଟ ପ୍ରାର୍ଥୀର ଯୋଗ୍ୟତାର ସୂଚକ ହେଲାଣି। ଶେଷ ମୁହୂର୍ତ୍ତରେ ଦଳମୁଖିଆ ଯଦି ଟିକେଟ ରଦ୍ଦ କରିଦିଅନ୍ତି ଲୋକଟି ଶିଶୁପାଳ ହୋଇଯାଏ, ନଚେତ୍ ସ୍ୱାଧୀନ ପ୍ରାର୍ଥୀ ହୁଏ ଏବଂ ଏବେ ବ୍ୟୟବହୁଳ ନିର୍ବାଚନ ରଣରେ ସ୍ୱାଧୀନ ପ୍ରାର୍ଥୀ ଜିତିବାର ସମ୍ଭାବନା ବହୁତ କ୍ଷୀଣ। ଦଳ ଭିତରେ ବିଦ୍ରୋହ ବନ୍ଦ କରିବା ଲକ୍ଷ୍ୟ ନେଇ ପ୍ରଣୀତ ଏ ଆଇନ ବି ଦଳବଦ୍ଧ ହୋଇ ଦଳ ତ୍ୟାଗ କରୁଥିବା ସାଂସଦ ଓ ବିଧାୟକମାନଙ୍କ ପ୍ରତି ଲାଗୁ। ୧୯୮୫ ଆଇନରେ ଥିଲା ଦଳର ଏକ ତୃତୀୟାଂଶରୁ କମ୍ ସାଂସଦ ଜନନୀ-ଦଳ ଛାଡି ନୂଆ ଦଳ ଗଢ଼ିଲେ ସେମାନେ ସାଂସଦତ୍ୱ ହରାଇବେ। ୨୦୦୩ରେ ଏହା ସଂଶୋଧିତ ହୋଇ ନିୟମ ହେଲା ଦୁଇ ତୃତୀୟାଂଶରୁ କମ୍ ସାଂସଦ ଦଳ ଛାଡିଲେ ସାଂସଦତ୍ୱ ବା ବିଧାୟକତ୍ୱ ହରାଇବେ। ଏ କଥା ବଖାଣିବାର ଅର୍ଥ ଭୋଟରଙ୍କ ମତ ବା ପସନ୍ଦ ଦଳ ଆଖିରେ ପାଣିର ଗାର। ଯେତେ ବେଶି ଭୋଟ ପାଇଥିଲେ ବି ଯଦି ଆମ ପ୍ରତିନିଧି ଦଳର କଥା ନ ମାନିଲା ଓ ଦଳରୁ ବିତାଡିତ ହେଲା ସେ ଆମ ପ୍ରତିନିଧି ହାଇ ରହିପାରିବ ନାହିଁ। ତେଣୁ ଦଳମୁଖିଆଙ୍କ ଖୁସି ଆଗରେ ଜନାଦେଶ ତୁଚ୍ଛ। ଦଳର ବିକାଶ ଆଗରେ ଲୋକଙ୍କ ବିକାଶ ଗୌଣ। ଦଳକୁ ଖୁସି କଲେ ସରକାରକୁ ହାତ କରିହେବ ବୋଲି ଜାଣିଥିବା ଲୋକେ ନିର୍ବାଚନ ପଦ୍ଧତିକୁ ଅବାଧ ଓ ମୁକ୍ତ ରଖିବାକୁ ଚାହୁଁନାହାନ୍ତି। ଅର୍ଥବଳ, ସମର୍ଥକ ବଳ ଓ ପ୍ରଚାର ପ୍ରସାର ଖର୍ଚ୍ଚ ପ୍ରାର୍ଥୀ ଚୟନରେ ନିର୍ଣ୍ଣାୟକ ଭୂମିକା ନେଲାଣି। ଦଳପତିମାନେ ଦଳକୁ ଏକ କମ୍ପାନୀ ଭଳି ଓ ନିଜକୁ ମ୍ୟାନେଜିଂ ଡାଇରେକ୍ଟର ଭଳି ଦେଖିଲେଣି। ରାଜନୀତି ଏକ ବ୍ୟବସାୟ ଏବଂ ଦଳପତି ଜଣେ ଏଣ୍ଟରପ୍ରିନିଓର ଭାବେ ଆଚରଣ ପ୍ରଦର୍ଶନ କରୁଛନ୍ତି। ଯାହା କିଛି ପୁଞ୍ଜି ସେମାନେ ନିବେଶ କରୁଛନ୍ତି ତାକୁ ମୂଳଧନ ଧରି ତା' ସହିତ ଲାଭ ବି ଉଠାଉଛନ୍ତି।

ନିର୍ବାଚନରେ କୁବେରମାନଙ୍କ ଭୂମିକା ଆମ ଗଣତନ୍ତ୍ରର ରୂପ ବଦଳାଇ ଦେବାର ଆଶଙ୍କା ଆଣିଛି। ଦଳଗୁଡ଼ିକ ପ୍ରତି ବର୍ଷ ନିଜର ପୁଞ୍ଜି ବୃଦ୍ଧି କରିବାରେ ବ୍ୟସ୍ତ ରହିଲେଣି। ନୂଆଦିଲ୍ଲୀର ଅବ୍‌ଜରଭର ରିସର୍ଚ୍ଚ ଫାଉଣ୍ଡେଶନ କହୁଛି ନିର୍ବାଚନ ଯେପରି ବ୍ୟୟବହୁଳ ହେଲାଣି ଏବଂ ଦଳଗୁଡ଼ିକ ଯେପରି ଲୁଚାଛପା ବ୍ୟବସାୟୀମାନଙ୍କଠାରୁ ଦାନ ଉଠାଉଛନ୍ତି ତାହା ଦିନେ ଆମ ଦେଶକୁ କୁବେରତନ୍ତ୍ର ବା ପ୍ଲୁଟୋକ୍ରାସି ଶାସନ ଦେବ। ଲଗାମଛଡ଼ା କର୍ପୋରେଟ୍ ଫଣ୍ଡିଂ ଆମ ଦେଶର ରାଜନୀତି ବା ପବ୍ଲିକ୍ ପଲିସି ତିଆରି କରିବ। ସେଣ୍ଟର୍ ଫର୍ ମିଡିଆ ଷ୍ଟଡିଜ୍ କହିଛି ୨୦୦୯ ନିର୍ବାଚନରେ ଦଳଗୁଡ଼ିକ ୨ ବିଲିଅନ ଡଲାର ଖର୍ଚ୍ଚ କରିଥିଲା ବେଳେ ୨୦୧୯ ନିର୍ବାଚନ ଲଢ଼େଇରେ ୭ ବିଲିଅନ ଡଲାର୍ (୪୯୦୦୦ କୋଟି ଟଙ୍କା) ଖର୍ଚ୍ଚ କରିବେ। ଖର୍ଚ୍ଚ ଏପରି ବଢ଼ିବାର କାରଣ କେତେକ ସାଂଗଠନିକ ପରିବର୍ତ୍ତନ- ଯଥା କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବେଶି ପରିମାଣରେ ନଗଦ ଟଙ୍କା ଓ ଉପହାର ଦଳଗୁଡ଼ିକ ବାଣ୍ଟନ୍ତୁ ବୋଲି ଭୋଟରମାନଙ୍କ ଆଶା, ଟେକ୍ନୋଲୋଜି ବିକାଶ ଯୋଗୁ ମିଡିଆ ଓ ଡିଜିଟାଲ ମାଧ୍ୟମ ଜରିଆରେ ଭୋଟରମାନଙ୍କ ମନକୁ ଛୁଇଁବାର ଚେଷ୍ଟା। ନିର୍ବାଚନ ଖର୍ଚ୍ଚ ଦଳର ସଭ୍ୟମାନଙ୍କଠାରୁ ଚାନ୍ଦା ସଂଗ୍ରହ ଜରିଆରେ ତୁଲାଇବାର ଯେଉଁ ପରମ୍ପରା ଥିଲା ତାହା ଉଭେଇ ଯାଉଛି, ଦଳଗୁଡ଼ିକ ରାତାରାତି ଅତି ଧନୀ ହେବାକୁ ଚାହୁଁଥିବା 'ଧନୀମନା'ଙ୍କ ଚାନ୍ଦା ଉପରେ ଅଧିକରୁ ଅଧିକ ନିର୍ଭର କଲେଣି। ଗଣତାନ୍ତ୍ରିକ ସଂସ୍କାର ପାଇଁ ଗଠିତ ସମିତି 'ଆସୋସିଏଶନ ଫର୍ ଡେମୋକ୍ରାଟିକ୍ ରିଫର୍ମ' (ଏଡିଆର୍) ହିସାବ ଦେଖାଇଛି ଯେ ୨୦୧୭-୧୮ ଆର୍ଥିକ ବର୍ଷରେ କଂଗ୍ରେସ ସହ ୬ଟି ଅଣଭାଜପା ଜାତୀୟ ଦଳ ଯେତେ ଟଙ୍କା କମ୍ପାନୀ ଓ ଲୋକଙ୍କଠାରୁ ପାଇଛନ୍ତି ଏକୁଟିଆ ଭାଜପା ସେସବୁର ୧୨ ଗୁଣ ପାଇଛି। ୨୦,୦୦୦ ଟଙ୍କାରୁ ଊର୍ଦ୍ଧ୍ୱ ଯେତେ ଦାନ ଦଳଗୁଡ଼ିକୁ ମିଳିଛି ତହିଁର ଶତକଡା ୯୩ ଭାଗ ଭାଜପା ପାଇଛି। ଭାଜପାର ବ୍ୟାଙ୍କ ଜମା ୪୩୭ କୋଟି ଟଙ୍କା ବଢ଼ିଲା ବେଳକୁ କଂଗ୍ରେସର ୨ କୋଟି ୬୭ ଲକ୍ଷ ବଢ଼ିଛି। ରାଜ୍ୟଭିତ୍ତିକ ବା ଆଞ୍ଚଳିକ ଦଳଗୁଡ଼ିକ ପଛରେ ପଡିନାହାନ୍ତି- ବିଜୁ ଜନତା ଦଳ ତାହାର ଆୟକର ଦାଖଲ ପତ୍ରରେ ଜଣାଇଛି ଯେ ୨୦୦୫ରେ ୨୪ଲକ୍ଷ ଟଙ୍କା ହାତରେ ଥିଲା ବେଳେ ୨୦୧୫ରେ ୧୮.୭୭ କୋଟି ହୋଇଛି; ଦଶ ବର୍ଷରେ ୭୭ ଗୁଣ ବଢିଛି। ଦଳଗୁଡ଼ିକ ଏ ପଇସାରେ ଦେଶରେ ମିଳୁଥିବା ହେଲିକପ୍ଟର ଓ ବିମାନ ବହୁ ଆଗରୁ ନିର୍ବାଚନ ପ୍ରଚାର ପାଇଁ ନେଇ ଯାଉଛନ୍ତି, ଏ ଦିଗରେ ଭାଜପା ସବା ଆଗରେ। ନଗଦ ଦାନ ପରିମାଣ କୋଡିଏ ହଜାରରୁ ଦୁଇ ହଜାର ଟଙ୍କାକୁ କମାଇ ଭାଜପା ସରକାର ରାଜନୀତିରେ କଳାଧନର ପ୍ରବେଶକୁ ରୋକିବେ ବୋଲି ଘୋଷଣା କଲେ, କିନ୍ତୁ ତାହା ବିବାହରେ ଗିଫ୍ଟ କାର୍ଡ ଦେଲା ଭଳି କିଏ ଦେଲା କିଏ ନେଲା ବାହାରକୁ ଜଣାଯାଉନାହିଁ, ଅଜଣା ରହି ଲାଞ୍ଚ ଦେବାର ଏକ ଉପାୟ ହୋଇଯାଇଛି ଇଲେକ୍ଟୋରାଲ ବଣ୍ଡ। ସୁପ୍ରିମ୍‌କୋର୍ଟ ଏ ମାମଲାରେ କ'ଣ ରାୟ ଦେବେ ତାହା ନିର୍ବାଚନ ପରେ ଜଣାପଡ଼ିବ। ଆମେ ଜାଣୁ, ଦାନ ଲୁଚାଣିଆ ହେଲେ ସ୍ୱାର୍ଥ-ଦ୍ୱନ୍ଦ୍ୱ ଜନ୍ମ ନିଏ। ବ୍ୟବସାୟୀମାନେ ନିଜ କାମ କରାଇନେବା ଲାଗି ପ୍ରଭାବୀ ନେତାଙ୍କୁ ଇଲେକ୍ଟୋରାଲ ବଣ୍ଡ ସାହାଯ୍ୟରେ ହାତ କରିନେବେ ତ ସରକାରଙ୍କ ନୀତି ବା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ନୀତି ଗୋପନରେ କମ୍ପାନୀପ୍ରୀତିରେ ପରିଣତ ହୋଇଯିବ। ବଣିକ ଶ୍ରେଣୀ ଓ କୁବେରମାନଙ୍କ ପାଇଁ ଶାସକ ଦଳ ପ୍ରତି ସମର୍ଥନ 'ଟିନା' - ଦେଆର୍ ଇଜ୍ ନୋ ଅଲଟରନେଟିଭ୍ ଖେଳ ହୋଇଯିବ। ଏ ନିର୍ବାଚନ ଲୋକ ପ୍ରତିନିଧି ବାଛିବ ନାହିଁ, ବାଛିବ କେଉଁ ଦଳ ଦେଶ ସମ୍ପତ୍ତିର ଅଭିଭାବକ ହେବ।

ଇ-ମେଲ୍: sahadevas@yahoo.com

# ସବୁଥିରେ ପଲିଟିକ୍ସ



ସବ୍ୟସାଚୀ ଅମିତାଭ

ଗଣତନ୍ତ୍ର କ୍ଷମତା ଦେଇଛି। ନିଜେ ନିଜର ଶାସନ କରିବାର କଳା ଲୋକଙ୍କୁ ଶିଖାଇଛି। ହେଲେ ବର୍ତ୍ତମାନ ସମୟର ରାଜନୀତି ଗଣତନ୍ତ୍ରକୁ ଧୀରେ ଧୀରେ କବଳିତ କରିସାରିଲାଣି। ସବୁ କଥାରେ ରାଜନୀତି। ଚାଷୀ ମଲେ ରାଜନୀତି, ପୀଡିତା ଆତ୍ମହତ୍ୟା କଲେ ବି ରାଜନୀତି, ପେଟ୍ରୋଲ ଦର ବଢିଲେ ରାଜନୀତି ଆଉ ଆଦର୍ଶ ହେବାର ପୁରସ୍କାର ହାତେଇଲେ ବି ରାଜନୀତି ଓ ପୁରସ୍କାର ପଛରେ ବି ରାଜନୀତି। ଏଇ ରାଜନୀତି ପାଇଁ ସାଧାରଣ ଲୋକେ ଏବେ ଅଣନିଃଶ୍ୱାସୀ। ଯଦି କାହାକୁ ପଚାରିବେ- ଆରେ ଭାଇ ତୋ ମତରେ ରାଜନୀତି କ'ଣ ? ଉତ୍ତର ଆସିବ- ରାଜନୀତିରେ ନୀତି ନ ଥାଏ, ଅର୍ଥବଳ ଓ ବାହୁବଳୀଙ୍କ ପ୍ରଭାବ ଅଧିକ, ଲୋକଙ୍କ ହାତରେ କିଛି ନ ଥାଏ, ନେତା କେବଳ ଭୋଟ ବେଳେ ନାଚନ୍ତି, ଏଠାରେ କେବଳ ମିଛ ଚାଲେ, ବେଳ ପଡ଼ିଲେ ଚରଣ, ବେଳ ପଡ଼ିଲେ ଚୁଟି ଧରୁଥିବା ଲୋକେ ଏଥିରେ ଅଧିକ ମାତ୍ରାରେ ସକ୍ରିୟ, ଏହା ଏକ ନାଟକ।

ଭୋଟ ଦେବାକୁ ଆସ, ବୁଥ୍‌ରେ ପଶ ଓ ଭୋଟ ଦେଇ ବାହାରିଯାଅ, ଗଣତନ୍ତ୍ର ଚାଲିବ। ନ ଆସ, ଘରେ ବସ- ତେବେ ବି ଗଣତନ୍ତ୍ର ଚାଲିବ। ମୋଟାମୋଟି ଆମର ଯାତ୍ରାପାର୍ଟି ଓ ରାଜନୀତି ଭିତରେ ବିଶେଷ କିଛି ଫରକ ନାହିଁ। ଯାତ୍ରା ପାଇଁ କେବଳ ଷ୍ଟେଜ୍ ଥାଏ, ଆଉ ରାଜନୀତି ହେଉଛି ଓପନ୍ ଷ୍ଟେଜ୍, ଯେଉଁଠି ଶେଷ ଯାଏ କେବଳ ସ୍କ୍ରିପ୍ଟ ଲେଖାଚାଲିଥାଏ। ଯେଉଁମାନେ କ୍ଷମତାରେ ଅଛନ୍ତି ସେମାନେ ବି ରାଜନୀତି କରୁଛନ୍ତି, ଆଉ ଯେଉଁମାନେ ବିରୋଧୀ ଦଳ ଭୂମିକାରେ ସେମାନେ ବି ସେଇ ରୋଗରେ ପୀଡିତ। ରୋଗଟି ହେଉଛି ଲୋକଙ୍କୁ ଭୁଆଁବୁଲାଇବା। ରାଜନୀତିର ଏଇ ସାପଶିଡ଼ି ଖେଳ ଭିତରେ କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଶିଳ୍ପ ପରି ବାସ୍ତବ ପ୍ରସଙ୍ଗଗୁଡିକ ବର୍ତ୍ତମାନ ଅଣଦେଖା ହୋଇଯାଇଛି।

ଯେମିତି ଓଡ଼ିଶାର ଲୋକଙ୍କୁ ସରକାର ବୁଝାଇଦେଇଛନ୍ତି, ଗରିବ ହେବା ମହାପୁଣ୍ୟ। ଗରିବ ହେଲେ ଯାଇ ଟଙ୍କିକିଆ ଚାଉଳ ପାଇବ, ଭଡ଼ା ପାଇବ, ଛତା, କମ୍ବଳ ପାଇବ, ପାଞ୍ଚ ଟଙ୍କିଆ ଆହାର ମିଳିବ। ବିଜୁ ଘର ବା ଇନ୍ଦିରା ଆବାସ ପାଇବ, ମାଗଣାରେ ତୀର୍ଥଯାତ୍ରା ବି କରିପାରିବ। ଧନୀ ବା ମଧ୍ୟବିତ୍ତ ହେବାକୁ ଚେଷ୍ଟା କଲେ ଏସବୁ ମିଳିବ ନାହିଁ। ଯାହାର କୋଠାଘର ଅଛି, ସେ ରାଶନ୍ କାର୍ଡ ପାଇଁ ଧାଉଁଛି। ମାସକୁ ୫ କିଲୋ ଚାଉଳ ଯାହାର ଦାମ୍ ପାଖାପାଖି ୧୦୦ ଟଙ୍କା ସେ ଲୋଭ ତାକୁ ଘାରିଛି। ଥିଲାବାଲା ଘରର ଲୋକ ସହରରେ ୫ ଟଙ୍କିଆ ଭାତ-ଡାଲମା ପାଇଁ ଆହାର କେନ୍ଦ୍ରରେ ଗହଳି କରୁଛନ୍ତି। ଛତରଖିଆ ହେବାକୁ ସୁଯୋଗ ଓ ଗୌରବ ବୋଲି ଭାବି ଏଥିପାଇଁ ଏକ ଅଜବ ପ୍ରତିଯୋଗିତା ଚାଲିଛି। ଚାଷକୁ ପଚାରେ କିଏ ? ଏମିତି ଚିତ୍ର ସବୁ ଏବେ ଜନଜୀବନକୁ ଧୀରେ ଧୀରେ କବଳିତ କରିସାରିଲାଣି।

ଜଣେ ଜର୍ମାନ ଦାର୍ଶନିକ ଥିଲେ- ଇମାନୁଏଲ୍ କାଣ୍ଟ। ସେ କହିଥିଲେ, ଲୋକଙ୍କୁ ଯେତେ ଅଧିକ ସାହାଯ୍ୟ କରିବ, ସେମାନଙ୍କୁ ସେତେ ଅପାରଗ କରି ଗଢିତୋଳିବ। ସରକାରଙ୍କ କାମ ହେଉଛି, ଲୋକଙ୍କୁ ରୋଜଗାରର କୌଶଳ ଶିଖାଇବା, ମାଗଣା ବାଣ୍ଟିବା ନୁହେଁ। ଏକଦା ଧାନ ଉତ୍ପାଦନରେ ଓଡିଶା ଏକ ନମ୍ବର ସ୍ଥାନରେ ରହୁଥିବା ବେଳେ ଏବେ ଆନ୍ଧ୍ର, ପଶ୍ଚିମବଙ୍ଗ ଏପରି କି ଛତିଶଗଡ ଓ ଝାଡଖଣ୍ଡଠାରୁ ଆମେ ପଛରେ ପଡିଛେ। ଟଙ୍କିକିଆ ଚାଉଳ ମାୟାରେ ଲୋକେ ଏବେ ଶ୍ରମ କରିବାକୁ କୁଣ୍ଠିତ।

ଏଠି ଆଉ ଗୋଟିଏ ବାତାବରଣ ସୃଷ୍ଟି କରାଯାଇଛି, ତାହା ହେଲା କୃଷିର ଶତ୍ରୁ ହେଉଛି ଶିଳ୍ପ। ଶିଳ୍ପ ପାଇଁ ଯୋଜନା ହେଲା ମାତ୍ରକେ ଆଗେ ବିରୋଧ ସାମନାକୁ ଆସେ। ଜମି ଅଧିଗ୍ରହଣଠାରୁ ଆରମ୍ଭ କରି ଜୀବନଜୀବିକା ଯାଏ ନାନା ରକମର ଫନ୍ଦିଫିକର ଚାଲୁଛି। ହେଲେ କେହି ଏହାର ସମାଧାନ ବାହାର କରିବାକୁ ଚାହାନ୍ତି ନାହିଁ। ଯେତେ ବିଳମ୍ବ ସେତେ ଲାଭ। ଶିଳ୍ପସଂସ୍ଥାଙ୍କ ଶୋଷଣ ଓ ମନମାନିକୁ ନିୟନ୍ତ୍ରଣ କରିବା ଦାୟିତ୍ୱ ତ ସରକାରଙ୍କର। ସରକାର ଚାହିଁଲେ, ଚାଷ ଓ ଶିଳ୍ପ ପରସ୍ପରର ମିତ୍ର ହୋଇପାରନ୍ତେ। ଚାଷୀ ବି ହସନ୍ତା, ଶିଳ୍ପ ବି ବଢନ୍ତା। ହେଲେ ଏଥିପାଇଁ ସମୟ କାହା ପାଖରେ ଅଛି ? ଗୋଟିଏ ପଟେ ମେକ୍ ଇନ୍ ଓଡିଶା କଥା କହୁଛେ, ହେଲେ ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାର ବାତାବରଣ ତିଆରି ହୋଇପାରିନି ଏଯାଏ।

ଆଉ ଗୋଟିଏ ବଡ଼ ପ୍ରସଙ୍ଗ ହେଲା ଶିକ୍ଷା, ଯାହାକୁ ବିକାଶର ପ୍ରମୁଖ ହତିଆର ବୋଲି କୁହାଯାଏ। ହେଲେ ଆମର ଏଠି ସ୍କୁଲଗୁଡିକ ଭୋଜନ କେନ୍ଦ୍ରରେ ପରିଣତ ହୋଇଗଲାଣି। ମଧ୍ୟାହ୍ନଭୋଜନ ଉପରେ ଯେତିକି ଗୁରୁତ୍ୱ ଦିଆଯାଉଛି, ପାଠପଢା ଉପରେ ସେତିକି ଗୁରୁତ୍ୱ ଦେଉନାହାନ୍ତି ସରକାର। ଆମ ଶିକ୍ଷକମାନେ ଯେତେ ଭଲ ହେବେ, ଯୋଗ୍ୟ ହେବେ, ଶିକ୍ଷାର ମାନ ସେତିକି ଉନ୍ନତ ହେବ। ହେଲେ ଏକଥା କାହାକୁ ଦିଶୁନାହିଁ। ଭୋଟର ଲିଷ୍ଟ ତିଆରି, ଭତ୍ତା ବଣ୍ଟା, ବିପିଏଲ୍ ସର୍ଭେରେ ଶିକ୍ଷକ ବ୍ୟସ୍ତ, ତା' ସାଙ୍ଗକୁ ପେଟପାଟଣା ପାଇଁ ବର୍ଷତମାମ ଆନ୍ଦୋଳନ। ବାକି ଯିଏ ରହିଲେ ସେମାନେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମରେ ବ୍ୟସ୍ତ। ପାଠପଢା ଚୁଲିକୁ ଯାଉ। ଗୁଣାତ୍ମକ ଶିକ୍ଷାକ୍ଷେତ୍ରରେ ଏହା ହେଉଛି ସବୁଠାରୁ ବଡ ପ୍ରତିବନ୍ଧକ।

ସାଧାରଣଲୋକଙ୍କୁ ବିକାଶ ପାଇଁ ପ୍ରୋତ୍ସାହିତ କରିବା, ସେମାନଙ୍କୁ ଏଥିପାଇଁ ପ୍ରସ୍ତୁତ କରିବା ଓ ବିକାଶ ପାଇଁ ବାତାବରଣ ସୃଷ୍ଟି କରିବା ରାଜନୈତିକ ନେତୃବୃନ୍ଦଙ୍କ ଦାୟିତ୍ୱ। ହେଲେ ଶସ୍ତା ରାଜନୀତିରେ ବ୍ୟସ୍ତ ଥିବା ଉଭୟ ସରକାର ଅବା ବିରୋଧୀଙ୍କ ପାଖରେ ଏହା ସବୁବେଳେ ଗୌଣ। ବରଂ ଭୋଟବ୍ୟାଙ୍କ ପଲିଟିକ୍ସ ଗଣତନ୍ତ୍ରରେ ରାଜା। ଯେନତେନପ୍ରକାରେ ଲୋକଙ୍କୁ ଭୁଆଁବୁଲାଇ, ପ୍ରଲୋଭିତ କରି କ୍ଷମତା ହାତେଇବା ହେଉଛି ଲକ୍ଷ୍ୟ। ଶେଷରେ ଏତିକି କହିବା ଠିକ୍ ହେବ, ଆପେ ବଞ୍ଚିଲେ ବାପର ନାଁ- ଏହା ହିଁ ପଲିଟିକ୍ସ।

ମୋ- ୯୪୩୮୨୯୬୫୧୯

## ଏଇ ଭାରତରେ

ବିହାରର ଭାଗଲପୁର ଅଞ୍ଚଳରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ସାମ୍ନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ନିଜ ସ୍ତ୍ରୀଙ୍କୁ ତାଙ୍କ ପ୍ରେମିକ ସହ ବିବାହ କରାଇ ଦେଇଛନ୍ତି। କେବଳ ସେତିକି ନୁହେଁ, ଉପହାର ସ୍ୱରୂପ ସେ ନିଜ ଅଢ଼େଇ ବର୍ଷର ପୁଅକୁ ମଧ୍ୟ ସ୍ତ୍ରୀଙ୍କ ହାତରେ ଟେକି ଦେଇଛନ୍ତି। ଏହି ଘଟଣା ଏବେ ଭାଗଲପୁରରେ ଚର୍ଚ୍ଚାର ବିଷୟ ପାଲଟିଥିବା ବେଳେ ଗାଁର ଅନେକ ଲୋକ ଏହି ବିବାହର ସାକ୍ଷୀ ରହିଛନ୍ତି। ଘଟଣାଟି ଭାଗଲପୁର ଖିସିବାନ୍ଦ ପଞ୍ଚାୟତର ସାଲେପୁର ଗାଁର। ଏଠାରେ ଜଣେ ବ୍ୟକ୍ତି ଘରଭଡ଼ା ନେଇ ସ୍ତ୍ରୀ ଓ ଗୋଟିଏ ପୁଅ ସହ ରହୁଥିଲେ। କିଛିଦିନ ତଳେ କୌଣସି ଏକ ମାମଲାରେ ଉକ୍ତ ବ୍ୟକ୍ତିଙ୍କୁ ଜେଲ ଯିବାକୁ ପଡ଼ିଥିଲା। ସେ ଜେଲ୍‌ରେ ଥିବାବେଳେ ତାଙ୍କ ସ୍ତ୍ରୀଙ୍କର ଘର ମାଲିକଙ୍କ ପୁଅ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଉକ୍ତ ବ୍ୟକ୍ତି ଜଣକ ଜେଲରୁ ଫେରିବା ପରେ ସ୍ତ୍ରୀଙ୍କ ପ୍ରେମ କାହାଣୀ ସମ୍ପର୍କରେ ସୂଚନା ପାଇଥିଲେ। ଦିନେ ପଞ୍ଚାୟତ ଡାକି ସରପଞ୍ଚଙ୍କ ଉପସ୍ଥିତିରେ ସ୍ତ୍ରୀଙ୍କର ବିବାହ ଉକ୍ତ ଘର ମାଲିକଙ୍କ ପୁଅ ସହ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିରେ ପଞ୍ଚାୟତ ରାଜି ହୋଇଯିବାରୁ ସେ ସ୍ତ୍ରୀଙ୍କର ବିବାହ କରିଦେବା ସହ ନିଜ ଅଢ଼େଇ ବର୍ଷର ପୁଅକୁ ଉପହାର ଆକାରରେ ଦେଇଥିବା ସୂଚନା ମିଳିଛି।

## ଚିରନ୍ତନୀ

ରୋଧିଦିଅ ରୋଧିଦିଅ ଏ କାରାଦୁଆର,
ଘୋଟିଆସୁ ଭଇରବ ଘନ ଅନ୍ଧକାର,
ଏ ଆଲୋକ ଏ ଆକାଶ
ପରାଣେ ଦିଏ ପରାସ,
ସୁଦୂର ସ୍ମୃତିର ଆଣେ ବିରହ ଝଙ୍କାର,
ଲଗାଏ ମରମେ ମମ ମହା ହାହାକାର।
ସବୁ ଅରଗଳ ଆଜି କରିଦିଅ ବନ୍ଦ,
ଏକାକୀ ଏ କକ୍ଷେ ମୁହିଁ ରହିଥିବି ଅନ୍ଧ
ଏକା ଘୋର ଅନ୍ଧକାରେ
ପଖାଳେଁ ଲୋତକ ଧାରେ
ସବୁ ମୋର ସକରୁଣ ଆଶା ନିରାନନ୍ଦ
ଲୁଚାଇବି ହୃଦତଳେ ବେଦନାର ଛନ୍ଦ।

(ବନ୍ଦୀର ବିଳାପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ନେତାଙ୍କ ଶିକ୍ଷାଗତ ଯୋଗ୍ୟତା

ମହାଶୟ,

ନେତାମାନେ ନିଜକୁ ସୁହାଇଲା ଭଳି ଆଇନ ପ୍ରଣୟନ କରୁଛନ୍ତି। ୧୯୫୦ ମସିହାରେ ଯେତେବେଳେ ଆମ ଦେଶରେ ଲୋକସଂଖ୍ୟା କମ୍ ଥିଲା ସେତେବେଳେ ଲୋକଙ୍କର ଶିକ୍ଷାଗତ ଯୋଗ୍ୟତା ବି କମ୍ ଥିଲା ଏବଂ ରାଜନୀତି କରିବା ପାଇଁ କେବଳ ବୟସ୍କ ଲୋକେ ଉପଯୁକ୍ତ ବୋଲି ବିବେଚନା କରାଯାଉଥିଲା। ରାଜନୀତି କରିବା ପାଇଁ ସରପଞ୍ଚଠାରୁ ମନ୍ତ୍ରୀ ପର୍ଯ୍ୟନ୍ତ ନେତାଙ୍କର ଶିକ୍ଷାଗତ ଯୋଗ୍ୟତା ଓ ବୟସସୀମା ନିର୍ଦ୍ଧାରଣ କରାଯାଇ ନ ଥିଲା। ଏବେ ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ସ୍କୁଲକଲେଜ ଖୋଲିଲାଣି। ପିଅନ, ଚୌକିଦାର, ଏପରି କି ସ୍ୱିପର ଚାକିରି ପାଇଁ ଡିଗ୍ରୀଧାରୀ ଯୁବତୀଯୁବକ ହଜାର ହଜାର ସଂଖ୍ୟାରେ ଆବେଦନ କରୁଛନ୍ତି। ସରକାରୀଠାରୁ ବେସରକାରୀ ଚାକିରି ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ବୟସସୀମା ଧାର୍ଯ୍ୟ କରାଯାଇଛି। ୬୦ ବର୍ଷ ହୋଇଗଲେ ଯେତେ ବଡ଼ ପଦ ପଦବୀରେ ଥିଲେ ବି ଅବସର ନେବାକୁ ପଡ଼ିଥାଏ। ବଡ଼ ପରିତାପର ବିଷୟ, ଯେଉଁ ନେତାମାନେ ନିର୍ବାଚିତ ହୋଇ ଦେଶର ନିୟମ କାନୁନ ତିଆରି କରୁଛନ୍ତି, ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା କିମ୍ବା ବୟସ ସୀମା ନିର୍ଦ୍ଧାରଣ କରାଯାଉ ନାହିଁ। ଏ ଡିଜିଟାଲ ଯୁଗରେ ସେମାନଙ୍କର ଅବସର ବୟସ ସୀମା ଏବଂ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ କରାଯିବା ନିହାତି ଜରୁରୀ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ନିର୍ବାଚନ ସେ ବେଳ ଓ ଏ ବେଳର

ଏ ପତ୍ରପ୍ରେରକ ତା' ଜୀବନକାଳ ମଧ୍ୟରେ ବୋଧହୁଏ ବାର ଗୋଟି ନିର୍ବାଚନ ଦେଖିଛି। ସେ ବେଳରେ ନିର୍ବାଚନ କହିଲେ କାନ୍ଥଲେଖା, ପ୍ରଚାରପତ୍ର ସହ ମୋଟରଗାଡ଼ିରେ ଲାଉଡ୍‌ସ୍ପିକର ଲାଗି ପ୍ରଚାର ହେଉଥିଲା। ପ୍ରାର୍ଥୀମାନେ ମତଦାତାଙ୍କ ନିକଟକୁ ଆସି ଯୋଡ଼ହସ୍ତରେ ଭୋଟ ନିବେଦନ କରୁଥିଲେ। ପ୍ରାର୍ଥୀ ଦୁଇ/ତିନି ଜଣ ରହୁଥିଲେ। ବର୍ତ୍ତମାନ ଥରେ ଭୋଟ ପାଇଗଲେ ଦରମା ଓ ଜୀବନ ତମାମ ପେନ୍‌ସନ ପାଇବା ଆଶାରେ ବାପ-ପୁଅ-ଝିଅ-ଜ୍ୱାଇଁ ସମସ୍ତେ ପ୍ରାର୍ଥୀ ହେଉଛନ୍ତି। ଅର୍ଥ-ବାହୁ-ପ୍ରଭାବ ବିସ୍ତାର କରି ଯେନତେନ ପ୍ରକାରେ ବିଜୟୀ ହେବାକୁ ଚେଷ୍ଟା କରୁଛନ୍ତି। ଏସବୁ ଦେଖି ନିଜ ମତଟି କେତେଦୂର ବିବେକ ପରିଚାଳିତ ତାହା ବୁଝି ଭୋଟ ଦେବା ଉଚିତ। ସ୍ତ୍ରୀ, ମାଆ, ବାପା, ପୁଅ, ଝିଅ ଯେ ଯାହାର ରାସ୍ତାରେ ଥିବାରୁ କାହାରିକୁ ଭୋଟ ପାଇଁ ପ୍ରଭାବିତ ନ କରିବା ଭଲ।

ଶ୍ରୀରାମଚନ୍ଦ୍ର ଦାଶ, ପୂର୍ବ ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ରୁଟିରେ ନିଶା ଦେଇ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଜି.ଉଦୟଗିରି,୨୨।୪(ଡି.ଏନ.ଏ.)

କନ୍ଧମାଳ ଜିଲା ଜି.ଉଦୟଗିରି ଥାନା ଅଞ୍ଚଳରେ ଜଣେ ନାବାଳିକା(୧୬)ଙ୍କୁ ରୁଟିରେ ନିଶା ଦେଇ ବଳାତ୍କାର କରିଥିବା ଅଭିଯୋଗରେ ପୋଲିସ ସୋମବାର ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଜିତେନ୍ଦ୍ର କୁମାର ଦିଗାଲ। ତାଙ୍କୁ ଫୁଲବାଣୀସ୍ଥିତ ପୋକ୍‌ସୋ କୋର୍ଟ ଚାଲାଣ କରାଯାଇଥିବା ଥାନା ଆଇଆଇସି ଜୀବନାନନ୍ଦ ଜେନା କହିଛନ୍ତି। ପ୍ରକାଶ ଯେ, ଗତ ୧୩ ତାରିଖ ରାତି ପ୍ରାୟ ୮ଟାରେ ନାବାଳିକା ଜଣକ ତାଙ୍କ ଘର ଆଗରେ ବସିଥିବା ବେଳେ ଜିତେନ୍ଦ୍ର ରୁଟିରେ କୌଣସି ଏକ ନିଶାଦ୍ରବ୍ୟ ମିଶାଇ ତାଙ୍କୁ ଖାଇବାକୁ ଦେଇଥିଲେ। ନାବାଳିକା ଜଣକ ଅଚେତ ହୋଇପଡ଼ିବାରୁ ଜିତେନ୍ଦ୍ର ତାଙ୍କୁ ଘର ପଛପଟେ ଗାଁ ଶ୍ମଶାନ ନିକଟକୁ ନେଇ ବଳାତ୍କାର କରିଥିଲେ। ଏପଟେ ଝିଅକୁ ନ ପାଇ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ରାତି ପ୍ରାୟ ୧୦ଟାରେ ସେ ଅଚେତ ଅବସ୍ଥାରେ ଶ୍ମଶାନ ନିକଟରେ ପଡିଥିବା ଦେଖି ଘରକୁ ଆଣିଥିଲେ। ନାବାଳିକା ଜଣକ ସେବେଠାରୁ ପରିବାର ଲୋକଙ୍କୁ ଏ ନେଇ କିଛି କହିପାରି ନ ଥିଲେ। ରବିବାର ଘଟଣା ସମ୍ପର୍କରେ କହିବାରୁ ତାଙ୍କ ଭାଇ ଜି.ଉଦୟଗିରି ଥାନାରେ ରାତିରେ ଏତଲା ଦେଇଥିଲେ। ପୋଲିସ ନଂ. ୫୨/୧୯ରେ ଦଫା ୩୭୬(୩) ଆଇପିସି ଓ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ ଜିତେନ୍ଦ୍ରଙ୍କୁ ସୋମବାର ଗିରଫ କରିଛି। ଡାକ୍ତରୀମାଇନା ପରେ ତାଙ୍କୁ ଫୁଲବାଣୀ କୋର୍ଟକୁ ଚାଲାଣ କରାଯାଇଛି।

■ ନିରଞ୍ଜନଙ୍କୁ ଆକ୍ରମଣ ଘଟଣା

# ମୁହଁରେ କଳାପଟି ବାନ୍ଧି ପ୍ରତିବାଦ କଲା କଂଗ୍ରେସ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଗତ ରବିବାର ଘଷିପୁରାରେ ନିର୍ବାଚନୀ ପ୍ରଚାର କରୁଥିବା ସମୟରେ ତାଙ୍କୁ କେତେକ ଦୁର୍ବୃତ୍ତ ଆକ୍ରମଣ କରିଥିଲେ। ଫଳରେ ନିରଞ୍ଜନ ଓ ତାଙ୍କ ସମର୍ଥକ ଆହତ ହୋଇଥିଲେ। ଏହାପରେ ଉକ୍ତ ଘଟଣାକୁ ନେଇ କଂଗ୍ରେସର ପ୍ରତିନିଧି ଦଳ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଥିଲା। ଘଟଣାରେ ସ୍ଥାନୀୟ ବିଜେଡି ପ୍ରାର୍ଥୀଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରିବା ସହ ଆଇଆଇସିଙ୍କ ନିଲମ୍ବନ ଦାବି କରିଥିଲା। ଏହାସହ ସ୍ଥାନୀୟ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରିବା ପାଇଁ ମଧ୍ୟ ପ୍ରତିନିଧି ଦଳ ପକ୍ଷରୁ ଦାବି କରାଯାଇଥିଲା। ଏହି ଘଟଣାକୁ ନେଇ ସୋମବାର କଂଗ୍ରେସ ପୁନର୍ବାର ରାସ୍ତାକୁ ଓହ୍ଲାଇଛି। ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିବାକୁ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ନିର୍ବାଚନ ଆଚରଣବିଧି ଏହାଦ୍ୱାରା ଉଲ୍ଲଂଘନ ହେବ ବୋଲି ଜାଣିବାପରେ ଦଳ ଭିନ୍ନ ପ୍ରକାରେ ପ୍ରତିବାଦ କରିଛି। ଭୁବନେଶ୍ୱର ଜିଲା କଂଗ୍ରେସ କମିଟି ସଭାପତି ମାନସ ଚୌଧୁରୀଙ୍କ ନେତୃତ୍ୱରେ ଦଳର ବହୁ ନେତା ମୁହଁରେ କଳା ପଟି ବାନ୍ଧି ପ୍ରତିବାଦ କରିଛନ୍ତି।



କଂଗ୍ରେସର ନେତାମାନେ ମୁହଁରେ କଳା ପଟି ବାନ୍ଧି ପ୍ରତିବାଦ କରୁଛନ୍ତି।

# 'ସୂର୍ଯ୍ୟବଂଶୀ'ରେ ଅଭିନୟ କରିବେ କ୍ୟାଟ୍ରିନା



**ମୁମ୍ବାଇ:** ଫିଲ୍ମ ନିର୍ମାତା ରୋହିତ ଶେଟ୍ଟୀଙ୍କ ପରବର୍ତ୍ତୀ ସିନେମା 'ସୂର୍ଯ୍ୟବଂଶୀ'ରେ ଅଭିନୟ କରିବାକୁ ଯାଉଛନ୍ତି କ୍ୟାଟ୍ରିନା କୈଫ। ଏଥିରେ ଅକ୍ଷୟ କୁମାରଙ୍କ ସହ ତାଙ୍କର ଯୋଡ଼ି ଖୁବ୍ ଜମିବ ବୋଲି ସୂଚନା ମିଳୁଛି। ଅକ୍ଷୟଙ୍କ ସହିତ ପୂର୍ବରୁ କ୍ୟାଟ୍ରିନା 'ନମସ୍ତେ ଲଣ୍ଡନ' ଏବଂ 'ସିଂ ଇଜ୍ କିଙ୍ଗ୍'ରେ ଅଭିନୟ କରିଛନ୍ତି। ଆଗାମୀ ଫିଲ୍ମ ପାଇଁ କ୍ୟାଟ୍ରିନାଙ୍କୁ ସ୍ୱାଗତ କରି ଅକ୍ଷୟ ତାଙ୍କୁ 'ସୂର୍ଯ୍ୟବଂଶୀ ଗର୍ଲ' ଭାବେ ସମ୍ବୋଧନ କରିଛନ୍ତି। ଏହି ଫିଲ୍ମ ନିର୍ମାଣ ପାଇଁ ପାଣ୍ଠି ଯୋଗାଉଥିବା କରନ ଜୋହର ଅକ୍ଷୟ, କ୍ୟାଟ୍ରିନା ଏବଂ ଶେଟ୍ଟୀଙ୍କ ସହିତ ଉଠାଇଥିବା ଏକ ଗ୍ରୁପ୍ ଫଟୋ ସୋସିଆଲ ମିଡିଆରେ ପୋଷ୍ଟ କରିଛନ୍ତି। ସୂର୍ଯ୍ୟବଂଶୀ ପାଇଁ କ୍ୟାଟ୍ରିନାଙ୍କୁ ସ୍ୱାଗତ କରିଛନ୍ତି କରନ୍। ୨୦୨୦ ଇଦ୍ ବେଳକୁ ଉକ୍ତ ଫିଲ୍ମ ରିଲିଜ ହେବାର ଅଛି।

ସୂର୍ଯ୍ୟବଂଶୀରେ ଅକ୍ଷୟ ଏକ ପ୍ରମୁଖ ଭୂମିକାରେ ଅଭିନୟ କରିବାକୁ ଯାଉଛନ୍ତି। 'କେଶରୀ'ରେ ସେ ଜଣେ ସାହସୀ ଦେଶପ୍ରେମୀର ଭୂମିକା (ଆଣ୍ଟି ଟେରରିଷ୍ଟ ସ୍କ୍ୱାଡ୍ ଅଫିସର)ରେ ଅଭିନୟ କରିଥିବାବେଳେ ସୂର୍ଯ୍ୟବଂଶୀରେ ସେଭଳି ଏକ ଦୁଃସାହସୀ ତଥା ବୀର ଚରିତ୍ରରେ ଅଭିନୟ କରିବାକୁ ଯାଉଛନ୍ତି। ୨୦୨୦ ଇଦ୍‌ବେଳେ ସଲମାନ ଖାନ୍ ଓ ଆଲିଆ ଭଟ୍ଟଙ୍କ ଅଭିନୀତ 'ଇନ୍‌ଶାଲା' ସହିତ 'ସୂର୍ଯ୍ୟବଂଶୀ' ପ୍ରତିଦ୍ୱନ୍ଦ୍ୱିତା କରିବା ସମ୍ଭାବନା ଅଛି।

# ପୋଷ୍ଟର ଲଗାଇବାକୁ ବିରୋଧ କରିବାରୁ ଆକ୍ରମଣ: ୨ ଗୁରୁତର

ଭଦ୍ରକ ଅଫିସ, ୨୨।୪

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଗେଲପୁର ଗ୍ରାମରେ ରବିବାର ନିର୍ଦ୍ଦିଷ୍ଟ ଏକ ଦଳର ପୋଷ୍ଟର ଲଗାଇବାକୁ ବିରୋଧ କରିବାରୁ ଏକ ପରିବାର ଲୋକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଏ ନେଇ ଆକ୍ରମଣର ଶିକାର ହୋଇଥିବା ନିରାକର ଯେନା ଲିଖିତ ଅଭିଯୋଗ କରିଥିଲେ ମଧ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ସୂଚନା ମୁତାବକ ଉକ୍ତ ଗାଁର ୪ ଜଣ ବ୍ୟକ୍ତି ଏକତ୍ର ହୋଇ ନିରାକରଙ୍କ ଘର କାନ୍ଥରେ ପୋଷ୍ଟର ଲଗାଇବାକୁ ଚାହୁଁଥିଲେ। ତାଙ୍କ ମା' ପାକ ଓ ଭାଇ ନିର୍ମଳ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ସଂଘବଦ୍ଧ ଭାବେ ୪ ଜଣ ଆକ୍ରମଣ କରିଥିଲେ। ପରିବାର ଲୋକଙ୍କଠାରୁ ଖବର ପାଇ ନିରାକର ଘରେ ପହଞ୍ଚି ଆକ୍ରମଣକାରୀଙ୍କୁ ପ୍ରତିବାଦ କରିବାରୁ ତାଙ୍କୁ ମଧ ଆକ୍ରମଣ କରାଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ତାଙ୍କ ମା' ଓ ଭାଇଙ୍କ ଅବସ୍ଥା ଗୁରୁତର ଥିବାରୁ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ସେ କହିଛନ୍ତି।



# ସାମାଜିକ ଗଣମାଧ୍ୟମରେ ବିଜେଡିକୁ ଧର୍ମେନ୍ଦ୍ରଙ୍କ ଟାର୍ଗେଟ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୌଣସି ବିଷୟ ନ ରଖି କେବଳ କେନ୍ଦ୍ର ବିରୋଧରେ ଅଭିଯୋଗ କରୁଛନ୍ତି । ୧୯ବର୍ଷ ଶାସନରେ କ'ଣ କଲେ ତାହାର ହିସାବ ଦେଉ ନାହାନ୍ତି। ଆସନ୍ତା ୫ବର୍ଷରେ କ'ଣ ଯୋଜନା କରିବେ ତାହାର ହିସାବ ମଧ୍ୟ ଦେଉନାହାନ୍ତି । କେବଳ ବିରାଡି ବୈଷ୍ଣବଙ୍କ ଭଳି ଚୁପ୍ ରହିଯାଉଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଅଭିଯୋଗ କରୁଛନ୍ତି। ସୂଚନାଯୋଗ୍ୟ ଯେ, ଧର୍ମେନ୍ଦ୍ର ପ୍ରତ୍ୟେକ ଦିନ ସାମାଜିକ ଗଣମାଧ୍ୟମ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରୁଛନ୍ତି। ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରି ତାହା ଲୋକମାନଙ୍କୁ ଜଣାଇବାର ପ୍ରୟାସ କରୁଛନ୍ତି। ସମାନଭାବେ ସୋମବାର ଏକ ଭିଡିଓ ମାଧ୍ୟମରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଭାଜପା ପକ୍ଷରୁ ଓଡିଶାବାସୀଙ୍କୁ ଡବଲ ଇଞ୍ଜିନର ସରକାର ପାଇଁ ନିବେଦନ କରାଯାଇଛି । କେନ୍ଦ୍ର ସରକାରଙ୍କ ବିକାଶର କଳ୍ପନା ତଥା ରାସ୍ତା, ରେଳ, ଜଳସେଚନ, ଗରିବ କଲ୍ୟାଣ କାର୍ଯ୍ୟକ୍ରମ, ଯୁବକ ଓ ଶିକ୍ଷା ପାଇଁ ବିଭିନ୍ନ ଯୋଜନାକୁ ଉଲ୍ଲେଖ କରାଯାଇଛି । ରାଜ୍ୟ ଓ କେନ୍ଦ୍ରରେ ଭାଜପା ସରକାର ହେଲେ ଓଡିଆ ଲୋକଙ୍କ ପାଇଁ କେଉଁ ଯୋଜନା ଓ ଅନ୍ୟାନ୍ୟ ବିକାଶମୂଳକ କାମ କରାଯିବ ସେଥିପାଇଁ ଭାଜପାର ୯ଟି ସଂକଳ୍ପ ଉଲ୍ଲେଖ କରାଯାଇଛି । ହେଲେ ଶାସକ ଦଳ ସଭାପତି ୧୯ବର୍ଷରେ ରାଜ୍ୟରେ କ'ଣ କଲେ ତାହାର ହିସାବ ଦେଉନାହାନ୍ତି ବୋଲି ଧର୍ମେନ୍ଦ୍ର କହିଛନ୍ତି । କାଳିଆ ଯୋଜନାର ତାଲିକା ଓ ବଜେଟ୍ ତାଲିକା କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ମହିଳା ସ୍ୱୟଂ ସହାୟକ ସଙ୍ଗଠନଗୁଡିକୁ ଡାକି ବିଜେଡିକୁ ଭୋଟ ନ ଦେଲେ ସେମାନଙ୍କ ସୁବିଧା କାଟି ଦିଆଯିବ ବୋଲି ଶାସକ ଦଳ ପକ୍ଷରୁ ଡରାଯାଉଛି । ମୁଖ୍ୟମନ୍ତ୍ରୀ ଏ ପ୍ରକାର ଡର ତିଆରି ନ କରି ଯଦି କାମ କରିଛନ୍ତି ସେଥିପାଇଁ ଭୋଟ ମାଗନ୍ତୁ ବୋଲି ଧର୍ମେନ୍ଦ୍ର କହିଛନ୍ତି। ପିପିଲିରେ ଶାସକ ଦଳର ପ୍ରଭାବଶାଳୀ ନେତା ପ୍ରଦୀପ ମହାରଥୀଙ୍କ ଫାର୍ମ ହାଉସକୁ ନିର୍ବାଚନ ଅଧିକାରୀ ଟଙ୍କା ବାଣ୍ଟିବାର ଅଭିଯୋଗ ପାଇବାପରେ ସେଠାକୁ ଯାଇଥିଲେ। ମାତ୍ର ସେମାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ଏହା ମୁଖ୍ୟମନ୍ତ୍ରୀଙ୍କ କାମର ନମୂନା ବୋଲି ଧର୍ମେନ୍ଦ୍ର କହିଛନ୍ତି।

### ଫ୍ଲାଇଂ ସ୍କ୍ୱାଡ୍ ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ପ୍ରସଙ୍ଗ

# ଭାବମୂର୍ତ୍ତି କଥା କହୁଥିବା ନବୀନବାବୁ ମହାରଥୀଙ୍କୁ ଟିକେଟ ଦେଲେ କେମିତି: ଭାଜପା

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ମାଜିଷ୍ଟ୍ରେଟ ରବିନାରାୟଣ ପାତ୍ରଙ୍କ ନେତୃତ୍ୱରେ ନିର୍ବାଚନ ତଦାରଖ କରୁଥିବା ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌ର ଏକ ଟିମ୍ ପୂର୍ବତନ ମନ୍ତ୍ରୀ ତଥା ବିଜେଡିର ପିପିଲି ବିଧାୟକ ପାର୍ଥୀ ପ୍ରଦୀପ ମହାରଥୀଙ୍କ ଫାର୍ମହାଉସରେ ଟଙ୍କା ଏବଂ ମଦ ବଣ୍ଟାଯାଉଥିବା ନେଇ ସୂଚନା ପାଇବା ପରେ ରବିବାର ରାତିରେ ଚଢାଉ କରିବାକୁ ଯାଇଥିଲା । ଖୋଦ୍ ମହାରଥୀ ଓ ତାଙ୍କର ଗୁଣ୍ଡା ସହଯୋଗୀମାନେ ଉକ୍ତ ଟିମ୍ ଉପରେ ଆକ୍ରମଣ କରିଛନ୍ତି। ଏହି ଘଟଣା ଘଟିବା ପରେ ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ନେଇ ସନ୍ଦେହ ସୃଷ୍ଟିହୋଇଛି । ରାଜଧାନୀର ମାତ୍ର ୨୫ କିମି ଦୂରରେ ଶାସକ ଦଳର ବେନିୟମ କାରବାର ଧରୁଥିବା ସରକାରୀ ଅଧିକାରୀଙ୍କର ଯଦି ଏ ଅବସ୍ଥା ତା'ହେଲେ ରାଜ୍ୟର ଅନ୍ୟ ନିର୍ବାଚନମଣ୍ଡଳୀର ଅବସ୍ଥା କ'ଣ ହୋଇଥିବ ତାହା ସହଜରେ ଅନୁମାନ କରାଯାଇ ପାରେ। ରାଜ୍ୟରେ କେମିତି ଲୋକମାନେ ଅବାଧ ଓ ଭୟ ମୁକ୍ତ ପରିବେଶରେ ମତଦାନ କରିବେ ତାହା ଅତ୍ୟନ୍ତ ଚିନ୍ତାଜନକ ବୋଲି ରାଜ୍ୟ ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି । ମହାନ୍ତି କହିଛନ୍ତି ଯେ, ବିଜେଡି ସଭାପତି ନବୀନବାବୁ ସବୁବେଳେ ସ୍ୱଚ୍ଛ ଭାବମୂର୍ତ୍ତି କଥା କହୁଥିବା ବେଳେ ମହାରଥୀଙ୍କ ଭଳି ଜଣେ ଆପରାଧିକ ମାନସିକତା ରାଜନେତାଙ୍କୁ ଟିକେଟ ଦେଲେ କେମିତି ? ବିଜେଡି ଅନେକ ଚିଟ୍‌ଫଣ୍ଡ ଲୁଟେରା, ମହିଳାମାନଙ୍କୁ ଅସଦାଚରଣ କରିଥିବା ଲୋକଙ୍କୁ ଟିକେଟ ଦେଇଛି । ମୁଖ୍ୟମନ୍ତ୍ରୀଙ୍କର ସ୍ୱଚ୍ଛ ଭାବମୂର୍ତ୍ତି ଏବେ ଧରା ପଡିଯାଇଛି । ପିପିଲି ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଫାର୍ମହାଉସରେ ଟଙ୍କା ଓ ମଦ ପୁରୀ ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ବିଧାନସଭା କ୍ଷେତ୍ରରେ ବଣ୍ଟାଯିବା ପାଇଁ ରଖାଯାଇଥିଲା । ହେଲେ ଏବେ ସୁଦ୍ଧା ସେ ଟଙ୍କା ଏବଂ ମଦ ଜବତ କରାଯାଇ ପାରିଲା ନାହିଁ । ଏ ନେଇ ଭାଜପାର ଏକ ଟିମ୍ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଭେଟି ଉକ୍ତ ଟଙ୍କା ଓ ଅବକାରୀ ସାମଗ୍ରୀ ଜବତ କରିବା ପାଇଁ ପଦକ୍ଷେପ ନେବା ସହ ପୂରା ପିପିଲି ନିର୍ବାଚନ ମଣ୍ଡଳୀରେ ସାରା ରାତି ପୋଲିସ ପ୍ରଶାସନ ଫ୍ଲାଗ ମାର୍ଚ୍ଚ କରନ୍ତୁ ବୋଲି ଦାବି କରିଛି।

# ବାଙ୍କୀ ବିଜେଡି ପ୍ରାର୍ଥୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

ଭୁବନେଶ୍ୱର,୨୨।୪(ବ୍ୟୁରୋ)

ଆଦର୍ଶ ନିର୍ବାଚନ ଆଚରଣ ବିଧିନିୟମ ଅନୁସାରେ ମତଦାନର ଦୁଇ ଦିନ ପୂର୍ବ ସନ୍ଧ୍ୟା ପରଠାରୁ କୌଣସିପ୍ରାର୍ଥୀ ନିର୍ବାଚନୀ ପ୍ରଚାର ପ୍ରସାର କରିପାରିବେ ନାହିଁ । କିନ୍ତୁ ବାଙ୍କୀନିର୍ବାଚନୀ ମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଦେବୀରଞ୍ଜନ ତ୍ରିପାଠୀ ସାମାଜିକ ଗଣମାଧ୍ୟମରେ ନିଜର ନିର୍ବଚନୀ ପ୍ରଚାର କରି ଏହାକୁ ଖୋଲାଖୋଲି ଉଲ୍ଲଘଂନ କରିଛନ୍ତି। ଭୋଟ ହାତେଇବା ପାଇଁ ତ୍ରିପାଠୀ ନିଜର ଫେସବୁକ୍ ପେଜ୍‌ର ସାହାରା ନେଇ ସ୍ଥାନୀୟ ଭୋଟରମାନଙ୍କୁ ପ୍ରଭାବିତ କରୁଛନ୍ତି ବୋଲି ବାଙ୍କୀ ବିଧାନସଭା ମଣ୍ଡଳୀ ଭାଜପା ପ୍ରାର୍ଥୀ ସୁଭ୍ରାଂଶୁ ମୋହନ ପାଢୀ ଅଭିଯୋଗ କରିଛନ୍ତି। ଏଥିସହ ସେ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧକାରୀଙ୍କୁ ସାକ୍ଷାତ କରି ଏକ ଦାବି ପତ୍ରପ୍ରଦାନ କରିଛନ୍ତି। ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବା ପାଇଁ ଏହି ଘଟଣାର ତୁରନ୍ତ ତଦନ୍ତ କରାଯାଇ ତ୍ରିପାଠୀଙ୍କ ବିରୋଧରେ ଦୃଢ କାର୍ଯ୍ୟନୁଷ୍ଠାନ କରିବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପାଖରେ ଭାଜପା ଦାବି କରିଛି।

## ଦୁଃଖ ପ୍ରକାଶ...

କିଣିବା ଲାଗି ୨୦୧୫ରେ ଭାରତ ଓ ଫ୍ରାନ୍ସ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ଚଳିତ ବର୍ଷ ସେପ୍ଟେମ୍ବରରେ ଏହି ବିମାନ ମିଳିବା ଆଶା କରାଯାଉଛି। ତେବେ ସରକାର ଅତ୍ୟଧିକ ଦାମ୍‌ରେ ଏହି ଡିଲ୍ କରିଥିବା ଏବଂ ରାଷ୍ଟ୍ରାୟତ୍ତ କମ୍ପାନୀକୁ ବାଦ୍ ଦେଇ ଅନିଲ ଅମ୍ବାନୀଙ୍କ କମ୍ପାନୀକୁ ଏହାର ସହଯୋଗୀ ରଖାଯିବାକୁ କଂଗ୍ରେସ ବିରୋଧ କରିଆସୁଛି। ଗତ ଡିସେମ୍ବରରେ ସୁପ୍ରିମକୋର୍ଟ ଏହା ଉପରେ ରାୟ ଦେଇ ରାଫାଲ ଡିଲ୍‌ରେ ଅନିୟମିତତା ହୋଇଥିବାର କୌଣସି ପ୍ରମାଣ ନାହିଁ ବୋଲି କହିଥିଲେ।

ରାହୁଲ ଭୁଲ୍ ସ୍ୱୀକାର କରିବା ପରେ ସେ ଜଣେ ମିଛୁଆ ବୋଲି ପ୍ରମାଣିତ ହୋଇଥିବା ଭାଜପା କହିବା ସହ ଏଭଳି ମନ୍ତବ୍ୟ ପାଇଁ କଂଗ୍ରେସ ଅଧ୍ୟକ୍ଷ କ୍ଷମା ମାଗନ୍ତୁ ବୋଲି ଦାବି କରିଛି। ଅନ୍ୟ ପକ୍ଷରେ ରାହୁଲ ଦୁଃଖପ୍ରକାଶ କରିସାରିବା ପରେ ତାଙ୍କୁ ସମାଲୋଚନା କରିବା ନିନ୍ଦନୀୟ ବୋଲି କଂଗ୍ରେସ କହିଛି।

## ୪୧୭ ପ୍ରାର୍ଥୀଙ୍କ...

ପ୍ରସାଦ ହରିଚନ୍ଦନ, ନବୀନ ନନ୍ଦ, ଦେବାଶିଷ ପଟ୍ଟନାୟକଙ୍କ ଭାଗ୍ୟ ପରୀକ୍ଷା ହେବ। ଭାଜପାରୁ ପୂର୍ବତନ ମନ୍ତ୍ରୀ ଜୟ ନାରାୟଣ ମିଶ୍ର, ସମୀର ଦେ, ନୟନ କିଶୋର ମହାନ୍ତି, ସୁରମା ପାଢୀ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଭାଗ୍ୟ ପରୀକ୍ଷା ହେବ। ପ୍ରଥମ ଥର ଲାଗି ବିଧାୟକ ପ୍ରାର୍ଥୀ ହୋଇଥିବା ଭୁବନେଶ୍ୱର ମେୟର ଅନନ୍ତ ନାରାୟଣ ଜେନା, ବାଙ୍କୀରୁ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ଦେବୀ ରଞ୍ଜନ ତ୍ରିପାଠୀ, ପ୍ରଭାତ ବିଶ୍ୱାଳଙ୍କ ପୁଅ ସୌଭିକ ବିଶ୍ୱାଳ, କଂଗ୍ରେସ ପ୍ରାର୍ଥୀ ଇତିଶ୍ ପ୍ରଧାନ ପ୍ରମୁଖଙ୍କର ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବେ ଭୋଟର। ତୃତୀୟ ପର୍ଯ୍ୟାୟରେ ୪୨ ବିଧାନସଭା ପାଇଁ ୩୫୬ ଏବଂ ୬ଟି ଲୋକ ସଭା ଆସନ ପାଇଁ ୬୧ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ବିଧାନସଭାର ୩୫୬ ଜଣଙ୍କ ମଧ୍ୟରୁ ୩୧୮ ପୁରୁଷ ଥିବା ବେଳେ ୩୭ ଜଣ ମହିଳା ଓ ଜଣେ କିନ୍ନର ଅଛନ୍ତି।

ଏହି ପର୍ଯ୍ୟାୟ ନିର୍ବାଚନ ସକାଶେ ରବିବାର ଅପରାହ୍ନରୁ ପ୍ରଚାର ଶେଷ ହୋଇଛି। ମତଦାତାଙ୍କୁ କୌଣସି ଉପାୟରେ ପ୍ରଲୋଭିତ କରିବା ପାଇଁ ଏବେ ବିଭିନ୍ନ ଦଳ ରଣନୀତି ଚଳାଇଛନ୍ତି। ନିର୍ବାଚନ ସକାଶେ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ମାଓବାଦୀପ୍ରବଣ ଜିଲା ଏବଂ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ଅଧିକ ସତର୍କତା ଅବଲମ୍ବନ କରାଯାଇଛି। ସେହିସବୁ ବୁଥ୍‌ଗୁଡିକରେ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀମାନେ ନିଜର ବୁଥ୍‌ଗୁଡିକରେ ପହଞ୍ଚି ପ୍ରସ୍ତୁତି ଚଳାଇଛନ୍ତି। ସକାଳ ୭ଟାରୁ ସନ୍ଧ୍ୟା ୬ଟା ଯାଏ ମତଗ୍ରହଣ କରାଯିବ। ଭାରତର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁମତେ ମତଦାନର ଦେଢଘଣ୍ଟା ପୂର୍ବରୁ ମକ୍‌ପୋଲ(ଛାୟା ମତଦାନ) ଅନୁଷ୍ଠିତ ହେବ। ଏଥିପ୍ରତି ଧ୍ୟାନ ଦେବାକୁ ସମସ୍ତ ନିର୍ବାଚନ ଅଧିକାରୀଙ୍କୁ ସୋମବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ସୁରେନ୍ଦ୍ର କୁମାର ନିର୍ଦ୍ଦେଶ ଦେଇଛନ୍ତି।

ଏହି ପର୍ଯ୍ୟାୟରେ ୯୨ ଲକ୍ଷ ୫୬ ହଜାର ୯୨୨ ଭୋଟର ନିଜର ମତଦାନ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରେ ୪୭ ଲକ୍ଷ ୯୯ ହଜାର ୩୦ ପୁରୁଷ ମତଦାତା ଥିବା ବେଳେ ୪୪ ଲକ୍ଷ ୫୬ ହଜାର ୭୨୯ ମହିଳା ଏବଂ ୧୧୬୩ ଜଣ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ଚଳିତ ନିର୍ବାଚନରେ ୧୮ରୁ ୨୧ ବର୍ଷର ୨ ଲକ୍ଷ ୧୬ ହଜାର ୬୪୭ ଜଣ ମତଦାତା ପ୍ରଥମ ଥର ପାଇଁ ମତଦାନ ସାବ୍ୟସ୍ତ କରିବେ। ସେହିପରି ୧୮ରୁ ୨୨ ବର୍ଷର ୭ ଲକ୍ଷ ୧୧ ହଜାର ୨୭୮ ଜଣ ମତଦାନ କରିବେ।

ଏହିପର୍ଯ୍ୟାୟ ମତଦାନ ପରିଚାଳନା ପାଇଁ ୬୮ ହଜାର ୪୨୨ଜଣ(୬୩,୫୭୦ପୁରୁଷ ଓ ୪୮୫୨ ମହିଳା) ପୋଲିଂ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ତୃତୀୟ ପର୍ଯ୍ୟାୟ ମତଦାନ ସକାଶେ ୧୦,୪୬୪ ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ସେଥି ମଧ୍ୟରୁ ୩୧୮୬ଟି ସମ୍ବେଦନଶୀଳ ବୁଥ୍ ରହିଥିବା ବେଳେ ୩୮ଟି ମହିଳା ବୁଥ୍ ଖୋଲାଯାଇଛି। କେବଳ ମହିଳା କର୍ମଚାରୀମାନେ ମହିଳା ବୁଥ୍‌କୁ ପରିଚାଳନା କରିବେ। ଭୋଟ ସାମଗ୍ରୀ ନେବା ପାଇଁ ୬୭୫୯ ଯାନବାହନ ନିୟୋଜିତ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସୂଚନା ଦେଇଛନ୍ତି। ଚଳିତ ନିର୍ବାଚନରେ ୧ ଲକ୍ଷ ୫୮ ହଜାର ୪୯୫ ଜଣ ଦିବ୍ୟାଙ୍ଗ ମତଦାନ କରିବେ। ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି। ସେମାନେ କିଭଳି ସୁରୁଖୁରୁରେ ମତଦାନ କରିପାରିବେ ସେ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେମାନଙ୍କୁ ମତଦାନରେ ସହାୟତା କରିବା ପାଇଁ ୨୦ ହଜାର ୭୭୮ଜଣଙ୍କ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ୯୫୭୬ ବୁଥ୍‌ରେ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ହୁଇଲ ଚେୟାର ବ୍ୟବସ୍ଥା କରାଯାଇଛି। ୭୮୧୦ ପୋଲିଂ ଷ୍ଟେଶନକୁ ବ୍ରେଲି ଡମି ବାଲଟ ପେପର ପଠାଯାଇଛି। ଦିବ୍ୟାଙ୍ଗ ଭୋଟରମାନଙ୍କୁ ନେବା ଆଣିବା ସକାଶେ ୬୧୯୦ ଗାଡିର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ପାଇଁ ୧୦୪୬୨ଟି ର୍‍ୟାମ୍ପ ବ୍ୟବସ୍ଥା କରାଯାଇଛି। ସମସ୍ତ ବୁଥ୍‌ରେ ପିଇବା ପାଣିର ବ୍ୟବସ୍ଥା ହୋଇଛି। ୯୧୩ଟି ବୁଥ୍‌ରେ ୱେବ୍‌କାଷ୍ଟିଂ କରାଯିବା ବେଳେ ୫୯୬ ବୁଥ୍‌ରେ ସିଆରପିଏଫ ମୁତୟନ କରାଯାଇଛି। ୭୭୯ଟି ବୁଥ୍‌ରେ ସିସିଟିଭି କ୍ୟାମେରା ବ୍ୟବସ୍ଥା ହୋଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି।

## ଝାରପଡ଼ା...

ଡ୍ରାଇଭର ଦୀପକ ଆହତ ହୋଇଛନ୍ତି। ଆହତଙ୍କୁ ପ୍ରଥମେ ପିପିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ମାଜିଷ୍ଟ୍ରେଟ ରବିନାରାୟଣଙ୍କ ଅଣ୍ଟାରେ ଜୋର୍ ଆଘାତ ଲାଗିଥିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ

**ପ୍ରଥମ ପୃଷ୍ଠାରୁ...**

ସ୍ଥାନାନ୍ତର କରାଯାଇଛି । ଖବର ପାଇ ପୁରୀ ଏସ୍‌ପି ଉମାଶଙ୍କର ଦାଶ ଏବଂ ଜିଲାପାଳ ଜ୍ୟୋତିପ୍ରକାଶ ଦାଶ ପିପିଲି ଥାନାରେ ପହଞ୍ଚିଥିଲେ। ଏସ୍‌ପି ନିଜେ ଘଟଣାର ତଦନ୍ତ ଦାୟିତ୍ୱ ନେବା ସହ ପିପିଲି ଥାନା ଅଧିକାରୀଙ୍କୁ କ୍ୟାପିଟାଲ ହସ୍ପିଟାଲ ପଠାଇ ଆହତ ମାଜିଷ୍ଟ୍ରେଟଙ୍କ ବୟାନ ରେକର୍ଡ କରିଥିଲେ। ଏ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି କହିଛନ୍ତି ଯେ, ଯଥେଷ୍ଟ ପ୍ରମାଣ ମିଳିବା ପରେ ପ୍ରଦୀପ ମହାରଥୀଙ୍କୁ ଗିରଫ କରାଯାଇଛି। ଫ୍ଲାଇଂ ସ୍କ୍ୱାଡ୍‌ର ଅଭିଯୋଗ ଆଧାରରେ ଏକ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଆହୁରି ୧୦ରୁ ୧୫ଜଣଙ୍କ ସମ୍ପୃକ୍ତି ରହିଛି। ସେମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ। ଅନ୍ୟପକ୍ଷେ ଉକ୍ତ ଘଟଣାକୁ ନେଇ ପିପିଲିରେ ଉତ୍ତେଜନା ପ୍ରକାଶ ପାଇଛି। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଆଶଙ୍କା କରି ସଶସ୍ତ୍ର ପୋଲିସ ମୁତୟନ କରାଯାଇଛି। ବିଭିନ୍ନ ଛକ ଜାଗାରେ ଫ୍ଲାଗମାର୍ଚ୍ଚ କରାଯାଉଛି। ପିପିଲିରେ ସମସ୍ତ ଦୋକାନ ବଜାର ବନ୍ଦ ରହିଛି। ନିର୍ବାଚନକୁ ଅବାଧ, ନିରପେକ୍ଷ ଏବଂ ସ୍ୱଚ୍ଛ କରିବା ଲାଗି ନିୟୋଜିତ ଅଧିକାରୀଙ୍କୁ ମାଡ଼ ମରାଯିବା ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି।

ଅନ୍ୟପକ୍ଷରେ ସୋସିଆଲ ମିଡିଆରେ ମହାରଥୀ ଏକ ଭିଡିଓ ପୋଷ୍ଟ କରି ସମସ୍ତ ଅଭିଯୋଗକୁ ଖଣ୍ଡନ କରିବା ସହ ନିଜକୁ ନିର୍ଦ୍ଦୋଷ ବୋଲି କହିଛନ୍ତି।

## ଧର୍ମେନ୍ଦ୍ରଙ୍କ....

ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ପ୍ରଦୀପ ମହାରଥୀ ଆକ୍ରମଣ କରିଥିବା ଅଭିଯୋଗ ପରେ ସୋମବାର ମହାରଥୀଙ୍କୁ ଗିରଫ କରାଯାଇଛି। ମହାରଥୀ ଗିରଫ ହେବା ପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ ବୋଲି ବିଜେଡିର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହୋଇଛି। ଏପ୍ରିଲ ୧୨ ତାରିଖରେ ବୁର୍ଲା ଏୟାରଷ୍ଟ୍ରିପ୍‌ରେ ନିର୍ବାଚନ କମିଶନଙ୍କ ଫ୍ଲାଇଙ୍ଗ୍ ସ୍କ୍ୱାଡ ନିଜର କର୍ତ୍ତବ୍ୟ ସମ୍ପାଦନ କରିବା ବେଳେ ଧର୍ମେନ୍ଦ୍ର ସେମାନଙ୍କୁ ଧମକ ଦେବା ସହ ଗାଳିଗୁଲଜ କରିଥିଲେ। ମାତ୍ର ପରିତାପର ବିଷୟ ଯେ ଫ୍ଲାଇଙ୍ଗ୍ ସ୍କ୍ୱାଡଙ୍କୁ ପ୍ରତିରୋଧ କରିବାରୁ ଜଣେ ମନ୍ତ୍ରୀଙ୍କୁ ଗିରଫ କରାଯାଇଥିବା ବେଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଖୋଲାଖୋଲି ବୁଲୁଛନ୍ତି। ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଏହା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ତୁରନ୍ତ ଧର୍ମେନ୍ଦ୍ରଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବିଜେଡିର ପ୍ରତିନିଧି ଦଳ ସିଇଓଙ୍କ ନିକଟରେ ଦାବି କରିଛନ୍ତି। ନଚେତ୍ ସିଇଓଙ୍କ ନିରପେକ୍ଷତାକୁ ନେଇ ରାଜ୍ୟବାସୀ ପ୍ରଶ୍ନ ଉଠାଇବେ ବୋଲି ବିଜେଡି ଅଭିଯୋଗ କରିଛି। ଏହି ପ୍ରତିନିଧି ଦଳରେ ବିଜେଡି ମୁଖପାତ୍ର ସୁଲତା ଦେଓ, ସସ୍ମିତ ପାତ୍ର ଏବଂ ଲେଲିନ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନ ଦଉଲତ ନାହିଁ ବିଚାର**
**ଜାତି କଥାଟା ଆଗେ ପଚାର ।**

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସମାନ। କିନ୍ତୁ କିଛି ବ୍ୟକ୍ତି ଅଛନ୍ତି ଯେଉଁମାନେ ଜାତିକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏହା ସେମାନଙ୍କ ପାଇଁ ଏକ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ସେମାନେ ଜାତି ଜାତି ମଧ୍ୟରେ ଉଚ୍ଚ ନୀଚର ଭେଦଭାବ ସୃଷ୍ଟି କରିଥାନ୍ତି। ଧନ, ଦଉଲତ ଅପେକ୍ଷା ତାଙ୍କ ଆଖିରେ ଜାତିପ୍ରଥା ଅଧିକ ମହତ୍ତ୍ୱ ରଖୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଧାନ ପାଣିକେ,**
**ସୁନା କାଣିକେ ।**

ଧାନ ଗଛ ପାଇଁ ପାଣିର ଆବଶ୍ୟକତା ପଡ଼ିଥାଏ। ପାଣି ଯେତେ ଅଧିକ ହୋଇଥାଏ ଧାନଗଛ ସେତେ ଭଲ ବଢ଼ିଥାଏ ଓ ଅମଳ ମଧ୍ୟ ସେହି ଅନୁସାରେ ମିଳିଥାଏ। ସେହିପରି ସୁନା ଏକ ମୂଲ୍ୟବାନ ଧାତୁ ଭାବେ ବିବେଚିତ ହୋଇଥାଏ। ସୁନା ଅଳ୍ପ ହେଲେ ମଧ୍ୟ ଏହାର ମୂଲ୍ୟ କିନ୍ତୁ ବହୁ ଅଧିକ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ
-ଫ୍ରେଣ୍ଡସ ପବ୍ଲିଶର୍ସ

# କାଳବୈଶାଖୀରେ ୧୭ ପରିବାର କ୍ଷତିଗ୍ରସ୍ତ

ପଡିଆ,୨୨।୪(ଡି.ଏନ.ଏ.):ରବିବାର ରାତିରେ କାଳବୈଶାଖୀ ପ୍ରଭାବରେ ମାଲକାନଗିରି ଜିଲା ପଡିଆ ବ୍ଲକର ବିଭିନ୍ନ ଅଞ୍ଚଳରେ ଅନେକ ଅଞ୍ଚଳରେ ଘର ଭାଙ୍ଗିଛି। କେତେକ ଘର ଉପରେ ଗଛ ଭାଙ୍ଗିପଡିଛି। ତେବେ ଏପରି ଅଘଟଣରୁ ଏକ ଦମ୍ପତି ଅଳ୍ପକେ ବର୍ତ୍ତିଯାଇଛନ୍ତି। ପଡିଆ ବ୍ଲକ ଏମ.ପି.ଭି-୬୬ ଗ୍ରାମରେ କାଳବୈଶାଖୀ ବେଳେ ଖୁବ୍ ଜୋରରେ ପବନ ବୋହିଥିଲା। କୂଆ ପଥର ବର୍ଷା ମଧ୍ୟ ହୋଇଥିଲା । ଏଥିରେ ଏମ.ପି.ଭି - ୬୬ ଗ୍ରାମର ୧୭ଟି ପରିବାର ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**ସ୍ୱର୍ଗତ କ୍ଷିତିଶ କୁମାର ନାୟକ**
ଭୁବନେଶ୍ୱର
ଆବିର୍ଭାବ: ୧୨।୦୯।୧୯୩୮
ତିରୋଧାନ: ୦୪।୦୪।୨୦୧୮
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆନ୍ତରିକତା, ଭଗବତ ପ୍ରେମ, ପରୋପକାରିତା, ଆଦର୍ଶ, ସ୍ୱାଭିମାନ, ସରଳ ଓ ନିଷ୍କପଟ ଜୀବନଶୈଳୀ, ହସ ହସ ମୁଖମଣ୍ଡଳ ଆମ ପାଇଁ ସର୍ବଦା ଉତ୍ସ ହୋଇରହିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ନିବେଦନ।
ଶ୍ରଦ୍ଧାଞ୍ଜଳି ସହ
ପରିବାରବର୍ଗ, ବନ୍ଧୁ ଓ ପରିଜନ
ଧ-୧୨୨୬୫

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ଶିରିଷ ଚନ୍ଦ୍ର ପଟ୍ଟନାୟକ**
ପୁରୁଣା ହାଟସାହି, ବାରିପଦା, ମୟୂରଭଞ୍ଜ
ଆବିର୍ଭାବ: ୫।୧୦।୧୯୩୭
ତିରୋଧାନ: ୧୩।୪।୨୦୧୯
ବାପା ତୁମେ ଆମ୍ଭମାନଙ୍କୁ ହଠାତ ଛାଡି ଚାଲିଗଲ। ମନେ ପଡେ ତୁମ ହସ ହସ ମୁହଁ। ମନେ ପଡେ ତୁମ ଭଲ ପାଇବା, ଗାଳି ଦେବା, ଆକଟ କରିବା। ତୁମ ଦ୍ୱାରା ଦର୍ଶିତ ମାର୍ଗରେ ଚାଲିବାକୁ ସଂକଳ୍ପ ନେଉଛୁ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ମା' ଅମ୍ବିକାଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସୁଦିପ୍ତରଂଜନ, ସତ୍ୟରଂଜନ, ସୌମ୍ୟରଂଜନ ଏବଂ ପଟ୍ଟନାୟକ ପରିବାର ଓ ବନ୍ଧୁବର୍ଗ।
ଧ-୧୨୨୮୪

# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

GOLD CASH — AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

SMS JOBS DHAMAKA (PART/FULL TIME)
GOLD MEDALIST COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା PART / FULL TIME କରି ମାସକୁ ୧୫୦୦୦/- ରୁ ୪୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ
FREE କମ୍ପାନୀ ଦ୍ୱାରା Mobile + Laptop + Bike + 20000/- ର ଉପହାର
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
Ph- 7739216167 9973805993

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Mysore, Karnataka 570001
Call or SMS Now 7895985440

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
25 ବର୍ଷ ଧରି ଆପଣଙ୍କ ସେବାରେ
CAPITAL FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ମାର୍କେଶିଟ୍, ପ୍ରପର୍ଟି ଆଧାରକାର୍ଡ, ପର୍ସନାଲ
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% - ରିହାତି 40%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
କାମ ଆମର - ବିଶ୍ୱାସ ଆପଣଙ୍କର
ମହିଳା, ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
9499437218
House No.2, Ram Nagar, Narnol, Haryana

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କେଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
9899436770
8929606415
SCO- 106, Second Floor, Vishal Tower, Cannaught Place, Delhi.

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

COLOR DISPLAY CLASSIFIED
on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST: 5% will be added extra

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଇ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବ। ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

FINANCE
ସୁହାନା ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୪୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD
(Registration Number - U6519TN198PLC008555)
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗୃହ , ଇଟାଭାଟି ଏବଂ ସମସ୍ତ ଋଣ ୩-୪ ଦିନରେ ପାଆନ୍ତୁ ୨% ସୁଧ, ୪୦% ରିହାତି। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
ପୂର୍ଣ୍ଣ ବିଶ୍ୱାସ ସହିତ କାମ କରାନ୍ତୁ।
7310644620
7310644390
PETUMALI, JHARMUNDA, PETUPALI, BARGARH, ODISHA- 768034

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add. : T-51, Gali No. 8, Gautampuri, Delhi


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜିଲାରେ ବଢୁଛି ଦାଦନ ସମସ୍ୟା

## ସମାଧାନ ଆହ୍ୱାନ ଦେଲେ ବୁଦ୍ଧିଜୀବୀ

■ ସମସ୍ୟାର ସମାଧାନ ସମ୍ପର୍କରେ ନିର୍ବାଚନୀ ଇସ୍ତାହାରରେ ପ୍ରକାଶ କରିବାକୁ ଦାବି

କେନ୍ଦ୍ରାପଡା ଅଫିସ, ୨୨।୪

କେନ୍ଦ୍ରାପଡ଼ା ଜିଲାରେ ସାଧାରଣ ନିର୍ବାଚନକୁ ଦିନ କେଇଟା ବାକି ଅଛି। ପ୍ରାର୍ଥୀମାନେ ନିଜ ସପକ୍ଷରେ ମତଦାନ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇଥିବା ବେଳେ ବହୁ ବୁଦ୍ଧିଜୀବୀ ଜିଲାର ଦାଦନ ସମସ୍ୟାର ସମାଧାନ ପାଇଁ ରାଜନେତାଙ୍କୁ ଆହ୍ୱାନ ଦେଇଛନ୍ତି। ଦାଦନ ସମସ୍ୟା ସମାଧାନ ପାଇଁ ରାଜନେତାଙ୍କ ଯୋଜନା କ'ଣ ଅଛି, ସେ ନେଇ ଇସ୍ତାହାରରେ ପ୍ରକାଶ କରିବାକୁ ଦାବି ହୋଇଛି।

ଏ ସମ୍ପର୍କରେ କେନ୍ଦ୍ରାପଡ଼ା ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଜିଲାର ବହୁ ରାଜନେତା ରାଜ୍ୟ ଓ ଜାତୀୟସ୍ତରରେ ନିଜର କର୍ମଦକ୍ଷତା ଓ ଉଚ୍ଚ ଚିନ୍ତାଧାରା ଯୋଗୁ ପ୍ରସଂଶିତ ହୋଇଛନ୍ତି। ଏହାସତ୍ତ୍ୱେ ଜିଲା ସବୁବେଳେ ଅବହେଳିତ ହୋଇ ରହିଥିବା ବେଳେ ଦାଦନ ଶ୍ରମିକଙ୍କ ସମସ୍ୟା ବଢ଼ିଚାଲିଛି। ଏହାର ନିରାକରଣ ପାଇଁ କୌଣସି ରାଜନେତା କେବେ ହେଲେ ସ୍ୱର ଉଠାଉ ନାହାନ୍ତି। ସେହିପରି ଜିଲା ବିକାଶ ସାମ୍ମୁଖ୍ୟ ଶିକ୍ଷାବିତ୍ ଅଜୟ କୁମାର ସାମଲ କୁହନ୍ତି ଯେ, ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ ରାଜ୍ୟସ୍ତରରେ କେନ୍ଦ୍ରାପଡା ଜିଲା ୨୬ ନଂ.ରେ ଅଛି। ଏଠାରେ ବେରୋଜଗାରୀ ମୁଖ୍ୟ ସମସ୍ୟା। ପଟ୍ଟାମୁଣ୍ଡାଇ ଥାନା ଖରିଅଣ୍ଟା ଗ୍ରାମର କୈଳାସ ମଲ୍ଲିକଙ୍କ ପୁଅ ଦଶରଥ (୨୬) ରୋଜଗାର ଆଶାରେ ହାଇଦ୍ରାବଦ ଯାଇଥିଲେ। ଗତ କିଛିଦିନ ହେବ ସେ ଘରକୁ ଫେରିଛନ୍ତି। ରୋଜଗାର କରି ଟଙ୍କା ଆଣିବା ବଦଳରେ ଠିକାଦାର ଓ ମାଲିକଙ୍କ ମାଡରେ ତାଙ୍କର ପିଠି ହାଡ ଭାଙ୍ଗିଛି। ଏହି ଥାନା ଅଧୀନ ନୀଳକଣ୍ଠପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ସନ୍ତୋଷ (୨୨) ୨୦୧୫ ମେ ୧୧ ତାରିଖରେ ବିଶାଖାପାଟଣା କାମ ଅନ୍ୱେଷଣରେ ଜଣେ ଠିକାଦାରଙ୍କ ସହ ଯାଇଥିଲେ। ମାତ୍ର ଏ ଯାଏଁ ତାଙ୍କର ପତ୍ତା ମିଳୁନାହିଁ। ୨୦୧୭ ନଭେମ୍ବର ୧୨ ତାରିଖରେ ଡାଙ୍ଗମାଳର ୨ ନାବାଳିକାଙ୍କ ସହ ୧୩ ଯୁବତୀ ଓ ମହିଳା କେରଳ ରାଜ୍ୟକୁ ଚିଙ୍ଗୁଡି ଘେରିରେ କାମ ପାଇଁ ଯାଉଥିଲେ। ଭଦ୍ରକ ରେଳ ଷ୍ଟେସନରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ବହୁ ଶ୍ରମିକଙ୍କ ଦୁର୍ଦ୍ଦଶାର ଚିତ୍ର କେନ୍ଦ୍ରାପଡା ଜିଲାରେ ଦେଖିବାକୁ ମିଳୁଛି। ଏହାର ସମାଧାନ ପାଇଁ ରାଜନେତାଙ୍କ ଇସ୍ତାହାରରେ ପ୍ରକାଶ ପାଇବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି।

ସୂଚନା ଅଧିକାର କର୍ମୀ ପ୍ରତାପ କୁମାର ମହାନ୍ତି କୁହନ୍ତି ଯେ, ସାମାଜିକ ଓ ଅର୍ଥନୈତିକ ସର୍ଭେ ଅନୁଯାୟୀ ଜିଲାର ୯ ବ୍ଲକ ମଧ୍ୟରୁ କେବଳ ରାଜନଗର ବ୍ଲକ ଅଞ୍ଚଳରେ ୫୨ ପ୍ରତିଶତ ଅର୍ଥାତ ୮,୧୬୭ ପରିବାରର ସଦସ୍ୟ ବିଦେଶରେ ଶ୍ରମିକ ଭାବେ କାର୍ଯ୍ୟରତ ଅଛନ୍ତି। ଜିଲାରେ ଶିଳ୍ପ ନାହିଁ। ମଧ୍ୟମ ଓ କ୍ଷୁଦ୍ର ଶିଳ୍ପର ସଂଖ୍ୟା ମାତ୍ର ୧୦୫ ମଧରେ ସିମୀତ। କୃଷି ଜୀବିକା ହୋଇଥିଲେ ମଧ କୃଷିଭିତ୍ତିକ ଶିଳ୍ପ, ଉତ୍ପାଦିତ ପନିପରିବା ପାଇଁ ଶୀତଳଭଣ୍ଡାର କିମ୍ବା ମଣ୍ଡିର ସୁବିଧା ନାହିଁ। ବାହାର ଜିଲା, ରାଜ୍ୟ ଓ ବିଦେଶରେ ଆକର୍ଷଣୀୟ ଚାକିରି ଓ ରୋଜଗାର କରାଇ ଦେବା କହି ଯୁବବର୍ଗ ଓ କିଶୋରଙ୍କୁ ପ୍ରଲୋଭିତ କରାଯାଉଛି ବୋଲି ପ୍ରତାପ କହିଛନ୍ତି। ସାମାଜିକ କର୍ମୀ ବାନାମ୍ବର ସାହୁ କୁହନ୍ତି, ଜିଲାର ୨.୩ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଜବକାର୍ଡ଼ଧାରୀ। ସେହିପରି ଜିଲାର ୧ଲକ୍ଷ ୫୨ ହଜାର ହେକ୍ଟରକୁ ଖରିଫ ଚାଷ ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଥିବାବେଳେ ଆଳି, ରାଜନଗର, ରାଜକନିକା ଅଞ୍ଚଳକୁ କେନାଲ ନାହିଁ। ପ୍ରତି ବର୍ଷ ପ୍ରାକୃତିକ ବିପର୍ଯ୍ୟୟ ଜିଲାବାସୀଙ୍କ ଆର୍ଥିକ ମେରୁଦଣ୍ଡ ତଳକୁ କରିଛି। ଗରିବୀ କାରଣ ସାଜିଥିବାରୁ ଲୋକଙ୍କୁ ଦାଦନ ଖଟିବାକୁ ପଡୁଛି ବୋଲି ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ପ୍ରତାପ କୁମାର ପାଢ଼ୀ କୁହନ୍ତି ଯେ, ଜିଲାର ଉପାନ୍ତ ଅଞ୍ଚଳଗୁଡ଼ିକରେ ବିକାଶ ହୋଇପାରୁନାହିଁ। ଲୋକେ ବାଧ ହୋଇ ନିଜ ଜିଲା ଛାଡ଼ି ବାହାର ରାଜ୍ୟକୁ ଖଟିବା ପାଇଁ ଯାଉଛନ୍ତି। ଏହାର ନିରାକରଣ ପାଇଁ ସ୍ଥାନୀୟ ରାଜନେତା ଓ ପ୍ରଶାସକଙ୍କ ମିଳିତ ଉଦ୍ୟମ ଆବଶ୍ୟକ ରହିଛି।

## ସଂକ୍ଷେପରେ

### ୪ ପରିବାରର ୭ ବଖରା ଭସ୍ମ

ମହାକାଳପଡ଼ା, ୨୨।୪ (ଡି.ଏନ୍.ଏ.): ମହାକାଳପଡ଼ା ବ୍ଲକ ବଡଲକଣୀ ପଞ୍ଚାୟତ ଆଦିବାସୀପଡ଼ା ବାଘୁଆମେଦ ଗ୍ରାମରେ ସୋମବାର ରାତି ପ୍ରାୟ ୯ଟା ବେଳେ ବଜ୍ରପାତ ଘଟି ୩ପରିବାରର ୬ବଖରା ଜଳିଯାଇଛି। ବଜ୍ରପାତରେ ରମେଶ ସିଂଙ୍କ ଦୁଇ ବଖରା ରବି ସିଂଙ୍କ ଦୁଇ ବଖରା ସମେତ ରାଖାଲ ସିଂଙ୍କର ୨ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିସହ ଘରୁ ବାହାରକୁ ଆସୁଥିବା ବେଳେ ରବି ସିଂଙ୍କ ହାତର କିଛଇ ଅଂଶ ପୋଡି ଯାଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା, ପବନ ସାଙ୍ଗକୁ ବଜ୍ରପାତ ହୋଇଥିଲା। ବଜ୍ରପାତରେ ରମେଶ, ରବି ଓ ରାଖାଲଙ୍କ ଘର ପୋଲି ଯାଇଥିବା ବେଳେ ଘରର ସମସ୍ତ ଆସବାବ ପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସରପଞ୍ଚ ସୁଜାତା ସାମଲ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ୩ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପେଟ୍ଛେଲା ପଞ୍ଚାୟତ ରାମଚଣ୍ଡୀ ଶବରପଡ଼ାର ଅନାମ ନାୟକଙ୍କ ଘର ବଖରାଏ ଘର ପୋଡ଼ି ଯାଇଛି। ନିଆଁ ଲିଭାଇବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମର ଜଗନ୍ନାଥ ଖିଲାରଙ୍କର ଗୋଟିଏ ହାତରେ ନିଆଁ ଲାଗିଯାଇଥିବା ଜଣଶପଡ଼ିଛି।



'ବିଶ୍ୱ ଧରିତ୍ରୀ ଦିବସ'

ସଭାରେ ସ୍କୁଲ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନେ।

# ଗଛ ହିଁ ମଣିଷର ପ୍ରକୃତ ବନ୍ଧୁ

ଆଳି, ୨୨।୪ (ଡି.ଏନ୍.ଏ.)

ବିଶ୍ୱ ତାପାୟନ ଓ ଜଳବାୟୁ ପରିବର୍ତ୍ତନ ଯୋଗୁ ଧରିତ୍ରୀ ଉପରେ ଅନେକ ପ୍ରକାର କୁପ୍ରଭାବ ପଡ଼ିଛି। ଏବେଠୁ ଲୋକମାନେ ସଚେତନ ନ ହେଲେ ଆଗାମୀ ଦିନରେ ଧରିତ୍ରୀ ଧ୍ୱଂସ ପାଇଯିବ। ଏ ନେଇ ବିଶ୍ୱ ଧରିତ୍ରୀ ଦିବସ ଅବସରରେ ପରିବେଶବିତ୍‌ମାନେ ଉଦବେଗ ପ୍ରକାଶ କରିଛନ୍ତି। ସୋମବାର ପୂର୍ବାହ୍ନରେ ଆଳି ବ୍ଲକ ଅଧୀନ ଚଣ୍ଡିଆଗଡ଼ି ହାଇସ୍କୁଲ ପରିସରରେ ଜିଲାସ୍ତରୀୟ ବିଶ୍ୱ ଧରିତ୍ରୀ ଦିବସ ପାଳନ ହୋଇଥିଲା। ପ୍ରଧାନ ଶିକ୍ଷକ ପ୍ରିୟରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପରିବେଶବିତ୍ ବିରଜା ପତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ, ଲୋକମାନେ ସଚେତନ ନ ହେଲେ ପୃଥିବୀ ଧ୍ୱଂସ ହୋଇଯିବ। ବୃକ୍ଷର ଯତ୍ନ ନେବା ସହ ଜଙ୍ଗଲ ରକ୍ଷା କରିବା ଲୋକମାନଙ୍କ ପ୍ରମୁଖ ଦାୟିତ୍ୱ ହେବା ଉଚିତ। କେନ୍ଦ୍ରାପଡ଼ା ଜିଲା ଇକୋକ୍ଲବ ସଂଯୋଜକ ପରିବେଶବିତ୍ ଗୋପୀନାଥ ଦାସ ମୁଖ୍ୟବକ୍ତା ଓ ପରିବେଶବିତ୍ ସୁବାସ ଚନ୍ଦ୍ର ରାଉତ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜନଗର ଅତିରିକ୍ତ ବନ ସଂରକ୍ଷକ ଅମରେଶ ନାଥ ପ୍ରଧାନ ଯୋଗଦେଇଥିଲେ। ବନପାଳ ନବୀନ ଚନ୍ଦ୍ର ମଲିକ ଓ ଅଭିମନ୍ୟୁ ତରାଇ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

■ ଭାଜପା ଇସ୍ତାହାରକୁ ନେଇ ଅସନ୍ତୋଷ

# ମାନବିକ ଅଧିକାର ନଷ୍ଟ କରୁଛି ଭାଜପା



ବୈଠକରେ ବଙ୍ଗଳା ଭାଷାଭାଷୀ ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀମାନେ।

ମହାକାଳପଡ଼ା, ୨୨।୪ (ଡି.ଏନ୍.ଏ.)

ଚଳିତ ସାଧାରଣ ନିର୍ବାଚନରେ ବିଭିନ୍ନ ରାଜନୈତିକ ଦଳ ନିବାଚନ ବୈତରଣୀ ପାର ହେବା ପାଇଁ ଭିନ୍ନ ଭିନ୍ନ ରଣନୀତି ପ୍ରସ୍ତୁତ କରିଛନ୍ତି। ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ଦଳ ଇସ୍ତାହାର ପତ୍ର ପ୍ରକାଶ କରିଛନ୍ତି। ଭାଜପା ପକ୍ଷରୁ ପ୍ରକାଶ ପାଇଥିବା ଏକ ବିଜ୍ଞାପନରେ ଅନୁପ୍ରବେଶକାରୀ ହୁଅ ବାହାର, ଘରେ ଘରେ ଚୌକିଦାର ସ୍ଲୋଗାନ ଦିଆଯାଉଛି। ଏହି ବିଜ୍ଞାପନ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ ମିଡିଆରେ ଘୂରି ବୁଲୁଥିବା ବେଳେ ଏହାକୁ ନେଇ ବଙ୍ଗଳାଭାଷୀମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ବିଭିନ୍ନ ସ୍ଥାନରେ ବଙ୍ଗୀୟ ଭାଷୀଙ୍କ ସଚେତନ ନାଗରିକ, ବୁଦ୍ଧିଜୀବୀଙ୍କ ପକ୍ଷରୁ ଅନୁଷ୍ଠିତ ସଭାରେ ଭାଜପାର ଏହି ନୀତିକୁ ଦୃଢ଼ ନିନ୍ଦା କରାଯାଇଛି।

ଏହି ପରିପ୍ରେକ୍ଷୀରେ ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳଠାରେ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅର୍ଜୁନ କୁମାର ମଣ୍ଡଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଅନେକ ବଙ୍ଗଳାଭାଷୀ ଲୋକ ଯୋଗଦେଇ ଭାଜପାର ଏହି ନୀତିକୁ ନିନ୍ଦା କରିବା ସହ ଏହାକୁ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ନଚେତ ନିର୍ବାଚନ ମଧରେ ୧୦ ବଙ୍ଗୀୟ ଅଧ୍ୟୁଷିତ ପଞ୍ଚାୟତର ସଚେତନ ନାଗରିକ, ବରିଷ୍ଠ ମୁରବୀମାନଙ୍କୁ ନେଇ ବଡ଼ ଆନ୍ଦୋଳନ କରାଯିବ ବୋଲି ବୈଠକରେ ଚେତାବନୀ ଦିଆଯାଇଥିଲା। ଏ ସମ୍ପର୍କରେ ଅର୍ଜୁନ କହିଛନ୍ତି, ବଙ୍ଗଳାଭାଷୀଙ୍କୁ ସାଧାରଣ ନାଗରିକ ଅଧିକାର ପ୍ରଦାନ କରାଯିବା ସହ ୧୯୫୨, ୧୯୫୬, ୧୯୬୨, ୧୯୬୭ ଆଦି ମସିହାରେ ଶରଣାର୍ଥୀ ଥଇଥାନ ଯୋଜନାରେ ସେମାନଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ତେବେ ଭାଜପା ଏହି ଅନୁପ୍ରବେଶ ହୁଅ ବାହାର, ଘରେ ଘରେ ଚୌକିଦାର ସ୍ଲୋଗାନ ବଙ୍ଗଳାଭାଷୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ଦେଉଛି। ଯାହାଫଳରେ ୭୦ବର୍ଷ ଧରି ଏଠାରେ ସ୍ଥାୟୀ ବସବାସ କରୁଥିବା ବଙ୍ଗଳାଭାଷୀଙ୍କୁ କଠୋର ଆଘାତ ଲାଗିଛି। ଅପରପକ୍ଷେ ଅନୁପ୍ରବେଶକାରୀ କିଏ ପ୍ରଥମେ ଭାଜପା ସ୍ୱଷ୍ଟ ମତ ରଖିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ପ୍ରଥମେ ମାଟି, ଜାତି ଓ ପରେ ପାର୍ଟି ବୋଲି କହିଥିଲେ। ଆମ୍ଭେ ଶରଣାର୍ଥୀ କିନ୍ତୁ ଅନୁପ୍ରବେଶକାରୀ ନୁହେଁ ବୋଲି ବୈଠକରେ ବଙ୍ଗଳାଭାଷୀମାନେ କହିଥିଲେ। ମାନବିକ ଅଧିକାରକୁ ନଷ୍ଟ କରିବା ପାଇଁ ଭାଜପା ଉଦ୍ୟମ ଚଳାଇଛି। ବୈଠକରେ ଜୟଦେବ ବିଶ୍ୱାସ, ନାରାୟଣ ମଣ୍ଡଳ, କାର୍ତ୍ତିକ ବିଶ୍ୱାସ, ଗୌର, ପ୍ରଦୀପ ଗୋସ୍ୱାମୀ, ବିଶାଖା ମଣ୍ଡଳ, ସୁମତୀ ମଣ୍ଡଳ ଓ କୁମୁଦିନୀ ମଣ୍ଡଳ ପ୍ରମୁଖ ବୈଠକରେ ଯୋଗଦେଇଥିଲେ।

CLASSIFIED DISPLAY













# ସ୍ୱାଧୀନ ପ୍ରାର୍ଥୀ ସୁଜାତାଙ୍କ ପ୍ରଚାର

ଆଳି, ୨୨।୪ (ଡି.ଏନ୍.ଏ.)

ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର ଜୋରଦାର କରିବାରେ ଲାଗିପଡ଼ିଛନ୍ତି। ଗାଁ ଗଣ୍ଡାଠୁ ଆରମ୍ଭ କରି ଗଳି କନ୍ଦିରେ ପୋଷ୍ଟର, ବ୍ୟାନର ଓ ପ୍ରଚାର ଗାଡିରେ ଘନଘନ ପ୍ରଚାର ନିର୍ବାଚନୀ ମାହୋଲକୁ ଉଷ୍ମ କରିଛି। ଏହି ଅବସରରେ ଦୀର୍ଘଦିନ ଧରି ଭାଜପା ଦଳର ବିଭିନ୍ନ ଦାୟିତ୍ୱ ସମ୍ଭାଳିବା ପରେ ଦଳ ପକ୍ଷରୁ ଟିକେଟ ନ ମିଳିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ସୁଜାତା ବାରିକ ତାଙ୍କ ପ୍ରଚାରକୁ ଜୋରଦାର କରିବାରେ ଲାଗିଛନ୍ତି। ସୋମବାର ସୁଜାତା ଏକ ଖୋଲା ଜିପରେ ସମର୍ଥକମାନଙ୍କୁ ନେଇ ଆଳି ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି।

# ଶ୍ରମିକ ନେତା ଅଶୋକ ତ୍ରିପାଠୀଙ୍କ ଖବରଦାତା ସମ୍ମିଳନୀ

ଡେରାବିଶ, ୨୨।୪ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ନିଖିଳ ଓଡ଼ିଶା ନିର୍ମାଣ ଶ୍ରମିକ ସଂଘ କାର୍ଯ୍ୟାଳୟ ପରିସରରେ ଶ୍ରମିକ ନେତା ଅଶୋକ କୁମାର ତ୍ରିପାଠୀଙ୍କ ଆବାହକତ୍ୱରେ ଏକ ଖବରଦାତା ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଭାଜପା ପକ୍ଷରୁ ଶ୍ରମିକ ସଂଗଠନକୁ ନେତୃତ୍ୱ ଦେବା ଲକ୍ଷ୍ୟରେ ଅଶୋକ ଭାଜପାରେ ଯୋଗ ଦେଇଥିଲେ। କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଯାଜପୁର, ପୁରୀ, ଭଦ୍ରକ, ବାଲେଶ୍ୱର ଜିଲାରେ ନିର୍ମାଣ ଶ୍ରମିକ ସଂଗଠନ ମାଧ୍ୟମରେ ଦଳକୁ ସୁଦୃଢ଼ କରାଯାଇଥିଲା। ମାତ୍ର ପରବର୍ତ୍ତୀ ମୁହୂର୍ତ୍ତରେ ସେ ପାଟକୁରା ବିଧାନସଭା ପାଇଁ ଆଶାୟୀ ପ୍ରାର୍ଥୀ ଥିବାବେଳେ ଦଳ ତାଙ୍କୁ ପ୍ରାର୍ଥୀ ନ କରିବା ସହ ପ୍ରାର୍ଥୀ ଚୟନ ପାଇଁ ତାଙ୍କ ମତ ମଧ୍ୟ ଲୋଡ଼ି ନଥିଲା। ଫଳରେ ସେ କିଛିଦିନ ତଳେ ଭାଜପା ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଏଥିସହ କେନ୍ଦ୍ରାପଡ଼ା ଜିଲାର ୧୮୦୦ ନିର୍ମାଣ ଶ୍ରମିକ ପରିବାର ତାଙ୍କ ସହ ରହିଛନ୍ତି। ଏବଂ ସେମାନଙ୍କ ଭୋଟ ଚଳିତ ନିର୍ବାଚନରେ ନିଶ୍ଚିତ ଭାବେ ପ୍ରଭାବ ପକାଇବ ବୋଲି ଶ୍ରମିକ ସଂଗଠନ କର୍ମକର୍ତ୍ତା ନିତ୍ୟାନନ୍ଦ ସାମଲ, ପ୍ରଦୀପ୍ତ କୁମାର ସାମଲ, ଭଗବାନ ସାହୁ, କାର୍ତ୍ତିକ ବେହେରା, ମନୋଜ ପରିଡ଼ା ପ୍ରମୁଖ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।



# ମଇଦାନରେ ୪ ପୂର୍ବତନ ମନ୍ତ୍ରୀ

**ହର୍ଷବର୍ଦ୍ଧନ ବେହେରା**
ଯାଜପୁର ଅଫିସ,୨୨।୪

**ଯାଜପୁର ଜିଲା ନିର୍ବାଚନ**
- ବିରୋଧୀଙ୍କ ଅସ୍ତ୍ର ହୋଇଛି ଦୁର୍ନୀତି
- କ୍ଷମତାର ଅପବ୍ୟବହାରରେ ରେକର୍ଡ


ଅମରପ୍ରସାଦ ଶତପଥୀ


ଶରତ ରାଉତ


ପ୍ରଣବ ପ୍ରକାଶ ଦାସ


ପ୍ରମିଳା ମଲ୍ଲିକ

ଯାଜପୁର ଜିଲା ପ୍ରାକୃତିକ ସମ୍ପଦରେ ଭରପୂର ହୋଇରହିଛି। ଶିଳ୍ପ କ୍ଷେତ୍ରରେ ମଧ୍ୟ ଏହି ଜିଲା ସମୃଦ୍ଧ। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଜିଲାକୁ ପଛୁଆ କରିଦେଇଛି। ଜିଲାରୁ ନିର୍ବାଚିତ ହୋଇ ଯାଉଥିବା ଜନପ୍ରତିନିଧିଙ୍କ ଅବହେଳା ଯୋଗୁ ବିକାଶର ପଥ ଉନ୍ମୁକ୍ତ ହୋଇପାରିନାହିଁ। ଅତୀତରେ ଓ ବର୍ତ୍ତମାନ ଜିଲାକୁ ପ୍ରତିନିଧିତ୍ୱ କରିଥିବା ବିଧାୟକମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ ହେଁ ବିକାଶ ପ୍ରତି ଆଖି ବୁଜି ଦେଇଛନ୍ତି ବୋଲି ମତପ୍ରକାଶ ପାଉଛି। ଚଳିତ ନିର୍ବାଚନରେ ୪ଜଣ ପୂର୍ବତନ ମନ୍ତ୍ରୀ ନିର୍ବାଚନୀ ମଇଦାନରେ ଲଢେଇ କରୁଛନ୍ତି। ମନ୍ତ୍ରୀପଦର ଉଚିତ ବିନିଯୋଗ ନ କରି ଅଧିକାଂଶ ସମୟରେ ଏମାନେ ଦୁର୍ନୀତି ଓ କ୍ଷମତାର ଅପବ୍ୟବହାରରେ ବୁଡି ରହିଥିବା ଯୋଗୁ ଚଳିତ ନିର୍ବାଚନରେ ସେମାନେ କଡ଼ା ମୁକାବିଲାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି।

ପୂର୍ବରୁ ଯାଜପୁର ଅବିଭକ୍ତ କଟକ ଜିଲାରେ ଅନ୍ତର୍ଭୁକ୍ତ ଥିଲା। ୧୯୯୩ରେ ଏହା ଜିଲାର ମାନ୍ୟତା ପାଇଲା। ବର୍ତ୍ତମାନ ଯାଜପୁର ଜିଲାରେ ୭ଟି ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ସେଗୁଡିକ ହେଲା ବିଞ୍ଝାରପୁର, ବରୀ, ବଡଚଣା, ଧର୍ମଶାଳା, ଯାଜପୁର, କୋରେଇ ଓ ସୁକିନ୍ଦା। ଏଥିରୁ ମାତ୍ର ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷିତ ଥିବାବେଳେ ବାକି ୬ଟି ନିର୍ବାଚନମଣ୍ଡଳୀ ଅଣସଂରକ୍ଷିତ। ଏହି ଜିଲାରୁ ପ୍ରତିନିଧିତ୍ୱ କରିଥିବା ନେତାଙ୍କୁ ରାଜସ୍ୱ, ଶକ୍ତି, ଅର୍ଥ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଅବକାରୀ, ମହିଳା ଓ ଶିଶୁ ବିକାଶ ବିଭାଗ, କ୍ରୀଡା, କୃଷି, ପର୍ଯ୍ୟଟନ ଓ ଲୋକସମ୍ପର୍କ ଭଳି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀପଦ ମିଳିଛି। କିନ୍ତୁ କୌଣସି ପ୍ରକାର ଆଖିଦୃଶିଆ ଉନ୍ନୟନମୂଳକ କାର୍ଯ୍ୟ କରାଯାଇ ନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ସମୟରେ ଜିଲାକୁ ପ୍ରଥମ ମନ୍ତ୍ରୀପଦ ମିଳିଥିଲା। ଯାଜପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିବା ଶାନ୍ତନୁ ଦାଶଙ୍କୁ ତଫସିଲଭୁକ୍ତ ଜାତି ଓ ଜନଜାତି ଉନ୍ନୟନ ଏବଂ ଅବକାରୀ ମନ୍ତ୍ରୀଭାବେ ମନ୍ତ୍ରିମଣ୍ଡଳରେ ସ୍ଥାନ ମିଳିଥିଲା। ପରବର୍ତ୍ତୀ ସମୟରେ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ସମୟରେ ଚିତ୍ତ ନାୟକ ବିଞ୍ଝାରପୁର ଆସନରୁ ଡେପୁଟି ମନ୍ତ୍ରୀ ପଦବୀ ପାଇଥିଲେ। ନନ୍ଦିନୀ ଶତପଥୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ଧର୍ମଶାଳା ଆସନରୁ ବାଙ୍କବିହାରୀ ଦାସଙ୍କୁ ରାଜସ୍ୱ ମନ୍ତ୍ରୀ ପଦ ମିଳିଥିଲା। ଏହାପରେ ଯାଜପୁର ଆସନରୁ ଜଗନ୍ନାଥ ମଲ୍ଲିକ କୃଷି ମନ୍ତ୍ରୀ, ସୁକିନ୍ଦା ଆସନରୁ ଶରତ ରାଉତ ପର୍ଯ୍ୟଟନ ଓ ଲୋକ ସମ୍ପର୍କ, ବଡଚଣା ଆସନରୁ ସୀତାକାନ୍ତ ମହାପାତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଧର୍ମଶାଳା ଆସନରୁ କଳ୍ପତରୁ ଦାଶ ପଞ୍ଚାୟତିରାଜ, ବରୀ ଆସନରୁ ଦେବାଶିଷ ନାୟକ କ୍ରୀଡା, ବଡଚଣା ଆସନରୁ ଅମରପ୍ରସାଦ ଶତପଥୀ କୃଷି, ବିଞ୍ଝାରପୁର ଆସନରୁ ପ୍ରମିଳା ମଲ୍ଲିକ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଯାଜପୁର ଆସନରୁ ପ୍ରଣବ ପ୍ରକାଶ ଦାସ ଶକ୍ତିମନ୍ତ୍ରୀ ହୋଇଛନ୍ତି। ତେବେ ପ୍ରଫୁଲ୍ଲ ଘଡେଇ ଜିଲାରୁ ୪ଥର ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡିକର ମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଓ ଅବକାରୀ ମନ୍ତ୍ରୀଭାବେ ତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅବସ୍ଥାପିତ କରିଥିଲେ। ଏମାନଙ୍କ ମଧ୍ୟରୁ ଚଳିତ ନିର୍ବାଚନରେ ୪ଜଣ ପୂର୍ବତନ ମନ୍ତ୍ରୀ ସୁକିନ୍ଦାରୁ କଂଗ୍ରେସର ଶରତ ରାଉତ, ବଡଚଣାରୁ ବିଜେଡିର ଅମରପ୍ରସାଦ ଶତପଥୀ, ବିଞ୍ଝାରପୁରରୁ ବିଜେଡିର ପ୍ରମିଳା ମଲ୍ଲିକ ଓ ଯାଜପୁରରୁ ବିଜେଡିର ପ୍ରଣବ ପ୍ରକାଶ ଦାସ ପ୍ରାର୍ଥୀ ହୋଇଛନ୍ତି। ବିଞ୍ଝାରପୁର ବିଜେଡି ପ୍ରାର୍ଥୀ ପ୍ରମିଳା ମଲ୍ଲିକ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଥିବା ସମୟରେ ମଧ୍ୟାହ୍ନଭୋଜନ (ଏମ୍‌ଡିଏମ୍) ଏବଂ ପୁଷ୍ଟିକର ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମରେ ନିମ୍ନମାନର ଡାଲି ଚଢା ଦରରେ କିଣାଯାଇ ଯୋଗାଣ ହୋଇଥିବା ଅଭିଯୋଗ ହୋଇଥିଲା। ଏହା ପର୍ଦ୍ଦାଫାଶ ହେବା ପରେ ସାରା ରାଜ୍ୟରେ ଚହଳ ପଡିଥିଲା। ବିରୋଧୀ ଏହାକୁ ମୁଖ୍ୟ ପ୍ରସଙ୍ଗ କରି ବିଧାନସଭାରେ ହୋହାଲ୍ଲା କରିଥିଲେ। ଏଥିରେ ତତ୍କାଳୀନ ମନ୍ତ୍ରୀ ପ୍ରମିଳାଙ୍କୁ ୨୦୧୧ ଫେବୃୟାରୀ ୫ରେ ଇସ୍ତଫା ଦେବାକୁ ପଡିଥିଲା। ରାଜ୍ୟ ସରକାର ଏହି ଦୁର୍ନୀତିର ତଦନ୍ତ ଦାୟିତ୍ୱ ଭିଜିଲାନ୍ସ ବିଭାଗକୁ ନ୍ୟସ୍ତ କରିଥିଲେ। ଏହି ତଦନ୍ତ ଚାଲିଥିବା ସମୟରେ ୨୦୧୫ ନଭେମ୍ବରରେ ଡାଲି ଯୋଗାଣକାରୀ ସଂସ୍ଥା ଓଡ଼ିଶା ଅର୍ଡର ସପ୍ଲାଏର୍ସକୁ ବକେୟା ଅର୍ଥ ବାବଦକୁ ୮କୋଟି ୨୫ଲକ୍ଷ ୯୦ହଜାର ୨୯ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅଯାଚିତ ଅନୁକମ୍ପାରେ ସେତେବେଳେ ଜିଲାର ଜଣେ ଅନ୍ୟତମ ମନ୍ତ୍ରୀଙ୍କ ହାତ ଥିଲା ବୋଲି ଚର୍ଚ୍ଚା ହୋଇଥିଲା। ଚଳିତ ନିର୍ବାଚନରେ ଏହି ଘଟଣାକୁ ବିରୋଧୀ ପ୍ରସଙ୍ଗ କରିଛନ୍ତି। ସେହିପରି ଅମରପ୍ରସାଦ ଶତପଥୀ କୃଷି ମନ୍ତ୍ରୀ ଥିବା ସମୟରେ ବାଦାମ ବିହନ ଦୁର୍ନୀତି ଅଭିଯୋଗ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏଥିପାଇଁ ଅମରଙ୍କ ମନ୍ତ୍ରୀପଦ ମଧ୍ୟ ଯାଇଥିଲା। ସୁକିନ୍ଦା କଂଗ୍ରେସର ଶରତ ରାଉତ ମନ୍ତ୍ରୀ ଥିଲା ସମୟରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଛନ୍ଦିହୋଇଥିଲେ। ପ୍ରଣବପ୍ରକାଶ ଦାସ ଶକ୍ତିମନ୍ତ୍ରୀ ରହିଥିଲେ ହେଁ ସେତେଟା ବିକାଶ ସମ୍ଭବ ହୋଇପାରି ନ ଥିଲା। ଶକ୍ତି ବିଭାଗରେ ଆବଶ୍ୟକ ପରିଚାଳନାଗତ ଅଭାବରୁ ୨ ବର୍ଷ ପରେ ତାଙ୍କ ମନ୍ତ୍ରୀପଦ ଯାଇଥିଲା। ଏଭଳି ଭାବରେ ଜିଲାରେ ଏତେସବୁ ମନ୍ତ୍ରୀପଦ ମିଳିଥିଲେ ବି ଯାଜପୁର ଜିଲା ବିକାଶ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ପଛାଇଯାଇଛି। ଜିଲାରେ ସ୍ୱାସ୍ଥ୍ୟ ସମସ୍ୟା ଏକ ମୁଖ୍ୟ ପ୍ରସଙ୍ଗ ହୋଇ ରହିଥିବାବେଳେ ବର୍ଷା ମାସରେ ପ୍ରମୁଖ ନଦୀନାଳ ଜିଲାବାସୀଙ୍କ ପାଇଁ ଦୁଃଖ ସାଜିଛି। ଶିକ୍ଷା, ପାନୀୟ ଜଳ, ଜଳସେଚନ, ନିଯୁକ୍ତି, ଗମନାଗମନ ସମସ୍ୟା ମଧ୍ୟ ଉତ୍କଟ ରୂପ ନେଇଛି। ଖଣି ଓ ଶିଳ୍ପାଞ୍ଚଳରେ ପ୍ରଦୂଷଣ ସମସ୍ୟାରେ ଲୋକେ ଅତିଷ୍ଠ ହୋଇ ପଡୁଛନ୍ତି। ସହରର ଡ୍ରେନେଜ ଓ ପରିମଳ ସମସ୍ୟାରେ ଲୋକେ ରୁନ୍ଧି ହେଉଛନ୍ତି। ପୂର୍ବତନ ମନ୍ତ୍ରୀମାନଙ୍କ ଏଭଳି ଅବହେଳା ଓ ଦୁର୍ନୀତିକୁ ଏବେ ବିରୋଧୀ ପ୍ରାର୍ଥୀମାନେ ପ୍ରସଙ୍ଗ କରିଛନ୍ତି।

## ମିଳିଲାନି ହେଲିପ୍ୟାଡ୍, ଫେରିଗଲେ ଧର୍ମେନ୍ଦ୍ର



ଜଗତ୍‌ସିଂହପୁର ଅଫିସ, ୨୨।୪

- ସତ୍ୟବ୍ରତ କଲେ ରୋଡ୍ ଶୋ
- ଭାଜପା ନେତା ଓ କର୍ମୀଙ୍କ ମନ ମଉଳିଲା

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଭାଜପା ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ରଙ୍କ ସପକ୍ଷରେ ପ୍ରଚାର ପାଇଁ ରୋଡ୍ ଶୋ କରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଧର୍ମେନ୍ଦ୍ରଙ୍କ ହେଲିକପ୍ଟର ହେଲିପ୍ୟାଡ୍ ଚିହ୍ନଟ କରି ନ ପାରିବାରୁ ସମସ୍ୟା ହୋଇଥିଲା। ଏହା ୨/୩ ରାଉଣ୍ଡ ଆକାଶରେ ଘୂରିବୁଲି ଅବତରଣ କରି ନ ପାରିବାରୁ ଶେଷରେ ଧର୍ମେନ୍ଦ୍ର ଫେରି ଯାଇଥିଲେ। ଅନ୍ୟପଟେ ରୋଡ ଶୋରେ ଧର୍ମେନ୍ଦ୍ରଙ୍କ ଉପସ୍ଥିତିକୁ ନେଇ ଦଳୀୟ ନେତା ଓ କର୍ମୀ ମହଲରେ ଯେଉଁ ଉତ୍ସାହ ପରିଲକ୍ଷିତ ହୋଇଥିଲା ତାହା ମଉଳିଯାଇଥିଲା। ଶେଷରେ ଦଳ ପକ୍ଷରୁ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ରୋଡ୍ ଶୋ କରାଯାଇଥିଲା।

ସୂଚନା ଅନୁଯାୟୀ ଦିନ ୧୨ଟା୪୦ରେ ଧର୍ମେନ୍ଦ୍ରଙ୍କ ରୋଡ ଶୋ କାର୍ଯ୍ୟକ୍ରମ ଥିଲା। ଶୋଭାଯାତ୍ରା ନୂଆପୋଲ ନିକଟରୁ ବାହାରି ଜଗତ୍‌ସିଂହପୁର ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଯିବାର ଥିଲା। କିନ୍ତୁ ବିଜେଡି ପ୍ରାର୍ଥୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଅପରାହ୍ନ ପ୍ରାୟ ୧ଟାରେ ଜଗତ୍‌ସିଂହପୁରରେ ପହଞ୍ଚିବାରୁ କାର୍ଯ୍ୟକ୍ରମରେ କିଛିଟା ପରିବର୍ତ୍ତନ ହୋଇଥିଲା। ଶୋଭାଯାତ୍ରା ପାଖାପାଖି ୧ଟା୩୦ରୁ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଥିଲା। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ମଧ୍ୟ ଅପରାହ୍ନ ପାଖାପାଖି ୧ଟା୩୦ରେ ଜଗତ୍‌ସିଂହପୁର ଆକାଶରେ ଉଡିଥିବା ଜଣାଯାଇଥିଲା। କିନ୍ତୁ ନୂଆପୋଲ ନିକଟରେ କରାଯାଇଥିବା ହେଲିପ୍ୟାଡ୍ ଚିହ୍ନଟ କରାଯିବାରେ ସମସ୍ୟା ହେବାରୁ ଧର୍ମେନ୍ଦ୍ର ଅବତରଣ କରି ନ ପାରି ଫେରି ଯାଇଥିଲେ। ସେତେବେଳକୁ ନୂଆପୋଲ ନିକଟରେ ସହସ୍ରାଧିକ ଦଳୀୟ ନେତା ଓ କର୍ମୀ ରୁଣ୍ଡ ହୋଇ ସାରିଥିଲେ। ହେଲିପ୍ୟାଡ ଚିହ୍ନଟ ପାଇଁ ଭଲ ଭାବେ ଧୂଆଁ କରାଯାଇ ନ ଥିବାରୁ ଏଭଳି ସମସ୍ୟା ହୋଇଥିବା କୁହାଯାଇଛି। ଧର୍ମେନ୍ଦ୍ର ରୋଡ ଶୋରେ ଭାଗ ନେଇପାରି ନ ଥିବାରୁ ଅସନ୍ତୋଷ ବଢିଯାଇଥିଲା। ତଥାପି ସତ୍ୟବ୍ରତ ସେମାନଙ୍କୁ ବୁଝାଶୁଝା କରି ଶୋଭାଯାତ୍ରାରେ ଯାଇଥିଲେ।

**ବୋମାମାଡ଼ ପରେ ରାଜଧାନୀରେ ସୁରକ୍ଷା କଡ଼ାକଡ଼ି**

## ଜଗନ୍ନାଥ, ଅନନ୍ତଙ୍କୁ ପୋଲିସ ଏସ୍କର୍ଟ

ଭୁବନେଶ୍ୱର,୨୨।୪ (ବ୍ୟୁରୋ)

- ଦୁଇ ବୋମାମାଡ଼ ଘଟଣାର ତଦନ୍ତ ଚାଲିଛି
- ଭିଡିଓ ଫୁଟେଜ ଖୋଜୁଛି ପୋଲିସ
- ବିଭିନ୍ନ ସ୍ଥାନରେ ଫ୍ଲାଗ୍‌ମାର୍ଚ୍ଚ

ଆଜି ତୃତୀୟ ପର୍ଯ୍ୟାୟ ନିର୍ବାଚନ। ଏହା ପୂର୍ବରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବ୍ୟାପକ ହିଂସା ଘଟିଛି। ରବିବାର ଭୁବନେଶ୍ୱର-ମଧ୍ୟ ନିର୍ବାଚନମଣ୍ଡଳୀର ଭାଜପା ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନ ଓ ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କ ଉପରକୁ ବୋମା ମାଡ଼ ହୋଇଛି। ଏହି ଘଟଣାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରିଛି କମିଶନରେଟ ପୋଲିସ। ନୟାପଲ୍ଲୀ ଓ ଲକ୍ଷ୍ମୀସାଗର ଥାନାରେ ଉଭୟ ପକ୍ଷରୁ ହୋଇଥିବା ଅଭିଯୋଗ ଆଧାରରେ ପୋଲିସ ଦୁଇଟି ମାମଲା ରୁଜୁ କରି ତଦନ୍ତ କରୁଛି। ଏହାସହ ସୋମବାର ତଦନ୍ତକାରୀ ଅଧିକାରୀଙ୍କ ସମେତ ଥାନା ଅଧିକାରୀ ଓ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଆକ୍ରମଣ ହୋଇଥିବା ସ୍ଥାନ କିମ୍ବା ଆଖପାଖରେ କୌଣସି ସିସିଟିଭି ଫୁଟେଜ ରହିଛି କି ନାହିଁ ତାହାର ଖୋଳତାଡ କରାଯାଉଛି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ଦୁଇ ପ୍ରାର୍ଥୀ ଜଗନ୍ନାଥ ଓ ଅନନ୍ତଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି। ଏପରି କି ସେମାନଙ୍କୁ ଏସ୍କର୍ଟ ଯୋଗାଇ ଦିଆଯିବାର ବ୍ୟବସ୍ଥା ହୋଇଥିବା ପୋଲିସ କମିଶନର ସତ୍ୟଜିତ୍ ମହାନ୍ତି ସୂଚନା ଦେଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, କିଏ କେଉଁ ଉଦ୍ଦେଶ୍ୟରେ ବୋମା ମାଡ଼ କରିଥିଲେ ତାହାର ତଦନ୍ତ କରାଯାଉଛି। ଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ସ୍ଥାନରେ ଘଟିଥିବା ହିଂସା ଓ ବୋମାମାଡ଼କୁ ନେଇ କମିଶନରେଟ ପୋଲିସର ଚିନ୍ତା ବଢ଼ିଛି। ବୋମାମାଡ଼ ଘଟଣା ପରେ ସୋମବାରଠାରୁ ସହରର ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡାକଡି କରାଯାଇଛି। ନୟାପଲ୍ଲୀ, ଶହୀଦନଗର, ଖାରବେଳନଗର, ଚନ୍ଦକା ଓ ଲିଙ୍ଗରାଜ ଥାନା ଅଞ୍ଚଳରେ ପୋଲିସ ଫ୍ଲାଗ୍‌ମାର୍ଚ୍ଚ କରିଛି। ଭୟଭୀତ ନ ହୋଇ ବାହାରକୁ ଆସି ଭୋଟ ଦେବାକୁ ଫ୍ଲାଗ୍ ମାର୍ଚ୍ଚ ସମୟରେ ପୋଲିସ ଅଧିକାରୀମାନେ ଭୋଟରଙ୍କୁ ବୁଝାଇଛନ୍ତି।

## ରାଜନୈତିକ ହିଂସା ରୋକିବାକୁ ଓଡ଼ିଶା ପୋଲିସର ନିର୍ଦ୍ଦେଶନାମା

କଟକ ଅଫିସ, ୨୨।୪

- କଡ଼ାକଡ଼ି ହେବ ପ୍ରାର୍ଥୀଙ୍କ ସୁରକ୍ଷା ବ୍ୟବସ୍ଥା

ରାଜ୍ୟରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଶେଷ ହୋଇଥିବା ବେଳେ ୨୩ରେ ତୃତୀୟ ପର୍ଯ୍ୟାୟ ଓ ୨୯ରେ ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ହେବ। ଏହା ମଧ୍ୟରେ ରାଜ୍ୟର ବହୁତ ସ୍ଥାନରେ ନିର୍ବାଚନୀ ହିଂସା ଦେଖିବାକୁ ମିଳିଛି। ଜଣେ ପୋଲିଂ ଅଫିସରଙ୍କ ସହ ୫ ଜଣଙ୍କୁ ହତ୍ୟା କରାଯାଇଛି। ଏହାଛଡ଼ା ରବିବାର ଭୁବନେଶ୍ୱର (ମଧ୍ୟ) ନିର୍ବାଚନମଣ୍ଡଳୀରେ ଉଭୟ ଭାଜପା ଓ ବିଜେଡି ପ୍ରାର୍ଥୀଙ୍କ ଉପରକୁ ବୋମାମାଡ଼ ହୋଇଛି। ପିପିଲିରେ ଯାଞ୍ଚ ପାଇଁ ଯାଇଥିବା ମାଜିଷ୍ଟ୍ରେଟ ଏବଂ ଏସ୍‌ଏସ୍‌ଟି ଟିମ୍‌କୁ ମାଡ଼ ଘଟଣା ପରିସ୍ଥିତିକୁ ଅଧିକ ସମ୍ବେଦନଶୀଳ କରିଛି, ଯାହା ଏବେ ପୋଲିସ ପାଇଁ ଚିନ୍ତାର କାରଣ ପାଲଟିଛି। ତେବେ ଏହାକୁ କିପରି ରୋକାଯାଇ ପାରିବ ସେଥିପାଇଁ ଓଡ଼ିଶା ପୋଲିସ ପକ୍ଷରୁ ସୋମବାର ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଭଳି ହିଂସା ମାମଲାର ତଦନ୍ତକୁ ଗୁରୁତର ସହ ନେଇ ଅଭିଯୁକ୍ତଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି। ସମ୍ପୃକ୍ତ ଜିଲାର ଏସ୍‌ପି ଏଭଳି ମାମଲାର ତଦନ୍ତଭାର ଗ୍ରହଣ କରିବା ସହ ତୁରନ୍ତ ଅଭିଯୁକ୍ତଙ୍କୁ କାବୁ କରାଯିବା ପାଇଁ ଦୃଷ୍ଟି ଦେବାକୁ କୁହାଯାଇଛି। ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଭିନ୍ନ ଦଳର ପ୍ରାର୍ଥୀମାନଙ୍କୁ ଆକ୍ରମଣ କରାଯାଉଛି। ତେବେ ସେମାନଙ୍କ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସବୁ ଜିଲା ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ପୋଲିସ ପାର୍ଟିକୁ ୧୦ରୁ ୧୨ଟି ସ୍ଥାନ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ରହିଛି। ଦିନରାତି ପାଟ୍ରୋଲିଂ କରିବା ସହ ଅପରାଧୀମାନଙ୍କ ଉପରେ ନଜର ରଖିବାକୁ କୁହାଯାଇଛି। ନିର୍ବାଚନ ପାଇଁ ଆସିଥିବା ସେଣ୍ଟ୍ରାଲ ଆର୍ମଡ୍ ପୋଲିସ ଫୋର୍ସ (ସିଏପିଏଫ୍)କୁ ଫ୍ଲାଗମାର୍ଚ୍ଚରେ ସାମିଲ କରିବାକୁ ନିର୍ଦ୍ଦେଶ ରହିଛି। ଏଥିସହିତ ବେଆଇନ ମଦ ଓ ଟଙ୍କା କାରବାରକୁ ରୋକିବା ପାଇଁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରିବାକୁ କୁହାଯାଇଛି। ନିର୍ବାଚନମଣ୍ଡଳୀକୁ ଯିବା ଆସିବା କରିବାକୁ ଥିବା ମୁଖ୍ୟ ରାସ୍ତାଗୁଡ଼ିକରେ ପୋଲିସ ଟିମ୍ ସଜାଗ ରହି ସବୁ ଗାଡ଼ିକୁ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ହସ୍ପିଟାଲରେ ଅନନ୍ତଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ବିଜେଡି-ଭାଜପା ଦୋଷ ଲଦାଲଦି

ଭୁବନେଶ୍ୱର,୨୨।୪ (ବ୍ୟୁରୋ)

ବୋମାମାଡ଼ରେ ଆହତ ବିଜେଡି ବିଧାୟକ ପ୍ରାର୍ଥୀ ଅନନ୍ତ ନାରାୟଣ ଜେନା କ୍ୟାପିଟାଲ ହସ୍ପିଟାଲ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସକାଳ ପ୍ରାୟ ୧୧ଟାରେ ହସ୍ପିଟାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଥିଲେ। ସେହିପରି ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ବିଧାୟକ ତଥା ବିଜେଡି ବିଧାୟକ ପ୍ରାର୍ଥୀ ଅଶୋକ ପଣ୍ଡା ଓ ଭୁବନେଶ୍ୱର ଏମ୍‌ପି ପ୍ରାର୍ଥୀ ଅରୂପ ପଟ୍ଟନାୟକ ମଧ୍ୟ ହସ୍ପିଟାଲ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ସମୟରେ ପଣ୍ଡା କହିଥିଲେ ଯେ, ବିଜେଡିର ଲୋକପ୍ରିୟତା ଦେଖି ଭାଜପା ହତାଶ ହୋଇଗଲାଣି। ହାରିଯିବା ଭୟରେ ଏଭଳି ଆକ୍ରମଣ କରୁଛନ୍ତି। ଲୋକେ ଏହାର ଠିକ୍ ଜବାବ ଦେବେ। ଅନ୍ୟପକ୍ଷରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ଆମ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କୁ ଲକ୍ଷ୍ୟକରି ବିଜେଡି ଗୁଣ୍ଡାମାନେ ବୋମା ମାଡ଼ କଲେ। ପରେ ବିଜେଡି ପ୍ରାର୍ଥୀ ନିଜେ ନିଜ କାରକୁ ବୋମାମାଡ଼ କରି ନାଟକ କଲେ। ବୋମାମାଡ଼ ପରେ କିଛି ହୋଇ ନ ଥିବା ଦେଖିବାକୁ ମିଳିଥିଲା। କିନ୍ତୁ ପୋଲିସ ଆସିବା ପରେ ତାଙ୍କ ଶାର୍ଟ ଓ ଦେହରେ ରକ୍ତ କେଉଁଠୁ ଆସି ଲାଗିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଭୋଟ ହାତେଇବାକୁ ଏହା ସବୁଠୁ ଭଲ ନାଟକ। ଲୋକେ ଏମାନଙ୍କ ନାଟକ ବୁଝି ସାରିଲେଣି, ମଙ୍ଗଳବାର ଉଚିତ ଜବାବ ଦେବେ ବୋଲି ମହାନ୍ତି କହିଛନ୍ତି।



## ମହାରଥୀଙ୍କ ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭାଜପାର ଟାର୍ଗେଟ

ଭୁବନେଶ୍ୱର, ୨୨।୪(ବ୍ୟୁରୋ)

ନିର୍ବାଚନ ହାରିବା ଭୟରେ ଶାସକ ବିଜେଡି ଏବେ ରକ୍ତମୁଖା ସାଜିଛି। ବିଜେଡି ଗୁଣ୍ଡାମାନେ ପ୍ରତିହିଂସା ପରାୟଣ ହୋଇ ବିରୋଧୀ ସମେତ ନିର୍ବାଚନ ଅଧିକାରୀଙ୍କୁ ଆକ୍ରମଣ କରିଛନ୍ତି। ଏହାସତ୍ତ୍ୱେ ରାଜ୍ୟ ପୋଲିସ ପ୍ରଶାସନ ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୀରବଦ୍ରଷ୍ଟା ସାଜି ହୀନ ରାଜନୀତି କରୁଛନ୍ତି। ପିପିଲି ବିଜେଡି ପ୍ରାର୍ଥୀ ପ୍ରଦୀପ ମହାରଥୀ ଯେଉଁଭଳି ସରକାରୀ ଅଫିସରଙ୍କୁ ମରଣାନ୍ତକ ଆକ୍ରମଣ କଲେ, ଏଥିରୁ ନବୀନବାବୁଙ୍କ କହିବା ଏବଂ କରିବାରେ କେତେ ପ୍ରାର୍ଥକ୍ୟ ରହିଛି ତାହା ସ୍ପଷ୍ଟ ହେଉଛି ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି। ସମୀର କହିଛନ୍ତି, ମହାରଥୀ ଓ ତାଙ୍କ ସହଯୋଗୀମାନେ ନିର୍ବାଚନ ଦାୟିତ୍ୱରେ ଥିବା ଫ୍ଲାଇଂ ସ୍କ୍ୱାଡ୍ ମାଜିଷ୍ଟ୍ରେଟ ରବିନାରାୟଣ ପାତ୍ରଙ୍କ ଉପରେ ଆକ୍ରମଣ କରିଛନ୍ତି। ଆହତ ମାଜିଷ୍ଟ୍ରେଟ ପାତ୍ର କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ ମାଜିଷ୍ଟ୍ରେଟ୍‌ଙ୍କୁ ନ ଭେଟି ରବିବାର ରାତିରୁ ମେଡିକାଲ ବେଡ୍‌ରେ ଚମତ୍କାର ଅଭିନୟ କରୁଥିବା ଭୁବନେଶ୍ୱର-ମଧ୍ୟ ଆସନର ବିଜେଡି ପ୍ରାର୍ଥୀ ଅନନ୍ତ ନାରାୟଣ ଜେନାଙ୍କୁ ଭେଟି ଚାଲିଗଲେ। ମୁଖ୍ୟମନ୍ତ୍ରୀ ସରକାରୀ କର୍ମଚାରୀମାନଙ୍କୁ କେତେ ସୁରକ୍ଷା ଦିଅନ୍ତି ଆଉ କେତେ ସେମାନଙ୍କ କଥା ବୁଝନ୍ତି ଏଥିରୁ ବୁଝାପଡୁଛି। ସାଧାରଣ ଜନତା ଏହାର ଉଚିତ ଜବାବ ଦେବେ ବୋଲି ସମୀର କହିଛନ୍ତି।

## 'ରାଜ୍ୟକୁ ଋଣମୁକ୍ତ କରି ଭାଜପା ଆଣିବ ପ୍ରଗତି'

ତିହିଡ଼ି, ୨୨।୪ (ଡି.ଏନ୍.ଏ.)


ତିହିଡ଼ି କାଁପଡ଼ାଠାରେ ବିଜୟ ସଙ୍କଳ୍ପ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

**ତିହିଡ଼ିରେ ଭାଜପାର ବିଜୟ ସଂକଳ୍ପ ସଭା**

ବିଜେଡି ସରକାର ସମୟରେ ରାଜ୍ୟ ଋଣଭାରରେ ବୁଡ଼ିଯାଇଛି। ରାଜ୍ୟବାସୀଙ୍କ ଦୈନନ୍ଦିନ ଜୀବନଯାତ୍ରା ସଙ୍କଟମୟ ହୋଇଛି। ଭାଜପା କ୍ଷମତାକୁ ଆସିଲେ ରାଜ୍ୟକୁ ଋଣମୁକ୍ତ କରିବା ସହ ପ୍ରଗତି ଆଣିପାରିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ କାଁପଡ଼ା ପଞ୍ଚାୟତରେ ସୋମବାର ଆୟୋଜିତ ବିଜୟ ସଙ୍କଳ୍ପ ସଭାରେ ଯୋଗଦେଇ କହିଛନ୍ତି। ସେ କହିଥିଲେ, ଚାଷୀଙ୍କ ପାଇଁ ଋଣ ଛାଡ଼ ନାହିଁ, ଜମିକୁ ଜଳସେଚନ ନାହିଁ କି ବେକାର ଯୁବକ ପାଇଁ ନିଯୁକ୍ତି ନାହିଁ। ନାହିଁ ନାହିଁରେ ରାଜ୍ୟ ଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଦେଶରେ ବିକାଶର ସ୍ରୋତ ଛୁଟାଇଥିବା ବେଳେ ରାଜ୍ୟରେ ଭାଜପା ଶାସନକୁ ଆସିଲେ ରାଜ୍ୟ ବିକାଶଶୀଳ ହୋଇପାରିବ। ଏଥିସହ ସେ ଭାଜପାର ଏମ୍‌ପି ଓ ବିଧାୟକ ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ।

ସୋମବାର ଅପରାହ୍ନ ୨ଟା ବେଳେ ହେଲିକପ୍ଟର ଯୋଗେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ଆସି ସଭାସ୍ଥଳରେ ପହଞ୍ଚିଥିଲେ। ଭାଜପାର ନେତୃବୃନ୍ଦ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନାଙ୍କ ସଞ୍ଚାଳନରେ ସଭା ଅନୁଷ୍ଠିତ ହୋଇଥିଲା। ଭାଜପାର ଧାମନଗର ବିଧାୟକ ପ୍ରାର୍ଥୀ ବିଷ୍ଣୁ ସେଠୀ ସଭାରେ ଯୋଗଦେଇ କହିଥିଲେ, ଧାମନଗର ନିର୍ବାଚନ ମଣ୍ଡଳୀର ଲୋକଙ୍କ ସୁଖଦୁଃଖରେ ସେ ମୂଲିଆ ପରି ରହିଆସିଛନ୍ତି। ତେଣୁ ମୂଳ ସ୍ୱରୂପ ନିର୍ବାଚନରେ ତାଙ୍କୁ ଭୋଟ ଦେବାକୁ ସେ ନିବେଦନ କରିଥିଲେ। ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ, ବାସୁଦେବପୁର ବିଧାୟକ ପ୍ରାର୍ଥୀ ମାଧବାନନ୍ଦ ମଲ୍ଲିକ, ଜିଲାପରିଷଦ ସଭ୍ୟା ରଞ୍ଜିତା ସ୍ୱାଇଁ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ମନସ୍ୱିତା ଖୁଣ୍ଟିଆ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲ୍ଲିକ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରଘୁନାଥ ପାତ୍ର, ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ରାମଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟରେ ବିକାଶ ଆଣିବା ପାଇଁ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଅନୁରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ଉଷାକାନ୍ତ ନାୟକ, କୃଷ୍ଣଚନ୍ଦ୍ର ସାହୁ, ସ୍ୱର୍ଣ୍ଣମୟୀ ଜେନା, ଅଳିଳପ୍ରଭା ରାଉଳ, ବିଦେଶିନୀ ସ୍ୱାଇଁ, ଝରଣା ଜେନା, ମଣ୍ଡଳ ସଭାପତି ଶଶୀକାନ୍ତ ବିଶ୍ୱାଳ, ଉମାକାନ୍ତ ଦାସ, ପ୍ରଦୀପ ବଳ ଓ ସୁଧାଂଶୁ ପାଣିଗ୍ରାହୀ, ସମିତିସଭ୍ୟ ଶୁଭ୍ରନାରାୟଣ ସେଠୀ, ବୁଦ୍ଧିରାମ ସେଠୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସୀତାକାନ୍ତ ନାୟକ, ଶରତ ଦାସ, ଅଜୟ ମହାପାତ୍ର, ରାଜକିଶୋର ନାୟକ, ତପନ ରାଉଳ, ପ୍ରତାପ ଜେନା ଓ ବାସୁଦେବ ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ପାଠପଢ଼ା ନ ହୋଇ ପରୀକ୍ଷା ପାଇଁ ଚିଠି
### ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ



ବିରିଡି,୨୨।୪(ଡି.ଏନ.ଏ.): ମେ’ ୪ରୁ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ସମସ୍ତ ଯୁକ୍ତ ୩ ଡିଗ୍ରୀ କଲେଜରେ ୨ୟ ବର୍ଷ ଛାତ୍ରୀଛାତ୍ରଙ୍କ ଚତୁର୍ଥ ସେମିଷ୍ଟର ପରୀକ୍ଷା ଅନୁଷ୍ଠିତ ହେବ। ହେଲେ ଏହି ସେମିଷ୍ଟର ପାଇଁ ଉଦିଷ୍ଟ ପାଠ୍ୟକ୍ରମ ଅଧ୍ୟୟନରତ ଛାତ୍ରୀଛାତ୍ର ପଢି ନାହାନ୍ତି। କାରଣ ଅଧ୍ୟାପିକାଅଧ୍ୟାପକମାନେ ପରୀକ୍ଷା ଖାତା ଦେଖିବା ସହିତ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଏପରିସ୍ଥଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଚତୁର୍ଥ ସେମିଷ୍ଟର ପରୀକ୍ଷା ପାଇଁ କାର୍ଯ୍ୟସୂଚୀ ପ୍ରକାଶ କରାଯାଇଛି। ଏହାକୁ ନେଇ ବିରିଡ଼ି ବ୍ଲକ ଅଧୀନ ଅଳକା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏକ ସ୍ମାରକପତ୍ର ଅଧକ୍ଷ ବନମାଳୀ ବେହେରାଙ୍କୁ ପ୍ରଦାନ କରିଛନ୍ତି। ତେବେ ଅଧକ୍ଷ ବେହେରା ବିଶ୍ୱବିଦ୍ୟାଳୟକୁ ଯାଇ ପରୀକ୍ଷା ନିୟନ୍ତ୍ରକଙ୍କୁ ସାକ୍ଷାତ କରି ଲିଖିତ ଭାବେ ଜଣାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଅପରପକ୍ଷରେ ଅଧକ୍ଷ ନିଜେ ମଧ ପରୀକ୍ଷା ନିୟନ୍ତ୍ରକଙ୍କୁ ଏ ବିଷୟରେ ଅବଗତ କରାଇବେ ବୋଲି କହିଛନ୍ତି।

### ବଙ୍ଗାପୁରରେ କନ୍ୟା ମିଳନ ଉତ୍ସବ



ତିର୍ତ୍ତୋଲ,୨୨।୪(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତରଜଙ୍ଗା ପଞ୍ଚାୟତ ବଙ୍ଗାପୁର ଗ୍ରାମରେ ପ୍ରଥମ ଥର ପାଇଁ ନିଆରା କନ୍ୟା ମିଳନ ଉତ୍ସବ ଗ୍ରାମଦେବତୀ ମା’ବଉଳେଶ୍ୱରୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଓ ରାଜ୍ୟ ବାହାରେ ଥିବା ସବୁ ଝିଅ ଏଠାରେ ଦୀର୍ଘ ବର୍ଷରେ ମିଳିତ ହୋଇଥିବାରୁ ଭାବ ବିହ୍ୱଳ ହୋଇପଡିଥିଲେ। ନିଜ ଜନ୍ମଭୂମି ବଙ୍ଗାପୁରରେ କଟାଇଥିବା ପିଲା ଦିନର ସ୍ମୃତି ଚାରଣ କରିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ। ଗାଁର ଆବାଳ ବୃଦ୍ଧ ବନିତା ଏଥିରେ ଯୋଗଦେବା ସହ ଗାଁର ଏକତା ଓ ଭାତୃଭାବ ସୃଷ୍ଟି କରିବାରେ ଏହି ପ୍ରୟାସ ଅତ୍ୟନ୍ତ ପ୍ରଂଶସନୀୟ ବୋଲି ମତବ୍ୟକ୍ତ କରିଥିଲେ। ସଂଗୀତର ଆସର ସହ ଅତ୍ୟନ୍ତ ଆନନ୍ଦ ଓ ଉତ୍ସାହର ସହିତ ଏହି ମିଳନ ଉତ୍ସବ ସମାପନ ହୋଇଥିଲା। ଛବିରାଣୀ ପୃଷ୍ଟି, ତଳିରାଣୀ ପୃଷ୍ଟି, ଅହଲ୍ୟା ପୃଷ୍ଟି, ମିନି ରାଣି ପୃଷ୍ଟି, ନନ୍ଦିନୀ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହଜିବାକୁ ବସିଲାଣି ଚଇତି ଘୋଡ଼ାନାଚ ପରମ୍ପରା

ବିରିଡି,୨୨।୪(ଡି.ଏନ.ଏ.)

ଉତ୍କୃଷ୍ଟ କଳାର ଦେଶ ବୋଲି ଆମ ରାଜ୍ୟ ଉତ୍କଳ ନାମରେ ବିଶ୍ୱ ବିଦିତ। ଅନନ୍ୟ ଏହାର କଳା, କିର୍ତ୍ତିରାଜୀ, ସଂସ୍କୃତି, ନୃତ୍ୟ, ସଂଗୀତ ଲୋକକଥା ଓ ପରମ୍ପରା। ସେଥିରୁ ସତ୍ୟନାରାୟଣ ପାଲା, ଘୋଡାନାଚ, ଦାସକାଠିଆ ଗୀତ, ଘଣ୍ଟ ପାଟୁଆ ନାଚ, ସଖି ନାଚ, ଦଣ୍ଡନାଚ, କଣ୍ଢେଇ ନାଚ, କେଳା କେଳୁଣି ନାଚ ଆଦି ଦିନେ ଓଡ଼ିଆଙ୍କ ଜୀବନ ଜୀବିକା ସହ ସମ୍ପୃକ୍ତି ଥାଇ ସୃଷ୍ଟି କରିଥିଲା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ। ଏସବୁ ମଧ୍ୟରେ ଚଇତି ଘୋଡା ନାଚ ଯାହା ଓଡ଼ିଶାର କୈବର୍ତ୍ତ ସମ୍ପ୍ରଦାୟର ପ୍ରମୁଖ ଲୋକନୃତ୍ୟ ଏବଂ ଅତୀତରେ ସେମାନଙ୍କ ଜୀବନ ଜୀବିକା ସହ ଜଡିତ ଥିଲା ତାହା ଏବେ ହଜିବାକୁ ବସିଛି।

ଚଇତି ଘୋଡା ନାଚ ଚୈତ୍ର ପୂର୍ଣ୍ଣମୀରେ ହୋଇଥାଏ। ଏହି ଦିନ କୈବର୍ତ୍ତ ସେମାନଙ୍କ ଇଷ୍ଟ ଦେବୀ ମା’ବାସୁଳୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ଏହାପରେ ବାରଖଣ୍ଡି ବାଉଁଶ ପାତିଆରେ ଏକ ଘୋଡା ନିର୍ମାଣ କରି କୁସୁମ କାଠରେ ନିର୍ମିତ ଘୋଡାର ମୁଣ୍ଡକୁ ସେଥିରେ ମଣ୍ଡନ କରିଥାନ୍ତି। ପାଟ ବସ୍ତ୍ର ଦ୍ୱାରା ଘୋଡାର ଶରୀରକୁ ଆବୃତ୍ତ କରିବା ସହିତ ମସ୍ତକରେ ସୋଲର ମୁକୁଟ ଫୁଲ ସିନ୍ଦୂର ଦେଇ ପୂଜାର୍ଚ୍ଚନା କରିଥାନ୍ତି। ପ୍ରଥମେ ଭୋଗ ରୂପେ ପୋଡାମାଛକୁ ବାସୁଳୀଙ୍କୁ ଅର୍ପଣ କରାଯିବା ପରେ ପିଠାପଣା ଫଳମୂଳ ଇତ୍ୟାଦି ଅର୍ପଣ କରାଯାଇଥାଏ। ପରେ ବାସୁଳୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ନୃତ୍ୟ ପରିବେଷଣ। ଏହି ନୃତ୍ୟ ସାଧାରଣତଃ ଗାୟକ ପାଳିଆ, ରାଉତ, ରାଉତାଣୀଙ୍କ ଦ୍ୱାରା ପରିବେଷଣ କରାଯାଏ। ଏହି ନୃତ୍ୟ ପ୍ରାୟ ୧ ମାସ ଧରି ଚାଲିଥାଏ। ନୃତ୍ୟ ପରିବେଷଣ ପାଇଁ କୌଣସି ନିର୍ଦ୍ଦିଷ୍ଟ ବହି ନ ଥାଏ। ଐତିହାସିକ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ଘୋଡା ନାଚର ଉତ୍ପତ୍ତି ସମ୍ବନ୍ଧରେ କୌଣସି ପ୍ରମାଣ ଆଜି ପର୍ଯ୍ୟନ୍ତ ମିଳିପାରି ନାହିଁ।

ପ୍ରଥମ କିମ୍ବଦନ୍ତୀ ଅନୁଯାୟୀ ଅତୀତରେ କୈବର୍ତ୍ତ ସାଧାରଣତଃ ଓଡିଶାର ରାଜାଙ୍କ ଅଧୀନରେ ନୌସେନା ରୂପେ କାର୍ଯ୍ୟ କରୁଥିଲେ। ଏଥି ସହ ସୁଦୂର ଜାଭା ସୁମାତ୍ରା ବାଲି ଓ ଇଣ୍ଡୋନେସିଆ ସହ ସେମାନଙ୍କ ଥିଲା ବାଣିଜ୍ୟିକ ସମ୍ପର୍କ। ସେଠାରୁ ସେମାନେ ଘୋଡା ନୌକାରେ ଆଣି ଓଡିଆ ପାଇକ ଓ ସାମନ୍ତଙ୍କୁ ବିକ୍ରି କରୁଥିଲେ। ଯଦିଓ ସେସବୁ ଆଜି ଇତିହାସ ତଥାପି ସେମାନଙ୍କ ପୁରୁଣା ସ୍ମୃତିକୁ ମନେପକାଇ ସେମାନେ ପାଳନ କରିଥାନ୍ତି ଘୋଡା ନାଚ। ଦ୍ୱିତୀୟ କିମ୍ବଦନ୍ତୀ ଅନୁଯାୟୀ ରାଜା ପରାଶରଙ୍କ ରାଣୀ ଯୋଜନବନ୍ଧାଙ୍କର ପିତା ଥିଲେ ଜଣେ କୈବର୍ତ୍ତ ରାଜା। ସେ ନିଜ ନାତି ବ୍ୟାସଦେବ ପାଇଁ ସୁଦୂର ବିନ୍ଧ୍ୟାଞ୍ଚଳରୁ ଏକ ଘୋଡା ଆଣିଥିଲେ। ଏହି ଘୋଡାର ସ୍ମୃତିରୁ ସୃଷ୍ଟି ହେଲା ଘୋଡା ନାଚ, ତୃତୀୟ କଥା ଅନୁଯାୟୀ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କୁ ନୌକା ପାର କରିଥିବା ଧୀବରଙ୍କୁ ଏକ ଘୋଡା ଦ୍ୱାରା ପ୍ରଭୁ ପୁରସ୍କୃତ କରିଥିଲେ। ସେହିଦିନ ଥିଲା ଚୈତ୍ର ପୂର୍ଣ୍ଣମୀ। ଠିକ ସେହିଦିନଠାରୁ ଧୀବରମାନେ ଏହି ପର୍ବ ପାଳନ କରୁଛନ୍ତି।

ଏହି ଲୋକ ନୃତ୍ୟ କେବଳ ଯେ ମନୋରଞ୍ଜନର ମାଧ୍ୟମ ଥିଲା ତା ନୁହେଁ ବଂର କୈବର୍ତ୍ତ ସମ୍ପ୍ରଦାୟର ଏହା ଥିଲା କୁଳ ବେଉସା। ଯାହାକୁ ଆଧାର କରି ସେମାନେ ମଧ ଗାଁକୁ ଗାଁ ବୁଲି ଜୀବିକା ନିର୍ବାହ କରୁଥିଲେ। ମାତ୍ର ଏହା ଆଜି ବିଲୋପ ହେବାକୁ ବସିଛି। କୁଳ ପରମ୍ପରାକୁ ଆଦାର କରି ଅନେକ କଳାକାର ଏଥିସହ ସମ୍ପୃକ୍ତ ଥିବାବେଳେ ଏଠାରୁ ଦୂରେଇ ଯାଉଛନ୍ତି ଆଜିର ଯୁବପିଢ଼ି। ପାଶ୍ଚାତ ସଂସ୍କୃତିର କୁପ୍ରଭାବ, ମନୋରଞ୍ଜନର ପର୍ଯ୍ୟାପ୍ତ ମାଧ୍ୟମ, କଳାକାରଙ୍କୁ ସ୍ୱଳ୍ପ ପାରିଶ୍ରମିକ, ସରକାରୀ ପ୍ରୋତ୍ସାହନର ଅଭାବ ଓ ତାଙ୍କ ଆର୍ଥିକ ଦୁର୍ଗତି ଯୋଗୁ ଲୀନ ହେବାକୁ ବସିଛି ଏହି ଲୋକ ନୃତ୍ୟ। ଏହାକୁ ବଞ୍ଚାଇ ରଖିବା ପାଇଁ ସରକାରୀ ଓ ବେସରକାରୀସ୍ତରରେ ପ୍ରୟାସ ହେବା ଆବଶ୍ୟକ। ଏ ସମ୍ପର୍କରେ କୈବର୍ତ୍ତ୍ୟ ସମ୍ପଦାୟ ହାଜିପୁର ଗ୍ରାମର ଫକୀର ବେହେରା, ବାଲିଆ ଗ୍ରାମର ପଞ୍ଚାନନ ତରାଇ ଓ ବାରାହପୁର ଗ୍ରାମର ସୁରତ ବେହେରା କହିଛନ୍ତି, ଆଗରୁ ବାପା, ଅଜାଙ୍କ ସମୟରେ ବାସୁଳୀଙ୍କ ପୂଜାର୍ଚ୍ଚନା ସହ ଘୋଡା ନାଚ କରାଯାଉଥିଲା। ଏବେ ଏଥିରେ ଅର୍ଥ ସାଜିଛି ବାଧକ। ସରକାରୀ ସହାୟତା ମିଳିଲେ ଆମେ ଏହାକୁ ବଜାୟୀ ରଖନ୍ତୁ।



ଘୋଡ଼ାନାଚ ପରିବେଷଣ କରାଯାଉଛି।

■ ବଞ୍ଚାଇ ରଖିବା ପାଇଁ ପ୍ରୟାସ ହେବା ଆବଶ୍ୟକ

■ ଚଇତି ଘୋଡା ନାଚ ଚୈତ୍ର ପୂର୍ଣ୍ଣମୀରେ ହୋଇଥାଏ

### ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ

ବାଲିକୁଦା,୨୨।୪(ସ୍ୱ.ପ୍ର.)

ସୋମବାର ବାଲିକୁଦା ବ୍ଲକ ଅଧୀନ ତରାସାହି ପଞ୍ଚାୟତର କଂଗ୍ରେସ କର୍ମୀ ପ୍ରତାପ ଗୁରୁ ଓ ମିଥୁନ ଗୁରୁ ଦଳ ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ପଞ୍ଚାୟତର ତୁଙ୍ଗ ନେତା ତଥା ବାଲିକୁଦା ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ଶମ୍ଭୁ ପ୍ରସନ୍ନ ମହାନ୍ତିଙ୍କ ନେତୃତ୍ୱରେ ଏହି କର୍ମୀମାନେ ସେମାନଙ୍କ ସମର୍ଥକଙ୍କ ସହ ଆସି ବାଲିକୁଦା–ଏରସମା ବିଜେଡି ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସଙ୍କ ବାଲିକୁଦାସ୍ଥିତ ବାସ ଭବନରେ ପହଞ୍ଚି ଆନୁଷ୍ଠାନିକ ଭାବେ ଦଳରେ ସାମିଲ ହୋଇଥିଲେ। ସେହିପରି ବୋରିକିନା ପଞ୍ଚାୟତ ୧୪ ନମ୍ବର ୱାର୍ଡର ୱାର୍ଡସଭ୍ୟ ବୀରବର ଦାସ କଂଗ୍ରେସ ଛାଡି ବିଧିବଧଭାବେ ବିଜେଡିରେ ମିଶିଛନ୍ତି। ତାଙ୍କ ସହିତ ଦଳର ସକ୍ରୀୟ କର୍ମୀ ରବୀନ୍ଦ୍ର ପରିଡା ମଧ ବିଜେଡିରେ ଯୋଗ ଦେଇଛନ୍ତି। ସମସ୍ତ ନୂତନ କର୍ମୀ ଓ ନେତାଙ୍କୁ ପ୍ରାର୍ଥୀ ଦାସ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ବିଜେଡି ସଭାପତି ରତ୍ନାକର ନାୟକ, ଅଳାଭର ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ ଓ ଯୁବନେତା ଭୀମସେନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

■ ରାହାମାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# କେନ୍ଦ୍ରର ବୈମାତୃକ ମନୋଭାବ ଯୋଗୁ ଓଡ଼ିଶା ବିକାଶରେ ବାଧା ପହଞ୍ଚିଛି

ରାହାମା,୨୨।୪(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ନିର୍ବାଚନୀ ସଭା ସୋମବାର ପାରାଦୀପ ନିର୍ବାଚନମଣ୍ଡଳୀ ଅଧୀନ ରାହାମାଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଏଥିରେ ଯୋଗଦେଇ ପାରାଦୀପ ନିର୍ବାଚନମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ସମ୍ବିତ ରାଉତରାୟ ଓ ଜଗତ୍ସିଂହପୁର ଏମ୍ପି ପ୍ରାର୍ଥୀ ଡ. ରାଜଶ୍ରୀ ମଲ୍ଲିକଙ୍କ ପାଇଁ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ଅପରାହ୍ନରେ ରାହାମା ହାଇସ୍କୁଲ ଖେଳପଡିଆଠାରେ ଆୟୋଜିତ ସଭାରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ମତଦାନ କରିବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ଏଥିସହିତ କେନ୍ଦ୍ର ସରକାରଙ୍କ ଓଡ଼ଶା ପ୍ରତି ଥିବା ବୈମାତୃକ ମନୋଭାବ ଯୋଗୁ ଓଡ଼ିଶାର ବିକାଶରେ ବାଧା ପହଞ୍ଚିଛି ବୋଲି କହିଥିଲେ। ପାରାଦୀପଠାରେ ଗଢ଼ି ଉଠୁଥିବା କାରଖାନାରେ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଜଗତ୍ସିଂହପୁର ଏମ୍ପି ଡ. କୁଳମଣି ସାମଲ, ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଅମରେଶ ପତ୍ରୀ, ବିଜୁ ଯୁବ ଜନତା ଦଳ ସାଧାରଣ ସମ୍ପାଦକ ଇଂ. ପ୍ରମୋଦ କିଶୋର ଜେନା, ଜଗତ୍ସିଂହପୁର ଜିଲା ବିଜୁ ଜନତା ଦଳ ସମ୍ପାଦକ ଶିଶିର ଦାସ, ବ୍ରଜ କିଶୋର ମହାରାଜ, କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ସଭାପତି ନରେନ୍ଦ୍ର ପରିଡା, କାର୍ଯ୍ୟକାରୀ ସଭାପତି ଅଜୟ ସାହୁ, ସାମାଜିକ କର୍ମୀ ସୁନାକର ବେହେରା, ପାରାଦୀପ ନଗର ବିଜେଡି ସଭାପତି ସୁମନ୍ତ ବିଶ୍ୱାଳ, ଅନ୍ତର୍ଯାମୀ ପରିଡା, ରଞ୍ଜନ ଦାସ, ଯୁବନେତା ଶ୍ରୀକାନ୍ତ ଦାସ(ମୁନା) ଓ ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ରାହାମାଠାରେ ଆୟୋଜିତ ନିର୍ବାଚନୀ ସଭାରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

### କଂଗ୍ରେସର ରୋଡ୍ ଶୋ

ଏରସମା,୨୨।୪(ସ୍ୱ.ପ୍ର.)

ଏରସମା ବ୍ଲକ କଂଗ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ ରୋଡ ଶୋ କରାଯାଇଥିଲା। ଶତାଧିକ କର୍ମୀ ଏଥିରେ ସାମିଲ ହୋଇଥିଲେ। ବାଲିକୁଦା–ଏରସମା କଂଗ୍ରେସ ବିଧାୟକ ପ୍ରାର୍ଥୀ ଡା. ଲଲାଟେନ୍ଦୁ ମହାପାତ୍ର, ପିସିସି ସଦସ୍ୟ ତଥା ପଳିକଣ୍ଠା ସରପଞ୍ଚ ଧ୍ୱଜରାଜ ଖଣ୍ଡୁଆଳ, ଗଡହରିଶପୁର ସରପଞ୍ଚ ତଥା ୨ନଂ ଜୋନ ସଭାପତି ଭୀମସେନ ରାଉତ, ଏରସମା ବ୍ଲକ କଂଗ୍ରେସ ସଭାପତି ନିତ୍ୟାନନ୍ଦ ଦାସ, ଦୀପ୍ତିରାଣୀ ପ୍ରଧାନ, ଜନକାଦେଇପୁର ସରପଞ୍ଚ ନର୍ମଦା ପାଲ, ସୁଧାକର ଖଟୁଆ, ବାଲିକୁଦାର ଜିଲା ପରିଷଦ ସଭ୍ୟ ମହନୀ ଚରଣ ରାଉତ, ଜିଲା ଯୁବ କଂଗ୍ରେସ ସଭାପତି ଅଜୟ ସାହୁ, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ବିକ୍ରମ ପରିଡା, ସିପିଆଇର ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, କଂଗ୍ରେସ ୧ନଂ ଜୋନ ସଭାପତି ବଲ୍ଲବାନନ୍ଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ସେମାନେ ଶୋଭାଯାତ୍ରାରେ ଆସି ଏରସମା ବ୍ଲକ ସଦରମହକୁମାସ୍ଥିତ ଆଞ୍ଚଳିକ ଯୁବ ପରିଷଦ ପଡିଆରେ ଆୟୋଜିତ ସଭାସ୍ଥଳରେ ପହଞ୍ଚିଥିଲେ। ମାତ୍ର ବର୍ଷା ହେବାରୁ ସଭା କାର୍ଯ୍ୟକ୍ରମ ସ୍ଥଗିତ ରଖାଯାଇଥିଲା।

## ଚଇତି ପର୍ବରେ ଘୋଡ଼ାନାଚ

ତିର୍ତ୍ତୋଲ,୨୨।୪(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦା ଗ୍ରାମରେ ଚଇତି ପର୍ବ ଉପଲକ୍ଷେ ଘୋଡା ନାଚ ଉତ୍ସବ ପାଳିତ ହୋଇଯାଇଛି। ଅଞ୍ଚଳର ଭାଇଚାରା ସମ୍ପର୍କ ସୃଷ୍ଟି କରିଥିବା ଏହି ପର୍ବ ପୂର୍ବରୁ କୈବର୍ତ୍ତ ସମ୍ପ୍ରଦାୟର ମଥୁରି ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିଲା। ଏବେ ଏହା ନୃସିଂହ ଚରଣ ବେହେରା ଓ ରବୀନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଛି। ଗାୟକ ବିଦ୍ୟାଧର ବେହେରା କେନ୍ଦ୍ରପଡା ଅଞ୍ଚଳର ତାଙ୍କ ନିଜର ସହଯୋଗୀଙ୍କ ଦ୍ୱାରା କିଛି ବର୍ଷ ହେବ ଘୋଡା ନାଚ ଓ ସଙ୍ଗୀତ ପରିବେଷଣ କରିଥିଲେ। ଏବର୍ଷ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସ୍ଥାନୀୟ ଜନସାଧାରଣ ମନଭରି ଉପଭୋଗ କରିଥିଲେ।

## ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ



ବିଜେଡି ଯୋଗଦେଇଥିବା କଂଗ୍ରେସ କର୍ମୀ।

ବିରିଡି,୨୨।୪(ଡି.ଏନ.ଏ.)

ବିରିଡ଼ି ବ୍ଲକ ଅନ୍ତର୍ଗତ ପୂରଣ ପଞ୍ଚାୟତ ୧୯ ନମ୍ବର ୱାର୍ଡର ୧୧ କଂଗ୍ରେସ କର୍ମୀ ସୁଶାନ୍ତ ଦାସ, ପ୍ରମୋଦ ଦାସ, ଜଗନ୍ନାଥ ଦାସ, ତପନ ଦାସ, ଅମିତ ଦାସ, ଉମେଶ ଦାସ, ସନ୍ତୋଷ ଦାସ, ଗିରିଶ ପ୍ରସାଦ ଦାସ, ଅନିଲ ଦାସ, ଜ୍ୟୋତି ପ୍ରକାଶ ଦାସ ଓ ସୁବ୍ରତ କୁମାର ଦାସ ରବିବାର ରାତିରେ ଦଳ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଜେଡିବିଧାୟକ ପ୍ରାର୍ଥୀ ବିଷ୍ଣୁ ଦାସଙ୍କ ନେତୃତ୍ୱକୁ ଭରଷା କରିବା ସହିତ ନୀବନ ପଟ୍ଟାନୟକଙ୍କ ବିକାଶମୁଖୀ ସ୍ୱଚ୍ଛ ଶାସନ ପ୍ରତି ଆସ୍ଥା ପ୍ରକଟ କରି ସେମାନେ ବିଜେଡିରେ ମିଶିଛନ୍ତି ବୋଲି କହିଛନ୍ତି। ଏହି ମିଶ୍ରଣ ପର୍ବରେ ବିଜେଡି ଜିଲା ଉପସଭାପତି ରବିନାରାୟଣ ଜେନା, ବରିଷ୍ଠ ନେତା ନୃସିଂହ କୁମାର ଦାଶ, ପୂର୍ବତନ ଜିଲା ପରିଷଦ ସଭ୍ୟ ନେତ୍ରାନନ୍ଦ ପାତ୍ର, ଜିଲା ବିଜେଡି ସମ୍ପାଦକ ପବିତ୍ର ପଶାୟତ ଉକ୍ତ ପଞ୍ଚାୟତର ବିଜେଡି ନେତା ରବୀନ୍ଦ୍ର କୁମାର ଦାସ ଓ ସୁଦର୍ଶନ ବେହେରା ଉପସ୍ଥିତ ଥିଲେ।

## କନକପୁର ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

ତିର୍ତ୍ତୋଲ,୨୨।୪(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଝଙ୍କଡ ଶାରଳାପୀଠ କନକପୁର ଗ୍ରାମପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କନକପୁର ସରପଞ୍ଚ ନମିତା ରାଉଳ ଓ ଯୁବ ସାମାଜିକ କର୍ମୀ ନୃସିଂହ ଚରଣ ରାଉଳ ନିଜର ବହୁ ସମର୍ଥକଙ୍କ ସହିତ ତିର୍ତ୍ତୋଲ ବିଜେଡି ପର୍ଯ୍ୟବେକ୍ଷକ ମିଶିତ କରଣ, ବ୍ଲକ ବିଜେଡି ସଭାପତି ବସନ୍ତ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ମନୋଜ ମହାନ୍ତି, ଆଇନଜୀବୀ ମହେଶ ମହାନ୍ତି, ବିପିନ ବିହାରୀ ଦାସ, ତପନ ଦାସ, ବରଦା ପ୍ରସାଦ ଦାସ, ପ୍ରକାଶ ଚନ୍ଦ୍ର ପଣ୍ଡା, ନବକିଶୋର ମଲ୍ଲ, ଦ୍ୱିଜବର ବାରିକ, ପର୍ଶୁରାମ ଭଞ୍ଜ ଓ ପଣ୍ଡିତ ସୁଦାମ ଚରଣ ପଣ୍ଡାଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ବିଜେଡିରେ ଦେଇଥିଲେ। ଏହି ଅବସରରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ସମସ୍ତେ ଶପଥ ନେଇଥିଲେ।

## କଲେଜରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ବିରିଡି,୨୨।୪(ଡି.ଏନ.ଏ)

ଆଜିର ଶିକ୍ଷା ବିପର୍ଯ୍ୟସ୍ତ। ଭାରତରେ ଯେଉଁ ଶିକ୍ଷା ଥିଲା ତାହା ଅବକ୍ଷୟ ହୋଇଛି। ଗୁରୁ ଶିଷ୍ୟ ପରମ୍ପରା ହ୍ରାସ ପାଇ ଯାଉଛି। ଶିକ୍ଷା ମୁକ୍ତିର ମାର୍ଗ ପ୍ରଦର୍ଶନ କରେ। ସାମ୍ପ୍ରତିକ ସମୟରେ ଭଲ ମଣିଷର ଆବଶ୍ୟକତା ରହିଛି। ଏଣୁ ଛାତ୍ରୀଛାତ୍ର ମନ୍ଦିର ରୂପକ ମହାବିଦ୍ୟାଳୟରେ ଅଧ୍ୟୟନ କରି ଭଲ ମଣିଷ ହେବା ପାଇଁ ଯତୋପର ନାସ୍ତି ଚେଷ୍ଟା କରିବାକୁ ସୋମବାର ବିରିଡ଼ି ବ୍ଲକ ଅଧୀନ ଅଳକା ମହାବିଦ୍ୟାଳୟର ୨୮ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହାବିଦ୍ୟାଳୟ ଅଧକ୍ଷ ବନମାଳୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥିଭାବେ ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ତଥା ଚଳଚ୍ଚିତ୍ର ଅଭିନେତା ପ୍ରଦ୍ୟୁମ୍ନ କୁମାର ଲେଙ୍କା, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସାହିତ୍ୟିକ ପ୍ରଫେସର ଶ୍ରୀଚରଣ ଦାସ ଓ ସମ୍ମାନିତ ଅତିଥି ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ ଲକ୍ଷ୍ମୀଧର କର, ରାଜନୀତି ବିଭିଗର ମୁଖ୍ୟ ପ୍ରଶାନ୍ତ କିଶୋର ପରିଡା ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଥିଲେ। କ୍ରୀଡା ସଂସଦ ଉପସଭାପତି ଡ. ଜ୍ୟୋତିରଞ୍ଜନ ସାମନ୍ତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ଅଧ୍ୟାପିକା ଜଲି ପଟ୍ଟନାୟକ, ଅଧ୍ୟାପକ ଅଶୋକ ଲେଙ୍କା, ଅଧ୍ୟାପିକା ସଲୀଳା ଦାସ, ସହ କ୍ରୀଡା ଉପସଭାପତି ଅଧ୍ୟାପକ ସୌମ୍ୟରଞ୍ଜନ ପଣ୍ଡା, କ୍ରୀଡା ଶିକ୍ଷକ ସଞ୍ଜିବ ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା। ଛାତ୍ରୀ ପ୍ରଜ୍ଞାପରିମିତା ଓ ଦେବସ୍ମିତା ଲେଙ୍କା ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଏଥି ସହ ଛାତ୍ରୀଛାତ୍ର ସମ୍ବଲପୁରୀ ନୃତ୍ୟ ଓ ଗ୍ରୁପ ଡ୍ୟାନ୍ସ ପରିବେଷଣ କରିଥିଲେ। ମହାବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରଫେସର ବିଶ୍ୱଜିତ ରାୟ ଧନ୍ୟବାଦ ଦେଇଥିଲେ।




କଲେଜ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବରେ ପୁରସ୍କୃତ ହୋଇଥିବା କୃତୀ ପ୍ରତିଭା ଓ ଅନ୍ୟମାନେ।

■ ଷ୍ଟାଣ୍ଡ ପୋଷ୍ଟରେ ପାଣି ପହଞ୍ଚିବା ପୂର୍ବରୁ ରାସ୍ତାରେ ଭାସିଲା

# ୨ ଦିନ ପରେ ଜଳ ଯୋଗାଣ ବନ୍ଦ

ନାଉଗାଁ,୨୨।୪(ସ୍ୱ.ପ୍ର.)

ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସବୁ ଗ୍ରାମକୁ ପାନୀୟ ଜଳ ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହେଲେ ନାଉଗାଁ ବ୍ଲକରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସୁଧୁରିବାରେ ନାଁ ଧରୁନାହିଁ। ଯାହା ବ୍ଲକର ତିରୁଣା ପଞ୍ଚାୟତରେ ଦେଖିବାକୁ ମିଳିଛି। କିଛିଦିନତଳେ ଗଣମାଧ୍ୟମରେ ଏହି ପଞ୍ଚାୟତର ପାନୀୟ ଜଳ ସମସ୍ୟା ନେଇ ଖବର ପ୍ରକାଶ ପାଇବା ପରେ ଗ୍ରାମ୍ୟ ଜଳ ପରିମଳ ବିଭାଗର ଚେତା ପଶିଥିଲା। ଦୀର୍ଘ ଦିନ ଧରି ଅଚଳ ହୋଇ ପଡିଥିବା ତିରୁଣା ପାନୀୟ ଜଳ ପ୍ରକଳ୍ପକୁ ମରାମତି କରାଯାଇ ଜଳ ଯୋଗାଇ ଦିଆଯାଇଥିଲା। ମାତ୍ର ୨ ଦିନ ପାଣି ଚାଲିବା ପରେ ପୁନର୍ବାର ଜଳ ଯୋଗାଣକୁ ବନ୍ଦ କରାଯାଇଛି। ଯେଉଁ ୨ ଦିନ ପାନୀୟ ଜଳ ଯୋଗାଣ ହୋଇଥିଲା ଷ୍ଟାଣ୍ଡ ପୋଷ୍ଟରେ ପାଣି ପହଞ୍ଚିବା ପୂର୍ବରୁ ପାଇପ ଫାଟି ରାସ୍ତାରେ ପାଣି ଭାସୁଥିବା ଦେଖାଯାଇଥିଲା।

ପ୍ରକାଶଯୋଗ୍ୟ, ଏହି ପଞ୍ଚାୟତରେ ପାନୀୟ ଜଳ ଯୋଗାଇବା ପାଇଁ ୨୦୦୯–୧୦ରେ ନିର୍ମାଣ କରାଯାଇଥିଲା ଗଭୀର ପାନୀୟ ଜଳ ପ୍ରକଳ୍ପ। ଏହି ପ୍ରକଳ୍ପ ମାଧ୍ୟମରେ ପଞ୍ଚାୟତର ୨୨ଟି ୱାର୍ଡକୁ ପାନୀୟ ଜଳ ଯୋଗାଇବା ବ୍ୟବସ୍ଥା କରାଯାଇଥିଲା। ପ୍ରକଳ୍ପରୁ ସମ୍ପୂର୍ଣ୍ଣଭାବେ ଜଳ ଯୋଗାଣ ବନ୍ଦ ହେବା ପରେ ବିଭାଗ ତରଫରୁ ୨୦୧୪–୧୫ ଆର୍ଥିକ ବର୍ଷରେ ପୁନର୍ବାର ତିରୁଣାଠାରେ ଏକ ସୁଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। ହେଲେ ନୂତନ ପ୍ରକଳ୍ପ ମଧ ଠିକ ଭାବେ ପାଣି ଯୋଗାଇବାରେ ବିଫଳ ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ହୋଇ କିଛି ଦିନ ଜଳ ଯୋଗାଇବା ପରେ ଷ୍ଟାଣ୍ଡ ପୋଷ୍ଟରେ ଆଉ ପାଣି ଆସିନାହିଁ। କାରଣ ମାଟି ତଳେ ନିମ୍ନମାନର ପାଇପ ବିଛା ଯାଇଥିବା ଯୋଗୁ ପାଣି ଷ୍ଟାଣ୍ଡ ପୋଷ୍ଟ ନିକଟରେ ପହଞ୍ଚିବା ପୂର୍ବରୁ ମାଟିରେ ମିଶିଯାଉଥିବା ଜନସାଧାରଣ ଅଭିଯୋଗ କରିଛନ୍ତି। ୧୦ ବର୍ଷ ପୂର୍ବରୁ ଏହି ପଞ୍ଚାୟତରେ ନିର୍ମାଣ ହୋଇଥିବା ପ୍ରକଳ୍ପ ଅଚଳ ହୋଇ ପଡିଥିବା ବେଳେ ନୂତନ ଭାବେ ନିର୍ମାଣ କରାଯାଇଥିବା ପ୍ରକଳ୍ପର ଅବସ୍ଥା ମଧ ସମାନ। ଏହି ପାନୀୟ ଜଳ ପ୍ରକଳ୍ପ ୨ଟି କାର୍ଯ୍ୟକ୍ଷମ କରାଗଲେ ପଞ୍ଚାୟତର ତିରୁଣା, ତେଣ୍ଟୋଇ, ଦହିପାଳ ଅରିଓଦା ଗ୍ରାମର ଜନସାଧରଣ ବିଶୁଦ୍ଧ ପାନୀୟ ଜଳ ପାଇ ପାରିବେ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଚନ୍ଦ୍ରଶେଖର ସା A ହୁ କହିଛନ୍ତି, ମାଟି ତଳେ ବିଛା ଯାଇଥିବା ପାଇପ ନିମ୍ନମାନର ହୋଇଥିବାରୁ ପାନୀୟ ଜଳ ଯୋଗାଣ ବେଳେ ତାହା ଫାଟିଯାଇ ପାଣି ରାସ୍ତାରେ ମାଡୁଛି। ତେଣୁ ପାଇପ ମରାମତି କାର୍ଯ୍ୟ ସରିବା ପରେ ପୁନର୍ବାର ଜଳ ଯୋଗାଇ ଦିଆଯିବ।



ପାଇପ ଫାଟି ରାସ୍ତାରେ ପାଣି ଭାସୁଛି।

■ ୨୦୦୯-୧୦ରେ ନିର୍ମାଣ କରାଯାଇଥିଲା ଗଭୀର ପାନୀୟ ଜଳ ପ୍ରକଳ୍ପ

■ ୨୦୧୪-୧୫ରେ ପୁନର୍ବାର ତିରୁଣାଠାରେ ସୁଉଚ୍ଚ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ଏପ୍ରିଲ, ୨୦୧୯



ଯେଉଁମାନେ ଅନ୍ୟର ଅମଙ୍ଗଳ ଚିନ୍ତା କରନ୍ତି ନାହିଁ,
ସେମାନେ କାହାକୁ ସନ୍ଦେହ କରିବେ ନାହିଁ।
- ବେଞ୍ଜାମିନ ଜନ୍‌ସନ



## ସଂକ୍ଷେପରେ

### ତମ୍ବୁ ପାଲ ଚୋରି ଅଭିଯୋଗରେ ୨ କୋର୍ଟ ଚାଲାଣ

**କୋରେଇ, ୨୨।୪(ସ୍ୱ.ପ୍ର.):** ଏକ ଟେଣ୍ଟ ହାଉସରୁ ତମ୍ବୁ ପାଲ ଚୋରି ଅଭିଯୋଗରେ ସୋମବାର ପାଣିକୋଇଲି ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ଅଭୟ ଓ ବଳଦିଆ ଗ୍ରାମର ଅକ୍ଷୟ କୁମାର ଜେନା। ପ୍ରକାଶ ଯେ, ପାଣିକୋଇଲି ଅଞ୍ଚଳର ଦିଲୀପ ସାହୁଙ୍କ ଟେଣ୍ଟ ହାଉସରେ ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ଅଭୟ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଗତ ୧୯ ତାରିଖରେ ଭଦ୍ରକର ଦୋଳସାହିଠାରେ ଟେଣ୍ଟ ବନ୍ଧା କାମ ଚାଲୁଥିବାବେଳେ ଅଭୟ ଓ ଅକ୍ଷୟ ୩ଟି ତମ୍ବୁ ପାଲ ଚୋରି କରିଥିଲେ। ଏହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଦିଲୀପ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (୭୪/୧୯) କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିବା ତଦନ୍ତ ଅଧିକାରୀ ପୁଷ୍ପଲତା ବେହେରା ସୂଚନା ଦେଇଛନ୍ତି।

### ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ମୃତ, ୨ଗୁରୁତର

**ଧର୍ମଶାଳା,୨୨।୪(ଡି.ଏନ୍.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ ଜାତୀୟ ରାଜପଥ ସାରୋଇ ନିକଟରେ ରବିବାର ସନ୍ଧ୍ୟାରେ ଏକ ପିକ୍‌ଅପ ଭ୍ୟାନ ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ୨ଜଣ ଗୁରୁତର ହୋଇଥିଲେ। ମୃତକ ଜଣଙ୍କ ପାଣିକୋଇଲି ଥାନା ଶଙ୍ଖଚିଲ୍ଲା ଗ୍ରାମର ବାପି କାଣ୍ଡି(୨୯)। ସୋମବାର ବାପିଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଜଣାପଡିଛି। ଗୁରୁତରମାନେ ହେଲେ ଭାଲୁ ନାୟକ(୩୨) ଓ ସନ୍ତୋଷ ପାତ୍ର (୨୬)। ଗୁରୁତରଙ୍କୁ ପ୍ରଥମେ ୧୦୮ ଆମ୍ବୁଲାନ୍ସ ଯୋଗେ ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଭାଲୁଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ପରେ ପିକଅପ୍ ଡ୍ରାଇଭର ଫେରାର ହୋଇଯାଇଛି। ରବିବାର ସନ୍ଧ୍ୟାରେ ପାଣିକୋଇଲି ଥାନା ଶଙ୍ଖଚିଲ୍ଲା ଗ୍ରାମର ବାପି, ଭାଲୁ ଓ ସନ୍ତୋଷ ପଲସର ବାଇକରେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ସାରୋଇ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ସେମାନଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାପିଙ୍କ ମୃତ୍ୟୁ ହୋଇଥିଲା।

### ଚାନ୍ଦା ପାଇଁ ଦମ୍ପତିଙ୍କୁ ଆକ୍ରମଣ
### ଥାନାର ଦ୍ୱାରସ୍ଥ ହେଲେ ଦମ୍ପତି

**କୋରେଇ, ୨୨।୪(ସ୍ୱ.ପ୍ର.):** ପାଣିକୋଇଲି ଥାନା ପଥରପଦା ପଞ୍ଚାୟତର ଖସାଗଡ଼ିଆ ଗ୍ରାମର ଅନାବାଦି ଜମିରେ ରହୁଥିବା ଏକ ଦମ୍ପତି ଚାନ୍ଦା ନ ଦେବାରୁ ସେମାନଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏ ନେଇ ସୋମବାର ଦମ୍ପତି ଦ୍ୱୟ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିବା ଜଣାପଡିଛି। ପ୍ରକାଶ ଯେ, ଓଚିନ୍ଦା (ଖସାଜଡ଼ିଆ) ମୌଜାର ଏକ ଅନାବାଦି ଜାଗାରେ ଦୀର୍ଘବର୍ଷ ଧରି ଦେବବ୍ରତ ନାୟକ ପରିବାର ସହ ରହୁଛନ୍ତି। ସେଠାରେ ରହିବା ପରଠାରୁ ଗ୍ରାମର କେତେଜଣ ବୈବର୍ତ୍ତ ଯୁବକ ବିଭିନ୍ନ ପୂଜାର ଆଳ ଦେଖାଇ ତାଙ୍କଠାରୁ ଜୋର ଜବରଦସ୍ତ ଚାନ୍ଦା ନେଉଛନ୍ତି। ଗତ ଚୈତ୍ର ପୂର୍ଣ୍ଣମୀ ନିମନ୍ତେ ଉକ୍ତ ଗ୍ରାମର କେତେଜଣ ଯୁବକ ଦେବବ୍ରତଙ୍କୁ ଚାନ୍ଦା ମାଗିଥିଲେ। ହେଲେ ତାଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଚାନ୍ଦା ଦେଇପାରିବେ ନାହିଁ ବୋଲି କହିଥିଲେ। ଏହାକୁ ନେଇ କୈବର୍ତ୍ତ ସାହିର କାଳନ୍ଦି ମାଝୀ (୪୭)ଙ୍କ ସମେତ ତାଙ୍କର ଦୁଇ ପୁଅ ଦିବାକର(୨୮) ଓ ବୁଲା(୨୨) ଏବଂ ସୁବାସ ମାଝୀ(୨୮) ସୋମବାର ସକାଳେ ଦେବବ୍ରତ ଓ ସ୍ତ୍ରୀ ତପସ୍ୱିନୀଙ୍କୁ ଗାଳିଗୁଲଜ କରିବା ସହ ଘରର ବାଡ଼ ଭଙ୍ଗାରୁଜା କରିଥିଲେ। ଦେବବ୍ରତ ବିରୋଧ କରିବାରୁ ସେମାନେ ସଂଘବଦ୍ଧ ହୋଇ ତାଙ୍କୁ ଠେଙ୍ଗା ଓ ଦାଆରେ ଆକ୍ରମଣ କରିଥିଲେ। ଏଥିସହ ଥାନାରେ ଅଭିଯୋଗ କଲେ ଘରେ ନିଆଁ ଲଗାଇ ଦେବା ସହ ପରିବାରକୁ ସମୂଳେ ବିନାଶ କରିଦେବା ଲାଗି ଧମକ ଦେଇଥିବା ନେଇ ଦେବବ୍ରତ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

## ■ ବରୀରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା
# ‘ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ସେବା କରୁଥିବି’

**ବରୀ/ରତ୍ନଗିରି୨୨।୪ (ସ୍ୱ.ପ୍ର./ଡି.ଏନ୍.ଏ.)**



ନିର୍ବାଚନୀ ସଭାରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଦଳୀୟ ନେତୃବୃନ୍ଦ।

୪ର୍ଥ ପର୍ଯ୍ୟାୟ ନିର୍ବାଚନକୁ ଆଉ ମାତ୍ର ୭ ଦିନ ବାକି ଥିବାବେଳେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସୋମବାର ବରୀ ଗସ୍ତରେ ଆସିଥିଲେ। ବରୀ ନିର୍ବାଚନମଣ୍ଡଳୀ ଅଧୀନ ଅଟିରା ପଞ୍ଚାୟତର ସନ୍ଥନ ମଠ ନିକଟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜୟ ଜଗନ୍ନାଥ କହି ବକ୍ତବ୍ୟ ଆରମ୍ଭ କରିଥିଲେ। କାଳିଆ ଯୋଜନାକୁ କେହି ରୋକି ପାରିବେ ନାହିଁ। ଓଡ଼ିଶାର ୪୦ ଲକ୍ଷ ଚାଷୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି। କେନ୍ଦ୍ରରେ ଭାଜପା ସରକାର ନାଟକବାଜି କରି ଏହି ଯୋଜନା ବନ୍ଦ କରିବାକୁ ଚକ୍ରାନ୍ତ କରୁଛି। ଏଥିରେ ସେ ଫଳପ୍ରଦ ହୋଇପାରିବେନାହିଁ। ସେ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି କହିଥିଲେ। ସେ ଆହୁରି ମଧ୍ୟ କହିଲେ ଯେ, ତିତଲି ସମୟରେ କେନ୍ଦ୍ରର ଭାଜପା ନେତା ଓଡ଼ିଶା ଆସି ନ ଥିବାବେଳେ ଏବେ ନିର୍ବାଚନ ସମୟରେ ନାଟକବାଜି କରିବାକୁ ଛୁଟି ଆସୁଛନ୍ତି। ବିଜେଡି ସରକାର ଆସିବାର ପ୍ରଥମ ଦିନରେ ଚାଷୀଙ୍କୁ ଦୁଇଟି କିସ୍ତିର ୧୦ ହଜାର ଟଙ୍କା ପ୍ରଦାନ କରିବ। ଶେଷନିଃଶ୍ୱାସ ଥିବା ପର୍ଯ୍ୟନ୍ତ ସେବା କରୁଥିବି। ବିଜେଡି ମହିଳାଙ୍କୁ ତାଙ୍କର ହକ୍ ଦେଇଛି। ବରୀ ନିର୍ବାଚନମଣ୍ଡଳୀ ପାଇଁ ଜଣେ ଦକ୍ଷ ମହିଳାଙ୍କୁ ପ୍ରାର୍ଥୀ କରିଛି। ବିଧାୟକ ପ୍ରାର୍ଥିନୀ ସୁନନ୍ଦା ଦାସ ଏବଂ ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ଅନୁଷ୍ଠିତ ନିର୍ବାଚନୀ ସଭାରେ ବିଧାୟିକା ପ୍ରମିଳା ମଲ୍ଲିକ ସଭାପତିତ୍ୱ କରିଥିଲେ। ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ଜିଲା ପରିଷଦ ଅଧ୍ୟକ୍ଷ ନରେଶ ଚନ୍ଦ୍ର ମହାନ୍ତି, ବରିଷ୍ଠ ବିଜେଡି ନେତା ନୀଳମଣି ସାମଲ, ଗଣେଶ ମହାକୁଡ, ଦେବେନ୍ଦ୍ର ଦାସ, ରଞ୍ଜନ ପଣ୍ଡା, ଜିଲା ପରିଷଦ ସଦସ୍ୟ ଅଶୋକ ସାମଲ, ବିଜେଡି ଯୁବ ନେତା ପ୍ରଦୀପ ଘଡେଇ, ପୂର୍ବତନ ଏମ୍‌ପି ରୀତା ତରାଇ ପ୍ରମୁଖ ଉପସ୍ଥିତ ରହି ଭାଜପା ସରକାରଙ୍କୁ କଟୁ ସମାଲୋଚନା କରିବା ସହ ବରୀ ମାଟିର ସ୍ୱାଭିମାନ ପାଇଁ ପ୍ରାର୍ଥିନୀ ସୁନନ୍ଦାଙ୍କୁ ଭୋଟ ଦେବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ସଭା ଜନସମୁଦ୍ର ପାଲଟିଥିବାବେଳେ ବରୀ ବରୁଆଁ ରାସ୍ତାରେ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ରୋଡ୍ ଶୋକୁ ଅପେକ୍ଷା କରିଥିଲେ। ଜନସମାଗମକୁ ପୋଲିସ ପକ୍ଷରୁ ନିୟନ୍ତ୍ରଣ କରାଯାଇଥିଲା। ବିଜେଡିର ଜନସମାଗମକୁ ଦେଖି ଭାଜପା ଓ କଂଗ୍ରେସ ଶିବିରରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଚର୍ଚ୍ଚା ହେଉଛି।

> ■ କାଳିଆକୁ କେହି ରୋକିପାରିବେ ନାହିଁ
> ■ ଉପକୃତ ହୋଇଛନ୍ତି ଓଡ଼ିଶାର ୪୦ ଲକ୍ଷ ଚାଷୀ
> ■ ସରକାର ଆସିବାର ପ୍ରଥମ ଦିନରେ ମିଳିବ ୨ କିସ୍ତି ଟଙ୍କା

## ବିଭିନ୍ନ ସ୍ଥାନରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ଧର୍ମଶାଳା/ରସୁଲପୁର/ଚଣ୍ଡିଖୋଲ, (ଡି.ଏନ୍.ଏ.)**

ବରୀସ୍ଥିତ ସନ୍ଥନ ମଠରେ ଆୟୋଜିତ ସାଧାରଣ ସଭାରେ ଯୋଗଦେବା ପରେ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ବସ୍‌ରେ ରୋଡ ଶୋ କରିଛନ୍ତି। ଏହି ନିର୍ବାଚନମଣ୍ଡଳୀର ବାରବାଟୀଠାରେ ମୁଖ୍ୟମନ୍ତ୍ରୀ ପହଞ୍ଚିବା ପରେ ଉପସ୍ଥିତ ହଜାର ହଜାର ଜନସାଧାରଣ ଅଭିଭାଷଣ ଶୁଣିବାକୁ ଅପେକ୍ଷା କରିଥିଲେ। ମାତ୍ର ମୁଖ୍ୟମନ୍ତ୍ରୀ ୨ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ବର୍ଷା ହେବାରୁ ଜନସମାବେଶ ଫିକା ପଡିଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ବସ୍ ଜାରକା ଛକରୁ ଲକ୍ଷ୍ମୀବଜାର ଓ ଶାନ୍ତିବଜାର ଦେଇ ଅତିକ୍ରମ କରିଥିଲା। ଏହି ସମୟରେ ହଜାର ହଜାର ସଂଖ୍ୟାରେ ମହିଳା ରାସ୍ତାର ଉଭୟ ପାର୍ଶ୍ୱରେ ରହି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଏମ୍‌ପି ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀ ଓ ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟଙ୍କୁ ଅଧିକ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଅନୁରୋଧ କରିଥିଲେ। ସେହିପରି ରସୁଲପୁର ବ୍ଲକର ମୁଖ୍ୟ ବ୍ୟବସାୟିକ ପେଣ୍ଠସ୍ଥଳୀ କୁଆଖିଆ ବଜାରଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ହାଇଟେକ ବସ୍‌କୁ ଦେଖିବା ପାଇଁ ବହୁ ଜନସମାଗମ ହୋଇଥିଲା। ରୋଡ ଶୋ ଦେଖିବା ପାଇଁ ଜନସାଧାରଣଙ୍କୁ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଅପେକ୍ଷା କରିବାକୁ ପଡିଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ବ୍ଲକର ହରିପୁର, ମୁଗୁପାଳ, ସାରଙ୍ଗପୁର, ବାରବାଟୀ ପ୍ରଭୃତି ସ୍ଥାନରେ ସ୍ୱାଗତ ଜଣାଯାଇଥିଲା। ରୋଡ ଶୋ ସମୟରେ ଧର୍ମଶାଳା ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାଏ, କୋରେଇ ବିଧାୟକ ପ୍ରାର୍ଥୀ ଅଶୋକ କୁମାର ବଳ, ବରୀ ବିଧାୟକ ପ୍ରାର୍ଥିନୀ ସୁନନ୍ଦା ଦାସ, ଯାଜପୁର ଲୋକସଭା ଏମ୍‌ପି ଶର୍ମିଷ୍ଠା ସେଠୀ ପ୍ରମୁଖ ଏକ ଖୋଲା ଜିପ୍‌ରେ ଉପସ୍ଥିତ ଜନସାଧାରଣଙ୍କୁ ସ୍ୱାଗତ କରିବା ସହ ଭୋଟ ଭିକ୍ଷା କରିଥିଲେ। ସେହିପରି ରାତି ୭.୪୫ରେ ମୁଖ୍ୟମନ୍ତ୍ରୀ ଚଣ୍ଡିଖୋଲଠାରେ ପହଞ୍ଚିଥିବାବେଳେ ହଜାର ହଜାର କର୍ମୀ ସ୍ୱାଗତ କରିଥିଲେ। ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଧାୟକ ପ୍ରାର୍ଥୀ ଅମର ପ୍ରସାଦ ଶତପଥୀ ଓ ଏମ୍‌ପି ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କୁ ଜିତାଇବା ସହ ତାଙ୍କ ହାତ ମୁଠାକୁ ଟାଣ କରିବାକୁ କହିଥିଲେ। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ପ୍ରାର୍ଥୀ ଶତପଥୀ, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ବ୍ଲକ ସଭାପତି ଅରବିନ୍ଦ ସାମଲ, ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ଗଣେଶ୍ୱର ବରାଳ, ମହିଳା ସଭାନେତ୍ରୀ ସରସ୍ୱତୀ ବେହେରା, ଛାତ୍ର ସଭାପତି ଯତିନ୍ଦ୍ର ନାୟକ, ଦଳର ଉପସଭାପତି ନିରଞ୍ଜନ ସେନାପତି, ଜିଲା ପରିଷଦ ସଭ୍ୟା ବିନୋଦିନୀ ସାହୁ, ସୁମତୀ ବାସ୍କେ, ଚାଚାଲିନ୍ ସ୍ୱାଇଁ, ଫଣୀନ୍ଦ୍ରନାଥ ପଣ୍ଡାଙ୍କ ସମେତ ହଜାର ହଜାର କର୍ମୀ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ବାଲିଆପାଳ, ସଙ୍କାରୀଗଡା, ସୁଜନପୁର, ବରୁଆଁ, ହରିପୁରରେ ମଧ୍ୟ ରୋଡ୍ ଶୋ କରିଥିଲେ।

## ■ ଶଙ୍ଖଚିଲା ମା’ହିଙ୍ଗୁଳା ଯଜ୍ଞୋତ୍ସବ
# ପୂର୍ଣ୍ଣାହୁତି ପରେ ଯଜ୍ଞ ଚରୁ ପାଇଲେ ଭକ୍ତ

**କୋରେଇ,୨୨।୪(ସ୍ୱ.ପ୍ର.)**



ମା’ ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା କରାଯାଉଛି।

କୋରେଇ ବ୍ଲକ ଅନ୍ତର୍ଗତ ଶଙ୍ଖଚିଲାସ୍ଥିତ ପ୍ରସିଦ୍ଧ ମା’ ହିଙ୍ଗୁଳା ଯଜ୍ଞୋତ୍ସବ ରବିବାର ପୂର୍ଣ୍ଣାହୁତି ହୋଇ ଯଜ୍ଞ ଚରୁ ବଣ୍ଟନ କରାଯାଇଛି। ସାମାଜିକ କର୍ମୀ ଅରୁଣ କୁମାର ନାୟକ(ଭଦ୍ରକ)ଙ୍କ ଦ୍ୱାରା ଯଜ୍ଞର ପୂର୍ଣ୍ଣାହୁତି ସ୍ୱରୂପ ଶେଷ ଆହୁତୀ ଦିଆଯାଇଥିଲା। ମଙ୍ଗଳବାର ନାମଯଜ୍ଞ ନଗର ଭ୍ରମଣ ପରେ ଅପରାହ୍ନରେ ଦଧିଭାଣ୍ଡଭଞ୍ଜନ କରାଯିବ ବୋଲି କମିଟି ମୁଖ୍ୟ ଗଜେନ୍ଦ୍ର କୁମାର ମହାକୁଡ ସୂଚନା ଦେଇଛନ୍ତି। ପୂର୍ଣ୍ଣାହୁତି ଅବସରରେ ଦିନତମାମ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳିଥିଲା। ଯଜ୍ଞକୁଣ୍ଡରେ ଭକ୍ତମାନେ ଘୃତ୍ୟ, ନଡ଼ିଆ, ଝୋଟ ଆଦି ସାମଗ୍ରୀ ପକାଇ ମାନସିକ କରିଥିଲେ। ଏହି ଅବସରରେ ଗାୟିକା ଅଞ୍ଜଳି ମିଶ୍ର ନିଜ ସାଥୀଙ୍କ ସହିତ ଭଜନ ପରିବେଷଣ କରିଥିବାବେଳେ କୀର୍ତ୍ତନ ଓ ନୃତ୍ୟ ସଙ୍ଗୀତ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ଯାତ୍ରାରେ ମହିଳାଙ୍କ ଅଧିକାଂଶ ଭିଡ ଦେଖିବାକୁ ମିଳିଛି। ବିଶେଷକରି ଇଲେକ୍ଟ୍ରିକାଲ ଦୋଳି, ରାମ ଦୋଳି, ଚରିକି ଦୋଳି ନିକଟରେ ବେଶ ଭିଡ ଜମିଥିଲା। ଯାତ୍ରାରେ ଚୋରି ଓ ବିଶୃଙ୍ଖଳା ରକ୍ଷା ଦୃଷ୍ଟିରୁ ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ହିଙ୍ଗୁଳା ସ୍କାଉଟ ଗାଇଡର ପିଲାମାନେ ମଧ୍ୟ ଯାତ୍ରାରେ ସହଯୋଗ କରିଥିଲେ। ସଭାପତି ରାଜକିଶୋର ସାହୁ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, ଉପସଭାପତି ଭାସ୍କରଚନ୍ଦ୍ର ପୃଷ୍ଟି, ସହ ସମ୍ପାଦକ ଦଶରଥ ନାୟକ, କୋଷାଧ୍ୟକ୍ଷ ରଘୁନାଥ ସାହୁ, ପ୍ରକାଶକୁମାର ପୃଷ୍ଟି ଆଦି ଶଙ୍ଖଚିଲା ଅଞ୍ଚଳର ବାରପାଟଣା ଦ୍ୱାରା ଗଠିତ ହିଙ୍ଗୁଳା କମିଟ କାର୍ଯ୍ୟକ୍ରମ ପରିଚାଳିନା କରିଥିଲୋ।

## ରାସ୍ତା କଡ଼କୁ ଓଲଟିଲା ଅଟୋ, ଜଣେ ମୃତ

**ଦଶରଥପୁର,୨୨।୪(ଡି.ଏନ.ଏ.)**

ଦଶରଥପୁର ବ୍ଲକ ୨୦ ନଂ. ଜାତୀୟ ରାଜପଥର ମଙ୍ଗଳପୁର ଥାନା ଅଧୀନ ଦିହୁଡ଼ି ସାହିଠାରେ ରବିବାର ବିଳମ୍ବିତ ରାତିରେ ଏକ ମାଲବାହୀ ଅଟୋ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡ଼ିବାରୁ ଜଣଙ୍କ ମୃତ୍ୟୁ ହୋଇଛି। ହେଲେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ସେ ହେଲେ ବିଞ୍ଝାରପୁର ଥାନା ଉଡ଼ରଙ୍ଗ ପଞ୍ଚାୟତ ବଡ଼ସିଂହା ଗ୍ରାମର ନାଗେଶ୍ୱର ଜେନା (୩୫)। ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ସ୍ଥାନୀୟ ଅଞ୍ଚଳର ଜଣେ ବ୍ରାସବ୍ୟାଣ୍ଡ ପାର୍ଟି ମାଲିକଙ୍କ ଭଡ଼ା ସାରି ଅଟୋ ଫେରୁଥିଲା। ଏହି ସମୟରେ ଚାଳକଙ୍କର ଅସାବଧାନତା ଯୋଗୁ ଦିହୁଡ଼ିସାହି ଟର୍ଣ୍ଣିଂଠାରେ ଏକ ଛଣଛପର ଘରକୁ ମାଡ଼ କରି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ଏ ନେଇ ନାଗେଶ୍ୱରଙ୍କ ପରିବାର ସୋମବାର ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ଏକ ମାମଲା (ନଂ.୯୩/୧୯) ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବିଜେଡିରେ ମିଶିଲେ ମହିଳା କଂଗ୍ରେସ ଉପସଭାନେତ୍ରୀ

**ଚଣ୍ଡିଖୋଲ,୨୨।୪(ଡି.ଏନ.ଏ.)**

ଯାଜପୁର ଜିଲା ମହିଳା କଂଗ୍ରେସ ଉପସଭାନେତ୍ରୀ ତଥା ବଡ଼ଚଣା ବ୍ଲକ ମହିଳା କଂଗ୍ରେସ ସଭାନେତ୍ରୀ ସୁରେଖା ମଲିକ ସୋମବାର ସମର୍ଥକଙ୍କ ସହ କଂଗ୍ରେସ ଛାଡ଼ି ବିଜେଡିରେ ଯୋଗଦେଇଛନ୍ତି। ଚଣ୍ଡିଖୋଲଠାରେ ବଡ଼ଚଣା ବିଧାୟକ ତଥା ବିଧାୟକ ପ୍ରାର୍ଥୀ ଅମର ପ୍ରସାଦ ଶତପଥୀ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଜନ୍ମେଜୟ ଲେଙ୍କା, ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ବିଜେଡି ଉପସଭାପତି ନିରଞ୍ଜନ ସେନାପତି, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ଯୁବନେତା ଅନିଲ କୁମାର ପଟ୍ଟନାୟକ, ଶିରିଶ ସାମଲ, ପବନେଶ୍ୱର ଜେନାଙ୍କ ସମେତ ବହୁ ବିଜେଡି କର୍ମୀ ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଯୋଗୁ କଂଗ୍ରେସ ସତ୍ତା ହରାଇବାକୁ ବସିଛି। ସବୁଦଳ ମହିଳାଙ୍କୁ ଅଗ୍ରାଧିକାର ଦେଇଥିଲାବେଳେ ଓଡ଼ିଶାରେ ପିସିସି ସଭାପତି ମହିଳାଙ୍କୁ ଅଣଦେଖା କରିଛନ୍ତି ବୋଲି ଉପସଭାନେତ୍ରୀ ମଲିକ ଅଭିଯୋଗ କରିଥିଲେ। ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାଳପଡା, କାଇମାଟିଆ, ଚଣ୍ଡିତଳ ଓ କୁନ୍ଦଳ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ଦଳିତ ଓ ଆଦିବାସୀ ବର୍ଗର ମହିଳା ଯୋଗଦେଇ ନିର୍ବାଚନରେ ବିଧାୟକ ଶତପଥୀଙ୍କୁ ବିଜୟୀ କରିବାକୁ ଶପଥ ନେଇଥିଲେ। ଯୁବନେତା ମନୋରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।



ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଉପସ୍ଥିତିରେ ଦଳରେ ଯୋଗଦେଇଥିବା ନୂତନ କର୍ମୀ।

## ଅଗ୍ନିକାଣ୍ଡରେ ଜଳିଗଲା ୪ ବଖରା

**ଚଣ୍ଡିଖୋଲ,୨୨।୪(ଡି.ଏନ.ଏ.)**

ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତ ଅନ୍ତର୍ଗତ ଖଡିଅଙ୍ଗ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି କମଳାକାନ୍ତ ବରାଳ, ନବ କିଶୋର ବରାଳ, ପ୍ରକାଶ ବରାଳ, କୁଶିଆ ବରାଳଙ୍କର ୪ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ଏଥିସହ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ଚଣ୍ଡିଖୋଲ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ କୌଣସି ଜିନିଷ ଉଦ୍ଧାର ହୋଇ ପାରି ନ ଥିଲା। ଖବରପାଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ସରପଞ୍ଚ ସମରେନ୍ଦ୍ର ମହାପାତ୍ର, ଭାଜପା ପ୍ରାର୍ଥୀ ଅମର ନାୟକଙ୍କ ସମେତ ବହୁ ବ୍ୟକ୍ତି ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି। ବିପନ୍ନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନଦୀକୂଳ ଅଞ୍ଚଳରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

**କାଳିଆପାଣି,୨୨।୪(ଡି.ଏନ୍.ଏ)**

ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ(ଟୁଟୁ) ନଦୀକୂଳ ଅଞ୍ଚଳ ଅର୍ଥାତ ୩୯ ନଂ ଜୋନ୍‌ର ୮ ପଞ୍ଚାୟତରେ ସୋମବାର ବାଇକ ଶୋଭାଯାତ୍ରା କରିଛନ୍ତି। ହଜାରରୁ ଊର୍ଦ୍ଧ୍ୱ ସମର୍ଥକଙ୍କ ସହ ବାଇକ୍ ର୍ୟାଲିରେ ଟୁଟୁ ପିଙ୍ଗଳ ପଞ୍ଚାୟତର ବାଘବାହାଳି ବଙ୍ଗଳା ଛକରୁ ପ୍ରଚାର ଆରମ୍ଭ କରିଥିଲେ। ପରେ ହାତିବାରୀ ପଞ୍ଚାୟତର ବୈରିମାଳ, କରଡ଼ାପାଳ ଓ ହାତିବାରୀ ଗ୍ରାମ ପରିକ୍ରମା କରିଥିଲେ। ପରେ କାଳିଆଘୋଡା ମା’ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା କରି ହରିପୁର ପଞ୍ଚାୟତର ବାଲିସାହି, ଜେମାଦେଈପୁର, ଭୂୟାଁସାହି, ଅତା ପଞ୍ଚାୟତ ଓ ବର୍ତ୍ତଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମରେ ବୁଲି ଭୋଟ ଭିକ୍ଷା କରିଥିଲେ। ଯୁବ ଭାଜପା ନେତା ବାବୁନି ରାଜ, ରବୀନ୍ଦ୍ର ପୁହାଣ, ମଣ୍ଡଳ ସଭାପତି ପୁଷ୍ପକ ମହାପାତ୍ର, ରମଣୀ ରଞ୍ଜନ ବଳସାମନ୍ତ, ଚକ୍ରଧର ଜେନା, ଦୟାନିଧି ପ୍ରଧାନ, ଅଟଳ ଦାସ, ଅନନ୍ତ କୁମାର ବେହେରା, ରବୀନ୍ଦ୍ର ବରାଳ, ଆର୍ତ୍ତବନ୍ଧୁ ପ୍ରଧାନ, କୁଳମଣି ଭୂୟାଁ, କ୍ଷୀରୋଦ ରାଉତ, ବିଜୟ ରାଉତ, ପ୍ରଫୁଲ୍ଲ ମୁଦୁଲୀ, ବିଭୁ ପ୍ରସାଦ ବେହୁରୀ, ସସ୍ମିତ ନାୟକ, ପୂର୍ଣ୍ଣଚନ୍ଦ୍ର ସାହୁ, ପ୍ରହ୍ଲାଦ ପତି, ମାଧବାନନ୍ଦ ବେହେରା, ଧ୍ରୁବ ରାଉତ ପ୍ରମୁଖ ଶୋଭାଯାତ୍ରାରେ ଉପସ୍ଥିତ ରହିଥିଲେ।



ଭାଜପା ବିଧାୟକ ପ୍ରାର୍ଥୀ ପ୍ରଦୀପ ବଳସାମନ୍ତ ରୋଡ ଶୋ’ କରୁଛନ୍ତି।

# ପୋଷ୍ଟାଲ ବାଲଟ ମାଧ୍ୟମରେ ୫୫୦୨ ପୋଲିଂ, ପୋଲିସ କର୍ମଚାରୀଙ୍କ ମତଦାନ

**ଯାଜପୁର ଟାଉନ,୨୨।୪ (ଡି.ଏନ୍.ଏ)**



ପୋଲିଂ ଅଫିସର ଓ ପୋଲିସ କର୍ମଚାରୀ ମତଦାନ କରୁଛନ୍ତି।

ପୋଷ୍ଟାଲ ବାଲଟ ମାଧ୍ୟମରେ ୫୫୦୨ଜଣ କର୍ମଚାରୀ ସେମାନଙ୍କ ଗଣତାନ୍ତ୍ରିକ ମତାଧିକାର ସୋମବାର ସାବ୍ୟସ୍ତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୫୫୪ ଜଣ ସାଧାରଣ ପୋଲିଂ ଅଫିସର ଥିବାବେଳେ ୮୪୮ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ଅଛନ୍ତି ବୋଲି ଯାଜପୁର ତହସିଲଦାର ତଥା ପୋଷ୍ଟାଲ ବାଲଟ୍ ନୋଡ଼ାଲ ଅଧିକାରୀ ସୁନିଲ କୁମାର ମେହେର ସୂଚନା ଦେଇଛନ୍ତି। ଜିଲାରେ ଗତ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେଇଥିବା ପ୍ରିଜାଇଡିଂ ଓ ପୋଲିଂ ଅଫିସରମାନେ ପୋଷ୍ଟାଲ ବାଲଟ ମାଧ୍ୟମରେ ମତଦାନ କରିଥିଲେ। ତୃତୀୟ ତଥା ଚୂଡାନ୍ତ ପର୍ଯ୍ୟାୟ ପ୍ରଶିକ୍ଷଣ ବିଞ୍ଝାରପୁରର ବ୍ରଜସୁନ୍ଦର ହାଇସ୍କୁଲ ସୟଦପୁର, ରାମଚନ୍ଦ୍ରପୁର ନୋଡ଼ାଲ ହାଇସ୍କୁଲ, ବରୀ, ଧାନମଣ୍ଡଳ ନୋଡାଲ ହାଇସ୍କୁଲ ବଡ଼ଚଣା, ଧର୍ମଶାଳା ବାଣି ପୀଠ, ଧର୍ମଶାଳା, ଏନ.ସି ମହାବିଦ୍ୟାଳୟ, ଯାଜପୁର, ବ୍ୟାବସନଗର ମହାବିଦ୍ୟାଳୟ, ଯାଜପୁରରୋଡ, କୋରେଇ ଓ ବୁଦ୍ଧରାଜ ବିଦ୍ୟାପୀଠ ଦାନଗଦୀରେ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଶିକ୍ଷଣ କେନ୍ଦ୍ର ନିକଟରେ ପୋଷ୍ଟାଲ ବାଲାଟ ମତଦାନ ପାଇଁ ଏକ ବୁଥ୍‌ର ବ୍ୟବସ୍ଥା କରାଯାଇଥିଲା। ଉଭୟ ଲୋକସଭା ଓ ବିଧାନସଭା ପାଇଁ ପୋଲିଂ ଅଫିସରମାନେ ମତଦାନ କରିଥିଲେ। ବିଞ୍ଝାରପୁର ବିଧାନସଭା ନିର୍ବାଚନ ପାଇଁ ୫୮୧ ଜଣ, ବରୀ ବିଧାନସଭା ପାଇଁ ୬୩୩, ବଡଚଣା ପାଇଁ ୫୧୭, ଧର୍ମଶାଳା ପାଇଁ ୭୨୦, ଯାଜପୁର ପାଇଁ ୭୭୬, କୋରେଇ ପାଇଁ ୭୨୫ ଓ ସୁକିନ୍ଦା ବିଧାନସଭା ପାଇଁ ୭୨୦ଜଣ ମତଦାନ କରିଥିବାବେଳେ ମୋଟ୍ ୪୬୫୪ଜଣ ମତଦାନ କରିଥିଲେ। ସେହିପରି ନିର୍ବାଚନ କାର୍ଯ୍ୟରେ ନିୟୋଜିତ ପୋଲିସ୍ ଅଧିକାରୀ ଓ କର୍ମଚାରୀମାନେ ରବିବାର ପାଣିକୋଇଲିସ୍ଥିତ ପୋଲିସ ହେଡ୍‌କ୍ୱାର୍ଟର କାର୍ଯ୍ୟାଳୟରେ ମତଦାନ କରିଥିଲେ। ୮୪୮ ପୋଲିସ କର୍ମଚାରୀଙ୍କ ମଧ୍ୟରୁ ବିଞ୍ଝାରପୁର ବିଧାନସଭା ପାଇଁ ୫୦ଜଣ, ବରୀ ପାଇଁ ୯୯, ବଡଚଣା ପାଇଁ ୧୮୫, ଧର୍ମଶାଳା ପାଇଁ ୯୦, ଯାଜପୁର ପାଇଁ ୧୪୨, କୋରେଇ ପାଇଁ ୧୪୩ ଓ ସୁକିନ୍ଦା ବିଧାନସଭା ପାଇଁ ୧୮୯ ଜଣ ମତଦାନ କରିଛନ୍ତି। ଏହି ପୋଷ୍ଟାଲ ବାଲଟ୍‌ଗୁଡିକୁ ସମ୍ପୃକ୍ତ ରିଟର୍ଣ୍ଣିଂ ଅଫିସରଙ୍କୁ ପ୍ରେରଣ କରାଯିବ। ମେ ୨୩ରେ ଭୋଟ୍ ଗଣତି ଦିନ ସର୍ବପ୍ରଥମେ ଏହି ପୋଷ୍ଟାଲ ବାଲାଟଗୁଡିକ ଗଣନା କରାଯିବାପରେ ଇଭିଏମ୍‌ର ଭୋଟ୍‌ଗୁଡିକୁ ଗଣତି କରାଯିବ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ନିର୍ବାଚନରେ ନିୟୋଜିତ ଅଧିକାରୀ ଓ କର୍ମଚାରୀ ଯେପରି ସେମାନଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ନିର୍ବାଚିତ କମିଶନ ପୋଲିଂ ଅଫିସରଙ୍କ ପାଇଁ ଏହି ପୋଷ୍ଟାଲ ବାଲାଟ୍‌ର ବ୍ୟବସ୍ଥା କରିଛନ୍ତି ବୋଲି ଜିଲାପାଳ କହିଛନ୍ତି।



ଯେଉଁ ଲୋକ ନିଜକୁ ସୁଖୀ ବୋଲି ନ ବିଚାରେ, ତାକୁ କେହି ସୁଖ ଦେଇପାରିବେ ନାହିଁ।

- ଆଣ୍ଟୋନିନ୍ସ

## ସଂକ୍ଷେପରେ

### ୩ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରଚାର ଲଢେଇ

ଡୁବୁରୀ,୨୨।୪(ଡି.ଏନ୍.ଏ.)- ଚଳିତ ସାଧାରଣ ନିର୍ବାଚନରେ ବିଜେଡିରୁ ପ୍ରୀତିରଞ୍ଜନ ଘଡେଇ, କଂଗ୍ରେସରୁ ଶରତ ରାଉତ ଓ ଭାଜପାରୁ ପ୍ରଦୀପ ବଳସାମନ୍ତଙ୍କ ମଧ୍ୟରେ ଲଢେଇ ହେଉଥିବାରୁ ପ୍ରଚାର କାର୍ଯ୍ୟକୁ ସବୁ ଦଳ ଜୋରଦାର କରିଛନ୍ତି। ଏହି କ୍ରମରେ ସୋମବାର କଂଗ୍ରେସ ପକ୍ଷରୁ ସୁକିନ୍ଦା ପଞ୍ଚାୟତରୁ ବାଇକ ର୍‍ୟାଲି ବାହାରି ମଙ୍ଗଳପୁର, କାଳିଆପାଣି, କଂସ, ଟମକା ଦେଇ ଡୁବୁରୀ ପର୍ଯ୍ୟନ୍ତ ରୋଡ ସୋ କରାଯାଇଥିଲା। କଂଗ୍ରେସ ପ୍ରାର୍ଥୀ ଶରତ ରାଉତଙ୍କ ନେତୃତ୍ୱରେ ଶତାଧିକ ସମର୍ଥକ ବାଇକ୍‌ରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ବିଜେଡି ପକ୍ଷରୁ ଦାନଗଦୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ପଦଯାତ୍ରାରେ ବିଧାୟକ ପ୍ରୀତିରଜନ ଘଡ଼େଇ ଘରଘର ବୁଲ ଭୋଟରଙ୍କୁ ତାଙ୍କ ସପକ୍ଷରେ ମତଦାନ କରିବାକୁ ନିବେଦନ କରିଛନ୍ତି। ସେହିପରି ଭାଜପା ପକ୍ଷରୁ ପଙ୍କପାଳ ପଞ୍ଚାୟତର ବଙ୍ଗଳା ଛକରୁ ଏକ ବାଇକ ଶୋଭାଯାତ୍ରାରେ ସମର୍ଥକ ମାନେ ଦାନଗଦୀ ବ୍ଲକର ବିଭିନ୍ନ ପଞ୍ଚାୟତ ପରିକ୍ରମା କରି ଭୋଟରଙ୍କୁ ଦଳ ସପକ୍ଷରେ ମତଦାନ କରିବା ପାଇଁ ନିବେଦନ କରିଛନ୍ତି।

### ମା' ହିଙ୍ଗୁଳା ଯାତ୍ରାରେ ସୁନାଚେନ ଲୁଟ୍: ଦମ୍ପତି କୋର୍ଟ ଚାଲାଣ

କୋରେଇ,୨୨।୪(ସ୍ୱ.ପ୍ର.)- କୋରେଇ ବ୍ଲକ ଅଧୀନ ଖମଣ ପଞ୍ଚାୟତର ଶଙ୍ଖଚିଲାଠାରେ ପ୍ରସିଦ୍ଧ ମା' ହିଙ୍ଗୁଳା ଯାତ୍ରାରେ ଶନିବାର ସୁନାଚେନ୍ ଲୁଟ୍ ଘଟଣାରେ ସୋମବାର ପୋଲିସ ଲୁଟେରା ଦମ୍ପତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଜଣେ ନାବାଳିକାଙ୍କୁ ଜୁଭେନାଇଲ କୋର୍ଟକୁ ପଠାଇଛି। ପ୍ରକାଶ ଯେ, ଠାକୁରପାଟଣା ଗ୍ରାମର ଅବିନାଶ ସାହୁ ଭଣଜାଙ୍କ ସହ ମେଳା ବୁଲିବାକୁ ଆସିଥିଲେ। ଏହି ସମୟରେ ଭିଡର ସୁଯୋଗ ତାଙ୍କ ଭଣଜାଙ୍କ ବେକରୁ ପୁରୀ ଜିଲା ଡେଲାଙ୍ଗ ଗ୍ରାମର ନିବେଶ ଦାସ ଓ ସ୍ତ୍ରୀ ରେବତୀ ଏବଂ ତାଙ୍କ ଅସିଥିବା ଜଣେ ନାବାଳିକା ଏକ ଭରି ଓଜନର ସୁନା ଚେନ୍ ଛଡ଼ାଇ ନେଇଥିଲେ। ଏ ନେଇ ଅବିନାଶ ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (୭୩/୧୯) ରୁଜୁ କରି ତଦନ୍ତ ଚଳାଇଥିଲା।

### ବାହାଘର ଭୋଜି ଖାଇ ଯୁବକଙ୍କ ମୃତ୍ୟୁ

ଢେଙ୍କିକୋଟ, ୨୨।୪(ଡି.ଏନ୍.ଏ.) ଢେଙ୍କିକୋଟ ଫାଣ୍ଡି ପିପିଳିଆ ପଞ୍ଚାୟତ ଚିକିଣିଆଁ ଗ୍ରାମରେ ଭାଇ ବାହାଘର ଭୋଜିଖାଇ ଜଣଙ୍କର ମୃତ୍ୟୁ ଘଟିଛି। ଚିକିଣିଆଁ ଗ୍ରାମର ସନାତନ ନାଏକ(୩୫)ଙ୍କ ସମ୍ପର୍କୀୟ ଭାଇର ରବିବାର ବାହାଘର ଥିଲା। ସେ ବରଯାତ୍ରୀ ଯାଇ କନ୍ୟାଘରେ ଭୋଜ ଖାଇ ଆସିଥିଲେ। ତେବେ ସେ ଶୋଇଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ କେନ୍ଦୁଝର ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ସନାତନଙ୍କ ଶବ ଜବତ କରି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ ୧୫/୧୯)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଫାଣ୍ଡି ଅଧିକାରୀ କହିଛନ୍ତି।

### ବାଇକ୍‌କୁ ପିଟିଲା ଡମ୍ପର: ଯୁବକ ମୃତ

ରୂପ୍‌ସା, ୨୨।୪(ଡି.ଏନ.ଏ.)ବାଲେଶ୍ୱର ୬୦ନଂ ଜାତୀୟ ରାଜପଥର ରୂପ୍‌ସା ଓ ହଳଦୀପଦା ମଝିରେ ଥିବା ପେଟ୍ରୋଲ ପମ୍ପ ନିକଟ ଡାଇଭର୍ସନଠାରେ ସୋମବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ୍ ଆରୋହୀଙ୍କୁ ଏକ ଡମ୍ପର ଧକ୍କା ଦେବାରୁ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ରୂପ୍‌ସା ଥାନା ପୋଡ଼ାଡ଼ିହା ଗ୍ରାମର ବାବୁ ବେହେରା (୩୨)। ସେ ପେଟ୍ରୋଲ ଟାଙ୍କିକୁ ବାଇକ୍‌ରେ ତେଲ ପକାଇବା ପାଇଁ ଯାଇଥିଲେ। ଡାଇଭର୍ଶନଠାରେ ଦ୍ରୁତ ଗତିରେ ବେପରୁଆ ଗାଡ଼ି ଚାଳନା କରି ଯାଉଥିବା ଏକ ଡମ୍ପର (ନଂ.ଓଆର୍୧୬ବି-୨୯୬୭) ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆହତ ଯୁବକଙ୍କୁ ପ୍ରଥମେ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଡମ୍ପରକୁ ରୂପ୍‌ସା ଥାନାରେ ରଖାଯାଇଛି।

# ଖଣି ଦୁର୍ନୀତିକୁ ପ୍ରସଙ୍ଗ କରିଛି ଭାଜପା

ଯାଜପୁର ଜିଲା ରାଜନୀତି

- ଅଧିକାଂଶ ବିଧାୟକ ଖଣି ଦୁର୍ନୀତିରେ ସଂପୃକ୍ତ: ଧର୍ମେନ୍ଦ୍ର
- ଭୋଟରଙ୍କୁ ପ୍ରଭାବିତ କରିପାରେ ଏହି ଦୁର୍ନୀତି

ଯାଜପୁର ଅଫିସ,୨୨।୪

ଯାଜପୁର ଜିଲାରେ ରାଜନେତାଙ୍କ ଖଣି ଦୁର୍ନୀତିରେ ସମ୍ପୃକ୍ତି ଅଭିଯୋଗ ମାମଲାକୁ ଭାଜପା ମୁଖ୍ୟ ପ୍ରସଙ୍ଗ କରିଛି। ପ୍ରଚାରରେ ଆସୁଥିବା ଭାଜପା ନେତାମାନେ ଏହାକୁ ଅସ୍ତ୍ର କରି ଭୋଟରଙ୍କ ମନ ଜିଣିବାକୁ ଉଦ୍ୟମ କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ ଏଥିରୁ ବାଦ୍ ପଡି ନାହାନ୍ତି। ସୋମବାର କୋରେଇ ବିଧାନସଭା କ୍ଷେତ୍ରର ଧନେଶ୍ୱର ପଞ୍ଚାୟତ ଖେଳ ପଡ଼ିଆରେ ଭାଜପାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଯୋଗଦେଇ ଯାଜପୁର ଜିଲାର କେବଳ କୋରେଇ ବିଧାୟକ ଆକାଶ ଦାସନାୟକଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ବିଧାୟକ ଖଣି ଦୁର୍ନୀତିରେ ସମ୍ପୃକ୍ତ ଅଛନ୍ତି ବୋଲି କହିଥିଲେ।

ଯୋଡା ଖଣି ଅଞ୍ଚଳରୁ ୫୯,୨୦୩ କୋଟି ଟଙ୍କାର ଲୁହାପଥର ଓ ମାଙ୍ଗାନିଜ ଅଧିକ ଉତ୍ତୋଳନ କରି ଚୋରାଚାଲାଣ ହୋଇଥିବା ସାହା କମିଶନ ରିପୋର୍ଟରୁ ଜଣାପଡିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସାହା କମିଶନଙ୍କ ଚଡାଉ ଭୟରେ ସେତେବେଳେ ଚୋରା ବେପାରୀମାନେ କୋଟି କୋଟି ଟଙ୍କାର ଲୁହାପଥର ଲୁଚାଇ ରଖିଥିଲେ। ଏହିକ୍ରମରେ ଗତ ୧୧।୫।୨୦୧୧ରେ ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାଶପୁରରେ ଭିଜିଲାନ୍ସ ଓ ଖଣି ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଦ୍ୱାରା ଲୁହାପଥର ଜବତ ହୋଇଥିଲା। ସୂଚନା ମୁତାବକ ହରିଦାଶପୁରରେ ଦୁଇଟିଜାଗାରେ ପ୍ରାୟ ୨୩,୧୦୦ ମେଟ୍ରିକ ଟନ ଲୁହାପଥର ଜମା ହୋଇଥିଲା। ଏହାକୁ ଭିଜିଲାନ୍ସ ବିଭାଗ ଜବତ କରି ତଦନ୍ତ କରୁଥିଲା। କିନ୍ତୁ କୌଣସି ସରକାରୀ ଚାପ କିମ୍ବା ଅନ୍ୟକାରଣରୁ ୨୦୧୫ ସେପ୍ଟେମ୍ବରରେ କ୍ଲିୟରାନ୍ସ ଦେଇ ଅକ୍ଟୋବରରେ ମାମଲାକୁ ବନ୍ଦ କରି ଦିଆଯାଇଥିଲା । ସେହି ସମୟରେ ଏହି ମହାଦୁର୍ନୀତିର କ୍ଲିୟରାନ୍ସ ଉପରେ କେହି ଖବର ପାଇ ନ ଥିଲେ। ଏହାପରେ ଖଣି ବିଭାଗ ଆବଶ୍ୟକ କାଗଜପତ୍ର ପ୍ରସ୍ତୁତ କରି ୨୦୧୭ ମାର୍ଚ୍ଚରେ ଜବତ ହୋଇଥିବା ଲୁହାପଥର ଖଣି ଉପରେ କଟକଣା ପ୍ରତ୍ୟାହାର କରିଥିଲା। ଜରିମାନା ବାବଦରେ ୧ଲକ୍ଷ ୨୫ହଜାର ଟଙ୍କା ଆଦାୟ କରି ଜବତ ଲୁହାପଥର ସିରାଜଉଦ୍ଦିନ ଓ ୟାଜଦାନି କମ୍ପାନୀକୁ ହସ୍ତାନ୍ତର କରିଥିଲା। ଗତ ଡିସେମ୍ବର ୧୩ରେ ଜବତ ଏହି ଲୁହାପଥରକୁ ୟାଜଦାନି କମ୍ପାନୀ ନିଜ ଅକ୍ତିଆରକୁ ନେଇଥିଲା। ଅନ୍ୟ ଏକ ଘଟଣାକ୍ରମରେ ବ୍ଲାକରୋଜ ବୁଡି ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାକୁ ଗତ ସେପେମ୍ବରରେ ୧୦ବର୍ଷ ପୂରିଛି । ହେଲେ ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚର ହାତ ଖାଲି ପଡିଛି। ଯାଜପୁର ଜିଲାର କେତେକ ପ୍ରଭାବଶାଳୀ ରାଜନେତା ଓ ତାଙ୍କ ସମ୍ପର୍କୀୟ, ବନ୍ଧୁବାନ୍ଧବ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି । ଏହାକୁ ନେଇ କେତେଜଣ ରାଜନେତା ଭିଜିଲାନ୍ସ, ଇଡି, ସିବିଆଇ ଜେରାର ମଧ ସମ୍ମୁଖୀନ ହୋଇଛନ୍ତି। ଏନେଇ ପାରାଦୀପ ମେରାଇନ ଥାନାରେ (ନଂ. ୨୬/୨୦୦୯) ମାମଲା ରୁଜୁ ହୋଇଥିଲା। ଏପରିକି ରାଜ୍ୟ ସରକାର ଏହି ମାମଲାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଅର୍ପଣ କରିଥିଲେ। କ୍ରାଇମବ୍ରାଞ୍ଚ ୧୩/୨୦୦୯ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶେଷରେ ଜାହାଜ ବୁଡି ସମ୍ପର୍କରେ କ୍ରାଇମବ୍ରାଞ୍ଚ ପାରାଦୀପ କୁଜଙ୍ଗ କୋର୍ଟରେ ଯେଉଁ ଚାର୍ଜସିଟ ଦାଖଲ କରିଥିଲା ତା' ବିରୋଧରେ ଯାଜପୁର ଜିଲାର ସୂଚନା କର୍ମୀ ସର୍ବେଶ୍ୱର ବେହୁରା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (୧୯୧୮/୧୪) ରୁଜୁ କରିଥିଲେ। ରାଜନୈତିକ ଚାପରେ ଏହି ସମ୍ବେଦନଶୀଳ ଘଟଣା ଚାପି ହୋଇରହିଛି । ଏହି ମାମଲାକୁ ଭାଜପା ଚଳିତ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ କରିଛି । ଭାଜପାର ବହୁ ହେଭିୱେଟ ନେତା ଯାଜପୁର ଜିଲାର ବିଭିନ୍ନ ବିଧାନସଭା କ୍ଷେତ୍ରକୁ ପ୍ରଚାରରେ ଆସି ଖଣି ଦୁର୍ନୀତିକୁ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ହେଲେ ଏହି ଖଣି ଦୁର୍ନୀତି ମାମଲା କେତେଦୂର ଭୋଟରଙ୍କୁ ଆକୃଷ୍ଟ କରୁଛି ତାହା ନିର୍ବାଚନ ଫଳାଫଳ ହିଁ କହିବ ବୋଲି ମତପ୍ରକାଶ ପାଉଛି।

ଭାଜପାର ବିଜୟ ସଂକଳ୍ପ ସମାବେଶ

# '୯୦ଦିନ ଭିତରେ ଚିଟଫଣ୍ଡ ଅପରାଧୀଙ୍କୁ ଜେଲ ପଠାଯିବ'




ଭାଜପାର ବିଜୟ ସଙ୍କଳ୍ପ ସମାବେଶରେ ମଞ୍ଚାସୀନ ଅତିଥି ।

କୋରେଇ,୨୨।୪(ସ୍ୱ.ପ୍ର)

କୋରେଇ ନିର୍ବାଚନ ମଣ୍ଡଳୀ ଧନେଶ୍ୱର ପଞ୍ଚାୟତ ସ୍କୁଲ ପଡ଼ିଆରେ ଶନିବାର ଭାଜପାର ବିଜୟ ସଙ୍କଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। କୋରେଇ ଭାଜପା ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୁବନେତା ବିକ୍ରମ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ ଯେ, ଓଡ଼ିଶାରେ ଡବଲ ଇଞ୍ଜିନ ଆଣିବା ପାଇଁ ନରେନ୍ଦ୍ର ମୋଦିଙ୍କ ବିକାଶକୁ ତ୍ୱରାନ୍ୱିତ କରିବାକୁ ହେବ। ଓଡ଼ିଶାର ବିକାଶ ନିମ୍ନଗାମୀ ହୋଇଛି। ଏବେବି ଯାଜପୁର ଲୋକେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଉଛନ୍ତି । ଯୁବକଙ୍କ ପାଇଁ ରୋଜଗାର ବ୍ୟବସ୍ଥା ନାହିଁ ଏବଂ ଲୋକଙ୍କ ପାଖରେ ମୌଳିକ ସୁବିଧା ସୁଯୋଗ ପହଞ୍ଚି ପାରୁନାହିଁ । ଖଣିଜ ସମ୍ପଦ ଲୁଟ କରି ପୁଞ୍ଜିପତିମାନେ ମାଲାମାଲ ହେଉଥିବା ବେଳେ ଚିଟଫଣ୍ଡକୁ ପ୍ରୋତ୍ସାହନ ଦେଉଛି ବିଜେଡି ସରକାର। ଏହାସହ ଭାଜପା ସରକାରକୁ ଆସିଲେ ଏକ ଟଙ୍କାରେ ୫ କିଲୋ ଚାଉଳ, ଅଧାକିଲୋ ଲୁଣ ଓ ଅଧାକିଲୋ ଡାଲି ଦିଆଯିବ ବୋଲି କହିଥିଲେ। ଯୁକ୍ତଦୁଇ ଶ୍ରେଣୀରେ ପଢୁଥିବା ଛାତ୍ରୀଙ୍କୁ ମାଗଣାରେ ସ୍କୁଟି ଏବଂ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଙ୍କୁ ୫୦ ହଜାର ଟଙ୍କା ଦିଆଯିବ। ଭାଜପା ସରକାର ଆସିବାର ୯୦ଦିନ ଭିତରେ ଚିଟଫଣ୍ଡରେ ସମ୍ପୃକ୍ତ ଅପରାଧିଙ୍କୁ ଜେଲ ପଠାଯିବ। ଯାଜପୁରର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ପାଇଁ ବିଧାୟକ ପ୍ରାର୍ଥୀ ବିଶ୍ୱଜିତ ନାୟକ ଓ ଏମ୍‌ପି ପ୍ରାର୍ଥୀ ଅମୀୟ ମଲିକଙ୍କୁ ଭୋଟ ଦେବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରାର୍ଥୀ ଅମୀୟ ମଲିକ, ବିଶ୍ୱଜିତ ନାୟକ, ଜଗତସିଂହପୁର ଏମ୍‌ପି ପ୍ରାର୍ଥୀ ବିଭୁ ତରାଇ, ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, କୋରେଇ ପଞ୍ଚାୟତ ସମିତି ଅଧକ୍ଷା ମାଳତୀ ଟୁଡୁ, ପ୍ରକାଶ କୁମାର ଧଳ, ପ୍ରମୋଦ ନାୟକ, ମଣ୍ଡଳ ସଭାପତି ନୀଳମାଧବଚକ୍ର, ରବିନ୍ଦ୍ର ବେହେରା, ପ୍ରମୋଦ ସାହୁ, ନିତ୍ୟାନନ୍ଦ ମହାଳିକ, ଚନ୍ଦ୍ର ଶେଖର ପଣ୍ଡା, ସତ୍ୟନାରାୟଣ ମହାନ୍ତି, ପ୍ରସନ୍ନ ସାମଲ, ଦିପ୍ତିମୟୀ କୁଅଁର, ଜୟନ୍ତୀ ସାହୁ, ମମତା ରାଣୀ ଘଡ଼େଇ, ଇତିଶ୍ରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ, ପାଣି ପାଇଁ ଲୋକେ ହୀନସ୍ତା

# ହାଣ୍ଡି, ବାଲ୍‌ଟି ରଖି ରାସ୍ତା ଅବରୋଧ

ବଡବିଲ, ୨୨।୪(ସ୍ୱ.ପ୍ର.)



ଲୋକେ ହାଣ୍ଡି, ବାଲ୍‌ଟି ରଖି ରାସ୍ତା ଅବରୋଧ କରିଛନ୍ତି।

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ ପିଏଚ୍‌ଡି ରୋଡସ୍ଥିତ ଗୋପବନ୍ଧୁ ସ୍କୁଲ ନିକଟବର୍ତ୍ତୀ ଅଞ୍ଚଳରେ ପାନୀୟଜଳ ଅଭାବ ଦେଖାଦେଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଯୋଗୁ ଏହି ଅଞ୍ଚଳକୁ ପମ୍ପ ଯୋଗେ ଜଳ ଯୋଗାଣ ହୋଇପାରୁନାହିଁ। ସ୍ଥାନୀୟ ବାସିନ୍ଦା ଏଥିରେ ଅତିଷ୍ଠ ହୋଇ ସୋମବାର ହାଣ୍ଡି, ବାଲ୍‌ଟି ରଖି ରାସ୍ତା ଅବରୋଧ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ଓ ଥାନା ଆଇଆଇସି ସୁଶାନ୍ତ ଦାଶ ଘଟଣାସ୍ଥଳରେ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିଥିଲେ। ପିଏଚଡି ପାନୀୟ ଜଳଯୋଗାଣ ଟାଙ୍କି ପହଞ୍ଚିଥିଲା। ତଥାପି ଲୋକେ ଆନ୍ଦୋଳନରୁ ହଟି ନ ଥିଲେ। ନିରବଚ୍ଛିନ୍ନ ଭାବେ ପାନୀୟ ଜଳଯୋଗାଣ ନିମନ୍ତେ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବାକୁ ଦାବି କରିଥିଲେ। ପୌରନିର୍ବାହୀ ଅଧିକାରୀ ଓ ଥାନା ଆଇଆଇସି ବିଦ୍ୟୁତ୍ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ପାଣି ପମ୍ପକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ଦାବି ପୂରଣ ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ।

ପିଏଚଡି ରୋଡସ୍ଥିତ ଗୋପବନ୍ଧୁ ସ୍କୁଲ ନିକଟବର୍ତ୍ତୀ ଅଞ୍ଚଳର ବାସିନ୍ଦାଙ୍କ ନିମନ୍ତେ ସ୍ଥାନୀୟ ଏକ ଘରୋଇ କମ୍ପାନୀ ଦ୍ୱାରା ଗଭୀର ନଳକୂପ ଖନନ ହୋଇଛି। ଏହି ଗଭୀର ନଳକୂପରୁ ପମ୍ପ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ବିଦ୍ୟୁତ୍ ସଂଯୋଗ କରାଯାଇ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ଗଠିତ କମିଟିକୁ କମ୍ପାନୀ ହସ୍ତାନ୍ତର କରିଛି। ବିଦ୍ୟୁତ୍ ବିଚ୍ଛିନ୍ନ କରାଯିବା ଯୋଗୁ ପମ୍ପ ଯୋଗେ ପାନୀୟ ଜଳଯୋଗାଣ ହୋଇପାରୁ ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ସଙ୍କଟ ନେଇ ପ୍ରଶାସନର ଦୃଷ୍ଟିଆକର୍ଷଣ କରିବାକୁ ମହିଳାମାନେ ରାସ୍ତାକୁ ଓହ୍ଲାଇଥିଲେ। ମହିଳାମାନେ ହାଣ୍ଡି, ବାଲ୍‌ଟି ଧରି ପାନୀୟ ଜଳ ଯୋଗାଣ ପାଇଁ ଦାବି କରିଥିଲେ। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ କାହ୍ନୁଚରଣ ସର୍ଦ୍ଦାର କହିଛନ୍ତି ଯେ, ଦୈନିକ ପାଣି ପମ୍ପ ଚଳାଇବାକୁ ବିଦ୍ୟୁତ୍ ବ୍ୟବହାର କରାଯାଉଥିଲେ ହେଁ ବିଜୁଳି ଦେୟ ବକେୟା ରହିଛି। ଏଥିପାଇଁ ଗତ ୧୫ ଦିନ ତଳେ ବିଭାଗ ପକ୍ଷରୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ବକେୟା ୩୦ ହଜାର ଟଙ୍କା ଜମା ହେବା ପରେ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି।

# ସୁରଟରେ ଓଡ଼ିଆ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

କୋରେଇ,୨୨।୪(ସ୍ୱ.ପ୍ର.)

ପଥରପଦା ପଞ୍ଚାୟତ ଅନ୍ତର୍ଗତ ମହମ୍ମଦଜମାଲପୁର ଗ୍ରାମର ରାଜେଶ ବୋଇତେଇ (୩୩) ଗତ ୨୦୦୦ରୁ ସୁରଟ ଜିଲାର କିମ ଥାନା ଅନ୍ତର୍ଗତ ଏକ ସୂତା କଳରେ ଶ୍ରମିକ ଭାବେ କାମ କରୁଛନ୍ତି। ଏପରି କି ରାଜେଶ ସୁରଟରେ ବିବାହ ମଧ କରିଛନ୍ତି। ରବିବାର ରାତିରେ ରାଜେଶ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି ବୋଲି ତାଙ୍କ ଶଳା ଫୋନ୍ ଯୋଗେ ପରିବାର ଲୋକଙ୍କୁ ଖବର ଦେବା ପରେ ସେମାନଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ତାଙ୍କ ବଡ଼ଭାଇ ଶରତଙ୍କ କହିବାନୁସାରେ ରାଜେଶ ଓ ତାଙ୍କ ସ୍ତ୍ରୀ ମଧରେ କୌଣସି କାରଣକୁ ନେଇ ବାରମ୍ବାର ପାଟିତୁଣ୍ଡ ହେଉଥିଲା। ରାଜେଶଙ୍କ ବେକରେ ଗାମୁଛା ଓହଳି ଥିବାବେଳେ ତାର ପାଦ ଦୁଇଟି ତଳେ ସମ୍ପୂର୍ଣ୍ଣ ଲାଗିଥିଲା। ତେବେ ଶ୍ୱଶୁର ଘର ଲୋକେ ତାଙ୍କୁ ମାରି ଦେଇ ଟାଙ୍ଗି ଦେଇଛନ୍ତି ବୋଲି ଶରତ ସନ୍ଦେହ କରୁଥିବା ପ୍ରକାଶ କରିଛନ୍ତି। ସେଠାରେ ରହୁଥିବା ରାଜେଶଙ୍କ କିଛି ସହକର୍ମୀ ମଧ ତାଙ୍କ ଶରୀରରେ ମାଡ଼ ଚିହ୍ନ ଦେଖିଥିବା କହିବା ପରେ ହତ୍ୟା କରାଯାଇଥିବା ନେଇ ସନ୍ଦେହ ଦୃଢୀଭୂତ ହୋଇଛି। ଏ ନେଇ ରାଜେଶଙ୍କ ପରିବାର ଲୋକେ ସୋମବାର ଏସ୍‌ପିଙ୍କୁ ଅଭିଯୋଗ କରିବାକୁ ଯାଇଥିବାବେଳେ ଏଠାରେ ଅଭିଯୋଗ ହୋଇପାରିବନାହିଁ ବୋଲି କାର୍ଯ୍ୟାଳୟର ଜଣେ କର୍ମଚାରୀ କହିବାରୁ ସେ ଫେରିଆସିଥିଲେ। ଏ ନେଇ ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ପ୍ରଚାରକୁ ନେଇ ପ୍ରତିଯୋଗିତା

ଧର୍ମଶାଳା,୨୨।୪(ଡି.ଏନ୍.ଏ.)

ଧର୍ମଶାଳା ନିର୍ବାଚନମଣ୍ଡଳୀରୁ ଚଳିତ ଥର ୧୦ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିବାବେଳେ ପ୍ରଚାରକୁ ନେଇ ସବୁ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳୁଛି। ବିଜେଡି,ଭାଜପା ଓ କଂଗ୍ରେସକୁ ଛାଡିଦେଲେ ଅନ୍ୟଦଳର ପ୍ରାର୍ଥୀ ମଧ ନିଜର ପ୍ରଚାର ଜୋରଦାର କରିଛନ୍ତି। କଳିଙ୍ଗସେନା ପକ୍ଷରୁ ଶ୍ରମିକନେତା ରବୀନ୍ଦ୍ର ଧୀର, କୃପା ଦଳରୁ ହରମୋହନ କର, ଏସ୍‌ୟୁସିଆଇରୁ ମଧୁମିତା ସାହୁ, ବିଏସ୍‌ପି ଦେବବ୍ରତ ରାଉତ, ଅଖିଳ ଭାରତ ହିନ୍ଦୁ ମହାସଭାରୁ ଈଶ୍ୱର ଚନ୍ଦ୍ର ପ୍ରଧାନ, ଏଏନ୍‌ସିରୁ ପ୍ରିୟଦର୍ଶନ ଧୀର ଓ ସ୍ୱାଧୀନ ପ୍ରାର୍ଥୀ ରାଚ ଚନ୍ଦ୍ର ସିଂ ପ୍ରମୁଖ ପ୍ରାର୍ଥୀ ବିଭିନ୍ନ ଉପାୟରେ ଜନସାଧାରଣଙ୍କ ନିକଟତର ହେବାକୁ ପ୍ରୟାସ କରୁଛନ୍ତି। ନିର୍ବାଚନମଣ୍ଡଳୀର ବିଭିନ୍ନ ସାହି ବସ୍ତିକୁ ଯାଇ ଗୋଷ୍ଠୀ ଭିତ୍ତିକ ଆଲୋଚନା ଓ ପଥପ୍ରାନ୍ତ ସଭା କରି ଦଳର ଆଭିମୁଖ୍ୟ ସହ ନିଜର ଯୋଜନା ସମ୍ପର୍କରେ ଭୋଟରଙ୍କୁ ସଚେତନ କରାଇ ଭୋଟ ଭିକ୍ଷା କରୁଛନ୍ତି। ପୂର୍ବତନ ସରପଞ୍ଚ ହିନ୍ଦୁ ମହାସଭାର ପ୍ରାର୍ଥୀ ଈଶ୍ୱର ସାଇକେଲ ଯୋଗେ ଗାଁ ଗାଁ ବୁଲି ଭୋଟ ଭିକ୍ଷା କରୁଛନ୍ତି। ଏସ୍‌ୟୁସିଆଇ ପ୍ରାର୍ଥୀ ରବିବାର ବର୍ଷା ସତ୍ତ୍ୱେ ମଧ ଜାରକା ମେଳଣ ପଡ଼ିଆଠାରେ ଏକ ସଭା କରିଥିଲେ। ସେହିପରି ଯୁବ ସଂଗଠକ ଶ୍ରୀ ରାଉତ ଦଳୀୟ କର୍ମୀଙ୍କ ଗହଣରେ ପ୍ରଚାର ଜୋରଦାର ଚଳାଇଛନ୍ତି। ୨୦୧୪ ନିର୍ବାଚନରେ ଏସ୍‌ୟୁସିଆଇ, ବିଏସ୍‌ପି, ସମତା କ୍ରାନ୍ତି, ଜନମୋର୍ଚ୍ଚା ଓ ସ୍ୱାଧୀନ ପ୍ରାର୍ଥୀ ୫ହଜାର ୪୩୦ ଭୋଟ ପାଇଥିବାବେଳେ ନୋଟାରେ ୧୧ଶହ ୭୮ଭୋଟ ଯାଇଥିଲା। ବିଜେଡି, ଭାଜପା ଓ କଂଗ୍ରେସକୁ ଛାଡିଦେଲେ ଚଳିତ ନର୍ବାଚନରେ ଏହି ପ୍ରାର୍ଥୀ କେତେ ଭୋଟ ପାଇବେ ତାହା ସମୟ କହିବ।

### ମା'ଙ୍କୁ ହାଣିଲା ପୁଅ

ବଡସାହି, ୨୨।୪(ସ୍ୱ.ପ୍ର.)

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଚକ୍ରଧରପୁର ଗ୍ରାମର ପ୍ରଫୁଲ୍ଲ ବିନ୍ଧାଣୀ(୪୦)ସୋମବାର ନିଶାଶକ୍ତ ଅବସ୍ଥାରେ ଏକ କଟୁରୀରେ ନିଜ ମା'ଙ୍କୁ ଆକ୍ରମଣ କରିଛନ୍ତି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଗ୍ରାମବାସୀ ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରୁ ତାଙ୍କୁ ବାରିପଦା ପିଆରଏମ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ପ୍ରଫୁଲ୍ଲ ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ପାଟିତୁଣ୍ଡ କରୁଥିବାର ମା' ମାଳତୀ ଏହାକୁ ବିରୋଧ କରିଥିଲେ। ଏଥିରେ ଉତ୍ୟକ୍ତ ହୋଇ ପ୍ରଫୁଲ୍ଲ ଏହି କାଣ୍ଡ ଘଟାଇଛନ୍ତି।

### ନିର୍ବାଚନ କାର୍ଯ୍ୟରେ ଅବହେଳା ନେଇ ଶିକ୍ଷକ ନିଲମ୍ବିତ

ଯାଜପୁର ଟାଉନ,୨୨।୪(ଡି.ଏନ୍.ଏ)

ଯାଜପୁର ଜିଲାର ରସୁଲପୁର ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ କାର୍ଯ୍ୟରତ ସହକାରୀ ଶିକ୍ଷକ ବଳରାମ ମଲ୍ଲିକଙ୍କୁ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ନିଲମ୍ବିତ କରିଛନ୍ତି। ଜନପ୍ରତିନିଧି ଆଇନ୍ ୧୯୫୧ ଧାରା ୧୩୪ ଅନୁଯାୟୀ ନିର୍ବାଚନ କାର୍ଯ୍ୟରେ ଅବହେଳା କରିଥିବା ଦର୍ଶାଇ ମଲ୍ଲିକଙ୍କୁ ସେ ନିଲମ୍ବନ କରିଛନ୍ତି। ନୂଆ ମିର୍ଜାପୁର ୟୁଜିୟୁପି ସ୍କୁଲର ସହକାରୀ ଶିକ୍ଷକ ମଲ୍ଲିକ ୩ୟ ପର୍ଯ୍ୟାୟ ପ୍ରଶିକ୍ଷଣରେ ଯୋଗଦେଇ ନ ଥିବା ବେଳେ ଏନେଇ ଚିଠିକୁ ମଧ ଗ୍ରହଣ କରି ନ ଥିଲେ। ଏହାପରେ ବ୍ଲକ୍ ଶିକ୍ଷାଧିକାରୀ ମଲ୍ଲିକଙ୍କୁ ଅବଗତ କରିଥିଲେ ମଧ ସେ ତାଙ୍କ ଜିଦ୍‌ରେ ଅଟଳ ରହିବା ସହିତ ଆଉ ପ୍ରଶିକ୍ଷଣରେ ଯୋଗଦେଇ ନ ଥିଲେ। ଅଭିଯୋଗ କ୍ରମେ ଜିଲାପାଳ ଏପରି ନିଷ୍ପତ୍ତି ନେଇଥିବା ଜଣାପଡିଛି। ଆଗାମୀ ଦିନରେ ଯଦି କୌଣସି ଅଧିକାରୀ ଏପରି ଅବହେଳା ପ୍ରଦର୍ଶନ କରନ୍ତି ତେବେ ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ଚେତାବନୀ ଦିଆଯାଇଛି।

### କଂଗ୍ରେସ ଓ ବିଜେଡିର ୮ ସମର୍ଥକ ଗିରଫ

ଆନନ୍ଦପୁର,୨୨।୪(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘସିପୁରା ନିର୍ବାଚନମଣ୍ଡଳୀରେ ରବିବାର ସନ୍ଧ୍ୟାରେ ଘଟିଥିବା ନିର୍ବାଚନୀ ହିଂସା ଘଟଣାରେ ରାମଚନ୍ଦ୍ରପୁର ଥାନା ପୋଲିସ ଉଭୟ ଗୋଷ୍ଠୀର ୮ ଜଣଙ୍କୁ ଗିରଫ କରିଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବଶିଘ୍ର ଗିରଫ କରାଯିବ ବୋଲି ଥାନା ଆଇଆଇସି ରାଜେନ୍ଦ୍ର କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ଗଣ୍ଡଗୋଳରେ ଉଭୟ କଂଗ୍ରେସ ଓ ବିଜେଡି ସମର୍ଥକ ସାମିଲ ଥିବା ପୋଲିସ କହିଛି। ଉଭୟ ପକ୍ଷରୁ ଥାନାରେ ପୃଥକ୍ ମାମଲା ରୁଜୁ ହୋଇଛି। କଂଗ୍ରେସ ପକ୍ଷରୁ କରାଯାଇଥିବା ଅଭିଯୋଗକୁ ଭିତ୍ତି କରି ପୋଲିସ ଅନିଲ୍ ମହାକୁଡ, ଦୀପକ ବିଶ୍ୱାଳ, ରାଜେଶ କୁମାର ମୁଖୀ, ହରମେନ୍ ସେଠୀକୁ ଗିରଫ କରଥିବା ବେଳେ ବିଜେଡିପକ୍ଷରୁ ହୋଇଥିବା ଅଭିଯୋଗ ଭିତ୍ତିରେ ତ୍ରିନାଥ ରଣା, ଅରୁଣ କୁମାର ସିଂହ, ସେକ୍ ସୁରଜ୍ ଏବଂ ଅରୁଣ ପ୍ରତିମ ରଣାଙ୍କୁ ଗିରଫ କରିଛି। ଏହି ନିର୍ବାଚନୀ ହିଂସା ଘଟଣାକୁ ନେଇ ଘସିପୁରା ନିର୍ବାଚନମଣ୍ଡଳୀରେ ଚାପା ଉତ୍ତେଜନା ଲାଗିରହିଛି। ସମ୍ବେଦନଶୀଳ ଅଞ୍ଚଳରେ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ମୋବାଇଲ୍ ଚୋରି ଅଭିଯୋଗରେ ୪ ଛାତ୍ରଙ୍କ ନାମରେ ଏତଲା ଘଟଣା

# ଜିଲାପାଳ, ଏସ୍‌ପିଙ୍କ ନିକଟରେ ଅଭିଯୋଗ

ଦଶରଥପୁର,୨୨।୪(ଡିଏନ୍ଏ)- ଜଣେ ଶିକ୍ଷୟିତ୍ରୀଙ୍କ ମୋବାଇଲ ଚୋରି କରିବା ଅଭିଯୋଗରେ ୪ଜଣ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କୁ ଝୁମ୍ପୁରୀ ବିଟ୍ ହାଉସ ପୋଲିସ ଅଟକ ରଖିବା ମାନସିକ ନିର୍ଯାତନା ଦେଇ ମୋବାଇଲ ଫେରାଇବାକୁ ବାଧ କରିଥିଲେ। ମାତ୍ର ପରେ ଉକ୍ତ ଶିକ୍ଷୟିତ୍ରୀ ନିଜ ଫୋନ ଅନ୍ୟ କେଉଁଠାରୁ ପାଇବା ପରେ ଅଭିଭାବକ ମହଲରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ୪ ଛାତ୍ରଙ୍କୁ ମୋବାଇଲ ଚୋରି ଭଳି ମିଥ୍ୟା ଘଟଣାରେ ଶିକ୍ଷୟିତ୍ରୀ ଫସାଇଥିବା ନେଇ ସେମାନଙ୍କ ଅଭିଭାବକ ଓ ଗ୍ରାମବାସୀ ସୋମବାର ସମ୍ପୃକ୍ତ ଶିକ୍ଷୟିତ୍ରୀ ଓ ପୋଲିସ ବିରୋଧରେ ଯାଜପୁର ଜିଲାପାଳ, ଜିଲା ଶିକ୍ଷାଧିକାରୀ, ଜିଲା ଶିଶୁମଙ୍ଗଳ ଅଧିକାରୀ, ସୁପରିଟେଣ୍ଡେଣ୍ଟ ଅଫ ପୋଲିସ ଓ ମଙ୍ଗଳପୁର ଥାନାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି।

ପ୍ରକାଶ ଯେ, ଦଶରଥପୁର ବ୍ଲକର ଏକ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସାୟଂଦୀପା ପରିଡ଼ା ଗତ ୯ ତାରିଖ ବିଦ୍ୟାଳୟକୁ ଯାଇଥିବାବେଳେ ତାଙ୍କ ମୋବାଇଲଟି ପାଇ ନ ଥିଲେ। ମୋବାଇଲଟିକୁ ସମ୍ପୃକ୍ତ ସ୍କୁଲର ୪ଜଣ ଅଷ୍ଟମ ଶ୍ରେଣୀ ଛାତ୍ର ଚୋରି କରିନେଇଥିବା ସନ୍ଦେହ କରି ଶିକ୍ଷୟତ୍ରୀ ଜଣକ ସ୍ଥାନୀୟ ଝୁମ୍ପୁରୀ ପୋଲିସ ବିଟ୍ ହାଉସ୍‌ରେ ଲିଖିତ ଅଭିଯୋଗ କରିଥିଲେ। ଏତଲା ପାଇବା ପରେ ବିଟ୍ ହାଉସ୍ ଅଧିକାରୀ ବିଜୟ କୁମାର ସ୍ୱାଇଁ ଉକ୍ତ ୪ ନାବାଳକଙ୍କୁ ଘରୁ ଉଠାଇ ଆଣି ବିଟ୍ ହାଉସ୍‌ରେ ମାରାଥନ୍ ଜେରା କରିଥିଲେ। ସେମାନଙ୍କୁ ଭୟଭୀତ କରିବା ସହ ବିଧା, ଚାପୁଡା ମାରି ମୋବାଇଲ୍ ଫେରାଇବାକୁ ବାଧ କରିଥିଲେ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏହାପରେ ଅବିଭାବକମାନେ ଗ୍ରାମବାସୀଙ୍କୁ ଧରି ବିଟ୍ ହାଉସ୍‌ରେ ପହଞ୍ଚିବା ପରେ ପୋଲିସ ୩ ଘଣ୍ଟାପରେ ପିଲାଙ୍କୁ ଛାଡିଥିଲା। ଶିକ୍ଷୟିତ୍ରୀଙ୍କ ମୋବାଇଲ୍ ହଜିବା ଦିନ ଉକ୍ତ ୪ ଛାତ୍ର ଖେଳଛୁଟିରେ ଘରକୁ ପଳାଇଥିବା ଯୋଗୁ ସେ ସନ୍ଦେହରେ ସେମାନଙ୍କ ନାମରେ ଏତଲା ଦେଇଥିଲେ। ଅପରପକ୍ଷେ, ଉକ୍ତ ଶିକ୍ଷୟିତ୍ରୀ ବ୍ୟବହାର କରୁଥିବା ମୋବାଇଲ୍‌ଟିକୁ ପରଦିନ ଧରିଥିବା ଦେଖି ବିଦ୍ୟାଳୟର ଜଣେ କର୍ମଚାରୀ ତାଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ। ସେ ମୋବାଇଲଟି ପାଇଥିବା ଶିକ୍ଷୟିତ୍ରୀ କହିବା ପରେ ଅଭିଭାବକ ମହଲରେ ଏ ନେଇ ଉତ୍ତେଜନା ଦେଖାଦେଇଥିଲା। ମୋବାଇଲ୍‌ଟିକୁ ଶିକ୍ଷୟିତ୍ରୀ ଅନ୍ୟ କେଉଁଠାରେ ଛାଡି ୪ନାବାଳକଙ୍କୁ ମିଥ୍ୟା ଚୋରି ମାମଲାରେ ପିଲାଙ୍କୁ ମାନସିକ ନିର୍ଯାତନା ଦେଇଛି। ଏ ନେଇ ଛାତ୍ରଙ୍କ ଅଭିଭାବକମାନେ ଘଟଣା ସମ୍ପର୍କରେ ଜିଲାପାଳ, ଜିଲା ଶିଶୁମଙ୍ଗଳ କମିଟି ଅଧକ୍ଷ, ଜିଲା ପୋଲିସ ସୁପରିଟେଣ୍ଡେଣ୍ଟ, ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଶିକ୍ଷୟିତ୍ରୀ ପରିଡ଼ାଙ୍କୁ ପ୍ରତିକ୍ରିୟା ନେବା ପାଇଁ ଫୋନ୍ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ଏ ସମ୍ପର୍କରେ ବିଟ୍‌ହାଉସ୍ ଅଧିକାରୀ ବିଜୟ ସ୍ୱାଇଁଙ୍କୁ ପଚାରିବାରୁ, ସେ ଅଭିଯୋଗ ପାଇବା ପରେ ପିଲାଙ୍କୁ ଆଣି କେବଳ ପଚରାଉଚରା କରିଥିଲେ, ହାତ ଉଠାଇ ନ ଥିଲେ ବୋଲି କହିଛନ୍ତି।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ କଂଗ୍ରେସ ପ୍ରାର୍ଥୀ ଅଂଶୁମାନ୍‌ଙ୍କ ପ୍ରଚାର



ପଟ୍ଟାମୁଣ୍ଡାଇ,୨୨।୪ (ସ୍ୱ.ପ୍ର): ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ପଟ୍ଟାମୁଣ୍ଡାଇ ପୌରାଞ୍ଚଳରେ ସୋମବାର ଏହି ଆସନର କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ମହାନ୍ତି ପ୍ରଚାରକୁ ଜୋରଦାର କରିଛନ୍ତି । ଅଂଶୁମାନ ପଟ୍ଟାମୁଣ୍ଡାଇ କଂଗ୍ରେସ କାର୍ଯ୍ୟାଳୟ ଠାରୁ କଂଗ୍ରେସ ନେତା ଓ କର୍ମୀଙ୍କ ଗହଣରେ ଏକ ବାଇକ ରାଲିରେ ବାହାରି ଥିଲେ । ସେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିବା ସହିତ ୧ନଂ ଓ ୨ନଂ ୱାର୍ଡ ଷଣ୍ଢପଲ୍ଲୀ ଗ୍ରାମରେ ବୁଲି ପ୍ରଚାର କରିଥିଲେ । ଏହାପରେ ତନୁପୁର ଗ୍ରାମର ୩ ନଂ ଓ ୪ନଂ ୱାର୍ଡ ,୫ନଂ, ୬ନଂ ଓ ୭ନଂ ୱାର୍ଡ ପରିକ୍ରମା କରି ଭୋଟରମାନଙ୍କୁ ଭେଟିଥିଲେ । ଏହାଛଡା ବାଛରା ପଞ୍ଚାୟତର ବାଛରା ଓ ମଣ୍ଡପଡା ଗ୍ରାମରେ ବୁଲି ଭୋଟ ଭିକ୍ଷା କରିଥିଲେ । ୫ ଶହରୁ ଊର୍ଦ୍ଧ୍ୱ ବାଇକରେ କର୍ମୀ ଓ ନେତାମାନେ ଯାଇ ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ ।

ଏହି ବାଇକ ରାଲିରେ ନଗର କଂଗ୍ରେସ ସଭାପତି ପ୍ରଦୀପ ପ୍ରଧାନ, ପୂର୍ବତନ କାଉନସିଲର ଆଲୋକ ଧଳ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟରଞ୍ଜନ ଧଳ, ପୂର୍ବତନ କାଉନସିଲର ତ୍ରିଲୋଚନ ପଣ୍ଡା, ପ୍ରାକ୍ତନ ଉପାଧ୍ୟକ୍ଷ ମାନସ ମହାନ୍ତି, ମୋହନ ଦାସ, ମଳୟ ଓଝା, ସୁଲେଖା ସାହୁ, ଓମ୍‌ପ୍ରକାଶ ମହାନ୍ତି, ସନାତନ ବିଶ୍ୱାଳ, ସେକ୍ ତାଜଉଦ୍ଦିନ୍, ସେକ୍ ମିର୍ଜା ଚାନ୍ଦ, ସେକ୍ ତଇଉଲ୍ଲା, ସେକ୍ ଅମରୁଲ୍, ଗୋପୀନାଥ ନାୟକ, ବିଭନ ସାହୁ, ମନୋରଞ୍ଜନ କର, ଜ୍ୟୋତି ଧଳ, ଅମିତ୍ ନାୟକ, ସ୍ନେହାଶିଷ ପଣ୍ଡା, ମନୋଜ ନାୟକ, ସମୀର ଜେନା, ଲୁଲୁ ଧଳ, ସମ୍ରାଟ ଜେନା, ତପନ ପାତ୍ର, ଯଯାତି ମହାନ୍ତିଙ୍କ ସମେତ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ କର୍ମୀମାନେ ସାମିଲ ହୋଇ ପୌରାଞ୍ଚଳର ବିଭିନ୍ନ ୱାର୍ଡ ପରିକ୍ରମା କରି ପ୍ରଚାର କରିଥିଲେ । କଂଗ୍ରେସ ପ୍ରାର୍ଥୀ ଅଂଶୁମାନ ରବିବାର ପଟ୍ଟାମୁଣ୍ଡାଇ ବ୍ଲକର ଶାସନ, ନିମପୁର, ଦିଆନପୁର, ଶ୍ରୀରାମପୁର, ଉଦୟପୁର, କଦମଦାଣ୍ଡି , ମଠସାହି, ପାଳପାଟଣା ଆଦି ଗ୍ରାମ ବାଇକ୍ ରାଲିରେ ପରିକ୍ରମା କରି ଭୋଟ ପ୍ରଚାର କରିଥିଲେ । ସେହିପରି ଡାମରପୁର ପଞ୍ଚାୟତ ପରିକ୍ରମା କରିବା ସହିତ ବଳଭଦ୍ରପୁର ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଭୋଟ ପ୍ରଚାର କରିଥିଲେ । ତାଙ୍କ ସହିତ ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚ ବିରଞ୍ଚି ନାରାୟଣ ଦାଶ, ପୂର୍ବତନ ସରପଞ୍ଚ ନୃସିଂହ କୁଣ୍ଡ, ବରିଷ୍ଠ ନେତା ନୃସିଂହ ଚରଣ ଆଚାର୍ଯ୍ୟ, ତ୍ରିଲୋଚନ ସେଠୀ, ପ୍ରଶାନ୍ତ ପରିଡା, ତ୍ରିଲୋଚନ ବିଶ୍ୱାଳଙ୍କ ସମେତ ବହୁ ଆଗୁଆ ନେତା ସାମିଲ ହୋଇଥିଲେ ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

# ଆଜି ମୋଦିଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡା ଅଫିସ, ୨୨।୪

ରାଜ୍ୟର ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ରବିବାର ପ୍ରଚାର ଶେଷ ହୋଇଥିବା ବେଳେ ମଙ୍ଗଳବାର ଭୋଟ ଗ୍ରହଣ ହେବ। ଚତୁର୍ଥ ଓ ଶେଷ ପର୍ଯ୍ୟାୟ ମତଦାନ ଆସନ୍ତା ୨୯ରେ ହେବ। ଏହି ପରିପ୍ରେକ୍ଷୀରେ ସମସ୍ତ ରାଜନୈତିକ ଦଳର ନଜର ସୀମିତ ସଂଖ୍ୟକ ଜିଲା ଉପରେ ଅଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡ଼ା ଜିଲା ରାଜନଗର ଓ ଛଘରିଆଠାରେ ରବିବାର ନିର୍ବାଚନୀ ସଭାରେ ଯୋଗଦେଇ ପ୍ରଚାର କରିଥିବା ବେଳେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ସେ ବାରୁଅ ପଞ୍ଚାୟତ ସିଦ୍ଧମଠ ପଡ଼ିଆଠାରେ ଭାଜପା ପକ୍ଷରୁ ଆୟୋଜିତ ବିଜୟ ସଙ୍କଳ୍ପ ସମାବେଶରେ ଯୋଗଦେବେ। ଏଥିପାଇଁ ପ୍ରଶାସନିକ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ସମାବେଶରେ ଲକ୍ଷାଧିକ ଲୋକ ସାମିଲ ହେବାକୁ ଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ମଞ୍ଚ, ସମାବେଶ ସ୍ଥଳ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ସେହିପରି ପାନୀୟ ଜଳ, ଯାତାୟାତ ଓ ସମାବେଶ ସ୍ଥଳ ଆଦିକୁ



ଜିଲାପାଳ ସମାବେଶସ୍ଥଳ ପରିଦର୍ଶନ କରୁଛନ୍ତି।

ଜିଲାପାଳ ଦାଶରଥି ଶତପଥିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିରୀକ୍ଷଣ କରାଯାଇଛି। ଏଥିସହିତ ମେଦିଙ୍କ ଗସ୍ତ ମସୟରେ ଏଠାରେ ଜିଲାର ୪୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ ବୋଲି ଏଏସ୍‌ପି ଅରୁଣ କୁମାର ଜେନା ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ୧୧.୨୫ ମିନିଟରେ ସିଦ୍ଧମଠ ପଡ଼ିଆଠାରେ ହେଲିକାପ୍ଟରରୁ ଓହ୍ଲାଇବା ପରେ ସଭାରେ ଯୋଗଦେବା ସହ ସ୍ଥାନୀୟ ଜନସାଧରଣଙ୍କୁ ସମ୍ବୋଧିତ କରିବେ। ତେବେ ସଭା ଶେଷ ହେବା ପରେ ପ୍ରଧାନମନ୍ତ୍ରୀ ସେଠାରୁ ପ୍ରାୟ ୧୧ଟା ୫୫ ମିନିଟ୍‌ରେ ବାହାରିବେ ବୋଲି ଜଣାପଡ଼ିଛି।

ତେବେ କେନ୍ଦ୍ରାପଡ଼ା ଲୋକ ସଭା ଆସନ ରାଜନୈତିକ ଇତିହାସରେ ଭାଜପା ଥରେ ହେଲେ ନିର୍ବାଚନରେ ଜିତିନାହିଁ। ୧୯୫୨ ମସିହା ପ୍ରଥମ ନିର୍ବାଚନରେ କଂଗ୍ରେସ ଏହି ଆସନ ପାଇଥିଲା। ଏହାପରଠାରୁ ପ୍ରଜା ସୋସାଲିଷ୍ଟ ପାର୍ଟି ଓ ବିଜୁ ଲିଗାସୀ ଜିତି ଆସିଛନ୍ତି। ଇତିମଧ୍ୟରେ ୧୯ ବର୍ଷ ହେବ ଏହି ଆସନ ବିଜେଡି ଅକ୍ତିଆରରେ ରହିଛି। ଗତ ୫ବର୍ଷ ହେବ କେନ୍ଦ୍ରରେ ଭାଜପା ସରକାର ଥିବା ବେଳେ ଜଗତ୍‌ସିଂହପୁର ଜିଲାର ପାରାଦୀପଠାରେ ଆଇଓସିଏଲ ଓ ପେଟ୍ରୋ କେମିକାଲ ହବ୍ ନିର୍ମାଣ କରିବେ ବୋଲି ଯୋଜନା କରିଛନ୍ତି। ସେହିପରି ଯାଜପୁର ଜିଲାର ଉଙ୍କାରୀ ପାହାଡ଼ ନିକଟରେ ତୈଳ ଭଣ୍ଡାର ଓ ଧର୍ମଶାଳାଠାରେ ଇ-ବାଇକ୍ କାରଖାନା ନିମନ୍ତେ ପ୍ରୋତ୍ସାହିତ କରାଯାଇଛି। ତେବେ ବିଗତ ୫ ବର୍ଷ ଶାସନ କାଳ ମଧ୍ୟରେ କେନ୍ଦ୍ର ସରକାର କେନ୍ଦ୍ରାପଡା ଜିଲାକୁ ଅଣଦେଖା କରିଛନ୍ତି ବୋଲି ଜିଲାବାସୀ ଅଭିଯୋଗ କରିଛନ୍ତି।

ସେହିପରି ୨୦୧୭ ନଭେମ୍ବରରେ ପ୍ରଧାନମନ୍ତ୍ରୀ ମୋଦି ଫିଲିଫାଇନସର ମାନିଲାସ୍ଥିତ ଆଇଆରଆରଆଇ (ଇଣ୍ଟରନ୍ୟାସନାଲ ରାଇସ ରିସର୍ଚ୍ଚ ଇନ୍ଷ୍ଟିଚ୍ୟୁଟ)କୁ ଯାଇଥିଲେ। ସେଠାରେ କେନ୍ଦ୍ରପଡ଼ା ଜିଲା ନିକିରାଇ ଅଞ୍ଚଳର ବିଶିଷ୍ଟ ବୈଜ୍ଞାନିକ ଡା. କ୍ଷୀରୋଦଚନ୍ଦ୍ର ଜେନାଙ୍କ ସହ ସାକ୍ଷାତ କରି ଲୁଣା ସହଣୀ ଧାନ ଚାଷ ସମ୍ପର୍କରେ ବୁଝିବା ସହ ଭାରତର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଏହାକୁ ପ୍ରୋତ୍ସାହିତ କରିଛନ୍ତି। ତେବେ ଏହି ଜିଲାର ଜମ୍ବୁଠାରେ ଏପରି ପ୍ରକଳ୍ପ ନିମନ୍ତେ ବହୁ ବୁଦ୍ଧିଜୀବୀ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଥିଲେ ସୁଦ୍ଧା ଅଦ୍ୟାବଧି ଏହାର ସୁଫଳ ମିଳିନାହିଁ। ତେବେ ମଙ୍ଗଳବାର ମୋଦିଙ୍କ ଗସ୍ତ ଅବସରରେ କେନ୍ଦ୍ରାପଡ଼ା ଜିଲା ପାଇଁ କ'ଣ ଯୋଜନା ଘୋଷଣା କରିବେ ତା ଉପରେ ଏବେ ସମସ୍ତଙ୍କ ନଜର ରହିଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# କେନ୍ଦ୍ରାପଡ଼ାକୁ ସବୁଥିରେ ଅବହେଳା

କେନ୍ଦ୍ରାପଡା ଅଫିସ, ୨୨।୪

ଜିଲାର ବହୁ ନେତା ରାଜ୍ୟ ଓ ଜାତୀୟ ରାଜନୀତିରେ ନିଜର କରିସ୍ମା ଦେଖାଇଛନ୍ତି। ମାତ୍ର ଏବେ ବି ଅର୍ଥନୈତିକ ବିକାଶ କ୍ଷେତ୍ରରେ ଏହା ଢ଼େର ପଛରେ ରହିଛି। ଜିଲାରେ ୬୯ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ମାତ୍ର ଏଠାରେ କୃଷି ଓ କୃଷକର ଭିତ୍ତିଭୂମି ସୁଦୃଢ଼ କରିବା ପାଇଁ ପ୍ରୋତ୍ସାହନର ଆବଶ୍ୟକ ଅଛି। ସେହିପରି ଶିଳ୍ପ ନ ଥିବାରୁ ଯୁବବର୍ଗ ଶିକ୍ଷିତ ହୋଇଥିଲେ ମଧ୍ୟ ଦେଶ ବିଦେଶରେ ଦାଦନ ଖଟୁଛନ୍ତି। ଚାଷ ଏଠାକାର ଲୋକଙ୍କ ମୁଖ୍ୟ ଜୀବିକା ହୋଇଥିଲେ ମଧ୍ୟ ସେମାନଙ୍କ ପାଇଁ କୌଣସି ପ୍ରକଳ୍ପ ଅଥବା ଯୋଜନା କରାଯାଇନାହିଁ। ସେହିପରି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସୁପର ସ୍ପେଶାଲିଟି ଅଥବା ମେଡିକାଲ କଲେଜ ନିର୍ମାଣ ପାଇଁ ଜିଲାବାସୀଙ୍କ ଦାବିକୁ ଅଣଦେଖା କରାଯାଇଛି। ଏହି ଜିଲାରେ ଜାତୀୟ ଉଦ୍ୟାନ ଥିବା ସହ ବ୍ରିଟିଶ ଶାସନର ମୂକସାକ୍ଷୀ ବତିଘରକୁ ଗମନାଗମନ ପଥ ନ ଥିବାରୁ ପର୍ଯ୍ୟଟକଙ୍କ ପାଦ ପଡୁନାହିଁ। ପର୍ଯ୍ୟଟନ ଶିଳ୍ପକୁ ଅଣଦେଖା କରାଯାଇଥିବା ବେଳେ ଶିକ୍ଷା ଭିତ୍ତିଭୂମି ପ୍ରତି ଦୃଷ୍ଟି ଦିଆଯାଇନାହିଁ। ଶିକ୍ଷା, ଶିଳ୍ପ, ପର୍ଯ୍ୟଟନ, କୃଷି ପରି ରେଳସେବା କ୍ଷେତ୍ରରେ ମଧ୍ୟ ଜିଲା ପଛୁଆ ରହିଛି। ଅନୁପ୍ରବେଶ, ଚିଙ୍ଗୁଡ଼ି ଘେରି ଆଗାମୀ ଦିନ ପାଇଁ ଜିଲାର ସମସ୍ୟା ହେବାକୁ ଥିବା ବେଳେ ଏହାର ସମାଧାନ ଦିଗରେ ମଧ୍ୟ ଦୃଷ୍ଟି ଦିଆଯାଇନି। ଦୀର୍ଘ ୬୭ ବର୍ଷ ଧରି ଏହି ଜିଲାର ନେତା ନିତ୍ୟାନନ୍ଦ କାନୁନ୍‌ଗୋ, ବୈଷ୍ଣବ ଚରଣ ମଲ୍ଲିକ, ସୁରେନ୍ଦ୍ର ଦ୍ୱିବେଦୀ, ସୁରେନ୍ଦ୍ର ମହାନ୍ତି, ବିଜୁ ପଟ୍ଟନାୟକ, ଶରତ କୁମାର ଦେବ, ରବି ରାୟ, ଶ୍ରୀକାନ୍ତ କୁମାର ଜେନା, ପ୍ରଭାତ ସାମନ୍ତରାୟ, ଅର୍ଚ୍ଚନା ନାୟକ ଓ ବୈଜୟନ୍ତ ପଣ୍ଡା ଲୋକ ସଭା ଏମ୍‌ପି ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ବହୁ ନେତା କେନ୍ଦ୍ର ମନ୍ତ୍ରୀ ମଣ୍ଡଳରେ ସାମିଲ ହେବା ସହ କେନ୍ଦ୍ର ସରକାରଙ୍କ ନିକଟତର ହୋଇଛନ୍ତି। ମାତ୍ର କେନ୍ଦ୍ରାପଡା ଜିଲା ସର୍ବଦା ଅଣଦେଖା ହୋଇ ରହିଥିବା ବହୁ ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

# କଷଣଅଣ୍ଟାରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ



ମହିଳାଙ୍କ କଳସ ଶୋଭାଯାତ୍ରା।

ପଟ୍ଟାମୁଣ୍ଡାଇ,୨୨।୪ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ କଷଣଅଣ୍ଟା ଗାୟତ୍ରୀ ଶକ୍ତିପୀଠରେ ଚାଲିଥିବା ୨ ଦିନିଆ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ରବିବାର ଉଦ୍‌ଯାପିତ ହୋଇଯାଇଛି । ଶନିବାର କଳସ ଯାତ୍ରା ସହିତ ଘଟ ସ୍ଥାପନ , ଯଜ୍ଞଶାଳା ପ୍ରତିଷ୍ଠା ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଯୋଗଦେଇ ଧର୍ମଧ୍ୱଜା ଉତ୍ତୋଳନ କରିଥିଲେ । ସନ୍ଧ୍ୟାରେ ଯୁଗ ସଙ୍ଗୀତ, ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ହରିଦ୍ୱାର, ଶାନ୍ତିକୁଞ୍ଜ ପରିବ୍ରାଜକ ଦିପ୍ତିକାନ୍ତ ଶାସ୍ତ୍ରୀ ଓ ତାଙ୍କ ସହଯୋଗୀମାନେ ଯୋଗ ଦେଇ ଗାୟତ୍ରୀ ମାତାଙ୍କ ପ୍ରବଚନ କାର୍ଯ୍ୟକ୍ରମ କରିଥିଲେ । ୨ୟ ଦିବସରେ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଯଥାରୀତି ଅନୁସାରେ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ଦୀକ୍ଷା ଗ୍ରହଣ ଆଦି ସଂସ୍କାର କାର୍ଯ୍ୟକ୍ରମ ହୋଇଥିଲା । ସନ୍ଧ୍ୟାରେ ସହସ୍ର ଦୀପ ମହାଯଜ୍ଞ ଆୟୋଜିତ ହୋଇଥିଲା । ଗାୟତ୍ରୀ ପୀଠର ପୁରୁଷୋତ୍ତମ ଗିରି ଯୋଗ ଦେଇ ଦୀପ ମହାଯଜ୍ଞ ଉଦ୍‌ଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଦୀପ କୁମାର ଦାଶ, ହେମନ୍ତ ପରିଡା, ସର୍ବେଶ୍ୱର ପ୍ରଧାନ, ସନ୍ତୋଷ ଗିରି, ଅଶ୍ୱିନୀ ପ୍ରଧାନ, ଉତ୍ତମ ସାହୁ, ବୈଦ୍ୟନାଥ ଶତପଥୀ, ବାସୁଦେବ କର, ଦିଲିପ ସାହୁ, ସୁଶାନ୍ତ ଗିରି, ଲକ୍ଷ୍ମୀପ୍ରିୟା ପ୍ରଧାନ, ରାଜୀବ ସାହୁଙ୍କ ସମେତ ଶତାଧିକ ଗାୟତ୍ରୀ ପରିବାରର ସଦସ୍ୟା ସଦସ୍ୟ ଯୋଗ ଦେଇଥିଲେ ।

### ବେଦପ୍ରକାଶଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଡେରାବିଶ, ୨୨।୪ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟ ସଭାକକ୍ଷରେ ପୂର୍ବତନ ମନ୍ତ୍ରୀ ତଥା ବିଶିଷ୍ଟ ରାଜନେତା ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ପରିଚାଳନା ସମିତି ସମ୍ପାଦକ ପ୍ରାଧ୍ୟାପକ ମଦନମୋହନ ଜେନାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସ୍ୱର୍ଗତ ଅଗ୍ରୱାଲଙ୍କର ସ୍ମୃତିଚାରଣ ସହ ମହାବିଦ୍ୟାଳୟ ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ତାଙ୍କ ଆତ୍ମାର ସଦ୍‌ଗତୀ ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

### ବନ୍ଧୁମିଳନ ଉତ୍ସବ

ପଟ୍ଟାମୁଣ୍ଡାଇ, ୨୨।୪ (ସ୍ୱ.ପ୍ର)

ପଟ୍ଟାମୁଣ୍ଡାଇ ବ୍ଲକ ଧୋୟାଅଞ୍ଚଳସ୍ଥିତ ଅଳପୁଆ ହାଇସ୍କୁଲର ୨୦୦୧ ମସିହା ମାଟ୍ରିକ ବ୍ୟାଚର ବନ୍ଧୁମିଳନ ଉତ୍ସବ ହାଇସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ହାଇସ୍କୁଲର ପୁରାତନ ଶିକ୍ଷକ ଭଗବାନ ରାଉତ, ବିଷ୍ଣୁଚରଣ ଧଳ, ନୀଳମଣି ଶତପଥୀ, ଦୁର୍ଗାଚରଣ ମହାନ୍ତି, ଦାମୋଦର ଧଳ, ସୁକାନ୍ତି ନାଥଶର୍ମା ପ୍ରମୁଖ ଯୋଗ ଦେଇଥିବା ବେଳେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଜ୍ଞାନରଞ୍ଜନ ବିଶ୍ୱାଳ, ଦିଲିପ ନାୟକ, ସନ୍ତୋଷ ପଣ୍ଡା, ସ୍ୱପ୍ନାରାଣୀ ଦାସ, ସ୍ମରଣିକା ବିଶ୍ୱାଳ, ସଂଯୁକ୍ତା ପାଢ଼ୀଙ୍କ ସମେତ ବହୁ ପୁରାତନ ଛାତ୍ରୀଛାତ୍ର ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ । ପାଠପଢା ବେଳର କଥା ମନେ ପକାଇ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ ।

# ଦୀନବନ୍ଧୁ ସାହୁ ଆଇନ କଲେଜରେ ବିତର୍କ



ଲ' କଲେଜରେ ଅର୍ଥମନ୍ତ୍ରୀ ଶଶିଭୂଷଣ ଓ ଅନ୍ୟମାନେ।

କେନ୍ଦ୍ରାପଡା ଅଫିସ, ୨୨।୪

ସହରର ତିନିମୁହାଣିସ୍ଥିତ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ ଭାଗବତ- କଲ୍ୟାଣୀ ଟ୍ରଷ୍ଟ ପକ୍ଷରୁ 'ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଓ ଏହାର ବାସ୍ତବତା' ଶୀର୍ଷକ ବିତର୍କ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନରହରି ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିତର୍କରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ରାଜ୍ୟସଭା ସଦସ୍ୟ ଅନୁଭବ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଶିକ୍ଷାବିତ୍ ନନ୍ଦ କିଶୋର ପରିଡ଼ା, ଫକୀର ଚରଣ ଖଟୁଆ, ଅମୀୟ କୁମାର ମହାନ୍ତି, ଅନିଲ କୁମାର ଚୌଧୁରୀ, ପ୍ରମୋଦ ସାହୁ ଭାଗ ନେଇଥିଲେ। ରାଜ୍ୟସଭା ସଦସ୍ୟ ମହାନ୍ତି କହିଥିଲେ ଯେ, ଓଡିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲେ ରାଜ୍ୟର ଅର୍ଥନୈତିକ ପ୍ରଗତି ହେବ। ପୂର୍ବତନ ମନ୍ତ୍ରୀ ବେହେରା କହିଥିଲେ, ଏହି ମାନ୍ୟତା ମିଳିଲେ ସ୍ୱତନ୍ତ୍ର ଅର୍ଥନୈତିକ ପ୍ୟାକେଜ ଓଡିଶାକୁ ଆସିପାରିବ। ଶିକ୍ଷାବିତ୍ ପରିଡ଼ା ଏହି ବିତର୍କରେ ଯୋଗଦେଇ କହିଥିଲେ, ସାମ୍ବିଧାନିକ ବିଧି ବ୍ୟବସ୍ଥାରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପାଇବାକୁ ହେଲେ କେନ୍ଦ୍ର ଓ ରାଜ୍ୟ ଉଭୟଙ୍କ ସହଯୋଗିତା ଓ ସହଭାଗିତା ଆବଶ୍ୟକ। ଟ୍ରଷ୍ଟି ଗୁରୁ ପ୍ରସାଦ ମହାନ୍ତି ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହିତ ଏ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସୁଶିଲ କୁମାର ସାମଲ, କଳିଙ୍ଗ କେଶରୀ ବେହେରା, ସୁଧାଂଶୁ ଶେଖର ପ୍ରତାପ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ■ଇଭିଏମ୍ ସ୍ଥାନାନ୍ତର ପ୍ରଚାର

# ଗଣମାଧ୍ୟମ ବିରୋଧରେ ଥାନାରେ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୨୨।୪

କେନ୍ଦ୍ରାପଡ଼ା ଜିଲାରେ ଆସନ୍ତା ୨୯ରେ ନିର୍ବାଚନ ହେବ। ଏଥିପାଇଁ ଇଭିଏମ୍ ଓ ଅନ୍ୟ କାଗଜପତ୍ର ସ୍ଥାନୀୟ କେନ୍ଦ୍ରାପଡା ସ୍ୱୟଂଶାସିତ ବିଦ୍ୟାଳୟ ପରିସରରେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖାଯାଇଛି। ତେବେ ଏହି ସ୍ଥାନରୁ ଇଭିଏମ ମେସିନ ନିକଟବର୍ତ୍ତି ଏକ ହୋଟେଲକୁ ଅଣାଯାଇ ମାନୁପୁଲେଟିଂ କରା ଯାଉଥିବା ଏକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲା ନିର୍ବାଚନ ଅଧିକାରୀ ଜିଲାପାଳ ଦାଶରଥି ଶତପଥି, ଏଡିଏମ ବସନ୍ତ କୁମାର ରାଉତ, ଉପ ଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କ ସମେତ ଏକ ଫ୍ଲାଇଂ ସ୍କ୍ୱାଡ ଉକ୍ତ ହୋଟେଲରେ ଚଢ଼ାଉ କରି ତଦନ୍ତ କରିଥିଲେ। ଏ ନେଇ ଏଡିଏମ୍ ରାଉତ ସୂଚନା ଦେଇଛନ୍ତି ଯେ, ତଦନ୍ତ ସମୟରେ ଉକ୍ତ ହୋଟେଲରୁ ସେଭଳି ଆପତ୍ତିଜନକ କୌଣସି ନିର୍ବାଚନ ସାମଗ୍ରୀ ମିଳିନାହିଁ। ଏହା ଏକ ମିଛ ପ୍ରଚାର ବୋଲି ସେ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଉକ୍ତ ହୋଟେଲ ମାଲିକ ମିଛ ଖବର ପ୍ରଚାର କରୁଥିବା ସମ୍ପୃକ୍ତ ଗଣମାଧ୍ୟମ ନାମରେ ସଦର ଥାନାରେ ସୋମବାର ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ମହେଶ୍ୱର ସେଠୀ କୁହନ୍ତି ଯେ, ଅଭିଯୋଗକୁ ଭିତ୍ତି କରି ମାମଲା ରୁଜୁ ହେବ। ଏବେ ଏହା ତଦନ୍ତାଧୀନ ଅଛି।

# ବିଜେଡିର ନିର୍ବାଚନୀ ବୈଠକ

କେନ୍ଦ୍ରାପଡା ଅଫିସ, ୨୨।୪

ସହରର ମାଧପୁରସ୍ଥିତ କଲ୍ୟାଣ ମଣ୍ଡପଠାରେ ନଗର ବିଜେଡି ପକ୍ଷରୁ ନିର୍ବାଚନୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ନଗର ସଭାପତି ଶ୍ରୀକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପୌରାଞ୍ଚଳର ୮, ୯, ୧୦, ୧୧ ଓ ୧୬ ନଂ. ୱାର୍ଡର କର୍ମୀ ଓ ନେତା ଯୋଗ ଦେଇଥିଲେ। ଏଥିରେ ଦଳୀୟ ପର୍ଯ୍ୟବେକ୍ଷକ ମହମ୍ମଦ ଆୟୁବ ଖାଁ, ବିଧାୟକ ପ୍ରାର୍ଥୀ ଶଶିଭୂଷଣ ବେହେରା ଯୋଗଦେଇ ବିଜେଡିକୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମହିଳା ବିଜେଡି ସଭାନେତ୍ରୀ ସ୍ନେହପ୍ରଭା ତ୍ରିପାଠୀ, ପୂର୍ବତନ ପୌରାଧ୍ୟକ୍ଷ ଧୀରେନ ସାହୁ, ରୋସ୍ନା ସାହୁ, ଦେବଦାସ ମହାନ୍ତି, ସେକ ମତ୍ତୁ, ହିରଣ୍ୟ ପଣ୍ଡା, ଲିୟାକତ ଅଲ୍ଲୀ(ନସରୁ)ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

# ଧ୍ରୁବଙ୍କ ରୋଡ୍ ଶୋ'



ରୋଡ୍ ଶୋ'ରେ ଧ୍ରୁବ ଓ ଅନ୍ୟମାନେ।

ରାଜନଗର,୨୨।୪(ଡି.ଏନ.ଏ)

ଆଗାମୀ ସାଧାରଣ ନିର୍ବାଚନ ପାଇଁ ବିଜେଡି, କଂଗ୍ରେସ, ଭାଜପା ଏବଂ ସ୍ୱାଧୀନ ପ୍ରାର୍ଥୀମାନେ ଭୋଟରଙ୍କୁ ଆକୃଷ୍ଟ କରିବା ଲାଗି ସେମାନଙ୍କ ପ୍ରଚାରକୁ ଜୋରଦାର କରୁଛନ୍ତି। ସୋମବାର ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ କରିଥିବା ରୋଡଶୋରେ ସିନେ ତାରିକା ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଧ୍ରୁବଙ୍କ ସପକ୍ଷରେ ଯୁବପୀଢ଼ିଙ୍କୁ ଆକୃଷ୍ଟ କରିବା ପାଇଁ ଏହି ରାଲିରେ ସେମାନେ ଯୋଗ ଦେଇଥିଲେ। ପ୍ରଥମେ କୋଇଲିପୁର ପଞ୍ଚାୟତର ବଡପଲ୍ଲୀ ଗ୍ରାମରୁ ରୋଡଶୋ ଆରମ୍ଭ ହୋଇଥିଲା। ପରେ ଜଗନ୍ନାଥପୁର, ଗୋପାଳପୁର, କିଆଯୋରୀ, ବାଲିସାହିପାଟଣା, କେରଡାଗଡ, ରାଜପୁର, ବାଲି, ଓସ୍ତିଆ, ବେଲପାଳ, ବନ୍ଧପଡା, ସଙ୍ଖପଡା ପ୍ରଭୃତି ପଞ୍ଚାୟତରେ ରୋଡଶୋ ବେଳେ ସିନେ ତାରକା ଚନ୍ଦନ, ପୁପିନ୍ଦର, ଲିସା, ଆଶା ପ୍ରମୁଖ ସାମିଲ ହୋଇ ରାଜନଗର ବିଧାନସଭା ପ୍ରାର୍ଥୀ ସାହୁ ଏବଂ କେନ୍ଦ୍ରାପଡା ଲୋକ ସଭା ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ପାଇଁ ଭୋଟଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ନରହରି ଜେନା, ବାଇଧର ସେଠୀ, ପ୍ରମୁଖ ସାମିଲ ହୋଇଥିଲେ।

### ■ କୈବର୍ତ୍ତ ସମାଜ ପକ୍ଷରୁ ଚଇତି ପର୍ବ ଆରମ୍ଭ

# ବେଡାରୀ ଗ୍ରାମରେ ମା' ବାସୁଳିଙ୍କ ପୂଜା

ପାଟକୁରା,୨୨।୪(ଡିଏନଏ)

ଚୈତ୍ର ମାସର ପୂର୍ଣ୍ଣମୀ ଠାରୁ କୈବର୍ତ୍ତ ସମାଜ ପକ୍ଷରୁ ଚଇତି ପର୍ବ ପାଳନ କରାଯାଇଥାଏ । ଚଳିତବର୍ଷ କେନ୍ଦ୍ରାପଡା ଜିଲା ପାଟକୁରା ଅଞ୍ଚଳରେ ଥିବା କୈବର୍ତ୍ତ ସମାଜ ପକ୍ଷରୁ ଚଇତି ପର୍ବ ଗତ ଶୁକ୍ରବାର ପୂର୍ଣ୍ଣମା ରାତ୍ରି ଠାରୁ ପାଳନ କରାଯାଉଛି । ଏହି ପର୍ବ ବିଧି ମୁତାବକ ପାଳନ କରାଯାଉଛି ସତ,ମାତ୍ର ପର୍ବର ମୁଖ୍ୟ ଆକର୍ଷଣ କୁହାଯାଉଥିବା ଚଇତି ପୁନେଇ ଘୋଡା ନାଚ ଏବେ ଏହି ଅଞ୍ଚଳରୁ ଧୀରେ ଧୀରେ ହଜିଯାଉଥିବା ପରିଲକ୍ଷିତ ହେଉଛି । ପାଟକୁରା ଅଞ୍ଚଳର ବେଡାରୀ ଗ୍ରାମରେ ୨୭ କୈବର୍ତ୍ତ ପରିବାର ଅଛନ୍ତି । ସେହିପରି ପାଟକୁରା, ମାଣିକପୁର,ପନ୍ଦିଆ-ପହଣା,ବେହୁଲ ଗ୍ରାମରେ ୧୨୦ କୈବର୍ତ୍ତ ପରିବାର ଅଛନ୍ତି । ଚଳିତବର୍ଷ ବେଡାରୀ ଗ୍ରାମରେ କୈବର୍ତ୍ତମାନଙ୍କ



ବେଡାରୀ ଗ୍ରାମ ବ୍ରଜ ମହାକାଳୀ ଠାକୁରାଣୀ ମଣ୍ଡପରେ ମା' ବାସୁଳି।

ପକ୍ଷରୁ ଚଇତି ପର୍ବ ଉପଲକ୍ଷେ ଆରାଧ୍ୟା ଦେବୀ ମା' ବାସୁଳିଙ୍କୁ ଗାଁ ମଝିରେ ଥିବା ବ୍ରଜ ମହାକାଳୀ ଠାକୁରାଣୀ ମଣ୍ଡପରେ ପୂଜାର୍ଚ୍ଚନା କରାଯାଉଛି । ଗ୍ରାମର ଗଜଲକ୍ଷ୍ମୀ ଦାଣ୍ଡରେ ଥିବା ଏକ ଠାକୁର ଘରେ ୫ ଗୋଟି ସୁ-ସଜ୍ଜିତ ଘୋଡାଙ୍କୁ ସାଧାରଣରେ ଦର୍ଶନ ପାଇଁ ରଖାଯାଇଛି । କୈବର୍ତ୍ତ ସମାଜ ପକ୍ଷରୁ ବେଡରୀ ଗ୍ରାମର ଗୋକୁଳି ବେହେରା,ରବିନ୍ଦ୍ର କୁମାର ବେହେରା,ଦୁର୍ଯ୍ୟୋଧନ ବେହେରା,ଅକ୍ଷୟ କୁମାର ବେହେରା, ଦୁଷ୍ମନ୍ତ କୁମାର ବେହେରା,ଅଲେଖ ଚନ୍ଦ୍ର ବେହେରା,ବିକଳି ବେହେରା,ଏସ.ବେହେରା ,ଗୋଲେଖ ବେହେରା,ବାବାଜୀ ବେହେରା, ଗୌରାଙ୍ଗ ଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଆରାଧ୍ୟା ଦେବୀ ମା' ବାସୁଳିଙ୍କୁ ପୂଜାର୍ଚ୍ଚନା କରାଯାଉଛି।

କୈବର୍ତ୍ତ ସମାଜ ରହୁଥିବା ଗ୍ରାମଗୁଡିକରେ ପୂର୍ବ ବର୍ଷଗୁଡିକରେ ଚଇତି ପର୍ବଧୂମଧାମରେ ପାଳନ କରାଯାଉଥିଲା। ଚଇତି ପୂର୍ଣ୍ଣମୀ ଠାରୁ ଆରମ୍ଭ କରାଯାଇ ଏହି ପର୍ବ କେତେକ ଗ୍ରାମରେ ଏକ ସପ୍ତାହ ଧରି ଚାଲେ ବୋଲି ଆୟୋଜକମାନେ ପ୍ରକାଶ କରିଛନ୍ତି । ଏହି ସମୟରେ ଗ୍ରାମଗୁଡିକ ଉତ୍ସବମୁଖର ହୋଇ ଉଠୁଥିଲା । ପ୍ରତି ଘରେ ପିଠାପଣାର ଆସର ଜମୁଥିଲା । ଭୋଜି ଭାତର ଆୟୋଜନ କରାଯାଉଥିଲା । ଏବେ ଏହି ପର୍ବ ଫିକା ପଡିଯାଇଛି। ପୂର୍ବରୁ ଘୋଡା ନାଚ କରୁଥିବା ଗାୟକ ଓ ବାୟକ ମାନେ ବିଭିନ୍ନ ଗ୍ରାମ ଗୁଡିକରେ ଥିବା କୈବର୍ତ୍ତମାନଙ୍କ ପର୍ବ ଉପଲକ୍ଷେ ଘୋଡାନାଚ କରୁଥିଲେ । ଏହି ଘୋଡା ନାଚ ମାଧ୍ୟମରେ ସାଧାରଣ ଲୋକେ କିପରି ବିନୟୀ ,ଦୟାଳୁ, ସ୍ନେହୀ, ସହିଷ୍ଣୁ, ପରୋପକାରୀ ଓ ଭାଗବତ ପ୍ରେମୀ ହୋଇ ସୁଖୀ ଦାମ୍ପତ୍ୟ ଜୀବନ ସାଙ୍ଗକୁ ସୁସ୍ଥ ସମାଜ ଗଠନ କରି ପାରିବେ ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ତାର ପ୍ରଚାର କରି ଆସୁଥିଲେ । ଏପରି କି ଆସୁରିକ ପ୍ରବୃତ୍ତି କିଭଳି ଭାବରେ ସମାଜ ଓ ପରିବାରରୁ ଲୋପ ପାଇପାରିବ, ସେ ସମ୍ପର୍କରେ ସୁ-ଲଳିତ କଣ୍ଠରେ ସଙ୍ଗୀତ, ବାଦ୍ୟ ଓ ନୃତ୍ୟ ମାଧ୍ୟମରେ ଜନ ସମାଜକୁ ପ୍ରଭାବିତ କରୁଥିଲେ । ମାତ୍ର ଏବେ ଆମ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ ଆମେ କେବଳ ନାମକୁ ମାତ୍ର ପ୍ରତିଯୋଗିତାମାନ କରୁଛୁ । କିନ୍ତୁ ସେ ଦିନର ମହକ ଆଉ ନାହିଁ ବୋଲି କୈବର୍ତ୍ତ ସମାଜର ମୁରବୀମାନେ କହିଛନ୍ତି ।

## ସଂକ୍ଷେପରେ

ନୀଳଚକ୍ରରେ ଗାମୁଛା ବାନ୍ଧିବା ଘଟଣା

### ଘରକୁ ଫେରିଲେ ନାବାଳକ

**ପୁରୀ ଅଫିସ, ୨୨।୪ :** ନୀଳଚକ୍ର ଉପରକୁ ଉଠି ଗାମୁଛା ବାନ୍ଧି ଥିବା ନାବାଳକ ରବିବାର ତାଙ୍କ ବାପାଙ୍କ ସହିତ ଘରକୁ ଫେରିଛନ୍ତି। ପୂର୍ବରୁ ସେ ନିଜ ଘର ଭଦ୍ରକ ବୋଲି କହିଥିଲେ। ଶନିବାରଠାରୁ ସେ ମେଡିକାଲରେ ଚିକିତ୍ସାଧିନ ଥିଲେ। ରବିବାର ସେ ସୁସ୍ଥ ହେବା ପରେ ନିଜର ପ୍ରକୃତ ପରିଚୟ ପ୍ରଦାନ କରିଥିଲେ। ପରେ ତାଙ୍କ ଘର ମୟୁରଭଞ୍ଜ ଅଞ୍ଚଳରେ ବୋଲି କହିଥିଲେ। ସିଂହଦ୍ୱାର ପୋଲିସ ତାଙ୍କ ପରିବାର ସହିତ ଯୋଗାଯୋଗ କରିଥିଲା। ରବିବାର ଅପରାହ୍ନରେ ତାଙ୍କ ବାପା ଥାନାରେ ପହଞ୍ଚିଥିଲେ। ପରେ ପୋଲିସ ତାଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପ୍ରକାଶ ଯେ, ଶନିବାର ସକାଳ ସମୟରେ ଶ୍ରୀମନ୍ଦିରରେ ଭିଡ଼ ଲାଗି ରହିଥିଲା। ଶ୍ରୀମନ୍ଦିର ମରାମତି ଲାଗି ବନ୍ଧା ଯାଇଥିବା ଲୁହାଭରା ଦେଇ ସଂପୃକ୍ତ ନାବାଳକ ନୀଳଚକ୍ର ଉପରକୁ ଚଢ଼ିଯାଇଥିଲେ। ଚୂଡ଼ାରୁ ଏକ ହଳଦିଆ ବାନା କାଢ଼ି ଆଣିଥିଲେ। ସାଥିରେ ଧରିଥିବା ଏକ ଗାମୁଛା ବାନ୍ଧି ତଳକୁ ଓହ୍ଲାଉଥିବା ବେଳେ ଜଣେ ସେବକ ଦେଖିଥିଲେ। ପରେ ଜେଟିପି, ପୋଲିସ ଏବଂ ଚୂନରା ସେବକ ତାଙ୍କୁ ସତର୍କତାର ସହିତ ତଳକୁ ଓହ୍ଲାଇ ସିଂହଦ୍ୱାର ଥାନାକୁ ନେଇ ପଚରାଉଚୁରା କରିଥିଲେ। ତାଙ୍କ କଥାରେ ତାଳମେଳ ରହିନଥିଲା। ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିବାରୁ ତାଙ୍କୁ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ରବିବାର ସେ ନିଜ ଘର ଠିକଣା ଦେବା ପରେ ପରିବାର ଲୋକଙ୍କ ସହ ଆଲୋଚନା କରାଯାଇ ତାଙ୍କୁ ହସ୍ତାନ୍ତର କରାଯାଇଥିଲା ବୋଲି ସିଂହଦ୍ୱାର ଥାନା ଅଧିକାରୀ ଶ୍ରବଣ ମହାରଣା କହିଛନ୍ତି।

### ମଦଭାଟି ଉପରେ ଚଢ଼ାଉ: ୪୮ ଲିଟର ଦେଶୀ ମଦ ଓ ମଦରନ୍ଧା ସାମଗ୍ରୀ ଜବତ

**ଖଣ୍ଡପଡା,୨୨।୪(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଂଘାପଡା ପଞ୍ଚାୟତର ବରଗଣ୍ଡ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ ଓ ପାହାଡର ପାଦ ଦେଶରେ ଦୀର୍ଘମାସ ଧରି ଚାଲିଥିବା ଏକ ଦେଶୀମଦ ରନ୍ଧା ଭାଟି ଉପରେ ଖଣ୍ଡପଡା ଅବକାରୀ ବିଭାଗ କର୍ମଚାରୀମାନେ ସୋମବାର ଅଚାନକ ଚଢ଼ାଉ କରିଥିଲେ। ସେମାନେ ୪୮ ଲିଟର ରନ୍ଧା ଦେଶୀମଦ ଜବତ କରିଥିବା ବେଳେ ମଦ ପ୍ରସ୍ତୁତ ନିମନ୍ତେ ସେଠାରେ ମହଜୁଦ ଥିବା ବିପୁଳ ପରିମାଣର ସାମଗ୍ରୀମାନ ଜବତ କରିଛନ୍ତି। ସେହିପରି ଦେଶୀମଦ ପ୍ରସ୍ତୁତ ନିମନ୍ତେ ମହଜୁଦ ଥିବା ୫ଶହ ଲିଟରରୁ ଉର୍ଦ୍ଧ୍ୱ ପୋଚକୁ କର୍ମଚାରୀମାନେ ନଷ୍ଟ କରିଦେଇଛନ୍ତି। ଅବକାରୀ ବିଭାଗ ଚଢ଼ାଉ ବେଳେ ମଦ ମାଫିଆମାନେ ସୂଚନା ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ଖଣ୍ଡପଡା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି।

### ଅଦିନିଆ ବର୍ଷା ଆଣିଲା ଆଶ୍ୱସ୍ତି

**ପୁରୀ ଅଫିସ, ୨୧।୪:** ଦିନସାରା ପ୍ରବଳ ମାତ୍ରାରେ ଖରା ହୋଇଥିଲା। ଗରମରେ ଲୋକେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ଅପରାହ୍ନ ପ୍ରାୟ ୫ଟା ପର୍ଯ୍ୟନ୍ତ ଖରା ତାତି ଅନୁଭୂତ ହେଉଥିଲା। ହେଲେ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଆରମ୍ଭ ହୋଇଥିଲା ବର୍ଷା। ପ୍ରବଳ ମାତ୍ରାରେ ବର୍ଷି ଥିଲା। ଘଣ୍ଟାଏ ମୂଷଳ ଧାରାରେ ବର୍ଷା ହେବାରୁ ବିଭିନ୍ନ ରାସ୍ତାରେ ପାଣି ଜମି ଯାଇଥିଲା। ଏପରି କି ବଡ଼ଦାଣ୍ଡରେ ବିଭିନ୍ନ ସ୍ଥାନରେ ପାଣି ଜମିଥିଲା। ଏହାପରେ ବର୍ଷା କମିଥିଲା। କିନ୍ତୁ ଏହି ଅଦିନିଆ ବର୍ଷା ରାତି ପ୍ରାୟ ସାଢ଼େ ୯ଟା ପର୍ଯ୍ୟନ୍ତ ଲାଗି ରହିଥିଲା। ଏହି ବର୍ଷା ସହରବାସୀଙ୍କୁ ଆଶ୍ୱସ୍ତ ଆଣି ଦେଇଥିଲା। ଗତ କିଛିଦିନ ହେବ ପ୍ରବଳ ଖରା ଏବଂ ଗୁଳୁଗୁଳିରେ ଲୋକେ ଅସ୍ତବ୍ୟସ୍ତ ହୋଇଯାଇଥିଲେ। ମାତ୍ର ବର୍ଷା ଯୋଗୁ ଲୋକେ ଆଶ୍ୱସ୍ତ ହୋଇଛନ୍ତି।

### ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ଦୁଇ ଏକ୍ସାଲେଟର ଲୋକାର୍ପିତ

**ଜଟଣୀ,୨୨।୪(ଡି.ଏନ୍.ଏ.):** ଯାତ୍ରୀଙ୍କ ସୁବିଧା ପାଇଁ ଖୋର୍ଦ୍ଧାରୋଡ ରେଳଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ନୂତନ ଭାବେ ଦୁଇଟି ଏକ୍ସାଲେଟର ସୋମବାର ଉଦ୍‌ଘାଟିତ ହୋଇଛି । ଖୋର୍ଦ୍ଧାରୋଡ ଡିଭିଜନର ଡିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରି ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକର୍ପିତ କରିଛନ୍ତି। ୧କୋଟି ୭୦ଲକ୍ଷ ଟଙ୍କା ବ୍ୟୟରେ ୬ମାସ ମଧରେ ଏହାକୁ ସ୍ଥାପନ କରାଯାଇଛି। ଏହି ଏକ୍ସାଲେଟର ସ୍ଥାପନ ଦ୍ୱାରା ବରିଷ୍ଠ ନାଗରିକ ଓ ଅଧିକ ଲଗେଜ ଥିବା ଯାତ୍ରୀ ଉପକୃତ ହେବେ। ଏହି ଷ୍ଟେଶନର ଅନ୍ୟ ପ୍ଲାଟଫର୍ମରେ ଅଧିକ ଦୁଇଟି ଏକ୍ସାଲେଟର ଖୁବ୍‌ଶୀଘ୍ର ସ୍ଥାପନ କରାଯିବ। ସେହିପରି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଭଦ୍ରକ, ଯାଜପୁର ରେଳଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ଲିଫ୍‌ଟର ସୁବିଧା ଯୋଗାଇ ଦିଆଯିବ ବୋଲି ରେଲୱେ ପକ୍ଷରୁ କୁହାଯାଇଛି।

■ ୩ ନିର୍ବାଚନମଣ୍ଡଳୀରେ ଭୋଟ ଆଜି: ୭୦୨ ବୁଥ୍‌ରେ ହେବ ମତଦାନ

# ୫ ମହିଳାଙ୍କ ସମେତ ମଇଦାନରେ ୨୨ ପ୍ରାର୍ଥୀ

**ନୟାଗଡ଼ ଅଫିସ,୨୨।୪**

ନୟାଗଡ଼ ଜିଲାର ନୟାଗଡ଼, ରଣପୁର ଓ ଖଣ୍ଡପଡା ବିଧାନସଭା ଆସନ ଲାଗି ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ପୁରୀ ଲୋକ ସଭା ଅଧୀନରେ ରଣପୁର ଓ ନୟାଗଡ଼ ବିଧାନସଭା ରହିଥିବାବେଳେ କଟକ ଲୋକ ସଭା କ୍ଷେତ୍ରରେ ରହିଛି ଖଣ୍ଡପଡ଼ା ବିଧାନସଭା ଆସନ। ସକାଳ ୭ଟାରୁ ଅପରାହ୍ନ ୬ଟା ଯାଏ ଏହି ୩ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଭୋଟ ଆରମ୍ଭର ଦେଢ଼ଘଣ୍ଟା ପୂର୍ବରୁ ବୁଥ୍‌ଗୁଡିକରେ ମକ୍ ପୋଲିଂ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ମଇଦାନରେ ୨୨ ପ୍ରାର୍ଥୀ

୩ ବିଧାନସଭା ଆସନ ପାଇଁ ୫ ମହିଳା ପ୍ରାର୍ଥୀଙ୍କୁ ମିଶାଇ ମୋଟ ୨୨ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି କଟକ ଓ ପୁରୀ ଏମ୍‌ପି ପାଇଁ ମଧ୍ୟ ଭୋଟରମାନେ ମତଦାନ କରିବେ।

### ଭୋଟ ଦେବେ ୬,୧୮,୩୯୧ ମତଦାତା

ରଣପୁର ନିର୍ବାଚନମଣ୍ଡଳୀରେ ୨,୧୧,୬୩୧ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧,୧୦,୬୩୩ ପୁରୁଷ, ୧,୦୦,୯୭୮ ମହିଳା ଓ ୨୦ ଅନ୍ୟାନ୍ୟ ଭୋଟର ଅଛନ୍ତି। ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୨୫୯୮ ହୋଇଥିବାବେଳେ ୩ ଜଣ ଭିଆଇପି ଭୋଟର ଅଛନ୍ତି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ୧,୮୨,୧୮୭ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୯୬,୭୮୨ ପୁରୁଷ, ୮୫,୩୮୬ ମହିଳା ଓ ୧୯ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୩୬୬୫ ହୋଇଥିବାବେଳେ ୩ ଜଣ ଭିଆଇପି ଭୋଟର ଅଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ହେଉଛି ୨,୨୪,୫୭୩। ସେମାନଙ୍କ ମଧ୍ୟରୁ ୧,୧୮,୬୮୬ ପୁରୁଷ, ୧,୦୫,୮୭୮ ମହିଳା ଓ ୯ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୩୧୯୩ ହୋଇଥିବା ବେଳେ ୧ ଭିଆଇପି ଭୋଟର ଅଛନ୍ତି।



ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ବୋଦାପଡ଼ା ବୁଥ୍‌ରେ କର୍ମଚାରୀମାନେ ନିର୍ବାଚନ ପ୍ରସ୍ତୁତି କରୁଛନ୍ତି।

### ମତଦାନ ପାଇଁ ୭୦୨ ବୁଥ୍

୩ ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ୭୦୨ ବୁଥ୍ କରାଯାଇଛି। ରଣପୁର ନିର୍ବାଚନମଣ୍ଡଳୀ ପାଇଁ ୨୪୦, ଖଣ୍ଡପଡ଼ା ପାଇଁ ୨୧୭ ଓ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ୨୪୫ ବୁଥ୍ କରାଯାଇଛି।



ନୟାଗଡ଼ ଏନ୍‌ଏସି ହାଇସ୍କୁଲରେ ହୋଇଥିବା ସଖୀ ବୁଥ୍।

ପ୍ରତି ବୁଥ୍‌ରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସରଙ୍କୁ ମିଶାଇ ୬ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ପ୍ରତି ବୁଥ୍‌ରେ ଜଣେ ଲେଖାଏ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ନିର୍ବାଚନ ସମୟରେ ଯେପରି କୌଣସି ବିଶୃଙ୍ଖଳା ନ ହେବ ସେଥିପାଇଁ ମୋବାଇଲ ସ୍କ୍ୱାଡ୍, ସେକ୍ଟର ଅଫିସର, ଜୋନାଲ ଅଫିସର ଟିମ୍ ଗଠନ କରାଯାଇଛି। ଜିଲା ପୋଲିସ ପକ୍ଷରୁ ସମସ୍ତ ରାସ୍ତା ସିଲ୍ କରାଯାଇ ଯାନବାହନ ଯାଞ୍ଚ କରାଯାଉଛି।

### ଜିଲାରେ ଦୁଇଟି ସଖୀ ବୁଥ୍

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ହୋଇଥିବା ୭୦୨ ବୁଥ୍ ମଧ୍ୟରୁ ୨ଟି ସଖୀ ବୁଥ୍ କରାଯାଇଛି। ସେଗୁଡ଼ିକ ହେଲା ନୟାଗଡ଼ ସହର ଏନ୍‌ଏସି ହାଇସ୍କୁଲର ବୁଥ୍ ନମ୍ବର ୮୦ ଓ ୮୧। ଉଭୟ ବୁଥ୍‌ରେ ପ୍ରିଜାଇଡ଼ିଂ ଅଫିସରଙ୍କଠାରୁ ଆରମ୍ଭ କରି ପୋଲିଂ ଅଧିକାରୀମାନେ ମହିଳା ରହିଛନ୍ତି। ମହିଳମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିବେ। ସେହିପରି ଏହି ହାଇସ୍କୁଲର ୭୯ ନମ୍ବର ବୁଥ୍‌ରେ ସମସ୍ତ ଦିବ୍ୟାଙ୍ଗ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜିଲାରେ ୧୭୫ ବୁଥ୍‌ରେ ୩ଜଣ ଲେଖାଏ ମୋଟ ୫୨୫ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅନୁରୂପ ଭାବେ ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି।

## ବିଭିନ୍ନ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଓ ଦଳ

**ରଣପୁର ନିର୍ବାଚନମଣ୍ଡଳୀ**

| | | |
|---|---|---|
| ୧ | ସତ୍ୟନାରାୟଣ ପ୍ରଧାନ | ବିଜେଡି |
| ୨ | ସୁରମା ପାଢ଼ୀ | ଭାଜପା |
| ୩ | ଶୁଭଶ୍ରୀ ପଣ୍ଡା | କଂଗ୍ରେସ |
| ୪ | ଦେବରାଜ ସାହୁ | ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ |
| ୫ | ରେଣୁବାଳା ମହାନ୍ତି | କଳିଙ୍ଗସେନା |
| ୬ | ନିତ୍ୟାନନ୍ଦ ପରିଡ଼ା | ସିପିଆଇ (ଏମ୍) |
| ୭ | କୁଳମଣି ନାୟକ | ବିଏସ୍‌ପି |
| ୮ | ସନ୍ତୋଷ କୁମାର ସାହୁ | ସ୍ୱାଧୀନ |
| ୯ | ରବୀନ୍ଦ୍ର ମହାପାତ୍ର | ସ୍ୱାଧୀନ |
| ୧୦ | ରଞ୍ଜିତ ପଟ୍ଟନାୟକ | ସ୍ୱାଧୀନ |

**ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ**

| | | |
|---|---|---|
| ୧ | ସୌମ୍ୟରଞ୍ଜନ ପଟ୍ଟନାୟକ | ବିଜେଡି |
| ୨ | ସିଦ୍ଧାର୍ଥ ଶେଖର ସିଂ | ଭାଜପା |
| ୩ | ବସନ୍ତ କୁମାର ମହାରଣା | କଂଗ୍ରେସ |
| ୪ | ଦୁଷ୍ମନ୍ତ କୁମାର ସ୍ୱାଇଁ | ସ୍ୱାଧୀନ |

**ନୟାଗଡ଼ ନିର୍ବାଚନମଣ୍ଡଳୀ**

| | | |
|---|---|---|
| ୧ | ଅରୁଣ କୁମାର ସାହୁ | ବିଜେଡି |
| ୨ | ଇରାମ ରାୟ | ଭାଜପା |
| ୩ | ମନୋଜ କୁମାର ସାହୁ | କଂଗ୍ରେସ |
| ୪ | ଶ୍ରୀକାନ୍ତ ଦାଶ | କଳିଙ୍ଗସେନା |
| ୫ | ଶୁଭଲକ୍ଷ୍ମୀ ଦାସ | ଆମ୍ବେଦକର ନ୍ୟାସନାଲ କଂଗ୍ରେସ |
| ୬ | ନିରଞ୍ଜନ ସାହୁ | ସ୍ୱାଧୀନ |
| ୭ | ଗିରିଧାରୀ ରାଉତ | ସ୍ୱାଧୀନ |
| ୮ | ହେମନ୍ତ କୁମାର ପୁଷ୍ଟି | ସ୍ୱାଧୀନ |

# ବିକାଶ ନାଁ ରେ ପରିବେଶ ଧ୍ୱଂସ

**ଗଣିଆ,୨୨।୪(ଡି.ଏନ.ଏ.)**

ବିକାଶର ଦ୍ୱାହି ଦେଇ ରାସ୍ତାର ପ୍ରଶସ୍ତୀକରଣ, ନୂତନ ରାସ୍ତା ନିର୍ମାଣ, ବିଦ୍ୟୁତୀକରଣ ଓ ଆବଶ୍ୟକତାଠାରୁ ଅଧିକମାତ୍ରାରେ ଖଣିଖାଦାନ ଖନନ ପାଇଁ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ଗଛ କଟାଯାଉଛି । ବିକାଶ ନାଁରେ ପ୍ରାକୃତିକ ପରିବେଶ ବିନାଶ ହେଉଥିବା ଦେଖିବାକୁ ମିଳୁଛି । ସରକାର ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ବୃକ୍ଷରୋପଣ ଓ ସବୁଜ ମହାନଦୀ ମିଶନ ପାଇଁ ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ଏଥିସହ ଜଙ୍ଗଲ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ପରିବେଶ ବିକାଶ ସମିତି, ବନ ସୁରକ୍ଷା ସମିତି, ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ କରାଯାଇ ଜଙ୍ଗଲ ସୁରକ୍ଷା ନିମନ୍ତେ ପ୍ରତିବର୍ଷ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଉଛି । ଏଭଳି ପରିପ୍ରେକ୍ଷୀରେ ଜଙ୍ଗଲ ବୃଦ୍ଧିପାଉଥିବା ନେଇ ବନ ବିଭାଗ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ଜଙ୍ଗଲ ଧୀରେ ଧୀରେ ଧ୍ୱଂସ ପାଇବାରେ ଲାଗିଛି । ରାସ୍ତାପାର୍ଶ୍ୱ ବୃକ୍ଷଶୂନ୍ୟ ହେଉଛି। ନୟାଗଡ ବନଖଣ୍ଡ ଅନ୍ତର୍ଗତ ଗଣିଆ ବନାଞ୍ଚଳର ଘୁଗୁଡିପଡା ସେକ୍‌ଶନ ବଡଶିଲିଙ୍ଗା ରାସ୍ତାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ବଡଶିଲିଙ୍ଗା ଠାରୁ ଗୋଛାବାରି ରାସ୍ତାର ଡାହାଣ ପାର୍ଶ୍ୱରେ ରାସ୍ତା ନିର୍ମାଣ ଓ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ଏକଶହରୁ ଉର୍ଦ୍ଧ୍ୱ ମୂଲ୍ୟବାନ ଶାଳଗଛକୁ କାଟିଦିଆଯାଇଛି। ବନବିଭାଗ କର୍ମଚାରୀ କଟାଯାଇଥିବା କାଠଗୁଡିକୁ ଜବତ ନ କରିବା ଫଳରେ କାଠ ମାଫିଆମାନେ ଏହାର ସୁବିଧା ନେଇ କାଠଗଣ୍ଡିଗୁଡିକୁ ଲୁଟିନେଇଛନ୍ତି। ତେବେ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତିକ୍ରମେ କିମ୍ବା ବନ କର୍ମଚାରୀଙ୍କୁ ହାତକରି ସଂପୃକ୍ତ ଠିକାଦାରମାନେ ଏହିଭଳି ମୂଲ୍ୟବାନ ଗଛ କାଟିଥିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଗଣିଆ ବନବିଭାଗ କର୍ମଚାରୀଙ୍କ ପାଖରେ କୌଣସି ସୂଚନା ନ ଥିବା ବିଭାଗର କାର୍ଯ୍ୟଦକ୍ଷତା ନେଇ ସନ୍ଦେହ ଦେଖାଦେଇଛି । ଏ ସମ୍ପର୍କରେ ଗଣିଆ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ ଏ ନେଇ କୌଣସି ସୂଚନା ପାଇନାହିଁ। ଏହି ସେକ୍‌ଶନର କର୍ମଚାରୀମାନଙ୍କୁ ଘଟଣାସ୍ଥଳକୁ ପଠାଇ ତଦନ୍ତ କରାଯିବ ।



କଟାଯାଇଥିବା ଶାଳଗଛ ଓ ଗଣ୍ଡି ।

### ଶାନ୍ତି ଶୃଙ୍ଖଳା ସହ ଭୋଟ ଗ୍ରହଣ ନିମନ୍ତେ ପ୍ରଶାସନ ସଜାଗ

**ଖଣ୍ଡପଡା,୨୨।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ନିମନ୍ତେ ମଙ୍ଗଳବାର ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୭ଟାଠାରୁ ଅପରାହ୍ନ ୬ଟା ପ୍ରର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ବୁଥରେ ବ୍ୟାପକ ବନ୍ଦୋବସ୍ତ ସହ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀର ଖଣ୍ଡପଡା, ଭାପୁର ବ୍ଲକର ୪୨ ପଞ୍ଚାୟତ ସମେତ ଖଣ୍ଡପଡା ଏନଏସିର ୧୩ ୱାର୍ଡର ସର୍ବମୋଟ ୧,୬୨.୭୪୭ ଜଣ ଭୋଟର ସେମାନଙ୍କ ମତଦାନ ସାବସ୍ତ୍ୟ କରିବେ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି। ସୋମବାର ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ନିମନ୍ତେ ଖଣ୍ଡପଡା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଉତ୍ତେଜନା ପ୍ରବଣ ଓ ଅତ୍ୟଧିକ ଉତ୍ତେଜନା ପ୍ରବଣ ବୁଥଗୁଡିକରେ ଅଧିକ ପରିମାଣର ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସମସ୍ତ କେନ୍ଦ୍ର ନିକଟରେ ପୋଲିସ କର୍ମଚାରୀଙ୍କୁ ସଜାଗ ରଖାଯାଇଛି। ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳବାର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟପରୀକ୍ଷା ହେବ ।

■ ରଣପୁର ନିର୍ବାଚନ ମଣ୍ଡଳୀ

### ବୁଥ୍ ପରିବର୍ତ୍ତନ ଯୋଗୁ ଭୋଟ ବର୍ଜନ କରିବେ ଗ୍ରାମବାସୀ

**ରଣପୁର, ୨୨।୪(ସ୍ୱ.ପ୍ର.)**

ମଙ୍ଗଳବାର ୩ୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ହେଉଥିଲା ବେଳେ ନୟାଗଡ ଜିଲା ରଣପୁର ୧୧୯ନଂ. ନିର୍ବାଚନ ମଣ୍ଡଳୀର ବଜ୍ରକୋଟ ପଞ୍ଚାୟତବାସୀ ବୁଥ୍ ପରିବର୍ତ୍ତନ ଯୋଗୁ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ଏନେଇ ଗ୍ରାମବାସୀ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଓ ନୟାଗଡ ଜିଲାପାଳଙ୍କ ସହିତ ରଣପୁର ବିଡିଓଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଭୋଟ ବର୍ଜନ କରିବାକୁ ଆଦିବାସୀ ଗ୍ରାମର ଲୋକେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ବଜ୍ରକୋଟ ପଞ୍ଚାୟତର ଆଦିବାସୀ ରାଜସ୍ୱଗ୍ରାମ ଇରାମାରୁ ୱାର୍ଡ ନଂ ୫ରେ ଶହେରୁ ଉର୍ଦ୍ଧ୍ୱ ଆଦିବାସୀ ମହିଳା ପୁରୁଷ ବସବାସ କରନ୍ତି । ୧୯୮୨ ମସିହାରୁ ଏହି ଗ୍ରାମର ଲୋକମାନେ ଗ୍ରାମଠାରୁ ଅଧ କିଲୋମିଟର ଦୂର ବଜ୍ରକୋଟ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ବୁଥ୍ ନଂ ୯୬ରେ ଭୋଟ ଦେଇ ଆସୁଥିଲେ। ଚଳିତ ବର୍ଷ ନିର୍ବାଚନରେ ଗ୍ରାମବାସୀଙ୍କୁ ଏହି ବୁଥ୍‌ରୁ ପରିବର୍ତ୍ତନ କରାଯାଇ ଗ୍ରାମଠାରୁ ୨କିଲୋମିଟର ଦୂର ଶ୍ରୀକୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ ୯୭ରେ ଭୋଟ ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଯାହାକୁ ନେଇ ଗ୍ରାମବାସୀ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ୨କିଲୋମିଟର ଖରାରେ ଅତିକ୍ରମ କରି ଭୋଟକେନ୍ଦ୍ରରେ ପହଞ୍ଚିବା ଗ୍ରାମର ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ଓ ମହିଳାମାନଙ୍କ ପାଇଁ କଷ୍ଟକର ହେଉଥିବାରୁ ଏ ନେଇ ଗ୍ରାମବାସୀ ଉଚ୍ଚ ଅଧିକାରୀମାନଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି ଲିଖିତ ଆକାରରେ ଜଣାଇଛନ୍ତି।

■ ବିକାଶକୁ ଖୋଜି ପାଉନି ଚାଷୀ

### ବାଲଟରେ ପ୍ରତିଫଳିତ ହେବ ଚାଷୀଙ୍କ ଅସନ୍ତୋଷ

**ଖୋର୍ଦ୍ଧା ଅଫିସ,୨୨।୪**

ନିର୍ବାଚନ ପରେ ନିର୍ବାଚନ ହେଉଛି। ସରକାର ମଧ ବଦଳୁଛନ୍ତି। ହେଲେ ରାଜନୀତିର ଗଣିତ ଓ ହାରଜିତ୍‌ର ହିସାବ ଭିତରେ ଚାଷୀ ବିକାଶକୁ ଖୋଜି ପାଉନାହିଁ। ସେ ଯେଉଁଠି ଥିଲା ସେଇଠି ପଡି ରହିଛି। ଚଳିତ ନିର୍ବାଚନରେ ଚାଷୀ ନବ ନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ କେନ୍ଦ୍ର ଓ ରାଜ୍ୟର ଶାସକ ଦଳକୁ ବିରୋଧ କରୁଛି। ଚାଷୀ ଅପଦସ୍ଥର ଫଳାଫଳ ବାଲଟରେ ଦିଆଯିବ ବୋଲି ଧମକ ଦେଇଛି। କିନ୍ତୁ ଭୋଟ୍ ହାତେଇବା ପାଇଁ ସରକାରୀ ଓ ବିରୋଧୀ ଚାଷୀକୁ ପ୍ରଲୋଭନ ଦେଖାଇ ଫଳାଫଳକୁ ଅପେକ୍ଷା କରିଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନା ଓ କେନ୍ଦ୍ର ସରକାର ପିଏମ୍ କିଷାନ କରି ଚାଷୀଙ୍କ ଭୋଟ୍‌କୁ ହାତେଇବାକୁ ଯୋଜନା କରିଛନ୍ତି। କଂଗ୍ରେସ ଛତିଶଗଡ ମଡେଲ ଓଡ଼ିଶାରେ ପ୍ରଣୟନ କରି ପୂରା କୃଷି ଋଣ ଛାଡ କରିବା ସହ ଅତିରିକ୍ତ ସୁବିଧା ସୁଯୋଗର ପ୍ରତିଶ୍ରୁତି ଦେଇ ସଫଳତାର ଆଶା ରଖିଛି। କାଳିଆ ଓ ପିଏମ୍ କିଷାନ ସହାୟତା ରାଶି ଚାଷୀଙ୍କ ଖାତାରେ ଜମା ହେଉଛି। ହେଲେ ବ୍ୟାଙ୍କ ପୂର୍ବ ଋଣ ଅଛି ଦର୍ଶାଇ ଖାତାରୁ ଟଙ୍କା କାଟି ନେଉଛି। କେତେଜଣ ଚାଷୀ ଏଯାବତ ଏହି ଦୁଇ ଯୋଜନାର ଅର୍ଥ ପାଇ ନାହାନ୍ତି। ସେହିଭଳି ଏକ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ କେତେ ଶ୍ରମ ଓ ଅର୍ଥ ଖର୍ଚ୍ଚ ହୁଏ ତା'ର ହିସାବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହମତି ହୋଇପାରୁ ନାହିଁ। ପ୍ରତ୍ୟେକ ନିର୍ବାଚନରେ ଚାଷୀ ପ୍ରସଙ୍ଗ ନିର୍ଣ୍ଣାୟକ ହୋଇଛି। ମାତ୍ର ଚାଷୀଙ୍କ ସମସ୍ୟା ଦୂର ହୋଇନାହିଁ । ଫଳରେ ଚାଷୀଙ୍କ ସଂଖ୍ୟା କମିବାରେ ଲାଗିଛି । ଧାନର ସହାୟକ ମୂଲ୍ୟ ବୃଦ୍ଧି, ଫସଲ ପାଇଁ ସାର, କୀଟନାଶକ, ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାର ସୁବିଧା, ଖେତକୁ ଜଳସେଚନ ପରି ସମସ୍ୟାର ସମାଧାନ ହେଉ ନାହିଁ। ଚାଷୀ ଅବହେଳିତ ଓ ଉପେକ୍ଷିତ ହୋଇ ଅଭିଶପ୍ତ ଜୀବନଯାପନ କରି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନଶନ ଦାବିରେ ଆନ୍ଦୋଳନ କରୁଛନ୍ତି। ଜିଲା ସଂଯୋଜକ ସୁରେଶ ମାନସିଂ କୁହନ୍ତି, ପ୍ରାୟ ୭୦ବର୍ଷ ଧରି ଚାଷୀଙ୍କୁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ବଢ଼ିବା ସ୍ୱାଭାବିକ। ଶାସକ ଦଳର ଚାଷୀମାରଣ ନୀତି ବିରୋଧରେ ଆନ୍ଦୋଳନ ଚାଲୁ ରହିଛି । ଫଳାଫଳ ବି ଚାଷୀ ଦେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତି ହୋଇଥିବା ସେ କହିଛନ୍ତି।

# ଗାଁକୁ ନାହିଁ ରାସ୍ତା, ଯାତାୟାତରେ ବାଧକ ବାଘୁଆ ନଦୀ

**ନୂଆଗାଁ,୨୨।୪(ଡି.ଏନ.ଏ.)**

ନିର୍ବାଚନ ପରେ ନିର୍ବାଚନ ଆସୁଛି। ଗାଁରେ ପକ୍କା ରାସ୍ତାଟିଏ କରିବା ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଭୋଟ ହାତଉଛନ୍ତି ନେତା। ହେଲେ ନିର୍ବାଚନ ପରେ ନିର୍ବାଚିତ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିବା କଥା ଭୁଲି ଯାଉଛନ୍ତି। ଫଳରେ ଗ୍ରାମବାସୀ ଭାଗ୍ୟକୁ ଆଦରି ରହୁଛନ୍ତି। ନାହିଁ ନ ଥିବା ହଇରାଣ ହୋଇ କଚା ରାସ୍ତାରେ ଯାଆସ କରୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତର କୋଶଲାଙ୍ଗ ଓ ଆଙ୍ଗିସିଙ୍ଗି ଗ୍ରାମରେ। ପ୍ରତି ଗାଁକୁ ରାସ୍ତା କରିଥିବା କଥା ସରକାର ଡିଣ୍ଡିମ ପିଟୁଥିବା ବେଳେ ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ଦଶ କିଲୋମିଟର ଦୂରରେ ରହିଥିବା ଉକ୍ତ ଗ୍ରାମ ୨ଟିର ଲୋକମାନଙ୍କ ପାଇଁ ରାସ୍ତାଟିଏ ନାହିଁ । ଏନେଇ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଆରମ୍ଭ କରି ରାଜନେତାମାନଙ୍କୁ ବାରମ୍ବାର ଜଣାଇ ନିରାଶରେ ବସିଛନ୍ତି କୋଶଲାଙ୍ଗ ଗ୍ରାମର ୩୫ ପରିବାର ଓ ଆଙ୍ଗିସିଙ୍ଗିର ୨୦ ପରିବାର । ପ୍ରାଥମିକ ଶିକ୍ଷା ପାଇଁ କୋଶଲାଙ୍ଗରେ ପ୍ରାଥମିକ ସ୍କୁଲଟିଏ ରହିଥିବା ବେଳେ ପଞ୍ଚମ ଶ୍ରେଣୀ ପରେ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରମାନଙ୍କୁ ନୂଆଗାଁ ଆସିବାକୁ ପଡିଥାଏ । ରାସ୍ତା ନ ଥିବାରୁ ଅନେକ ଛାତ୍ରୀଛାତ୍ରଙ୍କୁ ପାଣି କାଦୁଅରେ ପଶି ସ୍କୁଲ, କଲେଜ ଆସିବାକୁ ହୋଇଥାଏ। ଯିବା ରାସ୍ତାରେ ବାଘୁଆ ନଦୀ ପଡୁଥିବା ଏବଂ ସେଥିରେ ବ୍ରିଜ ନ ଥିବାରୁ ବର୍ଷାଦିନେ ସେମାନଙ୍କ ପାଠପଢା ଏକପ୍ରକାର ବନ୍ଦ ହୋଇଯାଏ । କୌଣସି ଲୋକ ରୋଗରେ ପଡି ଛଟପଟ ହେଉଥିଲେ ମଧ୍ୟ ତାଙ୍କୁ ଚିକିତ୍ସାଳୟକୁ ନେବାପାଇଁ ଖଟିଆ ବ୍ୟତୀତ ଅନ୍ୟ କିଛି ବ୍ୟବସ୍ଥା ନାହିଁ ।

ପକ୍କା ରାସ୍ତା ଓ ନଦୀରେ ବ୍ରିଜ ନ ଥିବା କାରଣରୁ ପିଲାମାନେ ପାଠ ପଢିଯିବା ପାଇଁ ହଇରାଣ ହେଉଛନ୍ତି ବୋଲି କୁହନ୍ତି କୋଶଲାଙ୍ଗ ଗ୍ରାମର ସଭାପତି କଣ୍ଠୁ କହଁର। ବର୍ଷାଦିନ ହେଲେ ସ୍କୁଲ କଲେଜ ଯିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ସେମାନଙ୍କ ଭବିଷ୍ୟତ କଥା କେହି ବି ଭାବୁ ନାହାନ୍ତି । ଗାଁକୁ ରାସ୍ତା ନ ଥିବା ଯୋଗୁ ଲୋକମାନେ କୌଣସି ସୁବିଧା ଠିକ୍‌ରେ ପାଇପାରୁ ନାହାନ୍ତି ଏପରି କି ଅଙ୍ଗନୱାଡି ଓ ସ୍କୁଲ ପିଲାଙ୍କ ପାଇଁ ଖାଦ୍ୟ ମଧ୍ୟ ଠିକ୍ ସମୟରେ ପହଞ୍ଚି ପାରୁ ନ ଥିବା କୁହନ୍ତି ବୀରବର ଜାନି , ଚତୁର୍ଭୁଜ ଗୁରୁ , ସଦାଶିବ ପ୍ରଧାନଙ୍କ ସମେତ କୋଶଲାଙ୍ଗ , ଆଙ୍ଗିସିଙ୍ଗି ଗ୍ରାମବାସୀ । ଆଦିବାସୀ ଗ୍ରାମକୁ ରାସ୍ତା ସମସ୍ୟା ବିଷୟରେ ଉଦୟପୁର ସରପଞ୍ଚ ଅସୀତ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କୁହନ୍ତି, ରାସ୍ତା ବିଷୟରେ ଆମେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ। ଆରଡି ଏସଡିଓ ନାରାୟଣ ମୁର୍ମୁଙ୍କୁ ପଚାରିବାରେ କୋଶଲାଙ୍ଗକୁ ରାସ୍ତା ନିର୍ମାଣ ପାଇଁ ଆମେ ପ୍ରସ୍ତାବ ଦେଇଛୁ। ଯେତେ ଶୀଘ୍ର ପ୍ରସ୍ତାବ ଅନୁମୋଦନ ହେବ ସେତେ ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।



ଗ୍ରାମବାସୀଙ୍କ ଯାତାୟାତରେ ବାଧକ ବାଘୁଆ ନଦୀ।

# ପିଲାଙ୍କୁ ୱାଟର ପାର୍କ ନେଉଥିଲେ...



**ଖରାର ପ୍ରକୋପ ବଢ଼ିବାରେ ଲାଗିଛି। ପିଲାମାନଙ୍କର ଖରାଛୁଟି ବି ହୋଇଗଲାଣି। ଆପଣ ଚାହିଁଲେ ପିଲାଙ୍କୁ ୱାଟର ପାର୍କ ନେଇ ସମୟ ବିତାଇପାରିବେ। ତେବେ ସେଠାକୁ ବୁଲିବାକୁ ଯାଉଥିଲେ ସାଙ୍ଗରେ ନେବାକୁ ଭୁଲନ୍ତୁ ନାହିଁ ଏସବୁ ସାମଗ୍ରୀ...**

❖ଆପଣଙ୍କ ଏକ୍ସଟ୍ରା ବ୍ୟାଗ୍ ସାଙ୍ଗରେ ନିଅନ୍ତୁ, ଯେଉଁଥିରେ ଓଦା ହୋଇଯାଇଥିବା କପଡାକୁ ପ୍ୟାକ୍ କରି ଆଣିପାରିବେ। ଏହାଦ୍ୱାରା ଆପଣଙ୍କର ଅନ୍ୟ କପଡା ନଷ୍ଟ ହେବ ନାହିଁ।

❖ସୂର୍ଯ୍ୟକିରଣରୁ ତ୍ୱଚାକୁ ସୁରକ୍ଷା ଦେବା ପାଇଁ ଉତ୍ତମ କ୍ୱାଲିଟିର ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ। ୩୦-୫୦ ଏସ୍‌ପିଏଫ୍ ସନ୍‌ସ୍କ୍ରିନ୍ ଲୋଶନ୍ ତ୍ୱଚା ପାଇଁ ଉତ୍ତମ। ଖରାରେ ବାହାରକୁ ଯିବାର ଅଧଘଣ୍ଟା ପୂର୍ବରୁ ଏହାକୁ ଶରୀରରେ ଲଗାନ୍ତୁ। ସୁଇମିଂ କରିସାରିବା ପରେ ଆଉ ଥରେ ସନ୍‌ସ୍କ୍ରିନ୍ ଲୋଶନ୍ ଲଗାନ୍ତୁ।

❖ଏକ୍ସଟ୍ରା କପଡ଼ା ନିଅନ୍ତୁ। କାରଣ ସେଠାରେ କେଉଁ ପରିସ୍ଥିତିରେ କପଡ଼ା ଖରାପ ହେବ ଆପଣ ଜାଣି ବି ପାରିବେନି। ବ୍ୟାଗ୍‌ରେ ଏକ୍ସଟ୍ରା କପଡ଼ା, ଟାୱେଲ,ଶାମ୍ପୋ, ସାବୁନ, ଚପଲ ରଖନ୍ତୁ।

❖ୱାଟର ପାର୍କର ମସ୍ତିରେ ଆପଣ ପିଲାଙ୍କୁ ଭୁଲି ଯାଆନ୍ତୁ ନାହିଁ। ପିଲାର ସୁରକ୍ଷା ସର୍ବପ୍ରଥମେ ହେବା ଦରକାର। ସୁଇମିଂ ପୂର୍ବରୁ ୱାଟର ଗଗଲ୍‌ସ ପିନ୍ଧାନ୍ତୁ। ଯାହାଦ୍ୱାରା ଆଖିକୁ ପାଣି ଯାଇପାରିବ ନାହିଁ। ଧ୍ୟାନ ରଖନ୍ତୁ ଯେପରି ସେ ଅତ୍ୟଧିକ ପାଣି ଭିତରକୁ ନ ଯିବ।





# ମନି ମ୍ୟାନେଜ୍‌ମେଣ୍ଟ



**ବର୍ତ୍ତମାନ ସମୟରେ କର୍ମଜୀବୀ ଦମ୍ପତିଙ୍କୁ ମନି ମ୍ୟାନେଜ୍‌ମେଣ୍ଟ କରିବା ଏତେ ସହଜ ନୁହେଁ। କାରଣ ଖର୍ଚ୍ଚ ଉପରେ ଠିକ୍ ଭାବରେ ନଜର ରଖିବା ସହ ଅଯଥା ଖର୍ଚ୍ଚରେ ଲଗାମ ଦେବାକୁ ପଡ଼ିଥାଏ। ତେବେ ଏହି ମନି ମ୍ୟାନେଜମେଣ୍ଟ କିପରି କରିବେ ଜାଣନ୍ତୁ ସେ ସମ୍ପର୍କରେ...**

**ପ୍ଲାନିଂ କରନ୍ତୁ**

କେତେକ ଦମ୍ପତି ନିଜ ରୋଜଗାରର ସମ୍ପୂର୍ଣ୍ଣ ଟଙ୍କାକୁ ଜଏଣ୍ଟ ଆକାଉଣ୍ଟରେ ରଖୁଛନ୍ତି। ମାତ୍ର ଏପରି କରନ୍ତୁ ନାହିଁ। ଆପଣଙ୍କ ବଜେଟ୍, ଆକାଉଣ୍ଟ୍ ଏବଂ ନିବେଶ ଅଲଗା ଅଲଗା ରଖନ୍ତୁ। ଏହା ଆପଣଙ୍କର ପର୍ସନାଲ୍ ଚଏସ୍ ଏବଂ ଉଭୟଙ୍କ ମଧ୍ୟରେ ନିଷ୍ପତ୍ତି ଉପରେ ନିର୍ଭର କରେ। ଏଥିପାଇଁ ପ୍ରଥମେ ପ୍ଲାନିଂ କରନ୍ତୁ ଓ ସେହି ହିସାବରେ ନିବେଶ କରନ୍ତୁ।

**ଜଏଣ୍ଟ୍ ଆକାଉଣ୍ଟ୍**

ଆଗକୁ ଯଦି କୌଣସି ବଡ ଇନ୍‌ଭେଷ୍ଟମେଣ୍ଟ ଅଛି ତେବେ ଜଏଣ୍ଟ୍ ଆକାଉଣ୍ଟ୍ ଖୋଲନ୍ତୁ। ଯାହାଦ୍ୱାରା ଆପଣ ଏଥିରୁ କିଛି ଦେଣନେଣ କରିପାରିବେ। ପର୍ସନାଲ୍ ଖର୍ଚ୍ଚ ପାଇଁ ଅନ୍ୟ ଏକ ଅଲଗା ଆକାଉଣ୍ଟ ରଖନ୍ତୁ। ତେବେ କେତେ କ'ଣ ଖର୍ଚ୍ଚ କରୁଛନ୍ତି ଜାଣିପାରିବେ। ଏହାଦ୍ୱାରା ବଜେଟ୍ ତିଆରି କରିବା ମଧ୍ୟ ସହଜ ହେବ। ପ୍ରାଇଭେସି ବି ମେଣ୍ଟେନ୍ ହେବ। ଦାୟିତ୍ୱକୁ ସୁଚାରୁରୂପେ ପରିଚାଳନା କରନ୍ତୁ। ଆପଣଙ୍କ, ଆପଣଙ୍କ ପାର୍ଟନରଙ୍କ ଖର୍ଚ୍ଚ, ଅଭ୍ୟାସ ଉପରେ ନଜର ରଖନ୍ତୁ। ଆରମ୍ଭରୁ ନିଷ୍ପତ୍ତି ନିଅନ୍ତୁ ପ୍ରତି ମାସରେ ଆପଣ ଦୁହେଁ କେତେ ଟଙ୍କା ଜମା କରିବେ। ଏହି ନିଷ୍ପତ୍ତି ଉଭୟଙ୍କ ଦରମା ଉପରେ ନିର୍ଭର କରେ କି ଆକାଉଣ୍ଟରେ ପ୍ରତି ମାସରେ ସମାନ ଟଙ୍କା ଜମା କରିବେ କି ଆୟ ଅନୁସାରେ କମ୍ ବେଶି ହେବ।





**ପାର୍ଟନର ଖର୍ଚ୍ଚି ହୋଇଥିଲେ..**

ଅଧିକାଂଶ ସମୟ ଦେଖାଯାଏ ଦମ୍ପତିଙ୍କ ମଧ୍ୟରୁ କେହି ଜଣେ ଖର୍ଚ୍ଚି ହୋଇଥାନ୍ତି। ଯେପର୍ଯ୍ୟନ୍ତ ପରିସ୍ଥିତି ଠିକ୍ ଠାକ୍ ଅଛି ମନି ମ୍ୟାନେଜ୍‌ମେଣ୍ଟ ଠିକ୍ ରହିବ କିନ୍ତୁ ଯେତେବେଳେ ପରିବାରର ଆର୍ଥିକ ସ୍ଥିତିରେ ପ୍ରଭାବ ପଡେ କିମ୍ବା କାହାର ଚାକିରିରେ ଅସୁବିଧା ସୃଷ୍ଟି ହୁଏ ତେବେ ଟଙ୍କା ଏବଂ ଖର୍ଚ୍ଚକୁ ନେଇ ସମ୍ପର୍କରେ ଫାଟ ସୃଷ୍ଟି ହୁଏ। ଏଥିପାଇଁ ଏମର୍ଜେନ୍ସି ଆକାଉଣ୍ଟ୍ ରଖନ୍ତୁ। ଅସୁବିଧା ପରିସ୍ଥିତିକୁ ଏଡାଇବା ପାଇଁ ଏହା ଆପଣଙ୍କର ବେଶ୍ କାମରେ ଆସିବ।

**ପରିବାରକୁ ପ୍ରାଥମିକତା ଦିଅନ୍ତୁ**

ଆର୍ଥିକ ସ୍ଥିତି ସବୁ ସମୟରେ ସମାନ ନ ଥାଏ। ଯଦି ଆପଣଙ୍କ ପରିବାରରେ କୌଣସି ସମସ୍ୟା ଅଛି ତେବେ ଉକ୍ତ ସମସ୍ୟାକୁ ପ୍ରାଥମିକତା ଦିଅନ୍ତୁ। ଯାହାଦ୍ୱାରା ଅସୁବିଧା ପରିସ୍ଥିତିକୁ ସାମ୍ନା କରିପାରିବେ। ଯଦି ଆପଣ କୌଣସି ଜଏଣ୍ଟ ଲୋନ୍ ନେଇଛନ୍ତି ତେବେ ତାହାର ରିପେମେଣ୍ଟ୍ ବି ଉଭୟଙ୍କୁ କରିବାକୁ ହେବ। ଯଦି ପାର୍ଟନର କୌଣସି ମାସରେ ଅସୁବିଧା କାରଣରୁ କିସ୍ତି ଦେଇ ପାରୁ ନାହାନ୍ତି ତଥାପି ଜଣଙ୍କୁ ଭରିବାକୁ ହେବ। ତେଣୁ ଯଦି ଆପଣଙ୍କ ସମ୍ପର୍କ ଏବଂ ଆର୍ଥିକ ସ୍ଥିତି ସମ୍ପୂର୍ଣ୍ଣ ସୁଦୃଢ଼ ନୁହେଁ ତେବେ ଜଏଣ୍ଟ ଲୋନ୍ ନିଅନ୍ତୁ ନାହିଁ।

**ସ୍ଥିତିକୁ ଧ୍ୟାନରେ ରଖନ୍ତୁ**

ଜଏଣ୍ଟ ଆକାଉଣ୍ଟ୍ ଖୋଲିବା ପୂର୍ବରୁ ପ୍ରତିଟି ସ୍ଥିତିକୁ ଅନୁଧ୍ୟାନ କରନ୍ତୁ। ଆଗରୁ ଥିବା ଆକାଉଣ୍ଟ୍‌କୁ ଜଏଣ୍ଟ୍ ନ କରି ଏକ ନୂଆ ଆକାଉଣ୍ଟ୍ ଖୋଲନ୍ତୁ। ତାହାକୁ ଜଏଣ୍ଟ୍ କରନ୍ତୁ ଏବଂ ପ୍ରତି ମାସରେ ଉଭୟ ଏଥିରେ କିଛି କିଛି ଟଙ୍କା ଜମା କରନ୍ତୁ। କିଛି ମାସ ପର୍ଯ୍ୟନ୍ତ ଏପରି କରନ୍ତୁ। ଯଦି ସୁରୁଖୁରୁରେ ଚାଲିଲା ତେବେ ଆଗାନ୍ତୁ।

**କ'ଣ କରନ୍ତି ଏମାନେ ...**

ପରିବାରର ଖର୍ଚ୍ଚ କ'ଣ ଏବଂ କିପରି କଲେ ଠିକ୍ ହେବ ସେ ନେଇ ଆମେ ସ୍ୱାମୀ-ସ୍ତ୍ରୀ ଉଭୟ ନିଷ୍ପତ୍ତି ନେଇଥାଉ। ମୋର ସାଲାରି ଆକାଉଣ୍ଟ୍ ବ୍ୟତୀତ ଏମର୍ଜେନ୍ସି ପାଇଁ ଏକ ଆକାଉଣ୍ଟ୍ ରଖିଛି। ସେଥିରେ ପ୍ରତି ମାସରେ ମୋର ଦରମାରୁ କିଛି କିଛି ଟଙ୍କା ଉକ୍ତ ଆକାଉଣ୍ଟ୍‌କୁ ଟ୍ରାନ୍ସଫର କରିଥାଏ। ଏହା ବ୍ୟତୀତ ଉଭୟଙ୍କର ଏକ ଜଏଣ୍ଟ୍ ଆକାଉଣ୍ଟ୍ ଅଛି। ଉଭୟ ପ୍ରତି ମାସରେ କିଛି ଟଙ୍କା ଏଥିରେ ରଖିଥାଉ।

– **ସୁମିତ୍ରା ବାରିକ**, *କର୍ମଜୀବୀ*, କେଶୁରା, ଭୁବନେଶ୍ୱର

ଆମ ଦୁହିଁଙ୍କର କୌଣସି ଅଯଥା ଖର୍ଚ୍ଚ ନ ଥାଏ। ସେଥିପାଇଁ ମନି ସେଭିଂସ୍‌ରେ କୌଣସି ଅସୁବିଧା ହୁଏ ନାହିଁ। ତଥାପି ଇନ୍‌ସ୍ୟୁରାନ୍ସ, ବ୍ୟାଙ୍କ୍‌ରେ ଆର୍‌ଡି, ଏସ୍‌ଆଇପି ଆଦି କରିଛି। ଜଣଙ୍କ ଟଙ୍କାରେ ଘରର ଖର୍ଚ୍ଚ ସହ କିଛିଟା ସେଭିଂସ ରହୁଥିବାବେଳେ ଅନ୍ୟ ଜଣଙ୍କର ଦରମା ସମ୍ପୂର୍ଣ୍ଣ ସେଭିଂସ ରହିପାରୁଛି।

– **ଶ୍ୱେତପଦ୍ମା ଆଚାର୍ଯ୍ୟ**, *କର୍ମଜୀବୀ, ପଟିଆ,ଭୁବନେଶ୍ୱର*



ସୁମିତ୍ରା



ଶ୍ୱେତପଦ୍ମା

# ସାମାଜିକ ସଚେତନତାକୁ ଗୁରୁତ୍ୱ ଦେଇଥାଏ



ଇଏ ବି ଜଣେ ନାରୀ
ଡ. ନିରୁପମା ସାମନ୍ତରାୟ

ପେସାରେ ଜଣେ ଡାକ୍ତର, ହେଲେ ସାହିତ୍ୟ କ୍ଷେତ୍ରରେ ନିଜର ପାରିଦର୍ଶିତା ଦେଖାଇବାରେ ସକ୍ଷମ ହୋଇଛନ୍ତି। ରାତ୍ରିର ବିଳମ୍ବିତ ପ୍ରହରରେ ସେ ବସିପଡନ୍ତି ନିଜ ମନର ଭାବନାକୁ କବିତାର ରୂପ ଦେବାକୁ। ବିଶେଷଭାବରେ ସ୍ୱାସ୍ଥ୍ୟ ସଚେତନତାର ବାସ୍ନା ତାଙ୍କ କବିତାରୁ ସ୍ପଷ୍ଟ ବାରି ହୋଇପଡିଥାଏ। ସେ ହେଲେ ଡ. ନିରୁପମା ସାମନ୍ତରାୟ। ନିଜ ସାହିତ୍ୟ ସାଧନା ସମ୍ପର୍କରେ ସେ କହନ୍ତି, 'ପିଲାଟି ଦିନରୁ ଗପ, କବିତା, ପତ୍ରିକା ପଢ଼ିବା ମୋର ଏକ ଅଭ୍ୟାସ ଥିଲା। ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ଗାର୍ଲସ ହାଇସ୍କୁଲରେ ପଢ଼ିବାବେଳେ ଛୋଟ ଛୋଟ କବିତା ଲେଖିବା ଆରମ୍ଭ କରିଥିଲି। ଆଉ ତା' ପରେ ଏହା ମୋତେ କବିତା ଲେଖିବା ପାଇଁ ବେଶ୍ ଅନୁପ୍ରାଣିତ କରିଥିଲା। ବିଜେବି କଲେଜରେ ମୋର ଛାତ୍ରୀ ଜୀବନ କଟିବା ପରେ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ କରିଥିଲି। ଫୋର୍ନେସିକ୍ ମେଡିସନ୍‌ରେ ଜଣେ ସ୍ପେଶାଲିଷ୍ଟ (କ୍ରିମିନୋଲୋଜି) ହିସାବରେ ସେଠାରେ ମୋର ଚାକିରି ଜୀବନ ଆରମ୍ଭ ହୋଇଥିଲା ଏବଂ ଏହି ଡିପାର୍ଟମେଣ୍ଟର ମୁଖ୍ୟ ଭାବରେ କାର୍ଯ୍ୟ ମଧ୍ୟ କରିଥିଲି। କେବଳ ଆର୍ଟିକଲ୍ କିମ୍ବା କବିତା ନୁହେଁ ମେଡିକାଲ ପଢିବାବେଳେ ଅଭିନୟ ପ୍ରତି ମୋର ରୁଚି ଥିଲା। ସେଠାରେ ଥରେ ମୁଁ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ପୁରସ୍କୃତ ହୋଇଥିଲି। ଯାହାଦେଖେ ତାହା ମୋ ମନରେ ଜେରକ୍ସ ହୋଇ ରହିଯାଏ। ରାତିରେ ଖାଇପିଇ ପରିବାର ଲୋକ ଶୋଇବା ପରେ ମୁଁ କାଗଜକଲମ ଧରି ବସିପଡେ କବିତା ଲେଖିବାକୁ। ଜଣେ ଲେଖିକା ଭାବରେ ପାଠକପାଠିକାଙ୍କୁ ବିଭିନ୍ନ କ୍ଷେତ୍ରରେ ସଚେତନ କରାଇବାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ମୋ କବିତାରୁ ସମସ୍ତେ କିଛି ଶିଖନ୍ତୁ ଏହା ମୁଁ ଚାହେଁ। ଚାକିରିରୁ ଅବସର ନେବା ପରେ ମୁଁ ଲେଖାଲେଖି ପ୍ରତି ଅଧିକ ଗୁରୁତ୍ୱ ଦେଇଥିଲି। ଆରମ୍ଭରୁ ଏପର୍ଯ୍ୟନ୍ତ ମୋର ପ୍ରତିଟି କ୍ଷେତ୍ରରେ ମୋ ସ୍ୱାମୀ ତଥା ଅବସରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ରାଜକିଶୋର ସାହୁ ଏବଂ ପୁତ୍ର ତଥା ଅଭିନେତା ଅଂଶୁମାନ ସାମନ୍ତରାୟଙ୍କ ସହଯୋଗ ମୋତେ କିଛି ଲେଖିବାକୁ ଯଥେଷ୍ଟ ପ୍ରେରଣା ଯୋଗାଇଛି। ଡ.ସାମନ୍ତରାୟଙ୍କ କବିତା ସଂକଳନ ତଥାପି ପୁନଶ୍ଚ ବେଶ୍ ପାଠକୀୟ ଆଦୃତି ଲାଭ କରିଛି। ଭବିଷ୍ୟତରେ ସାହିତ୍ୟ ସାଧନାରେ ନିଜକୁ ନିୟୋଜିତ ରଖିବେ ବୋଲି କୁହନ୍ତି ଏହି ସାହିତ୍ୟିକା'।

## କୁକିଂ ଟିପ୍ସ...



❀ଭାତ ପ୍ରସ୍ତୁତ କଲାବେଳେ ପେଯ ବା ମଣ୍ଡରେ ଲେମ୍ବୁ ପାଣି ମିଶାଇ କେଶରେ ଲଗାନ୍ତୁ। ଅଧଘଣ୍ଟା ପରେ ଏହାକୁ ଧୋଇ ଦିଅନ୍ତୁ। କେଶ କୋମଳ ହେବା ସହ ଚମକ ବି ଆସିବ।

❀ଇଡ୍‌ଲି ବା ଦୋସା ପ୍ରସ୍ତୁତି ପାଇଁ ଥିବା ପିଠଉ ଖଟା ହୋଇଯାଇଥିଲେ ଏଥିରେ ନଡ଼ିଆ କ୍ଷୀର ମିଶାନ୍ତୁ। ପିଠଉ ଆଉ ଖଟା ଲାଗିବ ନାହିଁ।

❀ନୁଡୁଲ୍‌ସ ଗରମ ପାଣିରେ ସିଝିଯିବା ପରେ ସଙ୍ଗେ ସଙ୍ଗେ ଏହାକୁ ଥଣ୍ଡା ପାଣିରେ ରଖିଦିଅନ୍ତୁ। ଆପଣ ଚାହିଁଲେ ସିଝିବା ସମୟରେ ଅଳ୍ପ ପରିମାଣରେ ତେଲ ବି ପକାଇପାରିବେ। ଦେଖିବେ ଏହା ଲାଗି ଲାଗି ରହିବ ନାହିଁ।

❀ଲଙ୍କା ରଖୁଥିବା ଡବାରେ ଅଳ୍ପ ପରିମାଣରେ ହେଙ୍ଗୁ ପକାଇ ରଖନ୍ତୁ। ଲଙ୍କା ଅଧିକ ଦିନ ସତେଜ ହୋଇ ରହିବ।

❀କଟା ଯାଇଥିବା ସେଓରେ ଲେମ୍ବୁ ରସ ଲଗାଇ ରଖନ୍ତୁ। ଆଉ କଳାଦାଗ ପଡିବ ନାହିଁ।

❀ଲେମ୍ବୁକୁ ଉଷୁମ ପାଣିରେ କିଛି ସମୟ ପକାଇ ରଖନ୍ତୁ। ଏହାପରେ ଲେମ୍ବୁକୁ କାଟିଲେ ଅଧିକ ପାଣି ବାହାରିବ।

❀ଚିନି ଡବାରେ ୬-୭ ଟି ଲବଙ୍ଗ ରଖିଲେ ଏଥିରେ ପିମ୍ପୁଡି ଲାଗିବେ ନାହିଁ।

**ଖାଦ୍ୟରୁଚି**

## ମଲାଇ କୁଲ୍‌ଫି



**ଆବଶ୍ୟକ ସାମଗ୍ରୀ**

୧ ଲିଟର କ୍ଷୀର, ୧/୪ କପ୍ ଚିନି, ୧ ଚାମଚ କଟାଯାଇଥିବା କାଜୁ ବାଦାମ, ୧ ଚାମଚ କଟାଯାଇଥିବା ପିସ୍ତା ବାଦାମ, ୧୦-୧୨ ଖଣ୍ଡ କେଶର, ୧/୪ ଚାମଚ ଅଳେଇଚ ଗୁଣ୍ଡ

**ପ୍ରସ୍ତୁତି ପ୍ରଣାଳୀ**

କ୍ଷୀରକୁ ଏକ ଡିସ୍‌ରେ ନେଇ ଗ୍ୟାସ୍‌କୁ ସ୍ଲୋରେ ରଖି ସିଝାନ୍ତୁ। କ୍ଷୀର ୧/୪ ହେବା ପର୍ଯ୍ୟନ୍ତ ଏହାକୁ ଭଲଭାବେ ଫୁଟାନ୍ତୁ। ଏବେ କ୍ଷୀରରେ ଚିନି, କେଶର, ଅଳେଇଚ ଏବଂ କଟାଯାଇଥିବା କାଜୁ ଓ ପିସ୍ତା ବାଦାମ ମିଶାନ୍ତୁ। ଗ୍ୟାସ୍ ବନ୍ଦ କରି କ୍ଷୀରକୁ ଥଣ୍ଡା ହେବାକୁ ଦିଅନ୍ତୁ। ପ୍ରଥମେ ଆଇସ୍‌କ୍ରିମ୍ ପ୍ରସ୍ତୁତ କରିବାର ଛାଞ୍ଚରେ କଟାଯାଇଥିବା ପେସ୍ତା ଏବଂ କାଜୁ ବାଦାମ ଦିଅନ୍ତୁ। ପରେ ଥଣ୍ଡା ହୋଇଥିବା କ୍ଷୀରର ମିଶ୍ରଣକୁ ଦିଅନ୍ତୁ। ଏହାର ମଝିରେ ଷ୍ଟିକ୍ ଦେଇ ଆଲୁମିନିୟମ୍ ଫଏଲ୍ କିମ୍ବା ଢାଙ୍କୁଣି ଦ୍ୱାରା ବନ୍ଦ କରି ଫ୍ରିଜର ମଧ୍ୟରେ ୬-୮ ଘଣ୍ଟା ପର୍ଯ୍ୟନ୍ତ ରଖନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ମଲାଇ କୁଲ୍‌ଫି। ଏହାକୁ ଛାଞ୍ଚରୁ କାଢି ସର୍ଭ କରନ୍ତୁ।

# ତ୍ୱଚାକୁ ଦିଅନ୍ତୁ ଫ୍ରେଶ୍ ଲୁକ୍

**ଯଦି ପାଖରେ କୌଣସି ମେକ୍‌ଅପ ପ୍ରଡକ୍ଟ ନାହିଁ ଏବଂ ଆପଣ ତ୍ୱଚାକୁ ଫ୍ରେଶ୍ ଲୁକ୍ ଦେବାକୁ ଚାହୁଁଛନ୍ତି ତେବେ ଆପଣାନ୍ତୁ କିଛି ଟିପ୍ସ ...**

**ଗୋଲାପ ଜଳ** – ଗୋଲାପ ଜଳରେ ହାଇଡ୍ରେଟିଂ ଏବଂ ତ୍ୱଚାକୁ ତାଜା ରଖିବାର ଗୁଣ ରହିଛି। କଟନ୍ ଦ୍ୱାରା ଗୋଲାପ ଜଳ ନେଇ ମୁହଁକୁ ଭଲଭାବେ ପୋଛନ୍ତୁ। କିଛି ସମୟ ପରେ ଧୋଇଦିଅନ୍ତୁ।

**ମହୁ** – ଏଥିରେ ରହିଛି ଭିଟାମିନ୍ ବି ଏବଂ ଭିଟାମିନ୍ ସି, ଯାହାକି ତ୍ୱଚାକୁ ପୋଷଣ ପ୍ରଦାନ କରିଥାଏ। ଥଣ୍ଡା ପାଣିରେ କିଛି ବୁନ୍ଦା ମହୁ ମିଶାଇ ମୁହଁ ଧୋଇଲେ ତ୍ୱଚାର ଥକ୍କାପଣ ଦୂରହୋଇଥାଏ। ଆପଣ ଚାହିଁଲେ ଦହିରେ ମହୁ ମିଶାଇ ମୁହଁରେ ଲଗାଇ ୫ ମିନିଟ୍ ପରେ ଧୋଇପାରିବେ।

**ଲେମନ୍ ଫେସ୍‌ୱାଶ** – ଲେମନ୍ ବେସ୍‌ଡ ଫେସ୍‌ୱାଶ୍ ତ୍ୱଚାକୁ ପରିଷ୍କାର ରଖିବା ସହ ଶୀତଳତା ପ୍ରଦାନ କରିଥାଏ। ଏହାର ଖଟା ସୁଗନ୍ଧ ହିଁ ଆପଣଙ୍କୁ ଫ୍ରେଶ୍ ଲାଗିବ।

**ପେଟ୍ରୋଲିୟମ ଜେଲି** – ପେଟ୍ରୋଲିୟମ ଜେଲି ତ୍ୱଚାକୁ ନମନୀୟ ରଖିଥାଏ। ଏହାକୁ ଆଇଲିଡ୍‌ସ ଏବଂ ଚିକ୍‌ବୋନ୍‌ସ ଉପରେ ଲଗାଇବା ଦ୍ୱାରା ତ୍ୱଚାରେ ଚମକ ଆସିଥାଏ।

**ଅଲିଭ୍ ଅଏଲ୍** – ମସାଜ୍ ତ୍ୱଚାରେ ଚମକ ଆଣିଥାଏ। ଆଣ୍ଟିଅକ୍ସିଡାଣ୍ଟରେ ଭରପୂର ଅଲିଭ୍ ଅଏଲ ତ୍ୱଚା ପାଇଁ ଉତ୍ତମ ମଇଶ୍ଚରାଇଜର। କିଛି ବୁନ୍ଦା ଅଲିଭ ଅଏଲ ନେଇ ତ୍ୱଚାରେ ମସାଜ କରନ୍ତୁ। ଦେଖିବେ ଆରାମ ଲାଗିବ।





Dollar 69.67 (32) | Sensex 495.10 38,645.18 | Nifty 158.35 11,595.45 | Gold ₹200 32,870.00 | Silver ₹30 38,570.00



ଅଟୋ ଲୋନ ସେଗମେଣ୍ଟରେ ଏସ୍‌ବିଆଇ ଗ୍ରିନ କାର ଲୋନ ସ୍କିମ୍ ଗ୍ରାହକଙ୍କୁ ଇଲେକ୍ଟ୍ରିକ ଯାନ ପ୍ରତି ଆକୃଷ୍ଟ କରିବ। ଏହାଦ୍ୱାରା ପରିବେଶ ନିର୍ମଳ ହେବା ସହିତ କାର୍ବନ ଡାଇଅକ୍ସାଇଡ ଉତ୍ସର୍ଜନ କମିବ।

– ପି.କେ.ଗୁପ୍ତା, ଏମ୍‌ଡି(ରିଟେଲ ଓ ଡିଜିଟାଲ ବ୍ୟାଙ୍କିଙ୍ଗ), ଏସ୍‌ବିଆଇ



ବହୁ ବର୍ଷ ପରେ ରିୟଲିଟି ସେକ୍ଟର ଅଭିବୃଦ୍ଧି ହାସଲ କରିବାକୁ ଯାଉଛି। ଯୁଗ୍ମ ଉଦ୍ୟୋଗ ମାଧ୍ୟମରେ ଅଧିକ ଅର୍ଥ ଯୋଗାଡ କରିବାକୁ ପ୍ରୟାସ ଚାଲିଛି।

– ବାବୁଲାଲ ବର୍ମା, ଏମ୍‌ଡି, ଓମକାର ରିୟଲଟର୍ସ

## ସଂକ୍ଷେପରେ

### ବିଆଇଏସ୍ ଅଧୀନକୁ ଆସିବ ହେଲମେଟ ସୁରକ୍ଷାମାନ

ନୂଆଦିଲ୍ଲୀ,୨୨-୪: ଦୁଇଚକିଆ ଗାଡ଼ିଚାଳକମାନେ ବ୍ୟବହାର କରୁଥିବା ହେଲମେଟର ସୁରକ୍ଷା ମାନକୁ ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡ(ବିଆଇଏସ୍) ଅଧୀନକୁ ଅଣାଯିବ। ଏଥିପାଇଁ ଏକ ନୂଆ ନିୟମ ଲାଗୁ ହେବ। ହେଲମେଟ ପ୍ରସ୍ତୁତି ବିଆଇଏସ୍ ମାନଦଣ୍ଡ ଅନୁଯାୟୀ ହେଉ ନ ଥିବାରୁ ଏହାର ଗୁଣବତା ନେଇ ପ୍ରଶ୍ନବାଚୀ ଉଠିଛି। ଦେଶରେ ବର୍ଷରେ ପ୍ରାୟ ୨ କୋଟି ହେଲମେଟ ତିଆରି ହେଉଥିବା ବେଳେ ତହିଁରୁ ୭୦ ପ୍ରତିଶତ କ୍ଷୁଦ୍ର ଓ ଅସଂଗଠିତ କମ୍ପାନୀ ଦ୍ୱାରା ତିଆରି କରାଯାଉଛି। ସରକାର ପୂର୍ବରୁ ସଂଗଠିତ କ୍ଷେତ୍ରରେ ହେଲମେଟ ନିର୍ମାତାଙ୍କ ପାଇଁ ବିଆଇଏସ୍ ମାନଦଣ୍ଡ ପାଳନ କରିବା ବାଧ୍ୟତାମୂଳକ କରିଛନ୍ତି। ଟୁ-ହ୍ୱିଲର ହେଲମେଟ ମ୍ୟାନୁଫାକଚରର୍ସ ଆସୋସିଏଶନର ପ୍ରେସିଡେଣ୍ଟ ତଥା ଷ୍ଟିଲବୋର୍ଡ ହେଲମେଟ୍ସ ଏମ୍‌ଡି ରାଜୀବ କପୁର କହିଛନ୍ତି ଯେ, ସରକାର ଆଇଏସ୍‌ଆଇ ମାର୍କକୁ ବାଧ୍ୟତାମୂଳକ କରିବା ଲାଗି ଏକ ନିୟମ ଲାଗୁ କରିବାକୁ ଯାଉଛନ୍ତି। ଏହା ପୂର୍ବରୁ ଚଳିତବର୍ଷ ଜାନୁୟାରୀ ୧୫ରେ ଲାଗୁ କରାଯିବାର ଥିଲା। ପରେ ଏହାକୁ ଏପ୍ରିଲ ୧୫କୁ ଘୁଞ୍ଚାଇ ଦେବା ପରେ ଏବେ ଏହାକୁ ଜୁଲାଇ ୧୫ରୁ ଲାଗୁ କରାଯିବ। ସରକାର ବିଆଇଏସ୍ ଆଇନ, ୨୦୧୬ ଅଧୀନରେ ସୁରକ୍ଷିତ ହେଲମେଟ ତିଆରି କରିବା ଲାଗି ସାର୍ଟିଫିକେଟ ନେବା ବାଧ୍ୟତାମୂଳକ କରିବା ନେଇ ଏକ ନୋଟିଫିକେଶନ ଗତବର୍ଷ ଅଗଷ୍ଟ ୨ରେ ଜାରି କରିଥିଲେ। ଏହାକୁ ହେଲମେଟ୍ସ(କ୍ୱାଲିଟି କଣ୍ଟ୍ରୋଲ) ଅର୍ଡର୨୦୧୮ ନାମ ଦିଆଯାଇଥିଲା, କିନ୍ତୁ ଏହା ଅଦ୍ୟାବଧି ଚିଠା ଆକାରରେ ରହିଯାଇଛି। ଏହାକୁ ନୋଟିଫାଇ କରାଯାଇନାହିଁ। ଦେଶରେ ଏବେ ୨୧୯ କମ୍ପାନୀ ହେଲମେଟ ତିଆରି କରୁଥିବା ବେଳେ ମାତ୍ର ୯ଟି ଆବଶ୍ୟକୀୟ ସାର୍ଟିଫିକେଟ ହାସଲ କରିଛନ୍ତି।

### ଟୁଇଟରର ଇଣ୍ଡିଆ ଏମ୍‌ଡି ହେଲେ ମନିଶ ମାହେଶ୍ୱରୀ



ନୂଆଦିଲ୍ଲୀ,୨୨-୪

ମାଇକ୍ରୋ ବ୍ଲଗିଂ ସାଇଟ ଟୁଇଟର ଏହାର ଇଣ୍ଡିଆ ଅପରେଶନ ଲାଗି ନୂଆ ଏମ୍‌ଡି ଭାବେ ମନିଶ ମାହେଶ୍ୱରୀଙ୍କୁ ନିଯୁକ୍ତ କରିଛି। ମାହେଶ୍ୱରୀ ଏହା ପୂର୍ବରୁ ନେଟୱାର୍କ ୧୮ ଡିଜିଟାଲର ସିଇଓ ଭାବେ କାର୍ଯ୍ୟ କରୁଥିଲେ। ଇଣ୍ଡିଆ ଏମ୍‌ଡି ଭାବେ ବର୍ତ୍ତମାନ ବାଲାଜି କ୍ରୀଶ କାର୍ଯ୍ୟ କରୁଥିବା ବେଳେ ତାଙ୍କ ଠାରୁ ମାହେଶ୍ୱରୀ କାର୍ଯ୍ୟ ଭାର ଗ୍ରହଣ କରିବେ। ଚଳିତ ମାସ ୨୯ଠାରୁ ସେ ଦାୟିତ୍ୱ ଭାର ଗ୍ରହଣ କରିବେ ବୋଲି ଜଣାଯାଇଛି। ପୂର୍ବରୁ ଏମ୍‌ଡି ଭାବେ କାର୍ଯ୍ୟ କରୁଥିବା ତରନଜିତ ସିଂ ଗତ ସେପ୍ଟେମ୍ବରରେ ଟୁଇଟର ଛାଡିବା ପରେ କ୍ରୀଶଙ୍କୁ ଭାରତ ଲାଗି ଅନ୍ତରୀଣ ଦାୟିତ୍ୱ ଭାର ଦିଆଯାଇଥିଲା। ମାତ୍ର ମୁଖ୍ୟ କାର୍ଯ୍ୟାଳୟରେ ନୂଆ ଦାୟିତ୍ୱ ଯୋଗୁ ସେ ଆମେରିକା ଯିବାକୁ ତାଙ୍କ ସ୍ଥାନରେ ମାହେଶ୍ୱରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମାହେଶ୍ୱରୀ ଭାରତରେ ଷ୍ଟ୍ରାଟେଜୀ ଏବଂ ପରିଚାଳନା ଦାୟିତ୍ୱ ସମ୍ଭାଳିବେ। ସେହିଭଳି ଅଡିଆନ୍ସ ଏବଂ ରାଜସ୍ୱ ବୃଦ୍ଧି ଭଳି ବିଭିନ୍ନ ବିଭାଗର ଗୁରୁଦାୟିତ୍ୱ ତାଙ୍କ ଉପରେ ରହିବ।

### ସିଆଲଦା-ପୁରୀ ମଧ୍ୟରେ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଟ୍ରେନ

ଭୁବନେଶ୍ୱର,୨୨-୪

ଗ୍ରୀଷ୍ମକାଳୀନ ଯାତ୍ରୀ ଭିଡକୁ ଏଡାଇବା ଲାଗି ପୂର୍ବତଟ ରେଳପଥ ପକ୍ଷରୁ ସିଆଲଦା ଏବଂ ପୁରୀ ମଧ୍ୟରେ ଏକ ସ୍ୱତନ୍ତ୍ର ଏସି ଟ୍ରେନ ଚଳାଚଳ ସମ୍ପର୍କରେ ଘୋଷଣା କରାଯାଇଛି। ସିଆଲଦା-ପୁରୀ-ସିଆଲଦା ଏସି ମେ ୧୧ଠାରୁ ଜୁନ ୨୨ ମଧ୍ୟରେ ଚଳାଚଳ କରିବ। ଏହା ସିଆଲଦାଠାରୁ ପ୍ରତି ଶନିବାର ରାତ୍ର ୧୧.୫୦ ମିନିଟରେ ଛାଡିବାକୁ ଥିବା ବେଳେ ଏହା ପୁରୀରୁ ମେ ୧୨ଠାରୁ ଜୁନ ୨୩ ମଧ୍ୟରେ ପ୍ରତି ରବିବାର ଅପରାହ୍ନ ୨ଟାରେ ଛାଡିବ। ରେଲୱେ ପକ୍ଷରୁ ପୂର୍ବତଟ ରେଳ ପରିସୀମା ମଧ ଦେଇ ୧୬ ଯୋଡା ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରୁଛି। ଏହା ନିୟମିତ ଚଳାଚଳ କରୁଥିବା ଯାତ୍ରୀଭିଡକୁ ହ୍ରାସ କରିବାକୁ ସକ୍ଷମ ହେବ ବୋଲି ରେଲୱେ ଆଶାବାଦୀ ରହିଛି। ଏହି ଟ୍ରେନରେ ଗୋଟିଏ ପ୍ରଥମ ଶ୍ରେଣୀ ଏସି, ୪ଟି ଏସି ଦ୍ୱିତୀୟ ଶ୍ରେଣୀ, ୧୨ଟି ଏସି ତୃତୀୟ ଶ୍ରେଣୀ, ଦୁଇଟି ଗାର୍ଡ ତଥା ଲଗେଜ ଭ୍ୟାନ ରହିବ।

## ସହଜ ହେବ ବ୍ୟବସାୟ

# ୩ ଦିନରେ ମିଳିଯିବ ସବୁ ଅନୁମତି

ନୂଆଦିଲ୍ଲୀ,୨୨-୪



- ଇଜ୍ ଅଫ୍ ଡୁଇଂ ବିଜନେସ ର୍ୟାଙ୍କିଙ୍ଗରେ ଟପ୍ ୫୦ରେ ସ୍ଥାନ ପାଇବା ଲକ୍ଷ୍ୟ
- ପାନ୍,ଟାନ୍, ଇପିଏଫ୍, ଇଏସ୍‌ଆଇସି ରେଜିଷ୍ଟ୍ରେଶନ ମାତ୍ର ୩ ଦିନରେ ମିଳିବ
- ସୁଧାର କାର୍ଯ୍ୟରେ ଲାଗିଛି ଡିପିଆଇଆଇଟି

ବ୍ୟବସାୟୀ ସୁଗମତା କ୍ଷେତ୍ରରେ ଭାରତ ଆଉ କିଛି ଦିନ ଭିତରେ ଇତିହାସ ରଚିବାକୁ ଯାଉଛି। କେନ୍ଦ୍ର ସରକାର ଦେଶରେ ବ୍ୟବସାୟ ସୁଗମତାକୁ ଆହୁରି ସହଜ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନେବାକୁ ଯାଉଛନ୍ତି, ଯାହା ଦ୍ୱାରା ବ୍ୟବସାୟୀ ଖୁସିରେ ଉଛୁଳି ଉଠିବେ। ୨୭ ପାଦ ଉପରକୁ ଉଠି ଇଜ୍ ଅଫ୍ ଡୁଇଂ ବିଜନେସ ର୍ୟାଙ୍କିଙ୍ଗର ଟପ୍ ୫୦ରେ ସ୍ଥାନ ପାଇବାକୁ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଯାଉଛନ୍ତି। ନୂଆ ବ୍ୟବସ୍ଥାରେ କମ୍ପାନୀ ଆରମ୍ଭ କରିବା ପ୍ରକ୍ରିୟାକୁ ଅଧିକ ସହଜ ତଥା ସରଳ କରାଯିବ। ମାତ୍ର ୩ ଦିନ ଭିତରେ ବ୍ୟବସାୟୀଙ୍କୁ ପରମାନେଣ୍ଟ ଆକାଉଣ୍ଟ ନମ୍ବର(ପାନ୍), ଟ୍ୟାକ୍ସ ଆକାଉଣ୍ଟ ନମ୍ବର(ଟାନ୍) ପ୍ରଦାନ ସହ ଜିଏସ୍‌ଟି, ଏମ୍ପ୍ଲଇ ପ୍ରୋଭିଡେଣ୍ଟ ଫଣ୍ଡ ଅର୍ଗାନାଇଜେଶନ(ଇପିଏଫଓ) ଏବଂ ଏମ୍ପ୍ଲଇ ଷ୍ଟେଟ୍ ଇନ୍ସ୍ୟୁରାନ୍ସ କର୍ପୋରେଶନ(ଇଏସ୍‌ଆଇସି)ରେ ପଞ୍ଜୀକରଣ କରାଯିବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି।

ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ ଟ୍ରେଡ(ଡିପିଆଇଆଇଟି) ଇଜ୍ ଅଫ୍ ଡୁଇଂରେ ଭାରତର ର୍ୟାଙ୍କିଙ୍ଗ ସୁଧାରିବା ଦିଗରେ କାର୍ଯ୍ୟ କରୁଛି। ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ଏବେ କମ୍ପାନୀ ନାମ ପଞ୍ଜୀକରଣ କରିବାରେ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହାକୁ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ଦୂର କରୁଛି। ଅନେକ ସମୟରେ ଏକାଧିକ ଏଜେନ୍ସି ନିକଟରେ ଲାଇନରେ ଯାଇ ଅନୁମତି ନେବାରେ ଦୀର୍ଘ ସମୟ ବିତିଯାଉଛି। ଏହାର ସମାଧାନ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ସମସ୍ତ କେନ୍ଦ୍ରୀୟ ଏଜେନ୍ସିଙ୍କ ନିକଟରେ ପଞ୍ଜୀକରଣ ଲାଗି ଏକପ୍ରକାର ପ୍ରକ୍ରିୟା ପ୍ରସ୍ତୁତ କରାଯାଉଛି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବରରେ ଜାରି ହୋଇଥିବା ବିଶ୍ୱବ୍ୟାଙ୍କର ଇଜ୍ ଅଫ୍ ଡୁଇଂ ବିଜନେସ ର୍ୟାଙ୍କିଙ୍ଗରେ ଭାରତ ୨୩ ସ୍ଥାନ ଉପରକୁ ଉଠି ୭୭ତମ ସ୍ଥାନରେ ପହଞ୍ଚି ପାରିଛି। ବ୍ୟବସାୟକୁ ସୁଗମ କରିବା ଉଦ୍ଦେଶ୍ୟରେ ଉପୁଜୁଥିବା ବାଧାକୁ ଦୂର କରିବା ଲାଗି ସରକାର ଗତ ଦୁଇବର୍ଷ ହେବ କ୍ରମାଗତ ଉଦ୍ୟମ ଜାରି ରଖିଥିବାରୁ ଭାରତର ର୍ୟାଙ୍କିଙ୍ଗରେ ଯଥେଷ୍ଟ ସୁଧାର ଆସିଲାଣି। ସବୁଠାରୁ ଅଧିକ ସୁଧାର କରିବାରେ ଭାରତ ଅନ୍ୟତମ ଦେଶ ବୋଲି ବିଶ୍ୱବ୍ୟାଙ୍କ ନିଜ ରିପୋର୍ଟରେ ଦର୍ଶାଇଛି। ୨୦୧୪-୧୮ ମଧ୍ୟରେ ଭାରତ ଏହି ର୍ୟାଙ୍କିଙ୍ଗରେ ୬୫ ସ୍ଥାନ ଉପରକୁ ଚଢ଼ିଥିବା ବେଳେ ଚାଇନା ୨୭ ସ୍ଥାନ ତଳକୁ ଖସିଛି। ଡିପିଆଇଆଇଟି ପକ୍ଷରୁ ଇନ୍‌ସଲଭେନ୍ସି ଫ୍ରେମୱର୍କ, ପ୍ରପର୍ଟି ରେଜିଷ୍ଟ୍ରେଶନ, ଟ୍ୟାକ୍ସ ପେମେଣ୍ଟ ଏବଂ ଏହାର ରିଫଣ୍ଡରେ ପରିବର୍ତ୍ତନ ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ଏମାନଙ୍କ ଭିତରୁ କିଛି କ୍ଷେତ୍ରରେ ଭାରତର ର୍ୟାଙ୍କିଙ୍ଗ ୧୦୦ ତଳକୁ ରହିଛି। ରାଜ୍ୟର ଏଜେନ୍ସିଗୁଡ଼ିକୁ ମଧ୍ୟ ଡିପିଆଇଆଇଟି ସାମିଲ କରିଛି। ଏହାଦ୍ୱାରା ଉଭୟ କେନ୍ଦ୍ର ଓ ରାଜ୍ୟରୁ ଅନୁମତି ମିଳିବା ସହଜ ହେବ। ଉଲ୍ଲେଖ କରାଯାଇପାରେ ଯେ, ଇଜ୍ ଅଫ୍ ଡୁଇଂ ବିଜନେସ୍ ର୍ୟାଙ୍କିଙ୍ଗକୁ ଦେଶରେ ବ୍ୟବସାୟ ପରିବେଶର ଏକ ମାପକାଠି ଭାବେ ଦର୍ଶାଯାଇଥାଏ। ବିଦେଶୀ ନିବେଶକଙ୍କୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ ଏବେ ଭାରତ ଟପ୍ ୫୦ ଦେଶ ମଧ୍ୟରେ ନିଜକୁ ସାମିଲ କରିବାକୁ ଚାହୁଁଛି।

# ନୂଆ ରିୟଲମି ୩ ପ୍ରୋ ସ୍ମାର୍ଟଫୋନ ବଜାରରେ



ନୂଆଦିଲ୍ଲୀ,୨୨-୪

ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ରିୟଲମି ପକ୍ଷରୁ ନୂଆ ରିୟଲମି ୩ ପ୍ରୋ ମଡେଲର ବଜାର ପ୍ରବେଶ ହୋଇଛି। କମ୍ପାନୀର ସିଇଓ ମାଧବ ସେଠ ଏହାକୁ ଉନ୍ମୋଚନ କରିଛନ୍ତି। ଏଥିରେ ସ୍ନାପଡ୍ରାଗନ ୭୧୦ ପ୍ରୋସେସର, ୪୦୪୫ ଏମ୍‌ଏଏଚ୍ ବ୍ୟାଟେରି,ଭିଓଓସି ୩.୦ ଫ୍ଲାସ ଚାର୍ଜ ଭଳି ବୈଶିଷ୍ଟ୍ୟ ରହିଛି। ଏହା ସୋନି ଆଇଏମ୍‌ଏକ୍ସ ୫୧୯ ,୧୬ ଏମ୍‌ପି ଏବଂ ୫ ଏମ୍‌ପି କ୍ୟାମେରା ସହ ଆସୁଛି। ଏଥିରେ ୨୫ ମେଗା ପିକ୍ସେଲ ସେଲ୍ଫି କ୍ୟାମେରା ରହିଛି। ଏହା ଦୁଇଟି ଭାରିଆଣ୍ଟରେ ଉପଲବ୍ଧ। ୪ଜିବି ରାମ ୬୪ ଜିବି ରମ୍ ମଡେଲର ବଜାର ଦର ୧୩,୯୯୯ ଟଙ୍କା ରହିଥିବାବେଳେ ୬ଜିବି ରାମ୍ , ୧୨୮ ଜିବି ରମ୍ ମଡେଲର ବଜାରର ଦର ୧୬,୯୯୯ ଟଙ୍କା ରହିଛି। ଏହା କାର୍ବନ ଗ୍ରେ, ନିଟ୍ରୋ ବ୍ଲୁ, ଲାଇଟନିଂ ପର୍ପଲ ରଙ୍ଗ ସହ ଆସୁଛି। ମଡେଲଗୁଡିକ ରିୟଲ ଡଟ୍ କମ୍ ଏବଂ ଫ୍ଲିପକାର୍ଟ ଡଟ୍ କମ୍‌ରେ ଚଳିତ ମାସ ୨୯ରେ ଦିନ ୧୨ଟାରେ ଉପଲବ୍ଧ ହେବ। ସେହିଭଳି କମ୍ପାନୀ ଏଣ୍ଟ୍ରିଲେଭେଲ ରିୟଲମି ସି୨ର ଶୁଭାରମ୍ଭ ଘୋଷଣା କରିଛି। ଏହାର ଡାଇମଣ୍ଡ କଟ୍ ଡିଜାଇନ ୪,୦୦୦ ଏମ୍‌ଏଏଚ୍ ବ୍ୟାଟେରି ସହ ଆସୁଛି। ଏଥିରେ ୬.୧ ଇଞ୍ଚ ଏଚଡି ସହ ଡିଉ ଡ୍ରପ ଫୁଲ ସ୍କ୍ରିନ ଅକ୍ଟା କୋର ହେଲିଓ ପି୨୨ ସକ୍ ଭଳି ବୈଶିଷ୍ଟ୍ୟ ରହିଛି। ଏହାର ୨ଜିବି ରାମ୍ ,୧୬ ଜିବି ରମ୍ ବିଶିଷ୍ଟ ମଡେଲର ଦର ୫୯୯୯ ଟଙ୍କା ଥିବା ବେଳେ ୩ଜିବି ରାମ ଏବଂ ୩୨ ଜିବି ରମ୍ ମଡେଲ ଦର ୭,୯୯୯ ଟଙ୍କା ରହିଛି। ଏହାର ପ୍ରଥମ ସେଲ୍ ମେ ୧୫ରୁ ହେବ। ଏହି ମଡେଲଗୁଡିକରେ ଗ୍ରାହକ ପାୱାର ଏବଂ ଷ୍ଟାଇଲ ଲାଭ କରିବାକୁ ସକ୍ଷମ ହେବେ ବୋଲି ସିଇଓ ମାଧବ ସେଠ କହିଛନ୍ତି। ଗତ କିଛିମାସ ମଧ୍ୟରେ ୪ ପ୍ରଡକ୍ଟ ସିରିଜରେ ୮ଟି ପ୍ରଡକ୍ଟ ବଜାରକୁ ଆଣିଥିବା ସେ କହିଛନ୍ତି।

**ଏଣ୍ଟ୍ରିଲେଭଲରେ ସି୨ ଉନ୍ମୋଚିତ**

# ଇରାନ ତେଲ: କୋହଳ ପ୍ରତ୍ୟାହାର ହୋଇପାରେ

ୱାଶିଂଟନ,୨୨-୪



ଇରାନରୁ ଅଶୋଧିତ ତେଲ କ୍ରୟ ନେଇ ଆମେରିକା ବିଭିନ୍ନ ଦେଶ ଉପରେ ଲାଗୁ କରିଥିବା ସର୍ତ୍ତକୁ ପ୍ରତ୍ୟାହାର କରିପାରେ। ଏହା ଦ୍ୱାରା ଇରାନ ଉପରେ ଅଶୋଧିତ ତୈଳ ଆମଦାନୀ ଲାଗି ନିର୍ଭର କରୁଥିବା ଭାରତ ଏବଂ ଚାଇନା ଭଳି ରାଷ୍ଟ୍ରଗୁଡିକ ପ୍ରଭାବିତ ହେବେ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଯେଉଁ ଦେଶଗୁଡିକ ଇରାନରୁ ତେଲ କିଣୁଛନ୍ତି ସେମାନେ ଆମଦାନୀ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଥିବା ହ୍ୱାଇଟ ହାଉସର ପ୍ରେସ୍ ସଚିବ ସାରା ସାଣ୍ଡର ସୋମବାର ସୂଚନା ଦେଇଛନ୍ତି। ଆମେରିକା,ସାଉଦି ଆରବ,ୟୁନାଇଟେଡ ଆରବ ଏମିରେଟ୍ସ ଭଳି ପ୍ରମୁଖ ତୈଳ ଉତ୍ପାଦନକାରୀ ଦେଶ ଏବଂ ଏମାନଙ୍କ ସହଯୋଗୀ ଦେଶଗୁଡିକ ସାରା ବିଶ୍ୱକୁ ପର୍ଯ୍ୟାପ୍ତ ଇନ୍ଧନ ଯୋଗାଣ ନେଇ ପ୍ରତିଶ୍ରୁତିବଦ୍ଧ ଥିବା ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି।

ବର୍ତ୍ତମାନ ସ୍ଥିତିରେ ଇରାନଠାରୁ ତେଲ କ୍ରୟ ନେଇ ଭାରତ, ଚାଇନା,ଗ୍ରୀସ୍, ଇଟାଲୀ, ଜାପାନ, ଦକ୍ଷିଣ କୋରିଆ,ତାଇୱାନ, ତୁର୍କୀ ଭଳି ଦେଶକୁ କୋହଳ ବ୍ୟବସ୍ଥା କରାଯାଇଥିଲା। ଯାହାର ଅବଧି ମେ ୨ ରହିଛି। ମାତ୍ର ଏହି କୋହଳ ବ୍ୟବସ୍ଥାକୁ ଆଉ ପୁନରାବୃତ୍ତି ନ କରିବାକୁ ନିଷ୍ପତ୍ତି ହୋଇଛି।

**କୋହଳ ବ୍ୟବସ୍ଥା ନେଇ ଭାରତ ଆଶାବାଦୀ**

ମେ ଠାରୁ ତେଲ ନ କିଣିବା ନେଇ ହୋଇଥିବା ନିଷ୍ପତ୍ତି ସତ୍ତ୍ୱେ କିଛି ମାତ୍ରାରେ ତେଲ କିଣିବାକୁ ଆମେରିକା ଅନୁମତି ଦେବା ନେଇ ଭାରତ ଆଶାବାଦୀ ରହିଛି। ତେଲ କ୍ରୟ ହ୍ରାସ କରିବା ନେଇ ଆମେରିକା କହିବା ପରେ ଭାରତର ତେଲ ଆମଦାନୀ ହ୍ରାସ ଘଟିଛି। ଆମେରିକା ଏକ୍ଷେତ୍ରରେ କିଛିଟା କୋହଳ ନୀତି ଅବଲମ୍ବନ କରିବା ନେଇ ଭାରତ ଆଶା ପ୍ରକଟ କରୁଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ମେ ମାସରେ ଇରାନରୁ କେତେ ମାତ୍ରାରେ ତେଲ କ୍ରୟ ହେବ ସେ ନେଇ ଭାରତୀୟ ଆମଦାନୀକାରୀ କୌଣସି ଅର୍ଡର ଦେଇ ନାହାନ୍ତି। ଆମେରିକା ଏ ଦିଗରେ କି ପ୍ରକାର ପଦକ୍ଷେପ ଗ୍ରହଣ କରୁଛି ତାକୁ ସମସ୍ତେ ଅପେକ୍ଷା କରିଛନ୍ତି।

## ସୁପ୍ରିମକୋର୍ଟରେ ଟିକଟକ୍ ମାମଲାର ଶୁଣାଣି

### ମାଡ୍ରାସ ହାଇକୋର୍ଟକୁ ୨୪ ସୁଦ୍ଧା ସମୟ, ନଚେତ ବ୍ୟାନ ହଟିବ

ନୂଆଦିଲ୍ଲୀ,୨୨-୪

ଭାରତ ସମେତ ବିଶ୍ୱର ବହୁ ଦେଶରେ ଅତ୍ୟନ୍ତ ଲୋକପ୍ରିୟ ସର୍ଟ ଭିଡ଼ିଓ ଆପ୍ ଟିକ୍‌ଟକ ଉପରେ ଲାଗିଥିବା ବ୍ୟାନ୍ ହଟିଯିବା ସମ୍ଭାବନା ରହିଛି। ସୋମବାର ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟରେ ଆଗତ ମାମଲାର ଶୁଣାଣି ହୋଇଥିଲା। ମାଡ୍ରାସ ହାଇକୋର୍ଟ ବ୍ୟାନ ସଂକ୍ରାନ୍ତରେ ଦେଇଥିବା ଆଦେଶର ପୁନର୍ବିଚାର କରି ଆସନ୍ତା ୨୪ରେ ନିଜର ଚୂଡ଼ାନ୍ତ ନିଷ୍ପତ୍ତି ଶୁଣାନ୍ତୁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ସର୍ବୋଚ୍ଚ ଅଦାଲତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଏହି ଦିନ ହାଇକୋର୍ଟ ଶେଷ ନିଷ୍ପତ୍ତି ଶୁଣାଇବାରେ ବିଫଳ ହେଲେ ଟିକଟକ୍ ଆପ୍ ଉପରେ ଲାଗିଥିବା ବ୍ୟାନ ଆପଣାଛାଏଁ ହଟିଯିବ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ସୂଚନାଥାଉ କି, ଏଥିପୂର୍ବରୁ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ଜାରି ବ୍ୟାନ୍ ଉପରେ ରହିତାଦେଶ ଜାରି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଥିଲେ। ସର୍ବୋଚ୍ଚ ଅଦାଲତରେ ଶୁଣାଣି ବେଳେ ଟିକ୍‌ଟକ୍‌ର ମୂଳ କମ୍ପାନୀ ବାଇଟ ଡାନ୍ସ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା ଯେ, ହାଇକୋର୍ଟଙ୍କ ମଦୁରାଇ ଖଣ୍ଡପୀଠ କମ୍ପାନୀ ଯୁକ୍ତି ନ ଶୁଣି ଏକତରଫା ଭାବେ ଉକ୍ତ ଆପ୍‌କୁ ବ୍ୟାନ କରିଦେଇଥିଲେ।

# ହୋଣ୍ଡା ଆଣିଲା ନୂଆ ସିବିଆର୍ ୬୫୦ ଆର୍



ଭୁବନେଶ୍ୱର,୨୨-୪

ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ(ଏଚ୍‌ଏମ୍‌ଏସ୍‌ଆଇ) ପକ୍ଷରୁ ନୂଆ ସିବିଆର୍ ୬୫୦ ଆର୍ ମଡେଲ ବଜାରକୁ ଆସିଛି। ମଧ୍ୟମ ଓଜନ ବିଶିଷ୍ଟ ଏହି ସ୍ପୋର୍ଟସ ବାଇକର ବଜାର ଦର ୭.୭୦ ଲକ୍ଷ ଟଙ୍କା ରହିଛି। ଏହି ନୂଆ ମଡେଲ ବାଇକ ପ୍ରେମୀଙ୍କୁ ରୋମାଞ୍ଚିତ କରିବ ବୋଲି କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ୟଦବିନ୍ଦର ସିଂ ଗୁଲେରିୟା ସୂଚନା ଦେଇଛି। ଭାରତରେ କମ୍ପାନୀର ଶକ୍ତିଶାଳୀ ବାଇକଗୁଡିକୁ ବିକ୍ରି ଲାଗି ନୂଆ ବିଗୱିଙ୍ଗ ଶୁଭାରମ୍ଭ ହୋଇଛି। ବିଙ୍ଗୱିଙ୍ଗ ଅଧୀନରେ ବିକ୍ରି ହେବାକୁ ଥିବା ବାଇକ ମଡେଲକୁ ସିବିଆର ୬୫୦ ଆର୍ ସୁଦୃଢ କରି ପାରିଛି ବୋଲି ସେ କହିଛନ୍ତି। ମଡେଲଟିରେ ୬୪୯ ସିସି ଲିକ୍ୱିଡ କୁଲଡ ଫୋର ସିଲିଣ୍ଡର ଡିଓଏଚ୍‌ସି ୧୬ ଭଲବ ଇଞ୍ଜିନ ରହିଛି। ସେହିଭଳି ଆସିଷ୍ଟ ସ୍ଲିପର କ୍ଲଚ ସୁବିଧା, ହୋଣ୍ଡା ସିଲେକ୍ଟେବଲ ଟର୍କ କଣ୍ଟ୍ରୋଲ,ଡିଜିଟାଲ ଏଲ୍‌ଇଡି ଡିସ୍ପଲେ ଭଳି ଅନ୍ୟାନ୍ୟ ଆକର୍ଷଣୀୟ ବୈଶିଷ୍ଟ୍ୟ ରହିଛି। ଏହା ସାରା ଦେଶର ୨୨ ଗୋଲ୍ଡୱିଙ୍ଗ ଶୋ'ରୁମରେ ଉପଲବ୍ଧ ହେବାକୁ ଥିବା ବେଳେ ଭୁବନେଶ୍ୱରର ପିଏଲଜି ରାମଜୀ ମୋଟର୍ସଠାରେ ଗ୍ରାହକ ପାଇପାରିବେ।

# ଆର୍‌ବିଆଇ ବଳକା ଅର୍ଥ ନେଇ ରିପୋର୍ଟ ଶୀଘ୍ର

ନୂଆଦିଲ୍ଲୀ,୨୨-୪

ଆର୍‌ବିଆଇର ବଳକା ଅର୍ଥ ସଂକ୍ରାନ୍ତ ରିପୋର୍ଟ ପ୍ରଦାନ ଲାଗି ଗଠନ ହୋଇଥିବା ଜଲାନ କମିଟି ଏହାର ରିପୋର୍ଟ ଶୀଘ୍ର ପ୍ରଦାନ କରିବ ବୋଲି ଜଣାପଡିଛି। କମିଟିର ଅଧ୍ୟକ୍ଷ ପୂର୍ବତନ ଆର୍‌ବିଆଇ ଗଭର୍ନର ବିମଳ ଜଲାନ କାର୍ଯ୍ୟ କରୁଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ପ୍ରାୟ ୧-୩ ଲକ୍ଷ କୋଟି ଟଙ୍କାର ବଳକା ଅର୍ଥ ସଂକ୍ରାନ୍ତରେ କମିଟି ରିପୋର୍ଟ ଦେଇପାରନ୍ତି ବୋଲି ବିଦେଶୀ ବ୍ରୋକରେଜ ଫାର୍ମ ବ୍ୟାଙ୍କ ଅଫ୍ ଆମେରିକା ମେରିଲ୍ ଲିଞ୍ଚ୍ କହିଛି। ଏହା ମୋଟ ଘରୋଇ ଉତ୍ପାଦର ୦.୫%ରୁ ୧.୫% ରହିବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଆର୍‌ବିଆଇ ଦ୍ୱାରା ପ୍ରଦାନ କରାଯିବାକୁ ଥିବା ଏହି ଅର୍ଥକୁ ସରକାର ଯଦି ବ୍ୟାଙ୍କଗୁଡିକର ପୁଞ୍ଜିକରଣ କ୍ଷେତ୍ରରେ ଖର୍ଚ୍ଚ କରନ୍ତି ତେବେ ଏହା ଲିକ୍ୟୁଡିଟି କ୍ଷେତ୍ରରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଏହା କହିଛି। କଣ୍ଟିଜେନ୍ସି ରିଜର୍ଭରୁ ପ୍ରାୟ ୧ ଲକ୍ଷ କୋଟି ଏବଂ ରିଭାଲ୍ୟୁଏଶନ ରିଜର୍ଭରୁ ୨ ଲକ୍ଷ କୋଟି ପୁଞ୍ଜି ସ୍ଥାନାନ୍ତର ହୋଇପାରେ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ଅତିରିକ୍ତ ପୁଞ୍ଜି ସ୍ଥାନାନ୍ତର ନେଇ ଆର୍‌ବିଆଇ ଆଇନରେ କୌଣସି ପ୍ରତିବନ୍ଧକ ନ ଥିବା ଅର୍ଥନୀତିଜ୍ଞ ଇନ୍ଦ୍ରାଣୀ ସେନଗୁପ୍ତା କହିଛନ୍ତି।

## କେନ୍ଦ୍ରକୁ ଶିବସେନାର ପରାମର୍ଶ

# ଜେଟ୍ ଏୟାରୱେଜ କର୍ମଚାରୀଙ୍କୁ ବଞ୍ଚାଅ

ମୁମ୍ବାଇ,୨୨-୪

ଜେଟ୍‌ଏୟାରୱେଜକୁ ଅଧିଗ୍ରହଣ କରି ଏହି ଏୟାରଲାଇନ କର୍ମଚାରୀଙ୍କୁ ବଞ୍ଚାଇବାକୁ ଶିବସେନା ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛି। ଦଳର ମୁଖପତ୍ର 'ସାମ୍‌ନା'ର ସମ୍ପାଦକୀୟରେ ଲେଖାଯାଇଛି ଯେ, ବେକାରୀଙ୍କର ଅଭିଶାପ ସ୍ୱାଧ୍ୱୀଙ୍କ ଅଭିଶାପଠାରୁ ଅଧିକ ଶକ୍ତିଶାଳୀ। ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଏଟିଏସ୍‌ର ପୂର୍ବତନ ପ୍ରମୁଖ ହେମନ୍ତ କରକରେଙ୍କ ମୃତ୍ୟୁକୁ ନେଇ ସ୍ୱାଧ୍ୱୀ ପ୍ରଜ୍ଞାଙ୍କ ମନ୍ତବ୍ୟ ପରେ ଶିବସେନା ପକ୍ଷରୁ ଉକ୍ତ ମନ୍ତବ୍ୟ ଦିଆଯାଇଛି। ସ୍ୱାଧ୍ୱୀ କହିଥିଲେ ଯେ, ତାଙ୍କ ଅଭିଶାପ କାରଣରୁ କରକରେଙ୍କ ମୃତ୍ୟୁ ହୋଇଛି। ଶିବସେନା ପକ୍ଷରୁ କୁହାଯାଇଛି ଯେ, ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହେରୁ ଏବଂ ଇନ୍ଦିରା ଗାନ୍ଧୀଙ୍କ ଦୂରଦର୍ଶିତାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କିଛି ଶିକ୍ଷାଲାଭ କରନ୍ତୁ। ସେମାନେ ବୀମା ଏବଂ ଏୟାରଲାଇନ୍ସ ସେକ୍ଟରକୁ ଜାତୀୟକରଣ କରିଥିଲେ। ଶିବସେନାର କହିବାନୁଯାୟୀ, ସରକାର ଏୟାର ଇଣ୍ଡିଆକୁ ୨୯ ହଜାର କୋଟି ଟଙ୍କାର ସହାୟତା ଦେଇପାରିଲେ। ଜେଟ୍ ଏୟାରୱେଜ ଓ କିଙ୍ଗଫିଶର ଭାରତୀୟ କମ୍ପାନୀ।

# ୨୦୦ କମ୍ପାନୀରେ ୧ ଲକ୍ଷ କୋଟିର ଦୁର୍ନୀତି

ନୂଆଦିଲ୍ଲୀ,୨୨-୪





**ଆଇବିସି ଯାଞ୍ଚରୁ ଧରାପଡିଲା**

ଦେଶର ଉଦ୍ୟୋଗ ଜଗତରେ ଦୁର୍ନୀତି ଛାଇଯାଇଛି। ଦେବାଳିଆ ଆଇନ ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କରପ୍ସି କୋଡ୍(ଆଇବିସି) ଅଧୀନରେ ଯାଞ୍ଚ ବେଳେ ୨୦୦ରୁ ଊର୍ଦ୍ଧ୍ୱ କମ୍ପାନୀର ଫରେନ୍ସିକ ଅଡିଟ୍ ବେଳେ ୧ ଲକ୍ଷ କୋଟିରୁ ଅଧିକ ଟଙ୍କାର ଦୁର୍ନୀତି ଧରାପଡିଛି। ଆଇବିସି ଅଧୀନରେ ଇନ୍‌ସଲଭେନ୍ସି ରିଜଲ୍ୟୁଶନର ସାମ୍ନା କରୁଥିବା କମ୍ପାନୀଗୁଡ଼ିକ ପାଣ୍ଠି ସ୍ଥାନାନ୍ତର କରିଥିବା ଆଶଙ୍କା କରାଯାଉଛି। ଆଇବିସି ଅଧୀନରେ ରିଜଲ୍ୟୁଶନ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ ଯେଉଁ କେତେକ ହାଇପ୍ରୋଫାଇଲ ମାମଲା ସୁପାରିସ କରିଥିଲା, ସେଥିରେ ସର୍ବାଧିକ ଦୁର୍ନୀତି ଧରାପଡିଛି। ଏହି କାରଣରୁ ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ(ଏସ୍‌ଏଫଆଇଓ) ଏଗୁଡ଼ିକର ସ୍ୱତନ୍ତ୍ର ଯାଞ୍ଚ ଆରମ୍ଭ କରିଛି। କମ୍ପାନୀ ବ୍ୟାପାର ମନ୍ତ୍ରଣାଳୟ ଦୁର୍ନୀତିରେ ବୁଡ଼ିଥିବା କମ୍ପାନୀର ପ୍ରମୋଟର, ଡାଇରେକ୍ଟର ଓ ଅଡିଟରମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଛି ବୋଲି ସୂଚନା ମିଳିଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଟଙ୍କାକୁ ଏପଟସେପଟ କରାଯିବା ସହିତ ସମ୍ବନ୍ଧିତ ପକ୍ଷ ମଧ୍ୟରେ ଅବୈଧ ନେଣଦେଣ ଏବଂ ଅନ୍ୟ କେତେକ ପ୍ରକାର ଦୁର୍ନୀତି କରାଯାଇଥିବା ଅଡିଟ ଯାଞ୍ଚ ବେଳେ ଧରାପଡିଛି। ଏଥିରେ ବ୍ୟାଙ୍କଗୁଡ଼ିକ ମଧ୍ୟ ସାମିଲ ଥିବା ଜଣାପଡିଛି। ଜେପି ଇନଫ୍ରାଟେକ୍, ଆମଟେକ ଅଟୋ, ଭୂଷଣ ଷ୍ଟିଲ ଭଳି ବଡ଼ ଆଇବିସି ମାମଲାରେ ଏଭଳି ଦୁର୍ନୀତି ଧରାପଡିଛି। ସୂଚନାଥାଉ କି, ଆଇବିସି ଅଧୀନରେ ଅଧିକାଂଶ ମାମଲାରେ ନ୍ୟାଶନାଲ କମ୍ପାନୀ ଲ' ଟ୍ରିବ୍ୟୁନାଲ ଦ୍ୱାରା ନିଯୁକ୍ତ ରିଜଲ୍ୟୁଶନ ପ୍ରଫେଶନାଲ କମ୍ପାନୀଗୁଡ଼ିକର ଫରେନ୍ସିକ ଯାଞ୍ଚ କରୁଛନ୍ତି। ୨୦୧୬ରେ ଆଇବିସି ଲାଗୁ ହେବା ପରେ ଡିସେମ୍ବର, ୨୦୧୮ ସୁଦ୍ଧା ୧୪୮୪ ମାମଲାରେ ଆଇବିସି ଅଧୀନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପଦକ୍ଷେପ ନିଆଯାଇଛି। ଏଥିମଧ୍ୟରୁ ୯୦୦ ମାମଲାର ସମାଧାନ ଏବେ ସୁଦ୍ଧା ବାକି ରହିଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୩ ଏପ୍ରିଲ, ୨୦୧୯





“ କୁଲଦୀପ ଯାଦବ ଖରାପ ଫର୍ମରେ ଥିବାରୁ ଆମ ଟିମ୍ ମ୍ୟାନେଜମେଣ୍ଟ ତାଙ୍କୁ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ଆଇପିଏଲ୍ ମ୍ୟାଚରୁ ବାଦ୍ ଦେଇଥିଲା ।

–ଦୀନେଶ କାର୍ତ୍ତିକ, କୋଲକାତା ନାଇଟ୍ ରାଇଡର୍ସ ଅଧିନାୟକ



“ ଭାରତୀୟ ବିଶ୍ୱକପ୍ ଦଳର କମ୍ବିନେଶନ ଠିକ୍ ରହିଛି। ପ୍ରତିଯୋଗିତାରେ ଦଳ ଚାପକୁ ଏଡାଇ ଆତ୍ମବିଶ୍ୱାସର ସହିତ ଖେଳିବା ଉଚିତ ।

–କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ, ପୂର୍ବତନ ଭାରତୀୟ ଓପନର

## ସଂକ୍ଷେପରେ

### ବିଶ୍ୱଭାରତୀକୁ ହରାଇଲା ୟୁନିୟନ ସ୍ପୋର୍ଟିଂ

**କଟକ ଅଫିସ,୨୨।୪:** ଏସ୍‌ସିବି ମେଡ଼ିକାଲ ଗ୍ରାଉଣ୍ଡରେ ବିଶ୍ୱଭାରତୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨ୟ ସୁମିତ ବୋଷ ସ୍ମାରକୀ ୧୬ବର୍ଷରୁ କମ୍ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର ୟୁନିୟନ ସ୍ପୋର୍ଟିଂ କ୍ଲବ ୫୭ ରନରେ ଆୟୋଜକ ବିଶ୍ୱଭାରତୀ କ୍ଲବକୁ ପରାସ୍ତ କରିଛି । ଶତକୀୟ ଇନିଂସ ଖେଳିଥିବା ୟୁନିୟନ ସ୍ପୋର୍ଟିଂର ଯଜ୍ଞଜିତ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ । ବିଶ୍ୱଭାରତୀ ଦଳ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିଥିଲା। ନିର୍ଦ୍ଧାରିତ ୪୦ ଓଭରରେ ୟୁନିୟନ ସ୍ପୋର୍ଟିଂ ୬ ଉଇକେଟ ହରାଇ ୨୩୫ରନ କରିଥିଲା। ୧୧ଟି ଚୌକା ଓ ଗୋଟିଏ ଛକା ବଳରେ ଯଜ୍ଞଜିତ ସର୍ବାଧିକ ଅପରାଜିତ ୧୦୭ରନ ସଂଗ୍ରହ କରିଥିଲେ। ଏହାଛଡ଼ା ଚିତ୍ତରଞ୍ଜନ ବେହେରା ୭୭ରନର ଇନିଂସ ଖେଳିଥିଲେ । ବିଶ୍ୱଭାରତୀ ପକ୍ଷରୁ ମହେଶ ମହନ୍ତ, ଚନ୍ଦ୍ରଚୂଡ଼ ପୁରୋହିତ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ । ବିଜୟଲକ୍ଷ୍ୟ ୨୩୬ରନର ପିଛା କରି ବିଶ୍ୱଭାରତୀ ୫ ଉଇକେଟ ବିନିମୟରେ ୧୭୮ରନ କରିଥିଲା । ସମ୍ବିତ କୁମାର ସାହୁ ୯୯ରନର ଅପରାଜିତ ଇନିଂସ ଖେଳିଥିବା ବେଳେ କେ. କିରଣ କୁମାର ୨୭ରନ କରିଥିଲେ । ୟୁନିୟନ ପକ୍ଷରୁ ରାକେଶ କୁମାର ସାହୁ ଓ ନିତୀଶ କୌଶିକଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା । ପୂର୍ବତନ ରଣ୍‌ଜୀ ଖେଳାଳି ପୱନ ଅଗ୍ରୱାଲ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ଯୋଗ ଦେଇଥିଲେ । ବିଭୂ ଚୌଧୁରୀ, ପ୍ରଦୀପ୍ତ ଦାସ ମ୍ୟାଚ ପରିଚାଳନା କରିଥିଲେ ।

### ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନରେ ଭାଗନେବେ ପ୍ରମୋଦ

**ଭୁବନେଶ୍ୱର, ୨୨।୪(କ୍ରୀଡ଼ା ପ୍ରତିନିଧି):** ଉଗାଣ୍ଡା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ କାମ୍ପାଲାସ୍ଥିତ ଲୁଗୋଗୋ ଇନ୍‌ଡୋର ଷ୍ଟାଡିୟମରେ ଚଳିତମାସ ୨୩ରୁ ୨୮ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ବିଶ୍ୱର ୧୮୦ ପ୍ରତିଯୋଗୀ ଭାଗ ନେଉଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଭାରତରୁ ୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ସେମାନଙ୍କ ମଧ୍ୟରେ ସାମିଲ ଅଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ନିକଟ ଅତୀତରେ ଆକର୍ଷଣୀୟ ପ୍ରଦର୍ଶନ କରି ଆସିଥିବା ପ୍ରମୋଦ ଉଗାଣ୍ଡା ପ୍ରତିଯୋଗୀତାରେ ମଧ୍ୟ ଭଲ ଖେଳିବେ ବୋଲି ଆଶାବାଦୀ ଅଛନ୍ତି।



ଦୋହାଠାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ସୋମବାର ଅନୁଷ୍ଠିତ ମହିଳା ୧୦୦ ମିଟର ରେସ୍ ଅବସରରେ ଓଡ଼ିଶାର ଦୂତୀ ଚାନ୍ଦ (ମଝି) ।

# ପୁଣି ଜାତୀୟ ରେକର୍ଡ ଭାଙ୍ଗିଲେ ଦୂତୀ

**ଭୁବନେଶ୍ୱର, ୨୨।୪(କ୍ରୀଡ଼ା ପ୍ରତିନିଧି)**

ଭାରତୀୟ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ଦୋହାଠାରେ ଚାଲିଥିବା ୨୩ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ କ୍ରମାଗତ ଦ୍ୱିତୀୟଥର ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ରବିବାର ପ୍ରଥମ ଦିବସରେ ଅନୁଷ୍ଠିତ ମହିଳା ୧୦୦ ମିଟର ହିଟ୍‌ରେ ୧୧.୨୮ ସେକେଣ୍ଡ ସମୟ ନେଇ ନିଜ ନାମରେ ଥିବା ଜାତୀୟ ରେକର୍ଡରେ ଉନ୍ନତି ଆଣିଥିବା

**ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍**

ଦୂତୀ ସୋମବାର ସେମିଫାଇନାଲରେ ୧୧.୨୬ ସେକେଣ୍ଡ ସମୟ ନେଇ ଏହାକୁ ଦ୍ୱିତୀୟଥର ଭାଙ୍ଗିଛନ୍ତି।

### ଫାଇନାଲରେ ପଞ୍ଚମ

ଫାଇନାଲରେ କିନ୍ତୁ ଏହି ପ୍ରଦର୍ଶନକୁ ଦୋହରାଇ ପାରିନାହାନ୍ତି ଦୂତୀ। ସେ ୧୧.୪୪ ସେକେଣ୍ଡ ସମୟ ନେଇ ୫ମ ସ୍ଥାନରେ ସନ୍ତୁଷ୍ଟ ରହିଛନ୍ତି। କାଜାଖସ୍ତାନର ଓଲ୍‌ଗା ସାଫ୍ରାନୋଭା ୧୧.୧୭ ସେକେଣ୍ଡ ସହ ସ୍ୱର୍ଣ୍ଣ, ଚାଇନାର ଲିଆଙ୍ଗ ଜିଆଓଜିଙ୍ଗ ୧୧.୨୮ ସେକେଣ୍ଡ ସହ ରୌପ୍ୟ ଏବଂ ସେହି ଦେଶର ୱେଇ ୟଙ୍ଗଲି ୧୧.୩୭ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଉଜବେକିସ୍ତାନର ନିଗିନା ଶାରିପୋଭା ୧୧.୪୧ ସେକେଣ୍ଡ ସମୟ ସହ ଦୂତୀଙ୍କ ଉପରକୁ ୪ର୍ଥ ସ୍ଥାନରେ ରହି ରେସ୍ ଫିନିଶ୍ କରିଛନ୍ତି। ଫାଇନାଲରେ ଭାଗ୍ୟ ପରୀକ୍ଷା କରିଥିବା ଅନ୍ୟ ପ୍ରତିଯୋଗୀଙ୍କ ମଧ୍ୟରେ ବାହାରିନର ଇମାନ ଜାସିମ ୧୧.୫୫, କିର୍ଗିଜସ୍ତାନର ଆନା ବୁଲାନୋଭା ୧୧.୬୧ ଓ ଥାଇଲାଣ୍ଡର ସୁପଓ୍ୱନ ଥିପଟ ୧୧.୬୪ ସେକେଣ୍ଡ ସମୟ ନେଇ ଯଥାକ୍ରମେ ୬ଷ୍ଠରୁ ୮ମ ସ୍ଥାନ ପାଇଛନ୍ତି।

୧୧.୨୪ ସେକେଣ୍ଡ ଯୋଗ୍ୟତା ପର୍ଯ୍ୟାୟ ଟାଇମିଂ ସ୍ପର୍ଶ କରିପାରି ନ ଥିବାରୁ ଦୂତୀ ଅଳ୍ପକେ ଆଗାମୀ ସେପ୍ଟେମ୍ବର–ଅକ୍ଟୋବରରେ ହେବାକୁଥିବା ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ପାଇପାରି ନାହାନ୍ତି। ଯାଜପୁର ଚକା ଗୋପାଳପୁରର ଦୂତୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୨୦୧୭ ଜୁନ୍ ୬ରୁ ୯ ପର୍ଯ୍ୟନ୍ତ ଅନୁଷ୍ଠିତ ୨୨ତମ ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୧୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଥିଲେ। ସେଠାରେ ଦୂତୀ ୧୧.୫୨ ସେକେଣ୍ଡ ସମୟ ନେଇଥିଲେ। ମାତ୍ର ଦୋହାରେ ୧୧.୪୪ ସେକେଣ୍ଡ ସମୟ ନେଇଥିଲେ ହେଁ ତାଙ୍କୁ ଖାଲି ହାତରେ ଫେରିବାକୁ ପଡ଼ିଛି।

### ପୂର୍ଣ୍ଣିମାଙ୍କ ଅଭିଯାନ ଆରମ୍ଭ

କାତାରର ଦୋହାଠାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଓଡ଼ିଶାର ପୂର୍ଣ୍ଣିମା ହେମ୍ବ୍ରମଙ୍କ ହେପ୍‌ଟାଥଲନ ଇଭେଣ୍ଟ ଆରମ୍ଭ ହୋଇଛି। ସୋମବାର ଦ୍ୱିତୀୟ ଦିବସରେ ପ୍ରଥମେ ଅନୁଷ୍ଠିତ ୧୦୦ ମିଟର ହର୍ଡଲ୍ସରେ ପୂର୍ଣ୍ଣିମା ୧୩.୭୯ ସେକେଣ୍ଡ ସମୟ ନେଇ ନିଜ ୧ ନମ୍ବର ହିଟ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଏଥିରୁ ତାଙ୍କୁ ୧୦୦୮ ପଏଣ୍ଟ ମିଳିଛି। ଏଥିରେ ଭାଗ ନେଇଥିବା ଭାରତର ସ୍ୱପ୍ନା ବର୍ମନ ୧୪.୦୦ ସେକେଣ୍ଡ ସମୟ ନେଇ ହିଟ୍–୨ରେ ତୃତୀୟ ସ୍ଥାନରେ ରହିଛନ୍ତି। ଫଳରେ ସେ ୯୭୮ ପଏଣ୍ଟ ହାସଲ କରିଛନ୍ତି। ହେପ୍‌ଟାଥଲନର ଦ୍ୱିତୀୟ ଇଭେଣ୍ଟ ହାଇଜମ୍ପରେ ପୂର୍ଣ୍ଣିମା ୧.୬୮ ମିଟର କ୍ଲିୟର କରି ୬ଷ୍ଠ ସ୍ଥାନ ପାଇଛନ୍ତି। ଏଥିରୁ ସେ ୮୩୦ ପଏଣ୍ଟ ପାଇଥିବାରୁ ତାଙ୍କର ମୋଟ ପଏଣ୍ଟ ସଂଖ୍ୟା ୧୮୩୮ରେ ପହଞ୍ଚିଛି। ଏହି ଇଭେଣ୍ଟରେ କିନ୍ତୁ ସ୍ୱପ୍ନା ବାଜିମାରି ୧.୮୩ ମିଟର କ୍ଲିୟର କରିବା ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଫଳରେ ତାଙ୍କୁ ଏଥିରୁ ୧୦୧୬ ପଏଣ୍ଟ ମିଳିଛି ଏବଂ ତାଙ୍କ ପଏଣ୍ଟ ସଂଖ୍ୟା ୧୯୯୪ ହୋଇଯାଇଛି।

### ଗୋମତିଙ୍କୁ ସ୍ୱର୍ଣ୍ଣ

ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସୋମବାର ଭାରତୀୟ ପ୍ରତିଯୋଗୀଙ୍କ ମଧ୍ୟରେ ଗୋମତି ମାରିମୁଥୁ ମହିଳା ୮୦୦ ମିଟର ଇଭେଣ୍ଟରେ ୨:୦୨.୭୦ ସେକେଣ୍ଡ ସମୟ ନେଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ଦଳଗତ ପ୍ରଦର୍ଶନକୁ ରିଡ୍‌ଙ୍କ ଗୁରୁତ୍ୱ



ଗ୍ରାହମ ରିଡ୍

**ବେଙ୍ଗାଲୁରୁ, ୨୨।୪ (ପି.ଟି.):** ଭାରତର ନବ ନିଯୁକ୍ତ ପୁରୁଷ ହକି ମୁଖ୍ୟ କୋଚ୍ ଗ୍ରାହମ ରିଡ୍ ଏଠାରେ ଚାଲିଥିବା ଜାତୀୟ କ୍ୟାମ୍ପରେ ସୋମବାର ତାଙ୍କ ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ସେ ଖେଳାଳିମାନଙ୍କୁ ଦଳଗତ ଓ ସଂଗଠିତ ଭାବେ ଖେଳିବାକୁ ପରାମର୍ଶ ଦେଇଛନ୍ତି। ଅଷ୍ଟ୍ରେଲିଆର ୫୪ ବର୍ଷୀୟ ରିଡ୍ ଏପ୍ରିଲ ୨୦ରେ ବେଙ୍ଗାଲୁରୁରେ ପହଞ୍ଚିବା ପରେ ସୋମବାର ପ୍ରଥମେ ସାଇ ସେଣ୍ଟରକୁ ଯାଇ ଖେଳାଳିମାନଙ୍କୁ ଭେଟିଛନ୍ତି। ପରସ୍ପର ମଧ୍ୟରେ ବିଶ୍ୱାସ ଓ ଉପଯୁକ୍ତ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ଏହି ଅବସରରେ ସେ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତିଭାସମ୍ପନ୍ନ ଖେଳାଳି ଉପଲବ୍ଧ ଥିବାରୁ ଭାରତୀୟ ହକିର ଭବିଷ୍ୟତ ନେଇ ରିଡ୍ ଆଶାବାଦୀ। ଅଷ୍ଟ୍ରେଲିଆ ଜାତୀୟ ଦଳର ପୂର୍ବତନ ଖେଳାଳି ରିଡ୍ କହିଛନ୍ତି, ସକାଳେ ଜାତୀୟ ଟ୍ରାଏଲର ଅଂଶବିଶେଷ ସ୍ୱରୂପ ଜୁନିୟର କୋର୍ ଗ୍ରୁପ୍‌ର ୩୩ ଖେଳାଳିଙ୍କ ପ୍ରଦର୍ଶନ ମୁଁ ଦେଖିଛି। ଭାରତରେ ଯଥେଷ୍ଟ ପ୍ରତିଭାସମ୍ପନ୍ନ ଖେଳାଳି ଉପଲବ୍ଧ ବୋଲି ଏଥିରୁ ମୋର ହୃଦୟଙ୍ଗମ ହୋଇଛି। ଭୁବନେଶ୍ୱରରେ ଜୁନ୍ ୬ରୁ ଆରମ୍ଭ ହେବାକୁଥିବା ଏଫ୍‌ଆଇଏଚ୍ ପୁରୁଷ ସିରିଜ ଫାଇନାଲ୍ସ ମୁଖ୍ୟ କୋଚ୍ ଭାବେ ରିଡ୍‌ଙ୍କ ପ୍ରଥମ ବଡ଼ ଦାୟିତ୍ୱ ହେବ। ଏହି ଟୁର୍ନାମେଣ୍ଟରେ ଏସିଆନ୍ ଚାମ୍ପିୟନ ଜାପାନ, ମେକ୍ସିକୋ, ପୋଲାଣ୍ଡ, ରୁଷିଆ, ଦକ୍ଷିଣ ଆଫ୍ରିକା, ଆମେରିକା ଓ ଉଜବେକିସ୍ତାନ ଦଳ ଅଂଶଗ୍ରହଣ କରିବେ। ଏହି ଇଭେଣ୍ଟ ପୂର୍ବରୁ ଦକ୍ଷତା ବୃଦ୍ଧି ପାଇଁ ଭାରତୀୟ ହକି ଦଳ ଅଷ୍ଟ୍ରେଲିଆ ଟୁର୍‌ରେ ଯିବ। ସେଠାରେ ଆୟୋଜକ ଦେଶ ସହ ମେ ୬ରୁ ୧୮ ପର୍ଯ୍ୟନ୍ତ ୪ ମ୍ୟାଚ ବିଶିଷ୍ଟ ସିରିଜ ଖେଳିବ। ଏହି ଟୁର୍‌ରେ ମୋତେ ଭାରତୀୟ ଖେଳାଳିଙ୍କ ବିଷୟରେ ଜାଣିବା ପାଇଁ ମୋତେ ଅଧିକ ସୁଯୋଗ ମିଳିବ। ସୂଚନାଯୋଗ୍ୟ, ହରେନ୍ଦ୍ର ସିଂ ବହିଷ୍କୃତ ହେବା ପରେ ମୁଖ୍ୟ କୋଚ୍ ପଦବୀ ୪ ମାସ ଖାଲିପଡ଼ିବା ପରେ ରିଡ୍‌ଙ୍କୁ ନିଯୁକ୍ତି ମିଳିଥିଲା। ସୂଚନାଯୋଗ୍ୟ, ରିଡ୍ ୨୦୧୪ରେ ଅଷ୍ଟ୍ରେଲିଆ ହକି ଦଳର କୋଚ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଦଳକୁ ସେ ସିରିଜ ଟାଇଟଲ ଜିତାଇଥିଲେ।



**ଦୋହା:** ଏସିଆନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ମହିଳା ୮୦୦ ମିଟର ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାପରେ ଖୁସି ମନାଉଛନ୍ତି ଭାରତର ଗୋମତି ମାରିମୁଥୁ।

# ଫୁଟ୍‌ବଲ ଦକ୍ଷତା ବିକାଶ ଶିବିର ୨୮ରୁ

**ଭୁବନେଶ୍ୱର, ୨୨।୪(ସ୍ପୋର୍ଟ୍ସ ବ୍ୟୁରୋ)**

ରାଜଧାନୀର ଅଗ୍ରଣୀ କ୍ଲବ ୟୁନିଟ୍–୬ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଗ୍ରୀଷ୍ମକାଳୀନ ଫୁଟ୍‌ବଲ ଦକ୍ଷତା ବିକାଶ ଶିବିର ଆୟୋଜିତ ହେବ। ଆସନ୍ତା ୨୮ରୁ ସ୍ଥାନୀୟ ହାଇସ୍କୁଲ ପଡ଼ିଆଠାରେ ୩ ସପ୍ତାହ ଧରି ଏହି ଶିବିର ହେବ ବୋଲି କ୍ଲବ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଶିବିର ପ୍ରତ୍ୟହ ସକାଳ ୬ଟା ୩୦ରୁ ଆରମ୍ଭ ହୋଇ ୯ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ୩ଟି ବର୍ଗରେ ଖେଳାଳିମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ୧୦ରୁ ୧୩ ବର୍ଷ, ୧୪ରୁ ୧୭ ବର୍ଷ ଓ ୧୮ରୁ ୨୨ ବର୍ଷ ଏହି ୩ଟି ବିଭାଗରେ ଖେଳାଳିମାନଙ୍କୁ ବିଭକ୍ତ କରାଯାଇଛି। ପ୍ରଶିକ୍ଷଣ ଶିବିରରେ ଯୋଗଦେବା ପାଇଁ କ୍ଲବ ଅନୁବନ୍ଧିତ ଫର୍ମ କରାଯାଇଛି। ଯେଉଁମାନେ ଏହି ଶିବିରରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ସେମାନେ ଫର୍ମଗୁଡ଼ିକ କର୍ମକର୍ତ୍ତାଙ୍କଠାରୁ ୨୬ ତାରିଖ ସକାଳ ୯ଟା ପର୍ଯ୍ୟନ୍ତ ପାଇପାରିବେ। ପ୍ରଶିକ୍ଷଣ ଶିବିରରେ ଖେଳାଳିମାନଙ୍କୁ ବିନାମୂଲ୍ୟରେ ଖେଳ ଉପକରଣ ଓ ଟିଫିନ୍ ପ୍ରଦାନ କରାଯିବ ବୋଲି ଆୟୋଜକ କ୍ଲବ ପକ୍ଷରୁ ନିଷ୍ପତ୍ତି ହୋଇଛି। ଯେଉଁ ଜୁନିୟର ଖେଳାଳି ଏଥିରେ ଭାଗନେବାକୁ ଆଗ୍ରହୀ ତାଙ୍କର ଅଭିଭାବକଙ୍କ ଅନୁମୋଦନ ଦରକାର। ପ୍ରଶିକ୍ଷଣ ଶିବିର ସମୟରେ ରାଜ୍ୟର ଖ୍ୟାତନାମା ଖେଳାଳିମାନେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବେ। ପ୍ରଶିକ୍ଷଣ ଶିବିର ପରିଚାଳନା ପାଇଁ ପ୍ରଫୁଲ୍ଲ କୁମାର ମିଶ୍ର (ସନ୍ତୋଷ ଟ୍ରଫି ଖେଳାଳି), ସୁଶାନ୍ତ ମହାନ୍ତି (ରେଫରୀ ଇନ୍‌ଷ୍ଟ୍ରକ୍ଟର), ସଞ୍ଜୀବ ପାଟସାହାଣୀ, ରାମେଶ୍ୱର ପାଢ଼ୀ, ସୁଦୀପ ଦାସ, ଆଶିଷ ପ୍ରଧାନ, ସୂର୍ଯ୍ୟ ପଟ୍ଟନାୟକ, ମହେଶ୍ୱର ସିଂଙ୍କୁ ନେଇ ଏକ ପରିଚାଳନା କମିଟି ଗଠନ କରାଯାଇଛି। ୟୁନିଟ୍–୬ ଆଥ୍‌ଲେଟିକ ଆସୋସିଏଶନ କ୍ଲବର ସଭାପତି ତପନ କୁମାରମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ସମ୍ପାଦକ ଦିଲୀପ ଦାସ, ଉପସଭାପତି ଅକ୍ଷୟ କୁମାର ଦାସ, ହୃଦୟରଞ୍ଜନ ବେହେରା, ଗିରିଜା ଶଙ୍କର ଦାସ, ମୁନା ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ପଦକ ନିଶ୍ଚିତ କଲେ କବିନ୍ଦର, ଅମିତ୍

**ବ୍ୟାଙ୍କକ୍, ୨୨।୪(ପି.ଟି.)**

ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ରେ ସୋମବାର ଭାରତୀୟ ବକ୍ସର କବିନ୍ଦର ସିଂ ବିଷ୍ଟ କାଜାଖସ୍ତାନର ଡିଫେଣ୍ଡିଂ ବିଶ୍ୱ ଚାମ୍ପିୟନ କାଇରାତ୍ ୟେରାଲିଏଭଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ୫୬ କିଗ୍ରା ବର୍ଗରେ କବିନ୍ଦର ଏହି ସଫଳତା ପାଇଛନ୍ତି। ସେହିଭଳି ଅମିତ୍ ପଙ୍ଘାଲ ୫୨ କିଗ୍ରା ବର୍ଗରେ ପ୍ରାକ୍ତନ ଅଲିମ୍ପିକ୍ ଚାମ୍ପିୟନ ଉଜବେକିସ୍ତାନର ହସାନବଏ ଡୁସମାଟୋଭଙ୍କୁ ୩–୨ରେ ମାତ୍ ଦେଇଛନ୍ତି। ପୂର୍ବରୁ ୱାର୍ଲ୍ଡ ଚାମ୍ପିୟନଶିପ୍ କ୍ୱାର୍ଟର ଫାଇନାଲରେ ଡୁସମାଟୋଭଙ୍କ ନିକଟରୁ ଅମିତ୍ ହାରିଥିଲେ। ବିଜୟ ସହ ଉଭୟ କବିନ୍ଦର ଓ ଅମିତ୍ ସେମିଫାଇନାଲରେ ପ୍ରବେଶ କରି ଭାରତ ପାଇଁ ପଦକ ନିଶ୍ଚିତ କରିଛନ୍ତି। ଫଳରେ କବିନ୍ଦରଙ୍କ ଏହା ପ୍ରଥମ ଏସିଆନ ଚାମ୍ପିୟନଶିପ୍ ପଦକ ହେବ। ଅପରପକ୍ଷରେ ମହିଳା ବର୍ଗରେ ବିଶ୍ୱ ରୌପ୍ୟ ପଦକ ବିଜୟିନୀ ସୋନିଆ ଚହଲ (୫୭ କିଗ୍ରା) ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେହିଭଳି ଜାତୀୟ ଚାମ୍ପିୟନ ଦୀପକ ସିଂ (୪୯ କିଗ୍ରା) ବିନା କୌଣସି ଲଢ଼େଇରେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ପ୍ରତିପକ୍ଷ ବକ୍ସର ଅଫଗାନିସ୍ତାନର ରମିଶ ରହମନି ଆଘାତଜନିତ ସମସ୍ୟା ଯୋଗୁ ଏହି ମ୍ୟାଚ୍‌ରୁ ଓହରି ଯାଇଥିଲେ। ଫଳରେ ଦୀପକଙ୍କୁ ୱାକଓଭର ମିଳିଥିଲା। ତେବେ ବିଶ୍ୱ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକ ବିଜୟିନୀ ଲଭଲିନା ବୋରଗୋହିନ (୬୯ କିଗ୍ରା) କ୍ୱାର୍ଟର ଫାଇନାଲରେ ତାଇୱାନର ଡିଫେଣ୍ଡିଂ ବିଶ୍ୱ ଚାମ୍ପିୟନ ଚେନ୍ ନିଚେନଙ୍କ ନିକଟରୁ ହାରି ବିଦାୟ ନେଇଛନ୍ତି।



ପ୍ରତିପକ୍ଷ ବକ୍ସରଙ୍କୁ ପଞ୍ଚ ମାରୁଛନ୍ତି ଭାରତର ଅମିତ ପଙ୍ଘାଲ (ନୀଳ ଜର୍ସି) ।



ବିଜୟ ହାସଲ ପରେ କଳିଙ୍ଗ ଫୁଟବଲ ଏକାଡେମୀର ଖେଳାଳିମାନେ।

# କଳିଙ୍ଗ ଫୁଟ୍‌ବଲ ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୨୨।୪ (କ୍ରୀଡ଼ା ପ୍ରତିନିଧି)**

ଯାଜପୁର କଳିଙ୍ଗ ନଗରସ୍ଥିତ କଳିଙ୍ଗ ଫୁଟବଲ ଏକାଡେମୀ (କେଏଫଏ) ପ୍ରଥମଥରପାଇଁ ୧୫ ବର୍ଷରୁ କମ୍ ହିରୋ ଆଇ–ଲିଗ୍ ଫୁଟବଲ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଛି। ଜାମସେଦପୁରଠାରେ ସୋମବାର ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଦଳ ଜାମସେଦପୁର ଫୁଟବଲ ଏକାଡେମୀ (ଜେଏଫସି)କୁ ୨–୧ ଗୋଲରେ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅବଦୁର ରହମନ ଓ ତୁଷାର ବାହାଦୂର ରଣା ଗୋଲ ଦେଇଥିଲେ। ଏହି ଦଳ ସୁପ୍ରସନ୍ନ ନାୟକ, ସୁଶାନ୍ତ ମହାନ୍ତି ଓ ଗୀତାଞ୍ଜଳି ଖୁଣ୍ଟିଆଙ୍କଦ୍ୱାରା ପ୍ରଶିକ୍ଷଣପ୍ରାପ୍ତ। ଟିମ୍ ମ୍ୟାନେଜରଭାବେ ସେଶୁକାନ୍ତ ଛେତ୍ରୀ ଦଳସହ ଯାତ୍ରା କରିଛନ୍ତି। କେଏଫଏ ଏହାର ପରବର୍ତ୍ତୀ ମ୍ୟାଚ ୨୪ରେ ଧାନବାଦ ଫୁଟବଲ ଏକାଡେମୀ (ଡିଏଫଏ) ବିପକ୍ଷରେ ଖେଳିବ। ଏଥିରେ ଭାଗ ନେଇଥିବା ଫାଓ ଏକାଡେମୀ କିନ୍ତୁ ନିଜର ପ୍ରଥମ ମ୍ୟାଚ ହାରି ଯାଇଛି। ଏହି ଦଳ ଧାନବାଦ ଫୁଟବଲ ଏକାଡେମୀଠାରୁ ୦–୩ ଗୋଲରେ ପରାସ୍ତ ହୋଇଛି। ୨୪ ତାରିଖରେ ଫାଓ ଏହାର ପରବର୍ତ୍ତୀ ମ୍ୟାଚରେ ଜାମସେଦପୁର ଏଫସିକୁ ଭେଟିବ।

### ଖେଳ ଦେଖାଇ ନ ଦେବାରୁ ଅଭିନେତ୍ରୀଙ୍କ ବିରୋଧରେ ଏତଲା

**ହାଇଦ୍ରାବାଦ, ୨୨।୪:** ସ୍ଥାନୀୟ ରାଜୀବ ଗାନ୍ଧୀ କ୍ରିକେଟ୍ ଷ୍ଟାଡିୟମ୍‌ଠାରେ କୋଲକାତା ନାଇଟ୍ ରାଇଡର୍ସ ଓ ସନରାଇଜର୍ସ ହାଇଦ୍ରାବାଦ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ଦର୍ଶକଙ୍କୁ ଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଛି। ଏଥି ନେଇ ଜଣେ ଟିଭିଆଙ୍କର ଚ. ପ୍ରଶାନ୍ତିଙ୍କ ସମେତ ୬ ଜଣଙ୍କ ନାମରେ ରାଚକୋଣ୍ଡା କମିଶନରେଟ୍ ଅପଲ ପୋଲିସ ଷ୍ଟେଶନରେ ମାମଲା ରୁଜୁ ହୋଇଛି। ୪୧ ବର୍ଷୀୟ ସନ୍ତୋଷ ଉପାଧ୍ୟାୟ ଦାୟର କରିଥିବା ମାମଲା ଅନୁଯାୟୀ, ଉକ୍ତ ଷ୍ଟାଡିୟମ୍‌ର ୨୨ ନଂ କର୍ପୋରେଟ ବକ୍ସରେ କିଛି ଲୋକେ ମଦ୍ୟପାନ କରି କରିଡୋର ସାମ୍ନାରେ ଛିଡ଼ା ହୋଇଥିଲେ। ବାରମ୍ବାର କହିବା ପରେ ସେମାନେ ତାଙ୍କୁ ଗାଳି ଦେବା ସହ ଧମକ ଦେଇଥିଲେ। ଏତଲାକୁ ଭିତ୍ତି କରି ପୋଲିସ କେ. ପୂର୍ଣ୍ଣିମା, କେ. ପ୍ରିୟା (ଉଭୟ ଛାତ୍ରୀ), ଚ. ପ୍ରଶାନ୍ତି (ତେଲୁଗୁ ଟିଭି ଅଭିନେତ୍ରୀ), ଭି. ଶ୍ରୀକାନ୍ତ ରେଡ୍ଡୀ, ଏଲ. ସୁରେଶ, ଜି. ଭେନୁ ଗୋପାଳଙ୍କ ବିରୋଧରେ ମାମଲା ରୁଜୁ କରିଛି।

ଧରିତ୍ରୀ
DHARITRI
ମଙ୍ଗଳବାର, ୨୩ ଏପ୍ରିଲ, ୨୦୧୯





ଆଇପିଏଲ୍‌ରେ ଆମ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନମାନେ ଭଲ ପ୍ରଦର୍ଶନ କରୁ ନ ଥିବାରୁ ଅନ୍ୟ ଖେଳାଳିଙ୍କ ଉପରେ ଚାପ ସୃଷ୍ଟି ହେଉଛି ।
-ମହେନ୍ଦ୍ର ସିଂ ଧୋନୀ, ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ



ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ରବିବାର ଆମ ଦଳ ବିପକ୍ଷରେ ଯେପରି ଖେଳିଲେ ତାହା ମନରେ ଆଶଙ୍କା ସୃଷ୍ଟି କରିଥିଲା ।
-ବିରାଟ କୋହଲି, ରୟାଲ ଚ୍ୟାଲେଞ୍ଜର୍ସ ଅଧିନାୟକ

### ଆଜିର ମ୍ୟାଚ



ଚେନ୍ନାଇ ସୁପର୍ କିଙ୍ଗ୍ସ
ବନାମ
ସନ୍‌ରାଇଜର୍ସ ହାଇଦ୍ରାବାଦ

ପ୍ରସାରଣ
ସ୍ଥାନ : ଚେନ୍ନାଇ
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ୩ ଜଣଙ୍କ ସାକ୍ଷାତ୍‌କାର ନେଲା ଟେକ୍‌ନିକାଲ କମିଟି

**ନୂଆଦିଲ୍ଲୀ, ୨୨।୪ (ପି.ଟି.):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍)ର ଟେକ୍‌ନିକାଲ ଡାଇରେକ୍ଟର ପଦବୀ ପାଇଁ ସୋମବାର ସଂକ୍ଷିପ୍ତ ତାଲିକାରେ ସ୍ଥାନ ପାଇଥିବା ୩ ଜଣଙ୍କର ସାକ୍ଷାତ୍‌କାର ନେଇଛି। ଚୂଡ଼ାନ୍ତ ନିଯୁକ୍ତି ପାଇଁ ୧,୨ ଓ ୩ ଅଗ୍ରାଧିକାର ଭିତ୍ତିରେ ଏହି ଏମାନଙ୍କ ନାମ କାର୍ଯ୍ୟନିର୍ବାହୀ କମିଟିକୁ ସୁପାରିସ କରିଛି। ଏହି ୩ ପ୍ରାର୍ଥୀ ହେଲେ ଜର୍ଜିଆର ଗେଓଜ ଡାର୍‌ସାଜେ, ରୋମାନିଆର ଡୋରୁ ଆଇଜାକ୍ ଏବଂ ପର୍ତ୍ତୁଗାଲ୍‌ର ଜର୍ଜ କାଷ୍ଟିଲୋ। ଏଆଇଏଫ୍ଏଫ୍ ଏହି ୩ଜଣଙ୍କ ସହିତ ସେମାନଙ୍କ ବେତନ ଓ ସର୍ତ୍ତାବଳୀ ନେଇ ଆଲୋଚନା ପରେ ଉପଯୁକ୍ତ ପାର୍ଥିଙ୍କୁ ବାଛିବ। ଭାରତର ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଟେକ୍‌ନିକାଲ କମିଟି ଚେୟାରମ୍ୟାନ ଶ୍ୟାମ ଥାପା ଏହି ବିଷୟ ସୂଚନା ଦେଇଛନ୍ତି। କୌତୂହଳର ବିଷୟ ହେଲା ଏଠାରେ ପହଞ୍ଚିବାପରେ ଭିଜାଗତ ସମସ୍ୟାର ସମ୍ମୁଖୀନ ହେବାରୁ ରୋମାନିଆର ଆଇଜାକ୍ ଇନ୍ଦିରାଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ସ୍କାଇପେ ଜରିଆରେ ସାକ୍ଷାତ୍‌କାର ଦେବାକୁ ପଡ଼ିଥିଲା। ଆଇଜାକ୍ ବର୍ତ୍ତମାନ ୟୋକୋହାମା ଏଫ୍ ମାରିନସର ସ୍ପୋର୍ଟିଂ ଡାଇରେକ୍ଟର ଭାବେ କାର୍ଯ୍ୟକରୁଛନ୍ତି। ଅନ୍ୟ ଦୁଇଜଣ ଭାରତ ନ ଆସି ସ୍କାଇପେ ଜରିଆରେ ସେମାନଙ୍କ ସାକ୍ଷାତ୍‌କାର ଦେଇଥିଲେ। ଟେକ୍‌ନିକାଲ କମିଟି ଏହି ୩ଜଣଙ୍କୁ ଅନେକ ପ୍ରଶ୍ନ ପଚାରିଥିଲା।

# ବାଙ୍ଗାଲୋର ୧ ରନରେ ବିଜୟୀ

**ବେଙ୍ଗାଲୁରୁ, ୨୨।୪**

ଧୋନୀ ଧମାକା ସତ୍ତ୍ୱେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ଅନୁଷ୍ଠିତ ମ୍ୟାଚରେ ୧ ରନରେ ଚେନ୍ନାଇ ସୁପରକିଙ୍ଗ୍ସକୁ ପରାସ୍ତ କରିଛି। ବାଙ୍ଗାଲୋର ପକ୍ଷରୁ ଧାର୍ଯ୍ୟ ୧୬୨ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଚେନ୍ନାଇ ୨୦ ଓଭରରେ ୮ ଉଇକେଟ ହରାଇ ୧୬୦ ରନ କରିବାକୁ ସକ୍ଷମ ହୋଇଥିଲା। ଶେଷ ଓଭରରୁ ବିଜୟ ପାଇଁ ୨୬ ରନ ଆବଶ୍ୟକ ହେଉଥିବାବେଳେ ଚେନ୍ନାଇ ୨୪ ରନରେ ସୀମିତ ରହିଥିଲା। ଏଥିସହ ବାଙ୍ଗାଲୋର ବିପକ୍ଷରେ ଚେନ୍ନାଇର କ୍ରମାଗତ ୭ ବିଜୟରେ ବ୍ରେକ୍ ଲାଗିଛି। ଅନ୍ୟପକ୍ଷରେ ୨୦୧୮ରେ ଆଇପିଏଲକୁ ପ୍ରତ୍ୟାବର୍ତ୍ତନ ପରେ ଚେନ୍ନାଇ ପ୍ରଥମଥରପାଇଁ କ୍ରମାଗତ ୨ଟି ମ୍ୟାଚରେ ପରାଜିତ ହୋଇଛି।

ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇ ଥିବା ଚେନ୍ନାଇ ପ୍ରଥମ ଓଭରରେ ଡବଲ ଝଟ୍‌କା ଖାଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଡେଲ୍ ଷ୍ଟେଇନ୍ ଇନିଂସର ଏବଂ ନିଜ ପ୍ରଥମ ଓଭରର ୫ ବଲ୍‌ରେ ଶେନ ୱାଟସନ(୫) ଓ ୬ଷ୍ଠ ବଲ୍‌ରେ ସୁରେଶ ରାଇନା(୦)ଙ୍କୁ ଆଉଟ କରି ରୟାଲ ଚ୍ୟାଲେଞ୍ଜର୍ସ ପାଇଁ ସୁଯୋଗ ସୃଷ୍ଟି କରିଥିଲେ। ଚେନ୍ନାଇକୁ ତୃତୀୟ ଝଟ୍‌କା ଦେଇଥିଲେ ଉମେଶ ଯାଦବ। ସେ ୪ର୍ଥ ଓଭରର ଅନ୍ତିମ ବଲ୍‌ରେ ଫାଫ୍ ଡୁପ୍ଲେସି(୫)ଙ୍କୁ ଆଉଟ କରିଥିଲେ। କେଦାର ଯାଦବ ମଧ୍ୟ ଏଠାରେ ସଫଳ ହୋଇ ନ ଥିଲେ। ସେ ୯ ବଲ୍‌ରୁ ୯ ରନ କରିଥିବାବେଳେ ଉମେଶଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଫଳରେ ଚେନ୍ନାଇ ସ୍କୋର ୫.୫ ଓଭରରେ ୨୮/୪ ହୋଇ ଯାଇଥିଲା। ଅମ୍ବାତି ରାୟୁଡୁଙ୍କ ସହ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ କ୍ରିଜରେ ଯୋଗଦେଇ ପ୍ରଥମେ ଇନିଂସ ଗଢ଼ିବାରେ ମନୋନିବେଶ କରିଥିଲେ। ଦୁହେଁ ୫ମ ଉଇକେଟରେ ୫୫ ରନର ଭାଗୀଦାରି ଗଢ଼ିବାପରେ ରାୟୁଡୁଙ୍କୁ ଆଉଟ କରି ରୟାଲ ଚ୍ୟାଲେଞ୍ଜର୍ସକୁ ବ୍ରେକ୍ ଥ୍ରୁ ଦେଇଥିଲେ ଯୁଜବେନ୍ଦ୍ର ଚହଲ। ରାୟୁଡୁ ୨୯ବଲ୍‌ରୁ ୨୯(୨ ଚୌକା, ୧ ଛକା) ରନ କରିଥିଲେ। ରବୀନ୍ଦ୍ର ଜାଡେଜା ୧୨ ବଲ୍‌ରୁ ୧୧ ରନ କରି ରନଆଉଟ ହେବାରୁ ଚେନ୍ନାଇ ୧୦୮ରେ ୬ଷ୍ଠ ଉଇକେଟ ହରାଇଥିଲା। ଧୋନୀ କିନ୍ତୁ ଲଢ଼ିଥିଲେ। ଶେଷ ୩ ଓଭରରୁ ୪୯ ରନ ଆବଶ୍ୟକ ହେଉଥିବାବେଳେ ଷ୍ଟେଇନଙ୍କ ୧୮ତମ ଓଭରରୁ ୧୩ ରନ ସଂଗ୍ରହ କରିଥିଲା ଚେନ୍ନାଇ। ୧୯ତମ ଓଭରରୁ ୧୦ ରନ ସଂଗ୍ରହ ହେବାରୁ ଅନ୍ତିମ ଓଭରରେ ୬ ବଲ୍‌ରୁ ବିଜୟ ପାଇଁ ୨୬ ରନ ଆବଶ୍ୟକ ଥିଲା। ଉମେଶ ଯାଦବଙ୍କ ପ୍ରଥମ ବଲ୍‌କୁ ଚୌକା, ଦ୍ୱିତୀୟ ବଲ୍‌କୁ ଛକା, ତୃତୀୟ ବଲ୍‌କୁ ଛକା, ୪ର୍ଥ ବଲ୍‌ରୁ ୨ ରନ ଏବଂ ୫ ବଲକୁ ଧୋନୀ ଛକା ମାରିବାରୁ ଶେଷ ବଲ୍‌ରୁ ମାତ୍ର ୨ ରନ ଆବଶ୍ୟକ କରୁଥିଲା। ମାତ୍ର ଉମେଶ ପକାଇଥିବା ସ୍ଲୋ ଲେଗ୍ କଟର ଧୋନୀଙ୍କ ବ୍ୟାଟ୍‌ରେ ବାଜି ନ ଥିଲା। ସିଙ୍ଗଲ୍ ରନ ନେଇ ମ୍ୟାଚକୁ ଟାଇ କରିବାକୁ ଉଦ୍ୟମ ଧୋନୀ ଉଦ୍ୟମ କରିଥିବାବେଳେ ପାର୍ଥିବ ପଟେଲଙ୍କ ଡାଇରେକ୍ଟ ଥ୍ରୋରେ ରନଆଉଟ ହୋଇଥିଲେ ଶାର୍ଦ୍ଦୁଳ ଠାକୁର। ଫଳରେ ଚେନ୍ନାଇ ଇନିଂସ ୨୦ ଓଭରରେ ୧୬୦/୮ରେ ଅଟକି ଯାଇଥିଲା। ୪୮ଟି ବଲ୍ ଖେଳିଥିବା ଧୋନୀ ୫ ଚୌକା ଓ ୭ ଛକା ସହାୟତାରେ ୮୪ ରନ କରି ଅପରାଜିତ ରହିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରୟାଲ ଚ୍ୟାଲେଞ୍ଜର୍ସ ମାତ୍ର ୧୧ ରନରେ ଅଧିନାୟକ ବିରାଟ କୋହଲିଙ୍କ ଉଇକେଟ ହରାଇ ଶକ୍ତ ଧକ୍କା ପାଇଥିଲା। କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲେ ହେଁ ବାଙ୍ଗାଲୋର ପାର୍ଥିବଙ୍କ ଅର୍ଦ୍ଧଶତକ ସହାୟତାରେ ୨୦ ଓଭରରେ ୭ ଉଇକେଟ ହରାଇ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା। ପାର୍ଥିବ ୩୭ ବଲ୍‌ରୁ ୨ ଚୌକା ଓ ୪ ଛକା ସହାୟତାରେ ଦ୍ରୁତ ୫୩ ରନ କରିଥିବାବେଳେ ମିଡଲ ଅର୍ଡରରେ ଆକାଶଦୀପ ନାଥ ୨୪(୨୦ ବଲ, ୧ ଚୌକା, ୧ ଛକା), ମାର୍କସ ଷ୍ଟୋଇନ୍ସ ୧୪(୧୩ ବଲ, ୧ ଛକା) ଓ ମୋଇନ ଅଲୀ ୨୬(୧୬ ବଲ, ୫ ଚୌକା) ରନର ଉପଯୋଗୀ ଇନିଂସ ଖେଳିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ ପାର୍ଥିବ ପଟେଲ ।

### ସଂକ୍ଷିପ୍ତ ସ୍କୋର

- ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୬୧/୭(ପାର୍ଥିବ-୫୩, ମୋଇନ-୨୬, ଡିଭିଲର୍ସ-୨୫, ଆକାଶଦୀପ-୨୪, ଚହର-୨/୨୫, ଜାଡେଜା-୨/୨୯, ବ୍ରାଭୋ-୨/୩୪, ତାହିର-୧/୩୧)।
- ଚେନ୍ନାଇ ସୁପରକିଙ୍ଗ୍ସ ୨୦ ଓଭରରେ ୧୬୦/୮(ଧୋନୀ-୮୪*, ରାୟୁଡୁ-୨୯, ଷ୍ଟେଇନ-୨/୨୯, ଉମେଶ-୨/୪୭, ସଇନୀ-୧/୨୪, ଚହଲ-୧/୨୪)।



ଜୟପୁରର ସୱାଇ ମାନସିଂହ ଷ୍ଟାଡ଼ିୟମ୍‌ରେ ସୋମବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଅପରାଜିତ ଶତକ ହାସଲ କରିଥିବା ରାଜସ୍ଥାନ ରୟାଲ୍ସର ଅଜିଙ୍କ୍ୟ ରାହାନେ।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନ ହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୧୦ | ୭ | ୩ | ୧୪ | ୦.୦୮୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୧୨ | ୦.୩୫୭ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୬ | ୪ | ୧୨ | ୦.୧୬୦ |
| ସନ୍‌ରାଇଜର୍ସ | ୯ | ୫ | ୪ | ୧୦ | ୦.୭୩୭ |
| କିଙ୍ଗ୍ସ ଇଲେଭେନ | ୧୦ | ୫ | ୫ | ୧୦ | -୦.୦୪୪ |
| ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | -୦.୦୧୩ |
| ରାଜସ୍ଥାନ ରୟାଲ୍ସ | ୯ | ୩ | ୬ | ୬ | -୦.୪୭୪ |
| ରୟାଲ ଚ୍ୟାଲେଞ୍ଜର୍ସ | ୧୦ | ୩ | ୭ | ୬ | -୦.୮୩୬ |

## ଆଇପିଏଲ୍ ଫାଇନାଲ ହାଇଦ୍ରାବାଦ୍‌କୁ ସ୍ଥାନାନ୍ତରିତ

**ନୂଆଦିଲ୍ଲୀ, ୨୨।୪(ପି.ଟି.)**

ଆଇପିଏଲ୍ ଦ୍ୱାଦଶ ସଂସ୍କରଣର ଫାଇନାଲ ମ୍ୟାଚ୍ ମେ ୧୨ରେ ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଖେଳାଯିବ। ପୂର୍ବରୁ ଫାଇନାଲ ଚେନ୍ନାଇର ଚେପକ୍ ଷ୍ଟାଡିୟମରେ ଖେଳାଯିବ ବୋଲି ସ୍ଥିର ହୋଇଥିଲା। କିନ୍ତୁ ଫାଇନାଲ ମ୍ୟାଚ୍ ଲାଗି ଚେପକ୍ ଷ୍ଟାଡିୟମର ଆଇ, ଜେ ଓ କେ ଷ୍ଟାଣ୍ଡକୁ ଖୋଲିବା ପାଇଁ ତାମିଲନାଡୁ କ୍ରିକେଟ୍ ଆସୋସିଏଶନ (ଟିଏନ୍‌ସିଏ)କୁ ସରକାର ଅନୁମତି ଦେଇନାହାନ୍ତି। ଫଳରେ ଫାଇନାଲ ମ୍ୟାଚ୍‌କୁ ସ୍ଥାନାନ୍ତରିତ କରିବା ଲାଗି ଶେଷରେ ନିଷ୍ପତ୍ତି ହୋଇଛି। 'ଟିଏନ୍‌ସିଏ ଆଇ, ଜେ ଓ କେ ଷ୍ଟାଣ୍ଡ୍ ଖୋଲିବା ଲାଗି ସରକାରଙ୍କଠାରୁ ଅନୁମତି ଆଣିବାରେ ବିଫଳ ହେବାରୁ ଆମେ ଫାଇନାଲ ମ୍ୟାଚ୍ ଚେନ୍ନାଇରୁ ହାଇଦ୍ରାବାଦ୍‌କୁ ସ୍ଥାନାନ୍ତରିତ କରିଛୁ' ବୋଲି ପ୍ରଶାସକ କମିଟିର ମୁଖ୍ୟ ବିନୋଦ ରାଇ ସୋମବାର ପିଟିଆଇକୁ କହିଛନ୍ତି। 'ନକ୍‌ଆଉଟ୍ ମ୍ୟାଚ୍‌ଠାରୁ ଗେଟ୍ ଟିକେଟ୍ ରାଶି ଉପରେ ବିସିସିଆଇ ଅଧିକାର ରହୁଛି। ଏହି ୩ଟି ଷ୍ଟାଣ୍ଡ ପାଇଁ ପାଖାପାଖି ୧୨ ହଜାର ଟିକେଟ୍ ଉପଲବ୍ଧ। ତେଣୁ ବିସିସିଆଇ କେତେ କୋଟି ଟଙ୍କା ଗେଟ୍ ଟିକେଟ୍ ରାଶିରୁ ହରାଇବାକୁ ଥିବାରୁ ଆମେ ଏଭଳି ନିଷ୍ପତ୍ତି ନେଇଛୁ। ଭାଇଜାଗ୍‌ରେ ଆମେ ୨ଟି ନକ୍‌ଆଉଟ୍ ମ୍ୟାଚ୍ ଆୟୋଜନ କରିବୁ' ବୋଲି ରାଇ ଏହି ଅବସରରେ କହିଛନ୍ତି। ୨୦୧୨ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମ୍ୟାଚ୍ ପରଠାରୁ ଏହି ୩ଟି ଷ୍ଟାଣ୍ଡକୁ ବନ୍ଦ କରିଦିଆଯାଇଛି। ଯଦି ନକ୍‌ଆଉଟ୍ ଟିକେଟ ରାଶି ଉପରେ ବିସିସିଆଇ ଅଧିକାର ରହୁଛି ତାହାଲେ ଚେନ୍ନାଇକୁ କାହିଁକି କ୍ୱାଲିଫାୟର-୧ ଆୟୋଜନ ଅଧିକାର ଦିଆଗଲାର ପ୍ରଶ୍ନରେ ରାଇ କହିଛନ୍ତି, ଚେନ୍ନାଇ ଯେହେତୁ ଡିଫେଣ୍ଡିଂ ଟିମ୍ ତେଣୁ ସେମାନଙ୍କୁ କ୍ୱାଲିଫାୟର-୧ ଓ ଫାଇନାଲ ମ୍ୟାଚ୍ ଆୟୋଜନ ଅଧିକାର ମିଳିଥିଲା। କିନ୍ତୁ ବର୍ତ୍ତମାନ ଯଦି ସେମାନେ ପଏଣ୍ଟ ଟେବୁଲରେ ଟପ୍-୨ରେ ରୁହନ୍ତି ତେବେ ସେଠାରୁ ସମସ୍ତ ନକ୍‌ଆଉଟ୍ ମ୍ୟାଚ୍ ସ୍ଥାନାନ୍ତର କରିବା ସମ୍ଭବପର ନୁହେଁ ବୋଲି ରାଇ ପ୍ରକାଶ କରିଛନ୍ତି।

ସାଧାରଣ ନିର୍ବାଚନ (ମେ ୬, ୮ ଓ ୧୦ ତାରିଖ) ଯୋଗୁ ହାଇଦ୍ରାବାଦ୍‌କୁ କେବଳ ଫାଇନାଲ ମ୍ୟାଚ୍ ଆୟୋଜନ ଲାଗି ସୁଯୋଗ ଦିଆଯାଇଛି। ପୂର୍ବରୁ ହାଇଦ୍ରାବାଦ୍‌ରେ ଏଲିମିନେଟର୍ (ମେ ୮) ଓ କ୍ୱାଲିଫାୟର-୨ (ମେ ୧୦) ଆୟୋଜନ ଅଧିକାର ପାଇଥିଲା। କିନ୍ତୁ ନିର୍ବାଚନ ଯୋଗୁ ଏହି ୨ଟି ମ୍ୟାଚ୍ ଏବେ ବିଶାଖାପାଟନମକୁ ସ୍ଥାନାନ୍ତରିତ ହୋଇଯାଇଛି। ସେହିଭଳି ଚେନ୍ନାଇରେ କ୍ୱାଲିଫାୟର-୧ ଖେଳାଯିବ। ଅପରପକ୍ଷରେ ୩ଟି ଟିମ୍‌କୁ ନେଇ ହେବାକୁ ଥିବା ମିନି ମହିଳା ଆଇପିଏଲ୍ ମେ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଜୟପୁରରେ ଅନୁଷ୍ଠିତ ହେବ।

### ଜୟପୁରରେ ମହିଳା ମିନି ଆଇପିଏଲ୍

## ଅଭ୍ୟାସ ଶିବିରରେ ଯୋଗଦେବେନି ସାକିବ

**ହାଇଦ୍ରାବାଦ, ୨୨।୪:** ଷ୍ଟାର ଅଲରାଉଣ୍ଡର ସାକିବ ଅଲ ହାସନ ତ୍ରିରାଷ୍ଟ୍ରୀୟ ସିରିଜ୍ ପୂର୍ବରୁ ହେବାକୁ ଥିବା ବାଂଲାଦେଶ ଅଭ୍ୟାସ ଶିବିରରେ ଯୋଗଦେବେ ନାହିଁ। ସେ ଆଇପିଏଲରେ ଖେଳିବା ପାଇଁ ଭାରତରେ ରହିବେ ବୋଲି ବିସିବି କ୍ରିକେଟ ଅପରେଶନ ଅଧକ୍ଷ ଆକ୍ରମ ଖାନ ସୋମବାର କହିଛନ୍ତି। ତାଙ୍କୁ ସନରାଇଜର୍ସ ହାଇଦ୍ରାବାଦ ଦଳରେ ନିୟମିତ ସ୍ଥାନ ମିଳୁନାହିଁ। ଏଣୁ ବିଶ୍ୱକପ୍ ପୂର୍ବରୁ ହେବାକୁ ଥିବା ଅଭ୍ୟାସ ଶିବିରରେ ସୋମବାରଠାରୁ ସାକିବ ଯୋଗଦେବା ନେଇ ଆଶା କରାଯାଉଥିଲା। ହେଲେ ସେ ଯୋଗଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଡେଭିଡ ୱାର୍ନର, ଜନି ବେୟାରଷ୍ଟୋ ଓ କେନ ୱିଲିୟମସନଙ୍କ ଉପସ୍ଥିତି ଯୋଗୁ ସେ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଉ ନ ଥିଲେ। କିନ୍ତୁ ଏବେ ବେୟାରଷ୍ଟୋ ସ୍ୱଦେଶ ଫେରିଥିବାରୁ ସାକିବଙ୍କୁ ଖେଳିବାକୁ ସୁଯୋଗ ମିଳିବାର ବିଶେଷ ସମ୍ଭାବନା ରହିଛି। ଏଥିଯୋଗୁ ସେ ଭାରତରେ ରହିବାକୁ ନିଷ୍ପତ୍ତି ନେଇଛନ୍ତି।

## ବିଜୟ ସହ ପ୍ଲେ-ଅଫ୍ ଲକ୍ଷ୍ୟରେ ସୁପର୍ କିଙ୍ଗ୍ସ



ଚେନ୍ନାଇ ବିମାନ ବନ୍ଦରରେ ପହଞ୍ଚିବା ପରେ ହରଭଜନ ସିଂ।

**ଚେନ୍ନାଇ, ୨୨।୪(ପି.ଟି.)**

ସ୍ଥାନୀୟ ଏମ୍.ଏ. ଚିଦାମ୍ବରମ ଷ୍ଟାଡିୟମରେ ମଙ୍ଗଳବାର ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଘରୋଇ ଚେନ୍ନାଇ ସୁପର୍ କିଙ୍ଗ୍ସକୁ ଭେଟିବ। ସୁପର୍ କିଙ୍ଗ୍ସ ବର୍ତ୍ତମାନ ସୁଦ୍ଧା ୧୦ ମ୍ୟାଚ୍‌ରୁ ୭ ବିଜୟ ସହ ୧୪ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଛି। ଆଉ ଗୋଟିଏ ବିଜୟ ହାସଲ କଲେ ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ପ୍ଲେ-ଅଫ୍‌ରେ ସ୍ଥାନ ପକ୍କା କରିବ। ଅପରପକ୍ଷରେ କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ସନ୍‌ରାଇଜର୍ସ ୯ ମ୍ୟାଚ୍‌ରୁ ୫ ବିଜୟ ଓ ୪ ପରାଜୟ ସହ ୧୦ ପଏଣ୍ଟ ପାଇଛି। ଫଳରେ ପ୍ଲେ-ଅଫ୍ ଦୃଷ୍ଟିରୁ ଏହି ମ୍ୟାଚ୍ ଉଭୟ ଦଳ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି।

ସୁପର୍ କିଙ୍ଗ୍ସର ଟପ୍-୩ ବ୍ୟାଟ୍ସମ୍ୟାନଙ୍କ ନୈରାଶ୍ୟଜନକ ପ୍ରଦର୍ଶନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଗତ ସିଜନର ହିରୋ ଶେନ୍ ୱାଟସନ (୧୪୭ ରନ), ଅମ୍ବାତି ରାୟୁଡୁ (୧୯୨ ରନ) ଓ ସୁରେଶ ରାଇନା (୨୦୭ ରନ) ପ୍ରମୁଖ ନିରାଶ କରିଛନ୍ତି। ଅଧିନାୟକ ଧୋନୀ ବର୍ତ୍ତମାନ ସୁଦ୍ଧା ୩୧୪ ରନ ସଂଗ୍ରହ କରିବା ସହ ମଧ୍ୟ ଓ ନିମ୍ନକ୍ରମରେ ଦଳର ଚାପ ସମ୍ଭାଳୁଛନ୍ତି। ରବିବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ଏହା ଦେଖିବାକୁ ମିଳିଥିଲା। ଶୀର୍ଷ ଭାଗରେ ୱାଟସନ, ଫାଫ୍ ଡୁ ପ୍ଲେସିସ ଓ ରାଇନା ନିରାଶ କରିଥିବାବେଳେ ଧୋନୀ ୪୮ ବଲରୁ ୮୪ ରନର ଅପରାଜିତ ଇନିଂସ ଖେଳିଥିଲେ ମଧ୍ୟ ଦଳକୁ ବିଜୟ କରାଇପାରି ନ ଥିଲେ। ବାଙ୍ଗାଲୋର ଏହି ମ୍ୟାଚ୍‌କୁ ୧ ରନରେ ଜିତିନେଇଥିଲା।

ଅପରପକ୍ଷରେ ଚେନ୍ନାଇ ଭଳି ହାଇଦ୍ରାବାଦ୍ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ନେଇ ଚିନ୍ତିତ। ଶୀର୍ଷ ଭାଗରେ ଡେଭିଡ୍ ୱାର୍ନର (୫୧୭ ରନ) ଓ ଜନି ବେୟାରଷ୍ଟୋ (୪୪୫ ରନ) ହିଁ ପ୍ରଭାବୀ ପ୍ରଦର୍ଶନ କରି ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

# ଆଫଗାନିସ୍ତାନ ଦଳରେ ହାସନ, ଅସଗର

**କାବୁଲ,୨୨।୪(ପି.ଟି.)**

ଆଇସିସି ବିଶ୍ୱକପ୍ ଲାଗି ସୋମବାର ୧୫ ଜଣିଆ ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ପୂର୍ବତନ ଅଧିନାୟକ ଅସଗର ଆଫଘାନ ଏବଂ ଦ୍ରୁତ ବୋଲର ହମିଦ ହାସନଙ୍କୁ ଦଳରେ ସ୍ଥାନ ଦିଆ ଯାଇଛି। ହାସନ ପ୍ରାୟ ଦୁଇ ବର୍ଷ ପରେ ଜାତୀୟ ଦଳକୁ ଫେରିଛନ୍ତି। ୩୧ ବର୍ଷୀୟ ପେସର ଅନ୍ତିମ ଥର ୨୦୧୭ରେ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ଶାପୁର ଜାଦ୍ରାନଙ୍କ ବଦଳରେ ତାଙ୍କୁ ସ୍ଥାନ ଦିଆଯାଇଛି। ତେବେ ସେ ଜଙ୍ଘରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ତାଙ୍କ ଫିଟ୍‌ନେସ ଉପରେ ନଜର ରଖା ଯାଇଛି। ଆଫଗାନିସ୍ତାନ ପକ୍ଷରୁ ହାସନ ୩୨ ଏକଦିବସୀୟ ମ୍ୟାଚରେ ପ୍ରତିନିଧିତ୍ୱ କରି ୫୬ ଉଇକେଟ ହାସଲ କରିଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଷ୍ଟାର ରଶିଦ ଖାଁ ଓ ମହମ୍ମଦ ନାବି ନିଜ ସ୍ଥାନ ବଜାୟ ରଖିଛନ୍ତି। ଗୁଲବଦ୍ଦିନ ନାଇବ୍ ଆଫଗାନିସ୍ତାନ ଦଳର ନେତୃତ୍ୱ ନେବେ। ଅନ୍ୟମାନଙ୍କ ମଧ୍ୟରେ ମହମ୍ମଦ ଶାହଜାଦ, ସ୍ପିନର ମୁଜିବ ଉର୍ ରହମନଙ୍କୁ ସ୍ଥାନ ମିଳିଛି। ଚଳିତ ମାସ ପ୍ରାରମ୍ଭରେ ଆଫଗାନଙ୍କୁ କ୍ରିକେଟର ସମସ୍ତ ଫର୍ମାଟ ଅଧିନାୟକ ପଦରୁ କାଢ଼ି ଦିଆଯାଇଥିଲା।

"ସୌଭାଗ୍ୟବଶତଃ ସିନିୟର ଟେଷ୍ଟ ଫାଷ୍ଟ ବୋଲର ହମିଦ ହାସନ ଦଳକୁ ଫେରିଛନ୍ତି। ଏହା ଏକ ଭଲ ଖବର। ତେବେ ଆଗାମୀ ଅଭ୍ୟାସ ମ୍ୟାଚରେ ଆମେ ତାଙ୍କ ଫର୍ମ ଓ ଫିଟ୍‌ନେସକୁ ପରଖିବୁ" ବୋଲି ଚୟନ କମିଟି ମୁଖ୍ୟ ଦୌଲତ ଖାଁ ଅହମଦଜାଇ ପ୍ରକାଶ କରିଛନ୍ତି। ମୁଖ୍ୟ ଚୟନକର୍ତ୍ତାଭାବେ ଶ୍ରେଷ୍ଠ ଦଳ ଚୟନ କରିବା ମୋ କର୍ତ୍ତବ୍ୟ। ଏଥିପାଇଁ ଆମକୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଛି। ସର୍ବୋପରି ଅଭିଜ୍ଞତା, ଫିଟ୍‌ନେସ, ଦଳୀୟ ସନ୍ତୁଳନ, ବର୍ତ୍ତମାନର ଫର୍ମ ଓ ଇଂଲଣ୍ଡ ପରିବେଶକୁ ଦୃଷ୍ଟିରେ ରଖି ଆମେ ଦଳ ଚୟନ କରିଛୁ ବୋଲି ସେ କହିଛନ୍ତି। ଇଂଲଣ୍ଡରେ ମେ ୩୦ରୁ ଆରମ୍ଭ ହେଉଥିବା ଏହି ମେଗା ଇଭେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରିବା ଆଫଗାନିସ୍ତାନର ଲକ୍ଷ୍ୟ ବୋଲି ଅହମଦଜାଇ କହିଛନ୍ତି। "ଆଇସିସି ବିଶ୍ୱକପ ପାଇଁ ୬ ମାସ ଧରି ପ୍ରସ୍ତୁତି ପ୍ରକ୍ରିୟା ଚାଲିଛି। ଟୁର୍ନାମେଣ୍ଟରେ ପ୍ରେରଣାଦାୟକ ପ୍ରଦର୍ଶନ ଆମର ଲକ୍ଷ୍ୟ। ସେଠାରେ ଶ୍ରେଷ୍ଠ ଦଳ ଗୁଡ଼ିକର ଉପସ୍ଥିତି ଆମେ ଜାଣିଛୁ। ତେବେ ଆମେ ଆମର ଶ୍ରେଷ୍ଠ ପ୍ରଦର୍ଶନ କରି ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱ ଦେବୁ" ବୋଲି ସେ ପ୍ରକାଶ କରିଛନ୍ତି। ଇକ୍ରାମ ଅଲିଖିଲ, କରିମ ଜନତ, ସୟଦ ଶିରଜାଦ ରିଜର୍ଭ ଖେଳାଳିଭାବେ ଇଂଲଣ୍ଡ ଯାତ୍ରା କରିବେ।

ଆଇସିସି ବିଶ୍ୱକପ
ଆଉ ୩୭ ଦିନ





ଅସଗର ଅଫଗାନ ଓ ହମିଦ ହାସନ।

### ଆଫଗାନିସ୍ତାନ ଦଳ

ଗୁଲବଦିନ ନାଇବ (ଅଧିନାୟକ), ମହମ୍ମଦ ଶାହଜାଦ (ଉଇକେଟ କିପର), ନୁର ଅଲି ଜାଦ୍ରାନ, ହାଜ୍ରାତୁଲ୍ଲା ଜାଜାଇ, ରହମତ ଶାହ, ଅସଗର ଅଫଗାନ, ହଶମତୁଲ୍ଲା ଶାହିଦି, ନଜିବୁଲ୍ଲା ଜାଦ୍ରାନ, ସାମିଉଲ୍ଲା ଶିନୱାରୀ, ମହମ୍ମଦ ନବି, ରଶିଦ ଖାଁ, ଦୌଲତ ଜାଦ୍ରାନ, ଅଫତାବ ଅଲାମ, ହମିଦ ହାସନ ଓ ମୁଜିବ ଉର ରହମନ।

## ଧୋନୀଙ୍କ ଡବଲ ରେକର୍ଡ

**ବେଙ୍ଗାଲୁରୁ, ୨୨।୪:** ଚେନ୍ନାଇ ସୁପର କିଙ୍ଗ୍ସ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଡବଲ ରେକର୍ଡର ଅଧିକାରୀ ହୋଇଛନ୍ତି। ଏଠାରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଧୋନୀ ୪୮ ବଲରୁ ଅପରାଜିତ ୮୪ ରନ୍ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ସର୍ବାଧିକ ସ୍କୋର। ତାଙ୍କର ଏହି ବିସ୍ଫୋରକ ଇନିଂସରେ ୭ଟି ବିଶାଳ ଛକା ସାମିଲ ଥିଲା। ଏହା ହେଉଛି ଆଇପିଏଲର କୌଣସି ମ୍ୟାଚ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନ ଲଗାଇଥିବା ସର୍ବାଧିକ ସଂଖ୍ୟକ ଛକା। ଏଥିସହ ଆଇପିଏଲ ଇତିହାସରେ ଧୋନୀ ପ୍ରଥମ ଭାରତୀୟ ବ୍ୟାଟ୍ସମ୍ୟାନ ଭାବେ ୨୦୦ ଛକା ଲଗାଇଛନ୍ତି। ଆଇପିଏଲରେ ତାଙ୍କ ଛକା ସଂଖ୍ୟା ଏବେ ୨୦୩ରେ ପହଞ୍ଚିଛି। ସେ ବର୍ତ୍ତମାନ ସର୍ବକାଳୀନ ତାଲିକାରେ କେବଳ କ୍ରିସ୍ ଗେଲ୍ (୩୨୩) ଓ ଏବି ଡି'ଭିଲର୍ସ (୨୦୪)ଙ୍କ ପଛକୁ ରହିଛନ୍ତି। ଏହାବାଦ୍ ଧୋନୀ ଆଇପିଏଲ ଇତିହାସରେ ପ୍ରଥମ ଅଧିନାୟକ ଭାବେ ୪,୦୦୦ ରନ୍ ପୂରଣ କରିଛନ୍ତି।

## ୧୧୧ ମିଟର ଲମ୍ବା ଛକା

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚ୍‌ରେ ଅଧିନାୟକ ଧୋନୀ ୪୮ ବଲରୁ ୭ ଛକା ସହାୟତାରେ ୮୪ ରନ୍ କରିଥିଲେ। ଅନ୍ତିମ ଓଭର ବୋଲିଂ କରୁଥିବା ଉମେଶ ଯାଦବଙ୍କ ଦ୍ୱିତୀୟ ବଲକୁ ଧୋନୀ ମିଡ୍ ଅନ୍ ଅଞ୍ଚଳକୁ ୧୧୧ ମିଟର ଲମ୍ବା ଛକା ଲଗାଇଥିଲେ। ଚଳିତ ସିଜନରେ ଏ ପର୍ଯ୍ୟନ୍ତ ଏହା ସବୁଠୁ ଲମ୍ବା ଛକା ସାବ୍ୟସ୍ତ ହୋଇଛି। ବୃହତ୍ ଛକା ଲଗାଇବାରେ ଧୋନୀଙ୍କ ପଛକୁ ହାର୍ଦ୍ଦିକ ପାଣ୍ଡ୍ୟା (୧୦୪ ମି.), କ୍ରିସ ଲିନ (୧୦୨ ମି.) ଓ କ୍ରିସ୍ ଗେଲ (୧୦୧ମି.) ରହିଛନ୍ତି।

# ଜଳିଗଲା କୁକୁଡ଼ା ଫାର୍ମ

ଏରସମା,୨୨।୪(ସ୍ୱ.ପ୍ର.)

ଏରସମା ବ୍ଲକ ସଦରମହକୁମାସ୍ଥିତ ମାଛ ମାର୍କେଟରେ ଥିବା ରେଣୁବାଳା ମହାପାତ୍ରଙ୍କ କୁକୁଡା ଫାର୍ମରେ ରବିବାର ରାତିରେ ନିଆଁ ଲାଗି ଯିବାରୁ ତାହା ଜଳିଯାଇଛି। ରାତି ୩ଟାରେ ହଠାତ କୁକୁଡା ଫାର୍ମ ଜଳୁଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ପାଟି ଶୁଣି ସ୍ଥାନୀୟ ଲୋକେ ଆସି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଖବର ପାଇ ଏରସମା ଦମକଳ ବାହିନୀ କର୍ମୀଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଏଥିରେ ବିଳମ୍ବ ଘଟିବାରୁ ଫାର୍ମଟି ସମ୍ପୂର୍ଣ୍ଣ ଜଳିଯାଇଛି। କିଛି କୁକୁଡା ଜଳିଯାଇଥିବା ଜଣାପଡିଛି।



ଜଳିଯାଇଥିବା କୁକୁଡ଼ା ଫାର୍ମ।

## ■ ଜଗତ୍‌ସିଂହପୁରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ସଭା

# ପୁରୁଣା ଭାଷଣ ଦୋହରାଇଲେ

ଜଗତ୍‌ସିଂହପୁର ଅଫିସ,୨୨।୪

ଆସନ୍ତା ୨୯ ତାରିଖରେ ଜଗତ୍‌ସିଂହପୁର ଜିଲାରେ ନିର୍ବାଚନ ହେବ। ତେଣୁ ଜିଲାରେ ରାଜନୈତିକ ପରିବେଶ ସରଗରମ ହୋଇଛି। ସୋମବାର ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବାକୁ ପ୍ରଚାର କରିବା ପାଇଁ ଜଗତ୍‌ସିଂହପୁର ଗସ୍ତରେ ଆସିଥିଲେ। କିନ୍ତୁ ତାଙ୍କ ଭାଷଣରେ ସେଭଳି କୌଣସି ନୂତନତ୍ୱ ନ ଥିଲା। ବିଭିନ୍ନ ଜିଲାରେ ଦେଉଥିବା ଭାଷଣକୁ ଏଠାରେ ଦୋହରାଇଥିଲେ। ତେବେ ଦୁଃଖର କଥା ହେଲା ଡାକବାଜି ଯନ୍ତ୍ରର ଆକସ୍ମିକ ତ୍ରୁଟି ଯୋଗୁ ମୁଖ୍ୟମନ୍ତ୍ରୀ କ'ଣ କହିଲେ ତାହା କିଛି ସମୟ ପାଇଁ ଶୁଭି ନ ଥିଲା। ଯେଉଁଥିପାଇଁ ପ୍ରବଳ ଖରା ସତ୍ତ୍ୱେ ଉତ୍ସାହର ସହ ଅପେକ୍ଷାରତ ଦଳୀୟ କର୍ମୀ ନିରୁତ୍ସାହିତ ହୋଇଥିଲେ। ସୌଭାଗ୍ୟ ଆରମ୍ଭ ଓ ଶେଷ ଆଡକୁ ଡାକବାଜି ଯନ୍ତ୍ର ସ୍ୱାଭାବିକ ଥିବାରୁ ଅସନ୍ତୋଷ ପ୍ରଶମିତ ହୋଇଥିଲା। ହେଲେ କାର୍ଯ୍ୟକ୍ରମ ଶେଷରେ ଦଳୀୟ କର୍ମୀଙ୍କ ଭିତରେ ମାରପିଟ୍ ନିଆରା ପରିବେଶ ସୃଷ୍ଟି କରିଥିଲା। ନାଉଗାଁ ଅଞ୍ଚଳର କେତେଜଣଙ୍କୁ ଜଗତ୍‌ସିଂହପୁରର ଏକାଧିକ ଯୁବକ ଓ ଛାତ୍ର ଆକ୍ରମଣ କରିଥିଲେ। ଏହି ଘଟଣାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଚାପା ଉତ୍ତେଜନା ପ୍ରକାଶ ପାଇଛି।

ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ମୁଖ୍ୟମନ୍ତ୍ରୀ ଅପରାହ୍ନ ପ୍ରାୟ ୧ଟାରେ ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ ହେଲିକପ୍ଟର ଯୋଗେ ପହଞ୍ଚିଥିଲେ। ତାଙ୍କୁ ସ୍ୱାଗତ କରାଯାଇ ଏହି ପରିସରରେ କରାଯାଇଥିବା ମଞ୍ଚ ପର୍ଯ୍ୟନ୍ତ ନିଆଯାଇଥିଲା। ସେଠାରେ ପହଞ୍ଚିବାପରେ ମୁଖ୍ୟମନ୍ତ୍ରୀ ଜୟ ଜଗନ୍ନାଥରୁ ତାଙ୍କ ଭାଷଣ ଆରମ୍ଭ କରିଥିଲେ। ପରେ କହିଥିଲେ, ଆପଣମାନେ ଖୁସି ତ? ମୁଁ ବି ବହୁତ ଖୁସି। ଏହି ସମୟରେ ଦଳୀୟ ନେତା ଓ କର୍ମୀଙ୍କ ମଧ୍ୟରେ ହାସ୍ୟରୋଳ ପରିବେଶ ସୃଷ୍ଟି ହୋଇଥିଲା। ବିଶେଷକରି ଯୁବକମାନେ ଉତ୍ସାହିତ ହୋଇ ପଡିଥିଲେ। ଏହାପରେ କାଳିଆ ଯୋଜନା ବନ୍ଦ ପାଇଁ ଭାଜପା ଉଦ୍ୟମ କରୁଥିବା କହିବା ସହ ଏହାକୁ କେହି ବନ୍ଦ କରିପାରିବେ ନାହିଁ ବୋଲି ସ୍ପଷ୍ଟ କରିଥିଲେ। ନିର୍ବାଚନ ଆସିଲେ କେନ୍ଦ୍ରୀୟ ନେତାମାନେ ଓଡ଼ିଶା ଆସନ୍ତି। ଅନ୍ୟ ସମୟରେ ଆସନ୍ତି ନାହିଁ। ଫାଇଲିନ୍, ହୁଡ୍‌ହୁଡ୍ ଆଦି ଅନେକ ପ୍ରାକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ନେତାମାନେ ଓଡ଼ିଶା ଆସିବାରେ ବିଳମ୍ବ କରିଛନ୍ତି। ଏବେ ଭୋଟ ହାତେଇବା ପାଇଁ ଲୋକଙ୍କୁ ଭୁଆଁ ବୁଲାଉଥିବା ନବୀନ କହିଥିଲେ। ତେବେ ଏହି ଭାଷଣ ଚାଲିଥିବା ବେଳେ ହଠାତ୍ ଡାକବାଜି ଯନ୍ତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଥିଲା। କିଛି ନ ଶୁଭିବାରୁ ବିଜେଡି କର୍ମୀମାନେ ହୋ ହଲ୍ଲା କରିଥିଲେ। ତେବେ ଶେଷ ଆଡକୁ ଭାଜପାର ମୁଖ୍ୟ ଏଜେଣ୍ଡା ଗୁଣ୍ଡାଗିରି ବୋଲି କହି ନବୀନ ସମାଲୋଚନା କରିଥିଲେ। ଭୋଟରଙ୍କୁ ମନାଇବା ପାଇଁ କହିଥିଲେ ୪.୫ କୋଟି ଓଡ଼ିଶାବାସୀ ମୋ ପରିବାର। ମୁଁ ମରିବା ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା କରିବି। ତେଣୁ ମୋତେ ଆଶୀର୍ବାଦ କରନ୍ତୁ। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ଦଳୀୟ ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରାନ୍ତୁ ବୋଲି ନବୀନ ନିବେଦନ କରିଥିଲେ। ଆୟୋଜିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଭୂପିନ୍ଦର ସିଂହ, ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ପ୍ରାର୍ଥୀ ପ୍ରଶାନ୍ତ କୁମାର ମୁଦୁଲି, ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକ ଓ ଦଳ ଜିଲା ସଭାପତି ଅମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।



ଜଗତ୍‌ସିଂହପୁରରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

## ■ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ି ଅଟକାଇବାକୁ ଚାଷୀଙ୍କ ଉଦ୍ୟମ

# ୩ ଗିରଫ, ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଲା ପୋଲିସ

ଜଗତ୍‌ସିଂହପୁର ଅଫିସ,୨୨।୪

ସୋମବାର ଅପରାହ୍ନ ପ୍ରାୟ ୩ଟା୩୦ରେ ଜଗତ୍‌ସିଂହପୁର କଲେଜ ଛକ ନିକଟରେ ଅଭାବନୀୟ ଘଟଣା ଘଟିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗାଡ଼ିକୁ ନବ ନିର୍ମାଣ କୃଷକ ସଙ୍ଗଠନର କର୍ମୀ ଅଟକାଇବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ପୋଲିସ ସହ ସେମାନଙ୍କ ମଧ୍ୟରେ ଠେଲାପେଲା ହୋଇଥିଲେ ସୁଦ୍ଧା କିଛି ଅଘଟଣ ଘଟି ନ ଥିଲା। ତେବେ ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଗିରଫ କରିଥିଲା। ସେମାନେ ହେଲେ ସଙ୍ଗଠନ ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଘନଶ୍ୟାମ ମହାନ୍ତି ଓ ଜଗତ୍‌ସିଂହପୁର ବ୍ଲକ ସହ ସଂଯୋଜକ ପ୍ରମୋଦ ଦାଶ। ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡି ଦିଆଯାଇଥିବା ଜଗତ୍‌ସିଂହପୁର ଆଇଆଇସି ରଜନୀକାନ୍ତ ମିଶ୍ର ସୂଚନା ଦେଇଛନ୍ତି। ସଙ୍ଗଠନ ଜିଲା ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ କହିଛନ୍ତି, ରାଜଧାନୀରେ ଚାଷୀଙ୍କୁ ଆନ୍ଦୋଳନ ସୁଯୋଗ ଦିଆଯାଉନାହିଁ। ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନ୍‌ସନ୍ ଦାବିରେ ସଙ୍ଗଠନ ବର୍ଷାଧିକ କାଳ ହେବ ଆନ୍ଦୋଳନ କରି ଆସୁଛି। କିନ୍ତୁ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ଏହି ସମସ୍ୟା ପ୍ରତି ଆଦୌ ଚିନ୍ତିତ ନୁହନ୍ତି। ତେଣୁ ଚାଷୀ ତାଙ୍କୁ ବିରୋଧ କରିବା ଯୁକ୍ତିଯୁକ୍ତ। ମୁଖ୍ୟମନ୍ତ୍ରୀ ନିର୍ବାଚନୀ ସଭାରେ ଯୋଗଦେଇ ମଧ୍ୟାହ୍ନ ଭୋଜନ ପାଇଁ ସର୍କିଟ୍ ହାଉସକୁ ଯାଇଥିଲେ। ଫେରିଲା ବେଳକୁ ସଙ୍ଗଠନ କର୍ମୀମାନେ ତାଙ୍କ କାର ଅଟକାଇବାକୁ ଚେଷ୍ଟା କରି ରାସ୍ତାରେ ଶୋଇ ପଡିଥିଲେ। ପୋଲିସ ସେମାନଙ୍କୁ ରାସ୍ତାରୁ ହଟାଇ ମୁଖ୍ୟମନ୍ତ୍ରୀଙ୍କୁ ଷ୍ଟାଡିୟମ ପର୍ଯ୍ୟନ୍ତ ଯିବା ବ୍ୟବସ୍ଥା କରିଥିଲା। ପରେ ମୁଖ୍ୟମନ୍ତ୍ରୀ ସେଠାରୁ ହେଲିକପ୍ଟର ଯୋଗେ ରାହାମା ଯାଇଥିଲେ।

## ବଜ୍ରପାତରେ ୪ମଇଁଷି ମୃତ

ରଘୁନାଥପୁର, ୨୨।୪(ଡି.ଏନ୍.ଏ.): କିଶୋରନଗର ତହସିଲ ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତ ମୁଗୁରିଆ ଗ୍ରାମ ନିକଟରେ ବଜ୍ରପାତ ଘଟି ଖତୁ ଦାସଙ୍କ ୪ମଇଁଷିଙ୍କ ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ପ୍ରତ୍ୟେକଦିନ ପରି ମଇଁଷି ପଲ ସ୍ଥାନୀୟ ସୁକ ପାଇକା ଶଯ୍ୟାରେ ବନ୍ଧା ହୋଇଥାନ୍ତି। ହଠାତ ରବିବାର ରାତି ପ୍ରାୟ ୯ଟାରେ କାଳବୈଶାଖୀ ପବନ ବର୍ଷା ହେବା ସହ ବଜ୍ରପାତ ଘଟି ୪ମଇଁଷିଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ସୋମବାର ଭିଏସ୍ ପହଞ୍ଚି ମଇଁଷିଙ୍କ ବ୍ୟବଚ୍ଛେଦ କରିଛନ୍ତି। ମଇଁଷି ପାଳୁଥିବା ଦାସଙ୍କୁ ସରକାରୀ ସହାୟତା ଯୋଗାଇଦବା ପାଇଁ ଦ୍ୱୀପାଞ୍ଚଳ ଉନ୍ନୟନ ପରିଷଦର ଅଧକ୍ଷ ପୀତାମ୍ବର ପରିଜା ଓ ସ୍ଥାନୀୟ ଗ୍ରାମବାସୀ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି।

## ଶପିଂ ମଲ୍‌ରେ ଯୁବତୀଙ୍କୁ ଦୁର୍ବ୍ୟବାହାର ଅଭିଯୋଗ

ପାରାଦୀପ,୨୨।୪(ସ୍ୱ.ପ୍ର.): ପାରାଦୀପ ଇଫ୍‌କୋ ଛକରେ ଥିବା ଏକ ଶପିଂ ମଲରେ ସୋମବାର କେତେଜଣ ଯୁବକ ପଶି ସେଠାରେ କାମ କରୁଥିବା ଯୁବତୀଙ୍କୁ ଅଶାଳୀନ ବ୍ୟବହାର କରିଥିବା ପାରାଦୀପ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏଥିସହ ସେଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରୁଛି। ୨ରୁ୩ ଯୁବକ ମଲ୍‌ରେ ପଶି ଯୁବତୀଙ୍କୁ ଅଶ୍ଲୀଳ ଆଚରଣ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଖବର ଲେଖାହେବାବେଳକୁ ମାମଲା ରୁଜୁ ହୋଇ ନ ଥିଲା।













3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## କୃଷ୍ଣପ୍ରସାଦରେ ଅଶାନ୍ତ ସମୁଦ୍ର

### ଲଘୁଂଛି କୂଳ, ଭାଙ୍ଗୁଛି ଡଙ୍ଗା

**କୃଷ୍ଣପ୍ରସାଦ,୨୨।୪(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳ ରାମଲଙ୍କା ନିକଟସ୍ଥ ବଙ୍ଗୋପସାଗର କିଛିଦିନ ହେବ ଅଶାନ୍ତ ହୋଇପଡିଛି। ଦିନକୁ ଦିନ ଢେଉ ବୃଦ୍ଧି ପାଇ କୂଳ ଲଙ୍ଘିବାରେ ଲାଗିଛି। କୂଳ ଲଙ୍ଘନ ଯୋଗୁ ରାମଲଙ୍କା ନୋଳିଆପାଟଣା ଗ୍ରାମର ୯ ଜଣ ମତ୍ସ୍ୟଜୀବୀଙ୍କ ଡଙ୍ଗା (ଟିପା) ସମୁଦ୍ର ମଧ୍ୟକୁ ଚାଲିଯାଇଥିଲା। ସେଥିମଧ୍ୟରୁ ଜେ.ମଙ୍ଗଳା, ଗଣ୍ଡିଆ ବୈରାଗୀ ଏବଂ ଏଲିଗାଙ୍କ ବାଲି ଉପରେ ଥିବା ଡଙ୍ଗା କୂଳ ଖାଇଯିବା ଯୋଗୁ ସମୁଦ୍ର ମଧ୍ୟକୁ ପଶି ଭାଙ୍ଗି ନଷ୍ଟ ହୋଇଯାଇଛି। ସେହିଭଳି ଏହି ଗ୍ରାମର ଏସ୍. ନରସିଂହ, ଜି. କହ୍ନେଇ, ଜି. ଗଗନ, ଜେ.ରାଜେନ୍ଦ୍ର, କେ. କହ୍ନେଇ ଓ ଏସ୍. କ୍ରିଷ୍ଣାଙ୍କ ଡଙ୍ଗା ମଧ୍ୟ ସମୁଦ୍ର ଭିତରକୁ ପଶିଆସିଥିଲା। ଖବର ପାଇ ସେମାନେ ନିଜ ନିଜ ଡଙ୍ଗାକୁ ଉଦ୍ଧାର କରି ଆଣିଛନ୍ତି। ତେବେ ଭାଙ୍ଗି ଯାଇଥିବା ଗୋଟିଏ ଗୋଟିଏ ଡଙ୍ଗାର ମୂଲ୍ୟ ଆନୁମାନିକ ୫୦ ହଜାର ହେବ ବୋଲି ସ୍ଥାନୀୟ ମତ୍ସ୍ୟଜୀବୀ କହିଛନ୍ତି। ମତ୍ସ୍ୟଜୀବୀମାନେ ଡଙ୍ଗା ଯୋଗେ ସମୁଦ୍ର ମଧ୍ୟକୁ ଯାଇ ମାଛ, କଙ୍କଡ଼ା, ଚିଙ୍ଗୁଡ଼ି ଆଦି ଆଣି ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଏବେ ସେମାନଙ୍କ ଜୀବିକା ନେଇ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ। ଏ ଘଟଣା ନେଇ ମତ୍ସ୍ୟଜୀବୀମାନେ ପୁରୀ ଜିଲା ମୁଖ୍ୟ ମତ୍ସ୍ୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜେନ୍ଦ୍ର ବେହେରା ନାମକ ଜନୈକ ଗ୍ରାମବାସୀ କହିଛନ୍ତି ଯେ, ସମୁଦ୍ର ଯେଉଁଭଳି ଭାବେ କୂଳ ଖାଉଛି ସରକାର ଦୃଷ୍ଟି ନ ଦେଲେ କୃଷ୍ଣପ୍ରସାଦ ବ୍ଲକସ୍ଥ ବହୁ ଗ୍ରାମ ସମୁଦ୍ରରେ ଲୀନ ହୋଇପାରେ! ତେବେ ବର୍ତ୍ତମାନ ସରକାର ଭାଙ୍ଗିଯାଇଥିବା ଡଙ୍ଗାର କ୍ଷତିପୂରଣ ତୁରନ୍ତ ପ୍ରଦାନ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି।

## ଆଇନ ସଚେତନତା କର୍ମଶାଳା

**ଖୋର୍ଦ୍ଧା ଅଫିସ,୨୨।୪:** ସୋମବାର ବାଘମାରୀ ପଞ୍ଚାୟତର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଆଇନ୍ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ତାଲୁକ ଆଇନ ସେବା ସମିତି ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ୨ୟ ଅତିରିକ୍ତ ଜିଲା ଜଜ୍ ଦିଲ୍ଲୀପ କୁମାର ବିଶ୍ୱାଳ ଓ ମୁଖ୍ୟ ବକ୍ତାଭାବେ ସବଜେଲର ମାନସ କୁମାର ପଣ୍ଡା ଯୋଗଦେଇଥିଲେ। ଖୋର୍ଦ୍ଧା କୋର୍ଟରେ ପ୍ରଥମ ଅତିରିକ୍ତ ଜିଲା ଜଜ୍ ଧନୁର୍ଦ୍ଧର ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ସ୍ପେଶାଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢୀ, ଖୋର୍ଦ୍ଧା ବାର ଆସୋସିଏଶନ ସଭାପତି ପ୍ରାଣକୃଷ୍ଣ ଦଳବେହେରା, ସମ୍ପାଦକ ପ୍ରଦୀପ କୁମାର ଦାସ, ବରିଷ୍ଠ ଆଇନଜୀବୀ ବିଜୟ କୁମାର ସାମନ୍ତସିଂହାର, ସରକାରୀ ଓକିଲ ବିଧାନ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆଇନର ବିଭିନ୍ନ ଦିଗ ଉପରେ ଆଲୋଚନା ହେବା ସହ ପୀଡ଼ିତାଙ୍କୁ ଆଇନ ସହାୟତା ଉପରେ ଅନୁରୂପ ଭାବେ ଆଲୋଚନାରେ ସ୍ଥାନ ପାଇଥିଲା। ବାଘମାରୀ ସରପଞ୍ଚ ଶଶି ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ।

### ଓଡ଼ଗାଁରେ ଶ୍ରୀରାମନବମୀ ଯାତ୍ରାର ନବମ ସନ୍ଧ୍ୟା

# ଜାନକୀଙ୍କୁ ଉଦ୍ଧାର ନିମନ୍ତେ ପ୍ରଭୁଙ୍କ ଯୁଦ୍ଧ ଯାତ୍ରା


ଅଷ୍ଟସେନାଧ୍ୟକ୍ଷଙ୍କ ସହ ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଯୁଦ୍ଧ ଯାତ୍ରା।

**ଓଡ଼ଗାଁ,୨୨।୪(ସ୍ୱ.ପ୍ର.)**

ଓଡ଼ଗାଁରେ ଅନୁଷ୍ଠିତ ହେଉଥିବା ଶ୍ରୀରାମନବମୀ ଯାତ୍ରାର ସୋମବାର ନବମ ସନ୍ଧ୍ୟା ବେଶରେ ପ୍ରଭୁ ଲଙ୍କାଯାତ୍ରା କରିବାକୁ ଯୁଦ୍ଧ ଡାକରା ଦେଇଛନ୍ତି। ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ଭକ୍ତ ଓ ଭଗବାନ ଉକ୍ତିକୁ ଚରିତାର୍ଥ କରିଛନ୍ତି । ବେନି ଭ୍ରାତା କାଣ୍ଡ କୋଦଣ୍ଡ ଧରି ପରମ ଭକ୍ତ ହନୁମାନ ଓ ଯୁବରାଜ ଅଙ୍ଗଦଙ୍କ କାନ୍ଧରେ ବସି ଯୁଦ୍ଧଯାତ୍ରାରେ ବାହାରିଥିବା ଦୃଶ୍ୟ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଉଲ୍ଲସିତ କରିଛି। ପ୍ରଭୁଙ୍କ ଉଭୟ ପାର୍ଶ୍ୱରେ ଅଷ୍ଟ ସେନାଧ୍ୟକ୍ଷ ସମର ସଜ୍ଜାରେ ଦଣ୍ଡାୟମାନ। ପ୍ରଭୁଙ୍କ ଲଙ୍କା ଯାତ୍ରା ସହିତ ମାତା ଜାନକୀ ଉଦ୍ଧାର ହେବେ। ମହାପ୍ରତାପୀ ଦଶାନନ ରାବଣର ଅନ୍ତ ଘଟିବ। ପ୍ରଭୁ ଜାନକୀଙ୍କୁ ଉଦ୍ଧାର କରିବା ପୂର୍ବକ ବିଭୀଷଣଙ୍କୁ ଲଙ୍କାଧିପତିଙ୍କ ଆସନରେ ଅଧିଷ୍ଠିତ କରି ଶ୍ରୀରାମ ଅନୁରୂପ ବନ୍ଧୁତ୍ୱର ଦିଗ୍‌ଦର୍ଶନ ଦେବା ସହିତ ରଘୁବୀର ଅଯୋଧ୍ୟା ଫେରିବେ। ଅନ୍ୟପକ୍ଷେ ରାବଣ ପୋଡି କମିଟି ତରଫରୁ ବିଳମ୍ବିତ ରାତିରେ ଯୁଦ୍ଧ ଯାତ୍ରାର ଏକ ବିରାଟ ପଟୁଆର ସହିତ ମୁକ୍ତ ମଞ୍ଚରେ ରାମ ରାବଣ ଯୁଦ୍ଧ ଏବଂ ରାବଣ ପୋଡି, ଆତସବାଜି ସମାରୋହ ଅନୁଷ୍ଠିତ ହେଉଛି। ଏହି ଉତ୍ସବ ଦେଖିବାକୁ ଗାଁ ଗହଳିରୁ ବହୁ ସଂଖ୍ୟାରେ ଲୋକେ ସମବେତ ହୋଇଛନ୍ତି । ମଙ୍ଗଳବାର ଚଳିତବର୍ଷର ଅନ୍ତିମ ସନ୍ଧ୍ୟା ବେଶ ଦର୍ଶନରେ ରଘୁକୁଳ ତିଳକଙ୍କ ରାଜାଭିଷେକ ଅନୁଷ୍ଠିତ ହେବ । ଏଥିନିମନ୍ତେ ପ୍ରଶାସନିକ ସ୍ତରରେ ସମସ୍ତ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ। ଏହିଦିନ ରଘୁକୁଳ ତିଳକଙ୍କ ଅଭିଷେକ ସହିତ ଶ୍ରୀଜୀଉଙ୍କୁ ମୂଲ୍ୟବାନ ଅଳଙ୍କାର ଓ ବେଶଭୂଷାରେ ସଜ୍ଜିତ କରାଯାଇଥାଏ।

### କଣ୍ଟିଲୋରେ ବିଶ୍ୱ ଧରିତ୍ରୀ ଦିବସ

## ସଚେତନତା ସୃଷ୍ଟି କଲେ ଗଛସାର୍

**ଖଣ୍ଡପଡା,୨୨।୪(ସ୍ୱ.ପ୍ର.)**


ଗଛରେ ପୋଷ୍ଟର ଲଗାଇ ସଚେତନତା ସୃଷ୍ଟି କରୁଛନ୍ତି।

ସୋମବାର ଧରିତ୍ରୀ ଦିବସ ପାଳିତ ହୋଇଯାଇଛି। ଗଛସାର୍ ଭାବେ ପରିଚିତ ଅନ୍ତର୍ଯ୍ୟାମୀ ସାହୁ କଣ୍ଟିଲୋ ଅଞ୍ଚଳରେ ଏ ନେଇ ସଚେତନତା ସୃଷ୍ଟି କରିଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ପୃଥିବୀର ସୁରକ୍ଷା ବିଶ୍ୱବାସୀଙ୍କ ପାଇଁ ଏକ ବିରାଟ ସମସ୍ୟାରୂପେ ମୁଣ୍ଡ ଟେକିଥିବାରୁ କେବଳ ଗୋଟିଏ ଦିନକୁ ଧରିତ୍ରୀ ଦିବସ ଭାବରେ ପାଳନ କଲେ ଆମର ଦାୟିତ୍ୱ ଶେଷ ହେବ ନାହିଁ। ଏଥିପାଇଁ ଗଛସାର ଗ୍ରାମର ବିଭିନ୍ନ ପରିବାର ସଦସ୍ୟଙ୍କୁ ସଚେତନ କରାଇ ପୂର୍ବାହ୍ନରେ ମାଟିର ସୁରକ୍ଷା ପାଇଁ ସ୍ଥାନୀୟ ମାଘମେଳା ପଡିଆ, ପଲଟନ ପଡିଆ ଆଦି ସ୍ଥାନରେ ଛାୟା ପ୍ରଦାନକାରୀ ବର, ଅଶ୍ୱତ୍ଥ, କଦମ୍ବ, ଚାକୁଣ୍ଡା ଆଦି ବୃକ୍ଷ ରୋପଣ କରିଛନ୍ତି । ବିଶେଷକରି ଆଞ୍ଚଳିକ ବନ୍ୟଜନ୍ତୁ ତଥା ବିଲୁଆ, ହେଟା, ଗୋଧି, ଝିଙ୍କ, ବଜ୍ରକାପ୍ତା, ନେଉଳ, ଏଣ୍ଡୁଅ ନାନାଦି କୀଟପତଙ୍ଗ ମହୁମାଛି, ପ୍ରଜାପତି, ଭ୍ରମର ସହିତ ବାଇଚଢେଇ, ଘରଚଟିଆ, କୁଆ, ବାଦୁଡି, ଶୁଆ ଆଦିଙ୍କର ସୁରକ୍ଷା ଓ ବଂଶବୃଦ୍ଧି ପାଇଁ ଜନ ସଚେତନତା ସୃଷ୍ଟି କରିଥିଲେ । ଏହି କାର୍ଯ୍ୟକ୍ରମରେ ଗଛସାର୍‌ଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ ସଂସାରୀ ସାହୁ, ହରିହର ଦାଶ, ଇନ୍ଦୁପ୍ରଭା ସାହୁ, ବର୍ଣ୍ଣାଳୀ ସାହୁ, ଉର୍ମିଳା ସାହୁ ଓ ମୀରା ସାହୁ ପ୍ରମୁଖ ଯୋଗଦେଇ ପ୍ରଥମେ ମାଟି ମା'ଙ୍କୁ ଧୂପଦୀପ, ଫୁଲ ଓ ଫଳ ପ୍ରଦାନ କରି ପୂଜା କରିଥିଲେ। ଏହାପରେ ବୃକ୍ଷରୋପଣ କରିବା ସହ ଜୀବନର ପ୍ରତ୍ୟେକଟି ଦିନକୁ ଧରିତ୍ରୀ ଦିବସ ଭାବେ ପାଳନ କରି ଧରାପୃଷ୍ଠର ଯତ୍ନ ନେବା ଉଚିତ ହେବ ବୋଲି ସମସ୍ତେ ମତ ପ୍ରକାଶ କରିଛନ୍ତି ।

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ୮ମ ଦିବସ: କୁମ୍ଭକର୍ଣ୍ଣ ବଧ


କୁମ୍ଭକର୍ଣ୍ଣ ବଧର ଏକ ଦୃଶ୍ୟ।

**ଦଶପଲ୍ଲା,୨୨।୪(ଡି.ଏନ୍.ଏ.)**

ମହାବୀର କ୍ଷେତ୍ର ଦଶପଲ୍ଲାରେ ଚାଲିଥିବା ଐତିହାସିକ ଲଙ୍କାପୋଡ଼ି ଯାତ୍ରାର ସୋମବାର ଥିଲା ଅଷ୍ଟମ ଦିବସ। ରଘୁନାଥଜୀଉଙ୍କ ପୀଠରେ ପୂର୍ବାହ୍ନରେ ପାରମ୍ପରିକ ରୀତିରେ ପୂଜାପାଠ ହେବା ପରେ ରାତିରେ ରଙ୍ଗମଞ୍ଚରେ କୁମ୍ଭକର୍ଣ୍ଣ ବଧ ଆରମ୍ଭ ହୋଇଥିଲା। ରାମଚନ୍ଦ୍ର ଲଙ୍କାର ରାଜା ରାବଣଙ୍କ ନିକଟକୁ ଚିଠି ପଠାଇ ସୀତାଙ୍କୁ ସମର୍ପଣ କରିବା ପାଇଁ କହିଥିଲେ। ହେଲେ ରାବଣ ଏହି ଚିଠିକୁ ବେଖାତିର କରି ଯୁଦ୍ଧ ଡାକରା ଦେଇଥିଲେ। ରାମଲୀଳା ରଙ୍ଗମଞ୍ଚରେ ରାମ ଓ ରାବଣଙ୍କ ସୈନ୍ୟବାହିନୀ ମଧ୍ୟରେ ଘମାଘୋଟ ଯୁଦ୍ଧ ହୋଇଥିଲା। ଏଥିରେ ଅସୁର ସେନାର ଶତାଧିକ ବୀର ପ୍ରାଣ ହରାଇଥିଲେ। ଭୟଭୀତ ହୋଇ ରାବଣ ରାମଙ୍କୁ ଯୁଦ୍ଧରୁ ନିବୃତ୍ତ କରିବା ପାଇଁ ମାୟା ସୀତାଙ୍କୁ ହତ୍ୟା କରିଥିଲେ। ଏହା ଜାଣିପାରି ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣ ଶୋକାକୁଳ ଥିବାବେଳେ ପରବର୍ତ୍ତୀ ସମୟରେ ଏହା ପ୍ରକୃତ ସୀତା ନୁହନ୍ତି ବୋଲି ଜାଣିଥିଲେ। ପରେ ପୁଣି ଏକ ନାଟକବାଜି କରି ରାବଣ ସୀତାଙ୍କ ସମ୍ମୁଖରେ ମାୟା ରାମ ଓ ଲକ୍ଷ୍ମଣଙ୍କୁ ବଧ କରନ୍ତି। ଏଥିରେ ସୀତା ମ୍ରିୟମାଣ ହୋଇପଡିଥିବା ବେଳେ ପରବର୍ତ୍ତୀ ସମୟରେ ଏହା ମାୟା ବୋଲି ଜାଣି ପାରିଥିଲେ। ଏପରିସ୍ଥିତିରେ ରାବଣ ନିଜର ସୈନ୍ୟବାହିନୀ ହ୍ରାସ ପାଇଥିବା ଜାଣିପାରି ଭାଇ କୁମ୍ଭକର୍ଣ୍ଣଙ୍କ ନିଦ୍ରା ଭଙ୍ଗ କରିଥିଲେ। ନିଦ୍ରାରୁ ଉଠିବା ପରେ ସୀତାହରଣ ଠିକ୍ ହୋଇନାହିଁ ବୋଲି କୁମ୍ଭକର୍ଣ୍ଣ କହିଥିଲେ। ତଥାପି ସେ ଭାଇକୁ ସହଯୋଗ କରିବେ ବୋଲି କହି ଯୁଦ୍ଧରେ ଯୋଗ ଦେଇଥିଲେ। ଯୁଦ୍ଧରେ କୁମ୍ଭକର୍ଣ୍ଣଙ୍କ ମୃତ୍ୟୁ ଘଟିଥିଲା। ଏଥିରେ ରାବଣ ଓ ଇନ୍ଦ୍ରଜିତ ବିଚଳିତ ହୋଇପଡିଥିଲେ।

CLASSIFIED DISPLAY













## ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ୩ ଗୁରୁତର

**ଓଡ଼ଗାଁ, ୨୨।୪(ସ୍ୱ.ପ୍ର.)**


ଗୁରୁତର ଜଣେ ବାଳିକାଙ୍କ ସହ ସନ୍ତୋଷ।

ଓଡ଼ଗାଁ ଥାନା ଅନ୍ତର୍ଗତ ଓଡ଼ଗାଁ-ନନ୍ଦିଘୋର ୨୧ ନମ୍ବର ରାଜ୍ୟ ରାଜପଥ ଘଷାଦେଇପୁର ଠାରେ ସୋମବାର ରାତି ପ୍ରାୟ ୯ଟାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ଦ୍ୱୟ ହେଲେ ନନ୍ଦିଘୋର ପାଇକ ସାହିର ଗଣେଶ ରାଉତ (୨୮) ଓ ନୟାଗଡ଼ ଥାନା ଶିମିଳିସାହି ନିକଟ ପେଟାପଲ୍ଲୀର ଛେନାବେପାରୀ ମନୋଜ ଦାସ (୩୪)। ମିଳିଥିବା ସୂଚନା ଅନୁଯାୟୀ ପାଇକସାହିର ଦୁଇ ସମ୍ପର୍କୀୟ ଭାଇ ଗଣେଶ ରାଉତ ଓ ସନ୍ତୋଷ ରାଉତ(୨୧) ନିଜର ଦୁଇ ସମ୍ପର୍କୀୟା ବାଳିକାଙ୍କ ସହିତ ଗୋଟିଏ ବାଇକ୍‌ରେ ଓଡ଼ଗାଁରୁ ରାମନବମୀ ଯାତ୍ରା ଦେଖି ଫେରୁଥିଲେ। ଘଷାଦେଇପୁରଠାରେ ସାମ୍‌ନାରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ମନୋଜ ଦାସଙ୍କ ସହିତ ସେମାନେ ଖୁବ୍ ଜୋର୍‌ରେ ପିଟି ହୋଇଥିଲେ। ଏଥିରେ ସମସ୍ତେ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ସନ୍ତୋଷଙ୍କ ସହିତ ଦୁଇ ବାଳିକାଙ୍କୁ ଚିକିତ୍ସା ପାଇଁ ନୟାଗଡ଼ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ ଗଣେଶ ରାଉତ ଓ ମନୋଜ ଦାସଙ୍କୁ ନୟାଗଡ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ଏମାନଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟମାନଙ୍କ ଅବସ୍ଥା ଉଦ୍‌ବେଗଜନକ ଥିବା ସ୍ଥାନୀୟ ଡାକ୍ତର ପ୍ରକାଶ କରିଛନ୍ତି । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁଛି।





ଯେଉଁମାନେ ଅନ୍ୟର ଅମଙ୍ଗଳ ଚିନ୍ତା କରନ୍ତି ନାହିଁ,
ସେମାନେ କାହାକୁ ସନ୍ଦେହ କରିବେ ନାହିଁ।
- ବେଞ୍ଜାମିନ ଜନ୍‌ସନ



## ସଂକ୍ଷେପରେ

### କାଳବୈଶାଖୀ: ତୋଫାନରେ ଉଡ଼ିଲା ଛପର ଅମଳ ଚିନାବାଦାମ ନଷ୍ଟ, ଚିନ୍ତାରେ ଚାଷୀ



କୃଷ୍ଣପ୍ରସାଦ,୨୨।୪(ଡି.ଏନ.ଏ.)-ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକରେ ସୋମବାର ସନ୍ଧ୍ୟା ୫ଟାରେ କାଳବୈଶାଖୀଜନିତ ବର୍ଷା, ତୋଫାନ ଜନ ସାଧାରଣଙ୍କୁ ଆତଙ୍କିତ କରିଛି । ପ୍ରାୟ ୩୦ ମିନିଟ୍ ପର୍ଯ୍ୟନ୍ତ ଲାଗି ରହିଥିବା ବର୍ଷା, ତୋଫାନ ମାଲୁଦ ରାଜା ବଜାରସ୍ଥିତ ୩ ଦୋକାନର ଚାଳ ଉଡାଇ ନେଇଯାଇଛି । କ୍ୟାବିନ୍ ଉପରେ ଥିବା ବାଉଁଶ ଛପର ଭାଙ୍ଗିରୁଜି ରାସ୍ତା ମଝିରେ ପଡ଼ିଥିଲା । ଗୃହର ଛପର ମଧ ଉଡ଼ିଯାଇଥିବା ଦେଖାଯାଇଥିଲା। ପ୍ରବଳ ବର୍ଷା ଯୋଗୁ ଲୋକେ ଦୋକାନ ଦ୍ୱାରରେ ଆଶ୍ରୟ ନେଇଥିଲେ। ବର୍ଷା, ପବନ ଜୋର୍‌ରେ ହୋଇଥିଲେ ମଧ ଲୋକେ ବିପଦରୁ ରକ୍ଷା ପାଇଥିଲେ। କେହି ମୃତାହତ ହେବାର ସୂଚନା ମିଳିନି। ବିଭିନ୍ନ ସ୍ଥାନରେ ଏବଂ ରାସ୍ତାରେ ଗଛଡାଳ ଭାଙ୍ଗିପଡ଼ିବା ସହ କିଛି ସମୟ ପାଇଁ ବିଦ୍ୟୁତ୍ ସଂଯୋଗ ବ୍ୟାହତ ହୋଇଥିଲା। ତେବେ କେତେଜଣ ଚାଷୀ ଚିନାବାଦାମ ଅମଳ କରି ନିଜ ଜମିରେ ରଖିଥିବାବେଳେ ତାହା କାଳବୈଶାଖୀ ଯୋଗୁ ନଷ୍ଟ ହୋଇଯାଇଥିବା ଜଣାପଡିଛି । ଉଲ୍ଲେଖଯୋଗ୍ୟ, ଚିନାବାଦାମ ଅମଳ ସରିଥିବାବେଳେ ସରକାର ଚାଷୀଙ୍କଠାରୁ ଏହା ଖରିଦ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁ କ୍ଷତିଗ୍ରସ୍ତ ଚାଷୀମାନେ ଚିନ୍ତାରେ ପଡ଼ିଯାଇଛନ୍ତି। କିଣିବାରେ ବିଳମ୍ବ ଯୋଗୁ ଘରେ ସଂରକ୍ଷିତ ଅମଳ ଚିନାବାଦାମ ମୂଷା ଖାଇଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେଣୁ ସରକାର ତୁରନ୍ତ ଏଥିପ୍ରତି ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ଚାଷୀମାନେ ଦାବି କରିଛନ୍ତି।

### ମଦଭାଟି ଉପରେ ଚଢ଼ାଉ: ୪୮ ଲିଟର ଦେଶୀ ମଦ ଓ ମଦରନ୍ଧା ସାମଗ୍ରୀ ଜବତ

**ଖଣ୍ଡପଡା,୨୨।୪(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଂଘାପଡା ପଞ୍ଚାୟତର ବରଗଣ୍ଡ ଗ୍ରାମ ନିକଟ ସଂରକ୍ଷିତ ଜଙ୍ଗଲ ଓ ପାହାଡର ପାଦ ଦେଶରେ ଦୀର୍ଘମାସ ଧରି ଚାଲିଥିବା ଏକ ଦେଶୀମଦ ରନ୍ଧା ଭାଟି ଉପରେ ଖଣ୍ଡପଡା ଅବକାରୀ ବିଭାଗ କର୍ମଚାରୀମାନେ ସୋମବାର ଅଚାନକ ଚଢାଉ କରିଥିଲେ। ସେମାନେ ୪୮ ଲିଟର ରନ୍ଧା ଦେଶୀମଦ ଜବତ କରିଥିବା ବେଳେ ମଦ ପ୍ରସ୍ତୁତ ନିମନ୍ତେ ସେଠାରେ ମହଜୁଦ ଥିବା ବିପୁଳ ପରିମାଣର ସାମଗ୍ରୀ ଜବତ କରିଛନ୍ତି। ସେହିପରି ଦେଶୀମଦ ପ୍ରସ୍ତୁତ ନିମନ୍ତେ ମହଜୁଦ ଥିବା ୫ଶହ ଲିଟରରୁ ଊର୍ଦ୍ଧ୍ୱ ପୋଚକୁ କର୍ମଚାରୀମାନେ ନଷ୍ଟ କରିଦେଇଛନ୍ତି। ଅବକାରୀ ବିଭାଗ ଚଢାଉ ବେଳେ ମଦ ମାଫିଆମାନେ ସୂଚନା ପାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଖଣ୍ଡପଡା ଅବକାରୀ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି ।

### ତାଳସରରୁ ବାଇକ୍ ଚୋରି

**ବେଗୁନିଆପଡ଼ା, ୨୨।୪(ଡି.ଏନ୍.ଏ.):** ବେଗୁନିଆପଡ଼ା ଫାଣ୍ଡି ତାଳସର୍ ଗ୍ରାମର ମଝି ଦାଣ୍ଡ ସାହିରୁ ରବିବାର ବିଳମ୍ବିତ ରାତିରେ ଏକ ବାଇକ୍ ଚୋରି ହୋଇଯାଇଛି । ଉକ୍ତ ସାହିର ମହେନ୍ଦ୍ର ନାହକ ତାଙ୍କ ବାଇକ୍ (ନଂ- ଓଡି ୦୭ ଜେ ୩୪୨୩)କୁ ଘର ଆଗରେ ରଖି ଶୋଇଥିଲେ । ଭୋର ୪ ଟାରେ ଉଠି ଦେଖିଲା ବେଳକୁ ସେଠାରେ ବାଇକ୍ ନ ଥିଲା। ତେଣୁ ସେ ବହୁ ଖୋଜା ଖୋଜି କରିଥିଲେ କିନ୍ତୁ ବାଇକ୍ ନ ମିଳିବାରୁ ପରେ ମହେନ୍ଦ୍ର କୋଦଳା ଥାନାରେ ଏକ ଲିଖିତ ଏତଲା ଦେଇଛନ୍ତି।

### ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ଦୁଇ ଏସ୍କାଲେଟର ଲୋକାର୍ପିତ

**ଜଟଣୀ,୨୨।୪(ଡି.ଏନ୍.ଏ.):** ଯାତ୍ରୀଙ୍କ ସୁବିଧା ପାଇଁ ଖୋର୍ଦ୍ଧାରୋଡ ରେଳଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ନୂତନ ଭାବେ ଦୁଇଟି ଏକ୍‌ସାଲେଟର ସୋମବାର ଉଦ୍‌ଘାଟିତ ହୋଇଛି। ଖୋର୍ଦ୍ଧାରୋଡ ଡିଭିଜନର ଡିଆର୍‌ଏମ୍ ବ୍ରଜମୋହନ ଅଗ୍ରୱାଲ ଏହାକୁ ଉଦ୍‌ଘାଟନ କରି ଯାତ୍ରୀଙ୍କ ଉଦ୍ଦେଶ୍ୟରେ ଲୋକର୍ପିତ କରିଛନ୍ତି। ୧କୋଟି ୭୦ଲକ୍ଷ ଟଙ୍କା ବ୍ୟୟରେ ୬ମାସ ମଧ୍ୟରେ ଏହାକୁ ସ୍ଥାପନ କରାଯାଇଛି। ଏହି ଏକ୍‌ସାଲେଟର ସ୍ଥାପନ ଦ୍ୱାରା ବରିଷ୍ଠ ନାଗରିକ ଓ ଅଧିକ ଲଗେଜ ଥିବା ଯାତ୍ରୀ ଉପକୃତ ହେବେ। ଏହି ଷ୍ଟେଶନର ଅନ୍ୟ ପ୍ଲାଟଫର୍ମରେ ଅଧିକ ଦୁଇଟି ଏକ୍‌ସାଲେଟର ଖୁବ୍‌ଶୀଘ୍ର ସ୍ଥାପନ କରାଯିବ। ସେହିପରି ଭୁବନେଶ୍ୱର, କଟକ, ବ୍ରହ୍ମପୁର, ଭଦ୍ରକ, ଯାଜପୁର ରେଳଷ୍ଟେଶନରେ ଯାତ୍ରୀଙ୍କ ସୁବିଧା ପାଇଁ ଅଧିକ ଲିଫ୍‌ଟର ସୁବିଧା ଯୋଗାଇ ଦିଆଯିବ ବୋଲି ରେଳୱେ ପକ୍ଷରୁ କୁହାଯାଇଛି।

## ଜିଲାର ୩ ନିର୍ବାଚନମଣ୍ଡଳୀରେ ଭୋଟ ଆଜି

# ୫ ମହିଳାଙ୍କ ସମେତ ମଇଦାନରେ ୨୨ ପ୍ରାର୍ଥୀ

**ନୟାଗଡ଼ ଅଫିସ,୨୨।୪**

ନୟାଗଡ଼ ଜିଲାର ନୟାଗଡ଼, ରଣପୁର ଓ ଖଣ୍ଡପଡା ବିଧାନସଭା ଆସନ ଲାଗି ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ପୁରୀ ଲୋକ ସଭା ଅଧୀନରେ ରଣପୁର ଓ ନୟାଗଡ଼ ବିଧାନସଭା ରହିଥିବାବେଳେ କଟକ ଲୋକ ସଭା କ୍ଷେତ୍ରରେ ରହିଛି ଖଣ୍ଡପଡ଼ା ବିଧାନସଭା ଆସନ। ସକାଳ ୭ଟାରୁ ଅପରାହ୍ନ ୬ଟା ଯାଏ ଏହି ୩ ନିର୍ବାଚନମଣ୍ଡଳୀରେ ମତଦାନ ହେବ। ଭୋଟ ଆରମ୍ଭର ଦେଢ଼ଘଣ୍ଟା ପୂର୍ବରୁ ବୁଥ୍‌ଗୁଡିକରେ ମକ୍ ପୋଲିଂ କରାଯିବ। ଏଥିପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି।

### ମଇଦାନରେ ୨୨ ପ୍ରାର୍ଥୀ

୩ ବିଧାନସଭା ଆସନ ପାଇଁ ୫ ମହିଳା ପ୍ରାର୍ଥୀଙ୍କୁ ମିଶାଇ ମୋଟ ୨୨ ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ସେହିପରି କଟକ ଓ ପୁରୀ ଏମ୍‌ପି ପାଇଁ ମଧ ଭୋଟରମାନେ ମତଦାନ କରିବେ।

### ଭୋଟ ଦେବେ ୬,୧୮,୩୯୧ ମତଦାତା

ରଣପୁର ନିର୍ବାଚନମଣ୍ଡଳୀରେ ୨,୧୧,୬୩୧ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରୁ ୧,୧୦,୬୩୩ ପୁରୁଷ, ୧,୦୦,୯୭୮ ମହିଳା ଓ ୨୦ ଅନ୍ୟାନ୍ୟ ଭୋଟର ଅଛନ୍ତି। ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୨୫୯୮ ହୋଇଥିବାବେଳେ ୩ ଜଣ ଭିଆଇପି ଭୋଟର ଅଛନ୍ତି। ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ୧,୮୨,୧୮୭ ଭୋଟର ଅଛନ୍ତି। ସେମାନଙ୍କ ମଧ୍ୟରୁ ୯୬,୭୮୨ ପୁରୁଷ, ୮୫,୩୮୬ ମହିଳା ଓ ୧୯ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଦିବ୍ୟାଙ୍ଗ ଭୋଟର ସଂଖ୍ୟା ୩୬୬୫ ହୋଇଥିବାବେଳେ ୩ ଜଣ ଭିଆଇପି ଭୋଟର ଅଛନ୍ତି। ନୟାଗଡ଼ ନିର୍ବାଚନମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ହେଉଛି ୨,୨୪,୫୭୩। ସେମାନଙ୍କ ମଧ୍ୟରୁ ୧,୧୮,୬୮୬ ପୁରୁଷ, ୧,୦୫,୮୭୮ ମହିଳା ଓ ୯ ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ଦିବ୍ୟାଙ୍ଗ ଭୋଟରଙ୍କ ସଂଖ୍ୟା ୩୧୯୩ ହୋଇଥିବା ବେଳେ ୧ ଭିଆଇପି ଭୋଟର ଅଛନ୍ତି।



ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ବୋଦାପଡ଼ା ବୁଥ୍‌ରେ କର୍ମଚାରୀମାନେ ନିର୍ବାଚନ ପ୍ରସ୍ତୁତି କରୁଛନ୍ତି।

### ମତଦାନ ପାଇଁ ୭୦୨ ବୁଥ୍

୩ ନିର୍ବାଚନମଣ୍ଡଳୀରେ ମତଦାନ ପାଇଁ ୭୦୨ ବୁଥ୍ କରାଯାଇଛି। ରଣପୁର ନିର୍ବାଚନମଣ୍ଡଳୀ ପାଇଁ ୨୪୦, ଖଣ୍ଡପଡ଼ା ପାଇଁ ୨୧୭ ଓ ନୟାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ୨୪୫ ବୁଥ୍ କରାଯାଇଛି।





ନୟାଗଡ଼ ଏନ୍‌ଏସି ହାଇସ୍କୁଲରେ ହୋଇଥିବା ସଖୀ ବୁଥ୍।

ପ୍ରତି ବୁଥ୍‌ରେ ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସରଙ୍କୁ ମିଶାଇ ୬ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ପ୍ରତି ବୁଥ୍‌ରେ ଜଣେ ଲେଖାଏ ପୋଲିସ କର୍ମଚାରୀ ନିୟୋଜିତ ହୋଇଛନ୍ତି। ନିର୍ବାଚନ ସମୟରେ ଯେପରି କୌଣସି ବିଶୃଙ୍ଖଳା ନ ହେବ ସେଥିପାଇଁ ମୋବାଇଲ ସ୍କ୍ୱାଡ୍, ସେକ୍ଟର ଅଫିସର, ଜୋନାଲ ଅଫିସର ଟିମ୍ ଗଠନ କରାଯାଇଛି। ଜିଲା ପୋଲିସ ପକ୍ଷରୁ ସମସ୍ତ ରାସ୍ତା ସିଲ୍ କରାଯାଇ ଯାନବାହନ ଯାଞ୍ଚ କରାଯାଉଛି।

### ଜିଲାରେ ଦୁଇଟି ସଖୀ ବୁଥ୍

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ହୋଇଥିବା ୭୦୨ ବୁଥ୍ ମଧ୍ୟରୁ ୨ଟି ସଖୀ ବୁଥ୍ କରାଯାଇଛି। ସେଗୁଡ଼ିକ ହେଲା ନୟାଗଡ଼ ସହର ଏନ୍‌ଏସି ହାଇସ୍କୁଲର ବୁଥ୍ ନମ୍ବର ୮୦ ଓ ୮୧। ଉଭୟ ବୁଥ୍‌ରେ ପ୍ରିଜାଇଡ଼ିଂ ଅଫିସରଙ୍କଠାରୁ ଆରମ୍ଭ କରି ପୋଲିଂ ଅଧିକାରୀମାନେ ମହିଳା ରହିଛନ୍ତି। ମହିଳମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିବେ। ସେହିପରି ଏହି ହାଇସ୍କୁଲର ୭୯ ନମ୍ବର ବୁଥ୍‌ରେ ସମସ୍ତ ଦିବ୍ୟାଙ୍ଗ କର୍ମଚାରୀ ନିୟୋଜିତ ହୋଇଛନ୍ତି। ଜିଲାରେ ୧୭୫ ବୁଥ୍‌ରେ ୩ଜଣ ଲେଖାଏ ମୋଟ ୫୨୫ ମହିଳା କର୍ମଚାରୀ ନିୟୋଜିତ ହୋଇଛନ୍ତି। ଅନୁରୂପ ଭାବେ ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଆଦର୍ଶ ମତଦାନ କେନ୍ଦ୍ର କରାଯାଇଛି।

## ବିଭିନ୍ନ ନିର୍ବାଚନମଣ୍ଡଳୀର ପ୍ରାର୍ଥୀଙ୍କ ନାମ ଓ ଦଳ

### ରଣପୁର ନିର୍ବାଚନମଣ୍ଡଳୀ

| | | |
|---|---|---|
| ୧ | ସତ୍ୟନାରାୟଣ ପ୍ରଧାନ | ବିଜେଡି |
| ୨ | ସୁରମା ପାଢ଼ୀ | ଭାଜପା |
| ୩ | ଶୁଭଶ୍ରୀ ପଣ୍ଡା | କଂଗ୍ରେସ |
| ୪ | ଦେବରାଜ ସାହୁ | ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ |
| ୫ | ରେଣୁବାଳା ମହାନ୍ତି | କଳିଙ୍ଗସେନା |
| ୬ | ନିତ୍ୟାନନ୍ଦ ପରିଡ଼ା | ସିପିଆଇ (ଏମ୍) |
| ୭ | କୁଳମଣି ନାୟକ | ବିଏସ୍‌ପି |
| ୮ | ସନ୍ତୋଷ କୁମାର ସାହୁ | ସ୍ୱାଧୀନ |
| ୯ | ରବୀନ୍ଦ୍ର ମହାପାତ୍ର | ସ୍ୱାଧୀନ |
| ୧୦ | ରଣଜିତ ପଟ୍ଟନାୟକ | ସ୍ୱାଧୀନ |

### ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ

| | | |
|---|---|---|
| ୧ | ସୌମ୍ୟରଞ୍ଜନ ପଟ୍ଟନାୟକ | ବିଜେଡି |
| ୨ | ସିଦ୍ଧାର୍ଥ ଶେଖର ସିଂ | ଭାଜପା |
| ୩ | ବସନ୍ତ କୁମାର ମହାରଣା | କଂଗ୍ରେସ |
| ୪ | ଦୁଷ୍ମନ୍ତ କୁମାର ସ୍ୱାଇଁ | ସ୍ୱାଧୀନ |

### ନୟାଗଡ଼ ନିର୍ବାଚନମଣ୍ଡଳୀ

| | | |
|---|---|---|
| ୧ | ଅରୁଣ କୁମାର ସାହୁ | ବିଜେଡି |
| ୨ | ଇରାନୀ ରାୟ | ଭାଜପା |
| ୩ | ମନୋଜ କୁମାର ସାହୁ | କଂଗ୍ରେସ |
| ୪ | ଶ୍ରୀକାନ୍ତ ଦାଶ | କଳିଙ୍ଗସେନା |
| ୫ | ଶୁଭଲକ୍ଷ୍ମୀ ଦାସ | ଆମ୍ବେଦକର ନ୍ୟାଶନାଲ କଂଗ୍ରେସ |
| ୬ | ବଳରାମ ସାହୁ | ସ୍ୱାଧୀନ |
| ୭ | ଗିରିଧାରୀ ରାଉତ | ସ୍ୱାଧୀନ |
| ୮ | ହେମନ୍ତ କୁମାର ପୃଷ୍ଟି | ସ୍ୱାଧୀନ |

# ବିକାଶ ନାଁ ରେ ପରିବେଶ ଧ୍ୱଂସ

**ଗଣିଆ,୨୨।୪(ଡି.ଏନ.ଏ.)**

ବିକାଶର ଦ୍ୱାହି ଦେଇ ରାସ୍ତାର ପ୍ରଶସ୍ତୀକରଣ, ନୂତନ ରାସ୍ତା ନିର୍ମାଣ, ବିଦ୍ୟୁତୀକରଣ ଓ ଆବଶ୍ୟକତାଠାରୁ ଅଧିକମାତ୍ରାରେ ଖଣିଖାଦାନ ଖନନ ପାଇଁ ଦୈନନ୍ଦିନ ହଜାର ହଜାର ସଂଖ୍ୟକ ଗଛ କଟାଯାଉଛି । ବିକାଶ ନାଁରେ ପ୍ରାକୃତିକ ପରିବେଶ ବିନାଶ ହେଉଥିବା ଦେଖିବାକୁ ମିଳୁଛି । ସରକାର ସବୁଜ ବଳୟ ସୃଷ୍ଟି କରିବା ଲକ୍ଷ୍ୟରେ ପ୍ରତିବର୍ଷ ବୃକ୍ଷରୋପଣ ଓ ସବୁଜ ମହାନଦୀ ମିଶନ ପାଇଁ ବିଭିନ୍ନ ଯୋଜନାରେ କୋଟିକୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି । ଏଥିସହ ଜଙ୍ଗଲ ଅଞ୍ଚଳରେ ଥିବା ଗ୍ରାମଗୁଡିକରେ ପରିବେଶ ବିକାଶ ସମିତି, ବନ ସୁରକ୍ଷା ସମିତି, ଯୁଗ୍ମ ଜଙ୍ଗଲ ପରିଚାଳନା କମିଟି ଗଠନ କରାଯାଇ ଜଙ୍ଗଲ ସୁରକ୍ଷା ନିମନ୍ତେ ପ୍ରତିବର୍ଷ ବହୁ ଅର୍ଥ ମଧ୍ୟ ଖର୍ଚ୍ଚ କରାଯାଉଛି । ଏଭଳି ପରିପ୍ରେକ୍ଷୀରେ ଜଙ୍ଗଲ ବୃଦ୍ଧିପାଉଥିବା ନେଇ ବନ ବିଭାଗ ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ଜଙ୍ଗଲ ଧୀରେ ଧୀରେ ଧ୍ୱଂସ ପାଇବାରେ ଲାଗିଛି । ରାସ୍ତାପାର୍ଶ୍ୱ ବୃକ୍ଷଶୂନ୍ୟ ହେଉଛି। ନୟାଗଡ ବନଖଣ୍ଡ ଅନ୍ତର୍ଗତ ଗଣିଆ ବନାଞ୍ଚଳର ଘୁଗୁଡିପଡା ସେକ୍‌ଶନ ବଡଶିଲିଙ୍ଗା ରାସ୍ତାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ବଡଶିଲିଙ୍ଗା ଠାରୁ ଗୋଛାବାରି ରାସ୍ତାର ଡାହାଣ ପାର୍ଶ୍ୱରେ ରାସ୍ତା ନିର୍ମାଣ ଓ ବିଦ୍ୟୁତ୍ ସଂଯୋଗୀକରଣ ପାଇଁ ଏକଶହରୁ ଊର୍ଦ୍ଧ୍ୱ ମୂଲ୍ୟବାନ ଶାଳଗଛକୁ କାଟିଦିଆଯାଇଛି। ବନବିଭାଗ କର୍ମଚାରୀ କଟାଯାଇଥିବା କାଠଗୁଡିକୁ ଜବତ ନ କରିବା ଫଳରେ କାଠ ମାଫିଆମାନେ ଏହାର ସୁବିଧା ନେଇ କାଠଗଣ୍ଡିଗୁଡିକୁ ଲୁଟିନେଇଛନ୍ତି। ତେବେ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତିକ୍ରମେ କିମ୍ବା ବନ କର୍ମଚାରୀଙ୍କୁ ହାତକରି ସଂପୃକ୍ତ ଠିକାଦାରମାନେ ଏହିଭଳି ମୂଲ୍ୟବାନ ଗଛ କାଟିଥିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ଗଣିଆ ବନବିଭାଗ କର୍ମଚାରୀଙ୍କ ପାଖରେ କୌଣସି ସୂଚନା ନ ଥିବା ବିଭାଗର କାର୍ଯ୍ୟଦକ୍ଷତା ନେଇ ସନ୍ଦେହ ଦେଖାଦେଇଛି । ଏ ସମ୍ପର୍କରେ ଗଣିଆ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କୁ ପଚାରିବାରୁ ସେ କହିଥିଲେ ଏ ନେଇ କୌଣସି ସୂଚନା ପାଇନାହିଁ। ଏହି ସେକ୍‌ଶନର କର୍ମଚାରୀମାନଙ୍କୁ ଘଟଣାସ୍ଥଳକୁ ପଠାଇ ତଦନ୍ତ କରାଯିବ ।



କଟାଯାଇଥିବା ଶାଳଗଛ ଓ ଗଣ୍ଡି ।

### ଶାନ୍ତି ଶୃଙ୍ଖଳା ସହ ଭୋଟ ଗ୍ରହଣ ନିମନ୍ତେ ପ୍ରଶାସନ ସଜାଗ

**ଖଣ୍ଡପଡା,୨୨।୪(ସ୍ୱ.ପ୍ର.)**

ସାଧାରଣ ନିର୍ବାଚନ ନିମନ୍ତେ ମଙ୍ଗଳବାର ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ନିର୍ଦ୍ଧାରିତ ସମୟ ପୂର୍ବାହ୍ନ ୭ଟାଠାରୁ ଅପରାହ୍ନ ୬ଟା ପ୍ରର୍ଯ୍ୟନ୍ତ ଭୋଟ ଗ୍ରହଣ କରାଯିବ। ଏଥିନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ବୁଥରେ ବ୍ୟାପକ ବନ୍ଦୋବସ୍ତ ସହ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଏହି ନିର୍ବାଚନ ମଣ୍ଡଳୀର ଖଣ୍ଡପଡା, ଭାପୁର ବ୍ଲକର ୪୨ ପଞ୍ଚାୟତ ସମେତ ଖଣ୍ଡପଡା ଏନଏସିର ୧୩ ୱାର୍ଡର ସର୍ବମୋଟ ୧,୬୨.୭୪୭ ଜଣ ଭୋଟର ସେମାନଙ୍କ ମତଦାନ ସାବସ୍ତ୍ୟ କରିବେ ବୋଲି ପ୍ରଶାସନ ସୂତ୍ରରୁ ଜଣାପଡିଛି। ସୋମବାର ଶାନ୍ତିଶୃଙ୍ଖଳାର ସହ ଭୋଟ ଗ୍ରହଣ ନିମନ୍ତେ ଖଣ୍ଡପଡା ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଫ୍ଲାଗ ମାର୍ଚ୍ଚ କରାଯାଇଛି। ଉତ୍ତେଜନା ପ୍ରବଣ ଓ ଅତ୍ୟଧିକ ଉତ୍ତେଜନା ପ୍ରବଣ ବୁଥଗୁଡିକରେ ଅଧିକ ପରିମାଣର ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସମସ୍ତ କେନ୍ଦ୍ର ନିକଟରେ ପୋଲିସ କର୍ମଚାରୀଙ୍କୁ ସଜାଗ ରଖାଯାଇଛି। ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ପାଇଁ ମଙ୍ଗଳବାର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪ଜଣ ବିଧାୟକ ପ୍ରାର୍ଥୀଙ୍କ ଭାଗ୍ୟପରୀକ୍ଷା ହେବ ।

## ରଣପୁର ନିର୍ବାଚନ ମଣ୍ଡଳୀ

# ବୁଥ୍ ପରିବର୍ତ୍ତନ ଯୋଗୁ ଭୋଟ ବର୍ଜନ କରିବେ ଗ୍ରାମବାସୀ

**ରଣପୁର, ୨୨।୪(ସ୍ୱ.ପ୍ର.)**

ମଙ୍ଗଳବାର ୩ୟ ପର୍ଯ୍ୟାୟ ସାଧାରଣ ନିର୍ବାଚନ ହେଉଥିଲା ବେଳେ ନୟାଗଡ ଜିଲା ରଣପୁର ୧୧୯ନଂ. ନିର୍ବାଚନ ମଣ୍ଡଳୀର ବଜ୍ରକୋଟ ପଞ୍ଚାୟତବାସୀ ବୁଥ୍ ପରିବର୍ତ୍ତନ ଯୋଗୁ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ଏନେଇ ଗ୍ରାମବାସୀ ଓଡିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଓ ନୟାଗଡ ଜିଲାପାଳଙ୍କ ସହିତ ରଣପୁର ବିଡିଓଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ଭୋଟ ବର୍ଜନ କରିବାକୁ ଆଦିବାସୀ ଗ୍ରାମର ଲୋକେ ନିଷ୍ପତ୍ତି ନେଇଛନ୍ତି। ପ୍ରକାଶ ଯେ, ବଜ୍ରକୋଟ ପଞ୍ଚାୟତର ଆଦିବାସୀ ରାଜସ୍ୱଗ୍ରାମ ଇରାମାରୁ ୱାର୍ଡ ନଂ ୫ରେ ଶହେରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ପୁରୁଷ ବସବାସ କରନ୍ତି । ୧୯୮୨ ମସିହାରୁ ଏହି ଗ୍ରାମର ଲୋକମାନେ ଗ୍ରାମଠାରୁ ଅଧ କିଲୋମିଟର ଦୂର ବଜ୍ରକୋଟ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟର ବୁଥ୍ ନଂ ୯୬ରେ ଭୋଟ ଦେଇ ଆସୁଥିଲେ। ଚଳିତ ବର୍ଷ ନିର୍ବାଚନରେ ଗ୍ରାମବାସୀଙ୍କୁ ଏହି ବୁଥ୍‌ରୁ ପରିବର୍ତ୍ତନ କରାଯାଇ ଗ୍ରାମଠାରୁ ୨କିଲୋମିଟର ଦୂର ଶ୍ରୀକୃଷ୍ଣପୁର ପ୍ରାଥମିକ ବିଦ୍ୟାଳୟ ବୁଥ୍ ନଂ ୯୭ରେ ଭୋଟ ଦେବାପାଇଁ ବ୍ୟବସ୍ଥା କରାଯାଇଛି । ଯାହାକୁ ନେଇ ଗ୍ରାମବାସୀ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। ୨କିଲୋମିଟର ଖରାରେ ଅତିକ୍ରମ କରି ଭୋଟକେନ୍ଦ୍ରରେ ପହଞ୍ଚିବା ଗ୍ରାମର ବୃଦ୍ଧା, ବୃଦ୍ଧ, ଭିନ୍ନକ୍ଷମ ଓ ମହିଳାମାନଙ୍କ ପାଇଁ କଷ୍ଟକର ହେଉଥିବାରୁ ଏ ନେଇ ଗ୍ରାମବାସୀ ଉଚ୍ଚ ଅଧିକାରୀମାନଙ୍କୁ ଲିଖିତ ଆକାରରେ ଜଣାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ବାଧ୍ୟ ହୋଇ ସାଧାରଣ ନିର୍ବାଚନ ବର୍ଜନ କରିବେ ବୋଲି ଲିଖିତ ଆକାରରେ ଜଣାଇଛନ୍ତି।

## ବିକାଶକୁ ଖୋଜି ପାଉନି ଚାଷୀ

# ବାଲଟରେ ପ୍ରତିଫଳିତ ହେବ ଚାଷୀଙ୍କ ଅସନ୍ତୋଷ

**ଖୋର୍ଦ୍ଧା ଅଫିସ,୨୨।୪**

ନିର୍ବାଚନ ପରେ ନିର୍ବାଚନ ହେଉଛି। ସରକାର ମଧ ବଦଳୁଛନ୍ତି। ହେଲେ ରାଜନୀତିର ଗଣିତ ଓ ହାରଜିତ୍‌ର ହିସାବ ଭିତରେ ଚାଷୀ ବିକାଶକୁ ଖୋଜି ପାଉନାହିଁ। ସେ ଯେଉଁଠି ଥିଲା ସେଇଠି ପଡି ରହିଛି। ଚଳିତ ନିର୍ବାଚନରେ ଚାଷୀ ନବ ନିର୍ମାଣ କୃଷକ ସଙ୍ଗଠନ ନେତୃତ୍ୱରେ କେନ୍ଦ୍ର ଓ ରାଜ୍ୟର ଶାସକ ଦଳକୁ ବିରୋଧ କରୁଛି। ଚାଷୀ ଅପଦସ୍ଥର ଫଳାଫଳ ବାଲଟରେ ଦିଆଯିବ ବୋଲି ଧମକ ଦେଇଛି। କିନ୍ତୁ ଭୋଟ୍ ହାତେଇବା ପାଇଁ ସରକାରୀ ଓ ବିରୋଧୀ ଚାଷୀକୁ ପ୍ରଲୋଭନ ଦେଖାଇ ଫଳାଫଳକୁ ଅପେକ୍ଷା କରିଛନ୍ତି। ରାଜ୍ୟ ସରକାର କାଳିଆ ଯୋଜନା ଓ କେନ୍ଦ୍ର ସରକାର ପିଏମ୍ କିଷାନ କରି ଚାଷୀଙ୍କ ଭୋଟ୍‌କୁ ହାତେଇବାକୁ ଯୋଜନା କରିଛନ୍ତି। କଂଗ୍ରେସ ଛତିଶଗଡ ମଡେଲ ଓଡ଼ିଶାରେ ପ୍ରଣୟନ କରି ପୂରା କୃଷି ଋଣ ଛାଡ କରିବା ସହ ଅତିରିକ୍ତ ସୁବିଧା ସୁଯୋଗର ପ୍ରତିଶ୍ରୁତି ଦେଇ ସଫଳତାର ଆଶା ରଖିଛି। କାଳିଆ ଓ ପିଏମ୍ କିଷାନ ସହାୟତା ରାଶି ଚାଷୀଙ୍କ ଖାତାରେ ଜମା ହେଉଛି। ହେଲେ ବ୍ୟାଙ୍କ ପୂର୍ବ ଋଣ ଅଛି ଦର୍ଶାଇ ଖାତାରୁ ଟଙ୍କା କାଟି ନେଉଛି। କେତେଜଣ ଚାଷୀ ଏଯାବତ ଏହି ଦୁଇ ଯୋଜନାର ଅର୍ଥ ପାଇ ନାହାନ୍ତି। ସେହିଭଳି ଏକ କୁଇଣ୍ଟାଲ ଧାନ ଉତ୍ପାଦନ ପାଇଁ କେତେ ଶ୍ରମ ଓ ଅର୍ଥ ଖର୍ଚ୍ଚ ହୁଏ ତା'ର ହିସାବ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ସହମତି ହୋଇପାରୁ ନାହିଁ। ପ୍ରତ୍ୟେକ ନିର୍ବାଚନରେ ଚାଷୀ ପ୍ରସଙ୍ଗ ନିର୍ଣ୍ଣାୟକ ହୋଇଛି। ମାତ୍ର ଚାଷୀଙ୍କ ସମସ୍ୟା ଦୂର ହୋଇନାହିଁ । ଫଳରେ ଚାଷୀଙ୍କ ସଂଖ୍ୟା କମିବାରେ ଲାଗିଛି । ଧାନର ସହାୟକ ମୂଲ୍ୟ ବୃଦ୍ଧି, ଫସଲ ପାଇଁ ସାର, କୀଟନାଶକ, ଉତ୍ପାଦିତ ଦ୍ରବ୍ୟ ବିକ୍ରି କରିବାର ସୁବିଧା, ଖେତକୁ ଜଳସେଚନ ପରି ସମସ୍ୟାର ସମାଧାନ ହେଉ ନାହିଁ। ଚାଷୀ ଅବହେଳିତ ଓ ଉପେକ୍ଷିତ ହୋଇ ଅଭିଶପ୍ତ ଜୀବନଯାପନ କରି ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନଶନ ଦାବିରେ ଆନ୍ଦୋଳନ କରୁଛନ୍ତି। ଜିଲା ସଂଯୋଜକ ସୁରେଶ ମାନସିଂ କୁହନ୍ତି, ପ୍ରାୟ ୭୦ବର୍ଷ ଧରି ଚାଷୀଙ୍କୁ ଅଣଦେଖା କରାଯାଉଥିବାରୁ ଅସନ୍ତୋଷ ବଢ଼ିବା ସ୍ୱାଭାବିକ। ଶାସକ ଦଳର ଚାଷୀମାରଣ ନୀତି ବିରୋଧରେ ଆନ୍ଦୋଳନ ଚାଲୁ ରହିଛି । ଫଳାଫଳ ବି ଚାଷୀ ଦେବା ପାଇଁ ମାନସିକ ସ୍ତରରେ ପ୍ରସ୍ତୁତି ହୋଇଥିବା ସେ କହିଛନ୍ତି।

# ଗାଁକୁ ନାହିଁ ରାସ୍ତା, ଯାତାୟାତରେ ବାଧକ ବାଘୁଆ ନଦୀ

**ନୂଆଗାଁ,୨୨।୪(ଡି.ଏନ.ଏ.)**

ନିର୍ବାଚନ ପରେ ନିର୍ବାଚନ ଆସୁଛି। ଗାଁରେ ପକ୍କା ରାସ୍ତାଟିଏ କରିବା ସହ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଭୋଟ ହାତଉଛନ୍ତି ନେତା। ହେଲେ ନିର୍ବାଚନ ପରେ ନିର୍ବାଚିତ ପ୍ରତିନିଧିମାନେ ପ୍ରତିଶ୍ରୁତି ଦେଇଥିବା କଥା ଭୁଲି ଯାଉଛନ୍ତି। ଫଳରେ ଗ୍ରାମବାସୀ ଭାଗ୍ୟକୁ ଆଦରି ରହୁଛନ୍ତି। ନାହିଁ ନ ଥିବା ହଇରାଣ ହୋଇ କଚା ରାସ୍ତାରେ ଯାଆସ କରୁଛନ୍ତି। ଏପରି ଘଟଣା ଦେଖିବାକୁ ମିଳିଛି ନୟାଗଡ ଜିଲା ନୂଆଗାଁ ବ୍ଲକ ଉଦୟପୁର ପଞ୍ଚାୟତର କୋଶଳାଙ୍ଗ ଓ ଆଙ୍ଗିସିଙ୍ଗି ଗ୍ରାମରେ। ପ୍ରତି ଗାଁକୁ ରାସ୍ତା କରିଥିବା କଥା ସରକାର ଡିଣ୍ଡିମ ପିଟୁଥିବା ବେଳେ ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ଦଶ କିଲୋମିଟର ଦୂରରେ ରହିଥିବା ଉକ୍ତ ଗ୍ରାମ ୨ଟିର ଲୋକମାନଙ୍କ ପାଇଁ ରାସ୍ତାଟିଏ ନାହିଁ । ଏନେଇ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଆରମ୍ଭ କରି ରାଜନେତାମାନଙ୍କୁ ବାରମ୍ବାର ଜଣାଇ ନିରାଶରେ ବସିଛନ୍ତି କୋଶଳାଙ୍ଗ ଗ୍ରାମର ୩୫ ପରିବାର ଓ ଆଙ୍ଗିସିଙ୍ଗିର ୨୦ ପରିବାର । ପ୍ରାଥମିକ ଶିକ୍ଷା ପାଇଁ କୋଶଳାଙ୍ଗରେ ପ୍ରାଥମିକ ସ୍କୁଲଟିଏ ରହିଥିବା ବେଳେ ପଞ୍ଚମ ଶ୍ରେଣୀ ପରେ ଉଚ୍ଚଶିକ୍ଷା ପାଇଁ ଛାତ୍ରୀଛାତ୍ରମାନଙ୍କୁ ନୂଆଗାଁ ଆସିବାକୁ ପଡିଥାଏ । ରାସ୍ତା ନ ଥିବାରୁ ଅନେକ ଛାତ୍ରୀଛାତ୍ରଙ୍କୁ ପାଣି କାଦୁଅରେ ପଶି ସ୍କୁଲ, କଲେଜ ଆସିବାକୁ ହୋଇଥାଏ। ଯିବା ରାସ୍ତାରେ ବାଘୁଆ ନଦୀ ପଡୁଥିବା ଏବଂ ସେଥିରେ ବ୍ରିଜ ନ ଥିବାରୁ ବର୍ଷାଦିନେ ସେମାନଙ୍କ ପାଠପଢା ଏକପ୍ରକାର ବନ୍ଦ ହୋଇଯାଏ । କୌଣସି ଲୋକ ରୋଗରେ ପଡି ଛଟପଟ ହେଉଥିଲେ ମଧ୍ୟ ତାଙ୍କୁ ଚିକିତ୍ସାଳୟକୁ ନେବାପାଇଁ ଖଟିଆ ବ୍ୟତୀତ ଅନ୍ୟ କିଛି ବ୍ୟବସ୍ଥା ନାହିଁ ।



ଗ୍ରାମବାସୀଙ୍କ ଯାତାୟାତରେ ବାଧକ ବାଘୁଆ ନଦୀ।

ପକ୍କା ରାସ୍ତା ଓ ନଦୀରେ ବ୍ରିଜ ନ ଥିବା କାରଣରୁ ପିଲାମାନେ ପାଠ ପଢ଼ିଯିବା ପାଇଁ ହଇରାଣ ହେଉଛନ୍ତି ବୋଲି କୁହନ୍ତି କୋଶଳାଙ୍ଗ ଗ୍ରାମର ସଭାପତି କଣ୍ଡ କହଁର। ବର୍ଷାଦିନ ହେଲେ ସ୍କୁଲ କଲେଜ ଯିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଛି। ସେମାନଙ୍କ ଭବିଷ୍ୟତ କଥା କେହି ବି ଭାବୁ ନାହାନ୍ତି । ଗାଁକୁ ରାସ୍ତା ନ ଥିବା ଯୋଗୁ ଲୋକମାନେ କୌଣସି ସୁବିଧା ଠିକ୍‌ରେ ପାଇପାରୁ ନାହାନ୍ତି ଏପରି କି ଅଙ୍ଗନୱାଡି ଓ ସ୍କୁଲ ପିଲାଙ୍କ ପାଇଁ ଖାଦ୍ୟ ମଧ୍ୟ ଠିକ୍ ସମୟରେ ପହଞ୍ଚି ପାରୁ ନ ଥିବା କୁହନ୍ତି ବୀରବର ଜାନି , ଚତୁର୍ଭୁଜ ଗୁରୁ , ସଦାଶିବ ପ୍ରଧାନଙ୍କ ସମେତ କୋଶଳାଙ୍ଗ , ଆଙ୍ଗିସିଙ୍ଗି ଗ୍ରାମବାସୀ । ଆଦିବାସୀ ଗ୍ରାମକୁ ରାସ୍ତା ସମସ୍ୟା ବିଷୟରେ ଉଦୟପୁର ସରପଞ୍ଚ ଅସୀତ କୁମାର ପଟ୍ଟନାୟକଙ୍କୁ ପଚାରିବାରେ ସେ କୁହନ୍ତି, ରାସ୍ତା ବିଷୟରେ ଆମେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ। ଆରଡି ଏସଡିଓ ନାରାୟଣ ମୁର୍ମୁଙ୍କୁ ପଚାରିବାରେ କୋଶଳାଙ୍ଗକୁ ରାସ୍ତା ନିର୍ମାଣ ପାଇଁ ଆମେ ପ୍ରସ୍ତାବ ଦେଇଛୁ। ଯେତେ ଶୀଘ୍ର ପ୍ରସ୍ତାବ ଅନୁମୋଦନ ହେବ ସେତେ ଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଚିଲିକା ନିର୍ବାଚନ ମଣ୍ଡଳୀ: ଆଜି ଭୋଟ, ୯ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା

ବାଲୁଗାଁ,୨୨।୪(ଡି.ଏନ.ଏ.)-ଚିଲିକା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା ବ୍ଲକ୍‌ର ୧୭ ପଞ୍ଚାୟତ ଓ ବାଣପୁର ବ୍ଲକ୍‌ର ୧୭ପଞ୍ଚାୟତରେ ମଙ୍ଗଳବାର ତୃତୀୟ ପର୍ଯ୍ୟାୟ ନିର୍ବାଚନ ହେବ । ଏଥିପାଇଁ ପ୍ରଶାସନ ପକ୍ଷରୁ ଚୂଡ଼ାନ୍ତ ପ୍ରସ୍ତୁତି ସରିଛି । ଗତ ନିର୍ବାଚନ ଅପେକ୍ଷା ଚଳିତ ନିର୍ବାଚନରେ କିପରି ଅଧିକ ମତଦାନ ହେବ ସେ ଦିଗରେ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଚିଲିକା ନିର୍ବାଚନମଣ୍ଡଳୀରେ ମୋଟ୍ ୯ ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ ୨ଲକ୍ଷ ୨୪ହଜାର ୮୬୦ ଭୋଟର । ୨୪୪ ବୁଥ୍‌ରେ ମତଦାନ ହେବ । ୪୬ ବୁଥ୍ ଉତ୍ତେଜନା ପ୍ରବଣ ଓ ୨ ଅତି ଉତ୍ତେଜନା ପ୍ରବଣଭାବେ ଚିହ୍ନଟ କରାଯାଇଛି । ଉକ୍ତ ବୁଥ୍‌ଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପୁରୀ ଲୋକ ସଭା ଆସନରେ ବିଜେଡିରୁ ପିନାକୀ ମିଶ୍ର, ଭାଜପାରୁ ଡ. ସମ୍ବିତ୍ ପାତ୍ର ଓ କଂଗ୍ରେସରୁ ସତ୍ୟପ୍ରକାଶ ନାୟକ ପ୍ରାର୍ଥୀଭାବେ ଅବତୀର୍ଣ୍ଣ ହୋଇଛନ୍ତି । ବିଧାନସଭା ରଣାଙ୍ଗନରେ ବିଜେଡିରୁ ପ୍ରଶାନ୍ତ ଜଗଦ୍ଦେବ, ଭାଜପାରୁ ପୃଥ୍ୱୀରାଜ ହରିଚନ୍ଦନ, କଂଗ୍ରେସର ପ୍ରଦୀପ ସ୍ୱାଇଁ, ବହୁଜନ ସମାଜ ପାର୍ଟିର ବସନ୍ତ ବେହେରା, କମ୍ୟୁନିଷ୍ଟ ପାର୍ଟିର ମୁରଲୀଧର ବେହେରା ଓ ହିନ୍ଦୁସ୍ଥାନ ନିର୍ମାଣ ଦଳରୁ ସୁବ୍ରତ କୁମାର ହାଓଡ଼ାସିଂ ଦଳୀୟ ପ୍ରାର୍ଥୀଭାବେ ଲଢୁଛନ୍ତି। ଏହା ବ୍ୟତୀତ ସ୍ୱାଧୀନ ପ୍ରାର୍ଥୀଭାବେ ଲଲାଟେନ୍ଦୁ ଶତପଥୀ, ଶଶାଙ୍କ ଶେଖର ମହାପାତ୍ର ଓ ଶିଶିର କୁମାର ମିଶ୍ର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ପ୍ରମୁଖ ରାଜନୈତିକ ଦଳ ପାଇଁ ଚିନ୍ତାର କାରଣ ପାଲଟିଛନ୍ତି । ଏଠାରେ ମୁଖ୍ୟତଃ ୩ ରାଜନୈତିକ ଦଳ ଭାଜପା, ବିଜେଡ଼ି ଓ କଂଗ୍ରେସ୍ ମଧ୍ୟରେ କଡ଼ା ଟକ୍କର ହେଉଥିବା ବେଳେ ପ୍ରତ୍ୟେକ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇପଡ଼ିଛି । ରାତି ପାହିଲେ ଭୋଟ , ତେଣୁ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ପ୍ରମୁଖ ଦଳ ପକ୍ଷରୁ ଭୋଟରଙ୍କୁ ହାତେଇବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରହିଛି । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସୋମବାର ସକାଳେ ବାଲୁଗାଁ ଅଞ୍ଚଳର ସମସ୍ତ ବୁଥ୍ ସ୍ଥାନରେ ପୋଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ କରାଯାଇଛି ।

### କଳିଙ୍ଗ ସାହିତ୍ୟ ସମାଜ ଆସର

**ବ୍ରହ୍ମପୁର ଅଫିସ,୨୨।୪:** ଦକ୍ଷିଣାଞ୍ଚଳର ସର୍ବପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜର ଏପ୍ରିଲ ସାହିତ୍ୟ ଆସର ଉତ୍କଳ ଆଶ୍ରମ ପ୍ରେକ୍ଷାଗୃହରେ ମାସର ତୃତୀୟ ରବିବାର ଉତ୍ତୀର୍ଣ୍ଣ ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜ ଉପସଭାପତି ଡ.ବନମାଳୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ସଞ୍ଚାଳିତ ସାହିତ୍ୟ ଆସରର ସଂଯୋଜନା କରିଥିଲେ କବି ନୀଳକଣ୍ଠ ସାହୁ ଓ ପଦ୍ମିନୀ ମିଶ୍ର। କବି ଓ ଆଲୋଚକ ଡ. କୁଳମଣି ଓଝା ଆସରରେ ପଠିତ କବିତା ଓ ଗଳ୍ପର ସମୀକ୍ଷାକରି କବିତାରେ ଯଥାର୍ଥ କାବ୍ୟିକ ଶବ୍ଦ ଚୟନ ଏବଂ ତା'ର ନାନ୍ଦନିକ ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ ।


କୁନି ଶିଶୁଙ୍କ ହନୁମାନ ବେଶ ।


ମାନସିକଧାରୀଙ୍କ ରାକ୍ଷସ ବେଶ ।


ମାନସିକ ଧାରୀଙ୍କ କାଳୀବେଶ ।


ଯାତ୍ରା ଦାଣ୍ଡକୁ ଆସିଥିବା ଦୋଳିରଥ ।

# ରଙ୍ଗିନ ଆଲୋକମାଳାରେ ଝଲସୁଛି ବିଭିନ୍ନ ସାହି

- ମନମୋହୁଛି ବାଘନାଚ, ମାନସିକ ବେଶ
- ୫ ସାହିରେ ଘଟ ପରିକ୍ରମା
- ଆସିଲା କନକ ଦୁର୍ଗା, କାମଧେନୁ, ଶ୍ୟାମାକାଳୀ ରଥ

**ବ୍ରହ୍ମପୁର ଅଫିସ,୨୨।୪**

ବ୍ରହ୍ମପୁର ପ୍ରସିଦ୍ଧ ମା' ବୁଢୀଠାକୁରାଣୀ ଯାତ୍ରା ସୋମବାର ୨୪ ଦିନରେ ପହଞ୍ଚିଥିବା ବେଳେ ଆସନ୍ତା ୨୯ତାରିଖରେ ମା' ନିଜସ୍ୱ ମନ୍ଦିରକୁ ଫେରିବା ନିଶ୍ଚିତ ହୋଇଛି । ଏନେଇ ଆୟୋଜକ ଦେଶୀ ବେହେରାଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ଯାତ୍ରା ଅଳ୍ପ ଦିନ ବାକି ଥିବାରୁ ଏବେ ମା'ଙ୍କ ଦର୍ଶନ ପାଇଁ ବାପ ଘରେ ଭିଡ ଜମୁଛି । ଅନ୍ୟପକ୍ଷରେ ଯାତ୍ରାସ୍ଥଳ ଦେଶୀ ବେହେରା ସାହି ସମେତ ବଡବଜାର, ସାନବଜାର ଓ ପୁରୁଣା ବ୍ରହ୍ମପୁର ଅଞ୍ଚଳର ପ୍ରତ୍ୟେକ ସାହି ଏବେ ରଙ୍ଗୀନ ଆଲୋକମାଳାରେ ଝଲସୁଛି । ଯାତ୍ରା ପରମ୍ପରା ଅନୁସାରେ ଯାତ୍ରାଦାଣ୍ଡକୁ ରଥ ଓ କଳାକୁଞ୍ଜ ଓହ୍ଲାଇବା ଆରମ୍ଭ ପରେ ଏବେ ପ୍ରତ୍ୟେକ ସାହିରେ ଯାତ୍ରାର ମାହୋଲ ଜମୁଛି । ରବିବାର ସୁଦ୍ଧା ୯ ରଥ ୭ କଳାକୁଞ୍ଜ ଯାତ୍ରା ଦାଣ୍ଡକୁ ଆସିଥିବା ବେଳେ ସୋମବାର ଆଉ ୩ ରଥ ଓ ଗୋଟିଏ କଳାକୁଞ୍ଜ ଯାତ୍ରା ମଇଦାନକୁ ଓହ୍ଲାଇଛି । ସନ୍ଧ୍ୟା ଆଳତି ପରେ ରାତିରେ ମା'ଙ୍କ ଘଟ ପରିକ୍ରମା ବେଳେ ଏହି ରଥ ଓ କଳାକୁଞ୍ଜ ଉନ୍ମୋଚିତ ହୋଇଥିଲା । ପାରମ୍ପରିକ ଭାବେ ସନ୍ଧ୍ୟା ଆଳତି ଶେଷ ପରେ ମା'ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରିଥିଲା । ବାଦ୍ୟ, ବାଜଣା, ମହୁରୀ, ମହିଳାଙ୍କ ହୁଳହୁଳି ଶବ୍ଦ ମଧ୍ୟରେ ମା' ଦେବକୀ ମୁଖ୍ୟ ଘଟକୁ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ୮ ପାର୍ଶ୍ୱଘଟକୁ ମୁଣ୍ଡାଇଥିଲେ । ଘଟ ପ୍ରଥମେ ରାଜବାଟିକୁ ଯାଇଥିଲା । ସେଠାରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା'ଙ୍କ ପୂଜାର୍ଚ୍ଚନା କରିବା ପରେ ୫ ସାହିରେ ଘଟ ପରିକ୍ରମା ଅନୁଷ୍ଠିତ ହୋଇଥିଲା । ରାଜବାଟି ପର୍ବ ଶେଷ ପରେ ମା'ଙ୍କ ଘଟ ଶୋଭାଯାତ୍ରା ବଡବଜାର, ଚନ୍ଦ୍ରମାସାହି ଦେଇ ଆଗାସାହିକୁ ଯାଇଥିଲା । ସେଠାରେ କ୍ରିଷ୍ଣାମାପୋଟାର କନକ ଦୁର୍ଗା ରଥକୁ ମା' ଉନ୍ମୋଚନ କରିଥିଲେ । ଏହାପରେ ଘଟ ବଡରେଡିକା ସାହି, ସାନ ରେଡିକା ସାହି, କେଦାରେଶ୍ୱର ରୋଡ ଓ ବାଲୁଙ୍କେଶ୍ୱର ଛକ ପ୍ରମୁଖ ସାହି ପରିକ୍ରମା କରି ପୁଣି କେଦାରେଶ୍ୱର ରୋଡ, ଦେଶୀବେହେରା ସାହି ଦେଇ ଅସ୍ଥାୟୀ ମଣ୍ଡପକୁ ବାହୁଡିଥିଲା । ସାହିପରିକ୍ରମା ବେଳେ ବଡରେଡିକା ସାହିର କାମଧେନୁ ରଥ, ବାଲୁଙ୍କେଶ୍ୱର ଛକର ଶ୍ୟାମାକାଳୀ ରଥ ସମେତ କେଦାରେଶ୍ୱର ରୋଡର ଆଧୁନିକ କଳାକୁଞ୍ଜ ଉନ୍ମୋଚିତ ହୋଇଥିଲା । ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଘର ଦୁଆରରେ ପାଣି କୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ କର୍ପୂର ମିଶା ଜଳ ଢାଳିଥିଲେ । ଅନ୍ୟପଟରେ ଯାତ୍ରାକୁ ଆଉ ମାତ୍ର ୭ ଦିନ ବାକି ଥିବାରୁ ଯାତ୍ରାସ୍ଥଳରେ ବିଭିନ୍ନ ଭିନ୍ନ ଭିନ୍ନ ବେଶଧାରୀଙ୍କୁ ଦେଖିବାକୁ ମିଳିଥିଲା । ସୋମବାର ମଧ କିଛି ଭିନ୍ନ ଓ ମଜାଦାର ବେଶଧାରୀଙ୍କୁ ଦେଖିବାକୁ ମିଳିଥିଲା । କେତେକ ଯୁବକମାନେ ପିଲାଖାଇ ଡାହାଣୀ ଭଳି ବହୁ କୌତୁକିଆ ବେଶ ଧାରଣ କରି ଯାତ୍ରାସ୍ଥଳରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ମନୋରଞ୍ଜନ କରିଥିଲେ । ଯାତ୍ରା ଶେଷ ହେବାକୁ ଥିବାରୁ ଏବେ ବିଭିନ୍ନ ସାହିରୁ ପାରମ୍ପରିକ ବେଶଧାରୀ ଦଳ ବାହାରିବା ଆରମ୍ଭ ହୋଇଛି । ରବିବାର ଦେଲୁଆ ସାହିର ଗୁରୁନାନକ ବେଶଧାରୀ ଦଳ ବାହାରିଥିବା ବେଳେ ଆସନ୍ତା ୨୭ରେ ଗାନ୍ଧୀନଗର ୧୦୮ ହନୁମାନ ବେଶ ବାହାରିବା ନେଇ ସୂଚନା ମିଳିଛି ।





ମା'ଙ୍କ ଟାହିଆ ପୂଜା ପାଇଁ ନିଆଯାଉଛି ।

# ଶିକ୍ଷାରେ ଶ୍ରେଣୀ ବିଭେଦ ଦୂର ହେଉ

**ବ୍ରହ୍ମପୁର ଅଫିସ,୨୨।୪**

ସରକାରୀ ପ୍ରୋତ୍ସାହନ ଅଭାବ ଯୋଗୁ ବର୍ତ୍ତମାନ ପ୍ରାଥମିକ ଶିକ୍ଷାରେ ଶ୍ରେଣୀ ବିଭେଦ ଦେଖାଦେଲାଣି। ଧନୀଘରର ପିଲାମାନେ ଗୋଟିଏ ପ୍ରକାର ଶିକ୍ଷା ପାଉଥିବା ବେଳେ ଗରିବ ପିଲାମାନେ ଅନ୍ୟ ପ୍ରକାର ଶିକ୍ଷା ପାଉଛନ୍ତି। ଫଳରେ ପ୍ରାଥମିକ ଶିକ୍ଷା ଏବେ ବିପର୍ଯ୍ୟସ୍ତ ଅବସ୍ଥାରେ ଗତି କରୁଛି। ଏହି ଶ୍ରେଣୀ ବିଭେଦ ଦୂର ହେବା ଆବଶ୍ୟକ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚ ତରଫରୁ ଦାବି ହୋଇଛି। ସୋମବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାରତରେ ଶିକ୍ଷା ଏକ ମୌଳିକ ଅଧିକାର। ଏହି ଅଧିକାରକୁ ପ୍ରତି ମୁହୂର୍ତ୍ତରେ କ୍ଷୁଣ୍ଣ କରାଯାଉଛି। ଆର୍ଥିକ କ୍ଷମତା ଅନୁଯାୟୀ ଶିକ୍ଷା ଦୁଇ ଭାଗରେ ବିଭକ୍ତ ହୋଇଛି । ଘରୋଇ ସ୍କୁଲଗୁଡିକରେ ଶିକ୍ଷା ବର୍ତ୍ତମାନ ବ୍ୟବସାୟ ବସ୍ତୁ ହୋଇଯାଇଛି। ଗତ ୧୮ତାରିଖରେ ରାଜ୍ୟ ସରକାରଙ୍କ ତରଫରୁ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦେଖି ଖରାଛୁଟି ଘୋଷଣା କରାଯାଇଥିଲା। କିନ୍ତୁ ରାଜ୍ୟବ୍ୟାପୀ ଘରୋଇ ସ୍କୁଲ ଚଳାଉଥିବା ଏକ ସଂସ୍ଥାକୁ ଏହି ସମୟରେ ସ୍କୁଲ ଖୋଲା ରଖିବାକୁ ଅନୁମତି ଦିଆଗଲା। ସରକାରୀ ସ୍କୁଲ ଛୁଟି ଥିବା ବେଳେ ଘରୋଇ ସ୍କୁଲରେ ପାଠପଢ଼ା ପାଇଁ ଅନୁମତି ଦେଇ ରାଜ୍ୟ ସରକାର ଶିକ୍ଷାର ବ୍ୟବସାୟୀକରଣକୁ ପ୍ରୋତ୍ସାହନ ଦେଉଛନ୍ତି। ଏପରିକି ସରକାରୀ ସ୍କୁଲଗୁଡ଼ିକରେ ପାନୀୟଜଳ, ପାଠାଗାର, ଶୌଚାଳୟ, ଶିକ୍ଷକ ନିଯୁକ୍ତି, ଶ୍ରେଣୀଗୃହ ଭଳି ସୁବିଧା ଦିଗରେ ସରକାର ଠୋସ୍ ପଦକ୍ଷେପ ନେଉନାହାନ୍ତି। ଅପରପକ୍ଷେ ଶିକ୍ଷା ଅଧିକାର ଆଇନ୍-୨୦୦୯ ଅନୁଯାୟୀ, ପ୍ରତ୍ୟେକ ଘରୋଇ ସ୍କୁଲରେ ଅନୁସୂଚିତ ଜାତି ଓ ଜନଜାତି, ସାମାଜିକ ପଛୁଆବର୍ଗର ଶିଶୁଙ୍କୁ ୧୦ପ୍ରତିଶତ, ଗୃହହୀନ, ବାଳଶ୍ରମିକ, ଜମିହୀନ ଓ ଶହୀଦ୍‌ଙ୍କ ପିଲାଙ୍କ ପାଇଁ ୫ପ୍ରତିଶତ ଓ ବିପିଏଲ୍ ବର୍ଗର ପିଲାଙ୍କ ପାଇଁ ୧୦ପ୍ରତିଶତ ଆସନ ସଂରକ୍ଷିତ ରହିବା କଥା । ହେଲେ ଏହି ଆଇନ୍‌କୁ ଘରୋଇ ସ୍କୁଲଗୁଡ଼ିକ ପାଳନ କରୁ ନ ଥିବା ବେଳେ ସରକାର ସେମାନଙ୍କ ବିରୋଧରେ କୌଣସି ପଦକ୍ଷେପ ନେଉନାହାନ୍ତି ବୋଲି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ବିକ୍ଷୋଭରେ ସଂଯୋଜକ ଅବନୀ ଗୟା, ଶ୍ୟାମ ସୁନ୍ଦର ଖାଡ଼ଙ୍ଗା, କିଶୋର ପାତ୍ର, ଲକ୍ଷ୍ମୀନାରାୟଣ ରାଉତ, ସତ୍ୟନାରାୟଣ ରାଓ, ମହେଶ୍ୱର ବାଡ଼ତ୍ୟା, ପୂର୍ଣ୍ଣଚନ୍ଦ୍ର ମହାରଣା, ମାଗୁଣି ନାହାକ ଏବଂ ଶୁଭାଶିଷ ସାହୁ ପ୍ରମୁଖ ଭାଗ ନେଇଥିଲେ ।



ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

# ନୂତନ ଶିବ ମନ୍ଦିର ପାଇଁ ଶିଳାନ୍ୟାସ

**ପାରଳାଖେମୁଣ୍ଡି, ୨୨।୪ (ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ଡାଳିମ୍ବପୁର ଗ୍ରାମରେ ଗତ ବର୍ଷେ ତଳେ ବାରୁଣେଇ ବୁଡ ବେଳେ ଯେଉଁ ଶିବ ଲିଙ୍ଗ ଦୃଷ୍ଟିଗୋଚର ହୋଇଥିଲା ସେଠାରେ ଏକ ମନ୍ଦିର ନିର୍ମାଣ ପାଇଁ ଶିଳାନ୍ୟାସ କାର୍ଯ୍ୟ ସୋମବାର ଶେଷ ହୋଇଛି। ବାରୁଣେଇ ବୁଡ କମିଟି ପକ୍ଷରୁ ଏଠାରେ ଏହି ମନ୍ଦିର ପ୍ରତିଷ୍ଠା ହେବ। ଶିଳାନ୍ୟାସ କାର୍ଯ୍ୟ ବେଳେ କେରାଣ୍ଡି ସରପଞ୍ଚ ରେଗେଡି ରାଣୀ, ପୂର୍ବତନ ସରପଞ୍ଚ ସୁନୀଲ ମହାପାତ୍ର, ଆର୍.ଡେଲେୟା, ଜଗନ୍ନାଥ ରାଜୁ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ୭୦ବର୍ଷ ଅନ୍ତରରେ ଏଠାରେ ମହାବାରୁଣେଇ ବୁଡ ପଡିଥିଲା। ସେତେବେଳେ ଓଡିଶା ଓ ଆନ୍ଧ୍ରର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରାୟ ୫ଲକ୍ଷରୁ ଊର୍ଦ୍ଧ୍ୱ ବୁଡ ପକାଇଥିଲେ ।


ମନ୍ଦିର ପାଇଁ ଶିଳାନ୍ୟାସ କରାଯାଉଛି।

## ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ: ଆନ୍ଦୋଳନକୁ ପୂରିବ ୧୨ ବର୍ଷ

# ସରକାରଙ୍କ ନାଲିଫିତା ତଳେ ପାଲ୍ କମିଶନଙ୍କ ରିପୋର୍ଟ

**ବ୍ରହ୍ମପୁର ଅଫିସ,୨୨।୪**

ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଜୋରଦାର ଆନ୍ଦୋଳନ ୨୦୦୭ ଡିସେମ୍ବର ମାସରୁ ଆରମ୍ଭ ହୋଇଥିଲା। ଏମିତିକି ସେ ସମୟରେ ଗଞ୍ଜାମ ଓକିଲ ସଂଘ ତରଫରୁ ପ୍ରାୟ ୬ ମାସ ପର୍ଯ୍ୟନ୍ତ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଥିଲା। ଏଥିଯୋଗୁ ବିଚାର ପ୍ରକ୍ରିୟା ଏକ ପ୍ରକାର ବନ୍ଦ ହୋଇଯାଇଥିବା ବେଳେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରେ ପୋଲିସ ଜବରଦସ୍ତ ବଳ ପ୍ରୟୋଗ କରି କୋର୍ଟ ଖୋଲିଥିଲା। ଏହି ଆନ୍ଦୋଳନ ସମୟରେ ପ୍ରାୟ ୩୦ ଆଇନଜୀବୀ ଆହତ ହେବା ସହ ଜେଲ ଯାଇଥିଲେ । ଏହା ପରଠାରୁ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ପ୍ରତି ମାସର ଶେଷ ୪ ଦିନ ପ୍ରତିକାତ୍ମକ ଭାବେ ଗଞ୍ଜାମ ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଛି ବୋଲି ପୂର୍ବତନ ସଭାପତି ତଥା ବରିଷ୍ଠ ଆଇନଜୀବୀ ଶିଶିର କୁମାର ପାଢ଼ୀ ସୂଚନା ଦେଇଛନ୍ତି। ଏହି ଆନ୍ଦୋଳନକୁ ଇତିମଧ୍ୟରେ ୧୨ ବର୍ଷ ପୂରଣ ହେବାକୁ ଯାଉଛି । ପୁଣି ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ଉପରେ ସରକାର ବସାଇଥିବା ପାଲ୍ କମିଶନ ତାଙ୍କର ରିପୋର୍ଟ ଦାଖଲ କରି ସାରିଛନ୍ତି। ହେଲେ ସରକାର ତାହା ସାର୍ବଜନୀନ ନ କରି ନାଲି ଫିତା ତଳେ ବାନ୍ଧି ପକାଇ ରଖିଛନ୍ତି ।

ଫଳରେ ଗଞ୍ଜାମ ଜିଲାର ଆଇନଜୀବୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସମସ୍ତ ପ୍ରକାର ଭିତ୍ତିଭୂମି ଓ ସୁବିଧା ସୁଯୋଗ ଥିଲେ ସୁଦ୍ଧା ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାରେ ସରକାର କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ଆଇନଜୀବୀ ମହଲରେ ପ୍ରକାଶ ପାଇଛି। ଦାବି ପୂରଣ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଗଞ୍ଜାମ ଓକିଲ ସଂଘ ସଭାପତି ରବୀନ୍ଦ୍ର ନାଥ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ନେଇ ଦୀର୍ଘବର୍ଷ ହେଲା ଆନ୍ଦୋଳନ ଚାଲିଛି । ୧୯୮୯ ରେ ଏହି ପ୍ରସଙ୍ଗ ଉପରେ ଆଇନଜୀବୀଙ୍କ ଆନ୍ଦୋଳନ ଲୋକଲୋଚନକୁ ଆସିଥିଲା। ୧୯୯୦ରେ ରାଜ୍ୟ ସରକାର ବେଞ୍ଚ ନେଇ ହାଇକୋର୍ଟ ରେଜିଷ୍ଟ୍ରାର ଜଷ୍ଟିସ୍ ଯଶୋବନ୍ତ କମିଶନଙ୍କ ସୁପାରିସ ଅନୁସାରେ ସମ୍ପୃକ୍ତ ସ୍ଥାନର ଆନୁଷଙ୍ଗିକ ବ୍ୟବସ୍ଥା ଉପରେ ରିପୋର୍ଟ ଦେବାକୁ ପରାମର୍ଶ ଦେଇଥିଲେ। ସେପଟେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ୧୯୯୯ ଜୁଲାଇଠାରୁ ପର୍ଯ୍ୟାୟକ୍ରମେ ଓଡ଼ିଶାର କେଉଁ କେଉଁ ସ୍ଥାନରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ହେବ ସେ ନେଇ ଓଡ଼ିଶା ହାଇକୋର୍ଟଙ୍କ ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରି କେନ୍ଦ୍ର ସରକାରଙ୍କୁ ଅବଗତ କରାଇବାକୁ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଥିଲେ । ଏହାର ଉତ୍ତରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୦ ଏପ୍ରିଲ ମାସରେ ଦର୍ଶାଇଥିଲେ ଯେ, ବେଞ୍ଚ ପ୍ରତିଷ୍ଠା ଉପରେ ତର୍ଜମା ଚାଲିଛି । ପରବର୍ତ୍ତୀ ପର୍ଯ୍ୟାୟରେ ଏନେଇ କୌଣସି ରିପୋର୍ଟ ପଠାଇ ନ ଥିଲେ । ଫଳରେ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ଓ ପଶ୍ଚିମ ଓଡ଼ିଶାର ସମ୍ବଲପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି ଜୋର ଧରିଥିଲା। ପରେ ମୁଖ୍ୟମନ୍ତ୍ରୀ ୨୦୦୭ରେ ଓଡ଼ିଶାର ବ୍ରହ୍ମପୁର ଓ ସମ୍ବଲପୁରରେ ବେଞ୍ଚ ପ୍ରତିଷ୍ଠା ପାଇଁ ସୁପାରିସ କରିଥିଲେ। ହେଲେ ଏହା ନାକଚ ହୋଇଯାଇଥିଲା। ଫଳସ୍ୱରୂପ ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରହ୍ମପୁର ଓ ସମ୍ବଲପୁରରେ ଆନ୍ଦୋଳନ ଜୋରଦାର ଆରମ୍ଭ ହୋଇଥିଲା। ସେହିଦିନଠାରୁ ବ୍ରହ୍ମପୁରର ଆଇନଜୀବୀଙ୍କ ୪ ଦିନିଆ କୋର୍ଟ ବର୍ଜନ ଆଜି ଯାଏ ଜାରି ରହିଛି । ଏହାପରେ ସରକାର ବେଞ୍ଚ ପ୍ରତିଷ୍ଠା ପାଇଁ ୨୦୦୮ ମାର୍ଚ୍ଚରେ ପାଲ କମିଶନ ବସାଇଥିଲେ। ଏହି କମିଶନ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାର ବିଭିନ୍ନ ଦିଗ ଉପରେ ଅନୁଧ୍ୟାନ କରିଛି। ବ୍ରହ୍ମପୁର ଓ ସମ୍ବଲପୁରରେ ବେଞ୍ଚ ପ୍ରତିଷ୍ଠା ଦାବି ଜାରି ରହିଛି । ତେବେ ଏହି କମିଶନ ବେଞ୍ଚ ସ୍ଥାପନ ପାଇଁ ଉପଯୁକ୍ତ ସ୍ଥାନର ବିଭିନ୍ନ ଦିଗ ଉପରେ ତର୍ଜମା କରି ୬ ବର୍ଷ ପରେ ଅର୍ଥାତ ୨୦୧୪ରେ ତାହାର ରିପୋର୍ଟ ସରକାରଙ୍କ ନିକଟରେ ଦାଖଲ କରିସାରିଛି । ଏହି କମିଶନ ପାଇଁ ରାଜ୍ୟ ସରକାର ପ୍ରାୟ ଦେଢ଼ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ପରିତାପର ବିଷୟ ଅଦ୍ୟାବଧି ସରକାର ଏହି ରିପୋର୍ଟକୁ ଖୁଲାସା କରୁନାହାନ୍ତି । ଏପଟେ ଗଞ୍ଜାମ ଓକିଲ ସଂଘର ଆନ୍ଦୋଳନ ଯୋଗୁ ମାସର ଶେଷ ୪ ଦିନ କୋର୍ଟ କାର୍ଯ୍ୟ ବନ୍ଦ ଯୋଗୁ କୌଣସି ମକଦ୍ଦମାର ବିଚାର ହୋଇପାରୁନାହିଁ। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୧୯୪୮ ଓଡ଼ିଶା ହାଇକୋର୍ଟ ରୁଲ ଅନୁସାରେ ରାଜସ୍ୱ ଅଞ୍ଚଳକୁ ନେଇ ହାଇକୋର୍ଟ ଏହାର ବେଞ୍ଚ ସ୍ଥାପନ କରିପାରିବ। ପ୍ରାୟ ସାଢ଼େ ୪ କୋଟି ଜନସଂଖ୍ୟା ବିଶିଷ୍ଟ ଓଡ଼ିଶାରେ ୩ଟି ରାଜସ୍ୱ ଡିଭିଜନ ରହିଛି । ତେଣୁ ବ୍ରହ୍ମପୁର ଓ ସମ୍ବଲପୁରରେ ସ୍ଥାୟୀ ହାଇକୋର୍ଟ ବେଞ୍ଚ ସ୍ଥାପନ ଏକପ୍ରକାର ଜରୁରୀ ହୋଇପଡ଼ିଛି ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।



ଗଞ୍ଜାମ ଓକିଲ ସଂଘ କାର୍ଯ୍ୟାଳୟ ।